# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଡିସେମ୍ବର ୬/୨୦୨୫ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 6/2025 | Page 18 | ₹ 7.00

୫୨ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 13 | ମୂଲ୍ୟ₹୭/-



DSPL-400

GOVERNMENT OF ODISHA

GLOBAL ENERGY LEADERS' SUMMIT PURI 2025

Sufficiency | Balance | Innovation



**Shri Narendra Modi**
Prime Minister



**Shri Mohan Charan Majhi**
Chief Minister, Odisha

# Powering States to Energise India

## Bringing Together

Union Ministers | State Energy Ministers I Union & State Secretaries
Policymakers & Global Leaders | Researchers & Think Tanks
Innovators & Technology Pioneers

**5-7 December 2025**

www.gelsodisha2025.com

OIPR-04001/13/0023/2526



SUFFICIENCY



BALANCE



INNOVATION

## PARTNERS

INDIAN INSTITUTE OF TECHNOLOGY, KANPUR

TONY BLAIR INSTITUTE FOR GLOBAL CHANGE

EnergyDepartment.Odisha | Energy Department, Govt. of Odisha | EnergyOdisha

# ମୁନିରଙ୍କ ହାତରେ ନ୍ୟୁକ୍ଲିଅର ବଟନ୍

**ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ରୂପେ ନିଯୁକ୍ତି ପାଇଁ କରିଥିବା ସୁପାରିସକୁ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରୀ ମଞ୍ଜୁରୀ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଏହି ମୋହର ପରେ ମୁନିର ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏଏସ୍) ଦାୟିତ୍ୱ ତୁଲାଇବା ସହ ତାଙ୍କ ହାତରେ ସ୍ଥଳସେନା, ନୌସେନା ଓ ବାୟୁସେନାର ନିୟନ୍ତ୍ରଣ ରହିବ। କେବଳ ଏତିକି ନୁହେଁ, ନୂଆକରି ସୃଷ୍ଟି ହୋଇଥିବା ଶକ୍ତିଶାଳୀ ସାମରିକ ପଦବୀରେ ମୁନିର ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ରହିବା ସଙ୍ଗେ ସଙ୍ଗେ ନ୍ୟାଶନାଲ ଷ୍ଟ୍ରାଟେଜିକ୍ କମାଣ୍ଡର ମଙ୍ଗ ଧରିବେ। ଫଳରେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ଓ ମିଶାଇଲ ସିଷ୍ଟମ୍‌ର ଲଗାମ ତାଙ୍କ ହାତରେ ରହିବ, ଯାହାକି ଭାରତ ପାଇଁ ଶୁଭଙ୍କର ହୋଇ ନ ପାରେ ବୋଲି କୁହାଯାଉଛି।**

ଇସ୍‌ଲାମାବାଦ,୫।୧୨

### ପାକିସ୍ତାନର ପ୍ରଥମ ସିଡିଏଫ୍ ରୂପେ ନିଯୁକ୍ତି ଦେଲେ ରାଷ୍ଟ୍ରପତି ଜର୍ଦ୍ଦାରୀ


ଆସିମ୍ ମୁନିର

ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରୀଙ୍କ ଅଫିସିଆଲ୍ 'X' ହ୍ୟାଣ୍ଡେଲରୁ ଶୁକ୍ରବାର ଏକ ପୋଷ୍ଟ କରାଯାଇଛି। ବର୍ତ୍ତମାନ ସିଓଏଏସ୍ ଥିବା ଫିଲ୍ଡ ମାର୍ଶଲ ଆସିମ୍ ସୟେଦ ମୁନିରଙ୍କୁ ଦେଶର ପ୍ରଥମ ସିଡିଏଫ୍ ରୂପେ ଆଗାମୀ ୫ ବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିବା ଏଥିରେ ଉଲ୍ଲେଖ କରାଯାଇଛି। ମୁନିର ସିଡିଏଫ୍ ପଦବୀରେ ରହିବା ଫଳରେ ତାଙ୍କ ହାତରେ କେବଳ ୩ ସେନା ରହିବ ତାହା ନୁହେଁ, ପାକିସ୍ତାନର ଆଣବିକ ଅସ୍ତ୍ର ଓ କ୍ଷେପଣାସ୍ତ୍ର ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ଜାତୀୟ ରଣନୈତିକ କମାଣ୍ଡ୍ ମଧ୍ୟ ସେ ସମ୍ଭାଳିବେ। ନୂଆ ନିଯୁକ୍ତି ପରେ ମୁନିର ରାଷ୍ଟ୍ରପତିଙ୍କ ଭଳି ଆଇନଗତ ସୁରକ୍ଷା ପାଇବେ। ଫଳରେ ତାଙ୍କ ବିରୋଧରେ ଆଜୀବନ କୌଣସି ମାମଲା ରୁଜୁ କରାଯାଇପାରିବ ନାହିଁ। ଆଜୀବନ ଦଣ୍ଡମୁକ୍ତି ସୁବିଧା ବାୟୁସେନା ଓ ନୌସେନା ମୁଖ୍ୟଙ୍କ ପାଇଁ ମଧ୍ୟ ଲାଗୁହେବ ବୋଲି ଉକ୍ତ ବିବୃତିରୁ ଜଣାପଡ଼ିଛି।

୫ ବର୍ଷ ପରେ ମୁନିର ସିଡିଏଫ୍ ପଦବୀରେ ରହିବାକୁ ଚାହୁଁଥିବା ନେଇ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନିକଟରେ ଆଗ୍ରହ ପ୍ରକାଶ କଲେ ସେମାନେ ମନା କରିପାରିବେ ନାହିଁ। ୨୭ତମ ସମ୍ବିଧାନ ସଂଶୋଧନ ବଳରେ ସିଡିଏଫ୍‌ଙ୍କୁ ଏହି କ୍ଷମତା ଦିଆଯାଇଛି। ଏଥିସହ ଉକ୍ତ ସଂଶୋଧନ ସେନା ଉପରେ ନିର୍ବାଚିତ ସରକାରଙ୍କ କର୍ତ୍ତୃତ୍ୱକୁ ମଧ୍ୟ ହ୍ରାସ କରିଦେଇଛି। ପାକିସ୍ତାନୀ ମିଡିଆ ରିପୋର୍ଟ ଅନୁସାରେ ସିଡିଏଫ୍ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ଭିସିଓଏଏସ୍) ନିଯୁକ୍ତି ପାଇଁ ସଂଘୀୟ ସରକାରଙ୍କୁ ନାମ ସୁପାରିସ କରିପାରିବେ। ଏହା ପୂର୍ବରୁ ଏଭଳି ନିଯୁକ୍ତି କ୍ଷମତା ସରକାରଙ୍କ ନିକଟରେ ରହିଥିଲା। ଉଲ୍ଲେଖଯୋଗ୍ୟ, ପାକିସ୍ତାନ ଇତିହାସରେ ଉଭୟ ୫-ଷ୍ଟାର ର୍‌ୟାଙ୍କ୍ ଧାରଣ ସହ ସିଓଏଏସ୍ ଏବଂ ସିଡିଏଫ୍ ପଦବୀ ଅଳଙ୍କୃତ କରିବାରେ ମୁନିର ପ୍ରଥମ ସାମରିକ ଅଧିକାରୀ। ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ତତ୍କାଳୀନ ସେନାମୁଖ୍ୟ ଜେନେରାଲ ଆୟୁବ ଖାନ୍‌ଙ୍କୁ ଫିଲ୍ଡ ମାର୍ଶଲ ଟାଇଟଲ ଦିଆଯାଇଥିଲା। ଆୟୁବଙ୍କ ପରେ ମୁନିର ଦ୍ୱିତୀୟ ସେନା ଅଧିକାରୀ ରୂପେ ଫିଲ୍ଡ ମାର୍ଶଲ ହୋଇଛନ୍ତି। ଗତ ଏପ୍ରିଲରେ ପହଲଗାମ୍ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରାଯିବା ପରେ ମେ'ରେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନୀ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧ୍ୱଂସ କରିବାକୁ ଯାଇ 'ଅପରେଶନ୍ ସିନ୍ଦୂର' ଚଳାଇଥିଲା। ଭାରତର ଏହି ସାମରିକ ଅଭିଯାନ ବନ୍ଦ ହୋଇଯିବା ପରେ ପାକିସ୍ତାନ ମୁନିରଙ୍କୁ ଫିଲ୍ଡ ମାର୍ଶଲ ଉପାଧି ପ୍ରଦାନ କରିଥିଲା।

### ଭାରତ ପାଇଁ ବିପଦ

ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ସମାଲୋଚକମାନେ 'ଜିହାଦୀ ଜେନେରାଲ' ଆଖ୍ୟା ଦେଇଥାନ୍ତି। ମୁନିର କ୍ଷମତାକୁ ଆସିବା ପରଠୁ ଅନେକଥର ଘୋଷଣା କରିଛନ୍ତି ଯେ ହିନ୍ଦୁ ଓ ମୁସଲମାନମାନେ ଏକାଠି ରହିପାରିବେ ନାହିଁ। ତାଙ୍କର ଏହି ମତ ଯୋଗୁ ଭାରତ ବିରୋଧରେ ସାମରିକ ଉତ୍ତେଜନା ବଢ଼ିଥିଲା। ଏତିକି ନୁହେଁ, ମୁନିର ଭାରତକୁ ଏକାଧିକ ଥର ଆଣବିକ ଆକ୍ରମଣର ଧମକ ମଧ୍ୟ ଦେଇଛନ୍ତି। ଅପରେଶନ୍ ସିନ୍ଦୂର ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହ୍ୱାଇଟ୍ ହାଉସ୍‌ରେ ୨ ଥର ସାକ୍ଷାତ କରିଥିବା ମୁନିରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଆଗକୁ ଦୃଢ଼ ହୋଇପାରେ, ଯାହାକି ନୂଆଦିଲ୍ଲୀ ପାଇଁ ଏକ ବିପଦର ସଙ୍କେତ ବୋଲି ମନେକରାଯାଉଛି।

## ଫୋନ୍ ଲୋକେଶନ ସର୍ଭିଲାନ୍ସ ଉପରେ ବିଚାର କରୁଛି କେନ୍ଦ୍ର

ନୂଆଦିଲ୍ଲୀ,୫।୧୨

ସାଟେଲାଇଟ୍ ଲୋକେଶନ ଟ୍ରାକିଂ ବ୍ୟବସ୍ଥାକୁ ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ ପାଇଁ ବାଧ୍ୟତାମୂଳକ କରିବାକୁ ଟେଲିକମ୍ ଶିଳ୍ପର ଏକ ପ୍ରସ୍ତାବ ଉପରେ ଭାରତ ସରକାର ବିଚାର କରୁଛନ୍ତି। ଫୋନ୍‌ଗୁଡ଼ିକର ଉପରେ ନଜର ରଖିବା ପାଇଁ ଏହି ଲୋକେଶନ ଟ୍ରାକିଂ ବ୍ୟବସ୍ଥା ସବୁବେଳେ କାର୍ଯ୍ୟକ୍ଷମ ରହିବ। ତେବେ ପ୍ରିଭେସିକୁ ନେଇ ଆପଲ୍, ଗୁଗଲ ଏବଂ ସାମସଙ୍ଗ୍ କମ୍ପାନୀ ସରକାର ଉକ୍ତ ପ୍ରସ୍ତାବକୁ ବିରୋଧ କରୁଥିବା ବିଭିନ୍ନ ସୂତ୍ର ଓ ଦସ୍ତାବିଜ୍‌ରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଭାରତରେ ବିକ୍ରି ପୂର୍ବରୁ ସମସ୍ତ ନୂଆ ମୋବାଇଲ୍ ଫୋନ୍‌ରେ ସଞ୍ଚାର ସାଥୀ ଆପ୍ ୯୦ ଦିନ ମଧ୍ୟରେ ଇନ୍‌ଷ୍ଟଲ କରିବା ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ନେଇ ବିବାଦ ଜୋର୍ ଧରିଥିଲା। ପ୍ରିଭେସିକୁ ନେଇ ବିପକ୍ଷ ଦଳଗୁଡ଼ିକ ଚିନ୍ତା ପ୍ରକଟ କରିବା ସହ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲେ। ଆପଲ ମଧ୍ୟ ଏଭଳି ପଦକ୍ଷେପକୁ ବିରୋଧ କରିବା ସହ ପ୍ରିଭେସି ପ୍ରସଙ୍ଗ ଉଠାଇ ଏହାକୁ ଅନୁପାଳନ କରିବ ନାହିଁ ବୋଲି କହିଥିଲା। ଶେଷରେ ସରକାର ଉକ୍ତ ନିର୍ଦ୍ଦେଶନାମାକୁ ରଦ୍ଦ କରିବାକୁ ବାଧ୍ୟ ହୋଇଥିଲେ।

ତଦନ୍ତ ସମୟରେ ଆଇନଗତ ଆବଶ୍ୟକତା ଅନୁଯାୟୀ ଟେଲିକମ୍ କମ୍ପାନୀଗୁଡ଼ିକଠାରୁ ତଦନ୍ତକାରୀ ସଂସ୍ଥା ଫୋନ୍‌ର ନିର୍ଦ୍ଦିଷ୍ଟ ସ୍ଥାନ ପାଇପାରୁ ନ ଥିବାରୁ ଏହାକୁ ନେଇ ନରେନ୍ଦ୍ର ମୋଦି ପ୍ରଶାସନ ବହୁବର୍ଷ ହେଲା ଚିନ୍ତିତ ରହିଛି। ସାମ୍ପ୍ରତିକ ବ୍ୟବସ୍ଥାରେ ସେଲୁଲାର ଟାୱାର ଡେଟା ବ୍ୟବହାରରେ କମ୍ପାନୀଗୁଡ଼ିକ ସୀମିତ କରାଯାଇଛି, ଯାହା ଫୋନ୍ ଲୋକେଶନର ନିର୍ଦ୍ଦିଷ୍ଟ ସ୍ଥାନର ସୂଚନା ନ ଦେଇ ଏକ ହାରାହାରି ଅଞ୍ଚଳର ସୂଚନା ଦେଇପାରୁଛି, ଯାହାକି ନିର୍ଦ୍ଦିଷ୍ଟ ସ୍ଥାନଠାରୁ ଅନେକ ମିଟର ଦୂରରେ ହୋଇପାରେ। ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ୍ ପାଇଁ ପ୍ରତିନିଧିତ୍ୱ କରୁଥିବା ସେଲୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ସିଓଏଆଇ) ସରକାରଙ୍କୁ ଜଣାଇଥିଲା ଯେ, ଯଦି ସ୍ମାର୍ଟଫୋନ୍ ନିର୍ମାତାଙ୍କୁ ଏ-ଜିପିଏସ୍ ପ୍ରଯୁକ୍ତି ସକ୍ରିୟ କରିବା ପାଇଁ ନିର୍ଦ୍ଦେଶ ଦିଆଗଲେ ଫୋନ୍‌ର ନିର୍ଦ୍ଦିଷ୍ଟ ଲୋକେଶନ ଚିହ୍ନଟ କରାଯାଇପାରିବ। ଏଥିପାଇଁ ସାଟେଲାଇଟ୍ ସିଗ୍‌ନାଲ ଏବଂ ସେଲୁଲାର ଡେଟା ବ୍ୟବହାର କରାଯିବ ବୋଲି ଆଇଟି ମନ୍ତ୍ରଣାଳୟର ଇମେଲ୍‌ରୁ ଜଣାପଡ଼ିଛି।

## ଚାର୍ଜଶିଟ୍ ନ ହେବାରୁ ୟୁଏପିଏରେ ଜେଲରେ ଥିବା କଏଦୀଙ୍କୁ ଜାମିନ

ନୂଆଦିଲ୍ଲୀ,୫।୧୨

### ଆଇନ ଜଣକୁ ବେଆଇନ ଭାବେ ଜେଲରେ ରଖିପାରିବ ନାହିଁ: ସୁପ୍ରିମକୋର୍ଟ

ଜାଲ୍ ନୋଟ୍ ରଖିଥିବା ଅଭିଯୋଗରେ ବିନା ବିଚାରରେ ୨ ବର୍ଷ ହେଲା ଥିବା ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜେଲରେ ରଖାଯାଇପାରବ ନାହିଁ। ଏଭଳି ହାଜତରେ ରଖାଯିବା ବେଆଇନ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟାଙ୍କୁ ଖଣ୍ଡପୀଠ କହିବା ସହ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ(ୟୁଏପିଏ) ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରି ନ ଥିବା ଆସାମ ପୋଲିସକୁ ଭର୍ତ୍ସନା କରିଛନ୍ତି। ଏଭଳି ମାମଲାରେ ସର୍ବାଧିକ ସମୟସୀମା ୧୮୦ ଦିନକୁ ବଢ଼ାଯାଇପାରିବ। ୟୁଏପିଏରେ ଯେତେ କଠୋର ବ୍ୟବସ୍ଥା ଥାଉ ନା କାହିଁକି ଆଇନ ଜଣକୁ ବେଆଇନ ଭାବେ ଜେଲରେ ରଖିପାରିବ ନାହିଁ। ଏହା ଭୟଙ୍କର ବୋଲି ଖଣ୍ଡପୀଠ କହିଛନ୍ତି।

## ୧,୦୦୦ ଇଣ୍ଡିଗୋ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୫।୧୨(ପି.ଟି.)




### ଡ୍ୟୁଟି ନିୟମ କୋହଳ, ତଦନ୍ତ ନିର୍ଦ୍ଦେଶ

କର୍ମଚାରୀ ସଙ୍କଟକୁ ନେଇ ଇଣ୍ଡିଗୋ ଏୟାରଲାଇନ୍ସ ବିମାନ ଚଳାଚଳ ୩ ଦିନ ବ୍ୟାଘାତ ହୋଇଥିବାବେଳେ ଶୁକ୍ରବାର ୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ହୋଇଛି। ଦିଲ୍ଲୀ ବିମାନବନ୍ଦରରୁ ଇଣ୍ଡିଗୋର ସମସ୍ତ ଘରୋଇ ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏଭଳି ସ୍ଥିତିକୁ ନଜରରେ ରଖି ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ଶୁକ୍ରବାର ବିମାନ ଉଡ଼ାଣ ଡ୍ୟୁଟି ନିୟମକୁ କୋହଳ କରିଛି। ପାଇଲଟ୍ ଓ ବିମାନ କର୍ମଚାରୀମାନଙ୍କୁ ସାପ୍ତାହିକ ବିଶ୍ରାମ ସମୟ ସହିତ ବିକଳ୍ପ ଛୁଟି ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି।

ସଂଶୋଧିତ ବିମାନଉଡ଼ାଣ ଡ୍ୟୁଟି ସମୟସୀମା (ଏଫ୍‌ଡିଟିଏଲ୍) ନିୟମ ଅନୁଯାୟୀ, ସାପ୍ତାହିକ ବିଶ୍ରାମକୁ ଛୁଟିରେ ଆଡଜଷ୍ଟ କରାଯିବ ନାହିଁ। ଅର୍ଥାତ୍ ସାପ୍ତାହିକ ବିଶ୍ରାମ ବାଦ୍ କର୍ମଚାରୀଙ୍କୁ ସେମାନଙ୍କ ଛୁଟି ମିଳିବ। ଇଣ୍ଡିଗୋ ବିମାନସେବା ବ୍ୟାଘାତର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ବାତିଲ ହୋଇଥିବା ବିମାନ ପାଇଁ ଯାତ୍ରୀଙ୍କୁ ଦେୟ ଫେରସ୍ତ କରାଯିବ। ଦିନକରେ ୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ବାତିଲକୁ ନେଇ ଇଣ୍ଡିଗୋ ସିଇଓ ପିଟର ଏଲ୍‌ବେର୍ସ ଶୁକ୍ରବାର ସନ୍ଧ୍ୟାରେ କ୍ଷମା ମାଗିଛନ୍ତି। ଶନିବାର ମଧ୍ୟ ଏଭଳି ସ୍ଥିତି ଜାରି ରହିବ ବୋଲି ଏଲବେର୍ସ କହିଛନ୍ତି। ଡିସେମ୍ବର ୧୦ରୁ ୧୫ ମଧ୍ୟରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୬/୨୦୨୫ | Bhubaneswar, Saturday, December 6/2025 | ପୃଷ୍ଠା-୧


ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଲାଗି ଶୁକ୍ରବାର ଟିକେଟ ପାଇଁ କାଉଣ୍ଟର ନିକଟରେ ଦର୍ଶକଙ୍କ ଲମ୍ବା ଧାଡ଼ି। (ଫଟୋ: ରାଜକିଶୋର ମହାନ୍ତି)

# ଏଏନ୍ଏମ୍ ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ସ୍ଥଗିତ

ରାଜ୍ୟରେ ଗତ କିଛି ମାସ ମଧ୍ୟରେ ଆର୍ଆଇ, ଅମିନଠାରୁ ଆରମ୍ଭ କରି ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ଜାଲିଆତି ଓ ପ୍ରଶ୍ନପତ୍ର ଲିକ୍ ଘଟଣା ଚର୍ଚ୍ଚାରେ ରହିଥିବା ବେଳେ ଶୁକ୍ରବାର ଅଗ୍ଜିଲିଆରୀ ନର୍ସ ମିଡ୍ୱାଇଫେରି (ଏଏନ୍ଏମ୍) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଛି। ଏହାକୁ ନେଇ ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏ ସମ୍ପର୍କରେ ସେମାନେ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିବୃତି ରଖି କହିଛନ୍ତି ଯେ, ବିଭ୍ରାଟ ଯୋଗୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହିସହିତ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ରୁଜୁ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ଼ୋକ୍ତି ପ୍ରକଟ କରିଛନ୍ତି। ପୋଲିସ ଏସ୍ଆଇ ଘଟଣାର ତଦନ୍ତ ସିବିଆଇ କରୁଥିବା ବେଳେ ବଡ଼ବଡ଼ିଆଙ୍କ ଲିଙ୍କ୍ ଖୋଜାଚାଲିଛି। ଏଭଳି ସ୍ଥିତିରେ ଏଏନ୍ଏମ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ରାଜ୍ୟର ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ।

ମାଲକାନଗିରି/ବଲାଙ୍ଗୀର, ୫।୧୨
(ଦୁର୍ଯ୍ୟୋଧନ ପାତ୍ର/ ବୀରେନ୍ଦ୍ର କୁମାର ଝାଙ୍କର)

ମାଲକାନଗିରି ଜିଲା ସମେତ ରାଜ୍ୟର କେତେକ ସ୍ଥାନରେ ଶୁକ୍ରବାର ଏଏନ୍ଏମ୍ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାପରେ ଏଏନ୍ଏମ୍ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ପରୀକ୍ଷାକୁ ବାତିଲ କରାଯାଇଥିବା ନେଇ ମାଲକାନଗିରି ଉପଜିଲାପାଳ ଏମ୍.ଅଶ୍ୱିନୀ ଏଲ୍ ଘୋଷଣା କରିଥିଲେ। ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ନ ୨ଟାରେ ଏଏନ୍ଏମ୍ ଛାତ୍ରୀଙ୍କ ମିଡ୍ୱାଇଫେରି ବିଷୟ ପରୀକ୍ଷା ହେବାର ଥିଲା। କିନ୍ତୁ ପୂର୍ବାହ୍ନ ୧୧ଟାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଖବର ଭାଇରାଲ ହୋଇଥିଲା। ପରୀକ୍ଷା ହଲ୍‌ରେ ପରୀକ୍ଷାର୍ଥୀ ପହଞ୍ଚିବା ପରେ ମାଲକାନଗିରି ଉପଜିଲାପାଳ ପରୀକ୍ଷା ବାତିଲ ହୋଇଥିବା ନେଇ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲାରେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ☞ପୃଷ୍ଠା-୧୨

## ବିଧାନସଭାରେ ବିରୋଧୀ ତାତିଲେ

ଭୁବନେଶ୍ୱର, ୫।୧୨
(ରବିନାରାୟଣ ଜେନା)

ରାଜ୍ୟରେ ଏଏନ୍ଏମ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ନେଇ ଶୁକ୍ରବାର ଗୃହରେ ବିରୋଧୀ କଂଗ୍ରେସ ଓ ବିଜେଡି ସଦସ୍ୟ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ମୁଲତବୀ ଆଲୋଚନାକାଳରେ କଂଗ୍ରେସ ସଦସ୍ୟ ଡା. ସିଏସ୍ ରାଜେନ ଏକ୍କା ପଏଣ୍ଟ ଅଫ୍ ଅର୍ଡରରେ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ରାଜ୍ୟରେ ଭାଜପା ସରକାରରେ ବହୁ ପ୍ରଶ୍ନପତ୍ର ଲିକ୍ ହେବା ସହିତ ସ୍କାମ୍ ପରେ ସ୍କାମ୍ ହୋଇ ଚାଲିଛି। ଗତ ୧୭ମାସ ମଧ୍ୟରେ ପ୍ରାୟ ୧୭ଟି ପ୍ରଶ୍ନପତ୍ର ଲିକ୍ ହେଲାଣି। ଏହି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

### ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ସ୍ୱାସ୍ଥ୍ୟମନ୍ତ୍ରୀ

ରାଜେନ କହିଥିଲେ, ଆଜି ଏଏନ୍ଏମ୍ ପରୀକ୍ଷା ଅପରାହ୍ନ ୨ଟାରେ ହେବାକୁ ଥିଲା। ହେଲେ ପୂର୍ବାହ୍ନ ୧୧ଟାରୁ ପ୍ରଶ୍ନପତ୍ର ବାହାରେ ବୁଲୁଛି; ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସରକାର ଏ ପରୀକ୍ଷାକୁ ତୁରନ୍ତ ବାତିଲ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ସେ ଗୃହ ବାହାରେ କହିଥିଲେ, ରାଜ୍ୟରେ ଭାଜପା ସରକାର ଆସିବା ପରେ ବିଭିନ୍ନ ପ୍ରଶ୍ନପତ୍ର ଲିକ୍ ଏବଂ ଜାଲିଆତି ବଢ଼ୁଛି। ସରକାର ଏଥିପ୍ରତି ଯେଭଳି ସମ୍ବେଦନଶୀଳ ହେବା କଥା ତାହା ଦେଖାଯାଉନାହିଁ। ☞ପୃଷ୍ଠା-୧୨

## ଫେବୃଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

କଟକ,୫।୧୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୬ (ମାଟ୍ରିକ) ଆସନ୍ତା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ନିମନ୍ତେ ଗୋଟିଏ କାର୍ଯ୍ୟସୂଚୀ ଓ ସମାନ ପ୍ରଶ୍ନପତ୍ର କରାଯାଇଥିବା ବୋର୍ଡ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତ୍ୟେକ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧.୩୦ରେ ସରିବ। କେବଳ ଗଣିତ ପରୀକ୍ଷାରେ ୧୫ ମିନିଟ୍ ସମୟ ଅଧିକ ଦିଆଯିବ, ଅର୍ଥାତ୍ ଉକ୍ତ ☞ପୃଷ୍ଠା-୧୨

# ସ୍ଥିତି ସମ୍ଭାଳିବାକୁ ରେପୋ ରେଟ୍ ହ୍ରାସ

## ୨୫ ବେସିସ୍ ପଏଣ୍ଟ କମାଇଲା ଆର୍‌ବିଆଇ

**ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଅତ୍ୟଧିକ ଟାରିଫ୍ ଲାଗୁ ହେବା ଯୋଗୁ ଏଠାରେ ଆର୍ଥିକ ସ୍ଥିତିରେ ଅସ୍ୱାଭାବିକତା ଦେଖାଦେଇଛି। ଏପରିକି ଆମେରିକାର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଇ ୯୦ ଟଙ୍କା ଅତିକ୍ରମ କରିଛି। ଭାରତୀୟ ଅର୍ଥନୀତିକୁ ସୁଧାରିବା ପାଇଁ ଆର୍‌ବିଆଇ ଶୁକ୍ରବାର ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଫଳରେ ଗୃହ, ଗାଡ଼ି ଋଣ ଆଦି ଶସ୍ତା ହେବା ସହ ମୁଦ୍ରା ସ୍ଥିତିରେ ସ୍ଥିରତା ଆସିବ ବୋଲି ଆଶା କରାଯାଉଛି।**

ମୁମ୍ବାଇ,୫।୧୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟସ (ବିପିଏସ୍) ହ୍ରାସ କରିଛି। ଏହି ସର୍ବସମ୍ମତ ନିଷ୍ପତ୍ତି ଫଳରେ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇକୁ ଦେଉଥିବା ସୁଧ ୫.୫%ରୁ ୫.୨୫%କୁ ଖସିଆସିଛି। ୩ ଦିନ ଧରି ଚାଲିଥିବା ମୁଦ୍ରାନୀତି କମିଟି (ଏମ୍‌ପିସି)ର ଦ୍ୱିମାସିକ ବୈଠକ ପରେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ସଞ୍ଜୟ ମାଲହୋତ୍ରା ଏହି ଘୋଷଣା କରିଛନ୍ତି। ରେପୋ ରେଟ୍ ହ୍ରାସ ପରେ ଗୃହ, ଗାଡ଼ି ଓ ଅନ୍ୟ ଋଣ ଉପରେ ଦିଆଯାଉଥିବା ସୁଧ କମିଯିବ। ଫଳରେ ଋଣଗ୍ରହୀତାଙ୍କୁ ସହଜ ମାସିକ କିସ୍ତି (ଇଏମ୍ଆଇ) ଅଧିକ ଦେବାକୁ ପଡ଼ିବ ନାହିଁ।

ଆର୍‌ବିଆଇ ଗଭର୍ନର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୨% ରହିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରିଛି। ସେହିପରି ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩% ରହିବ ବୋଲି ଅନୁମାନ କରାଯାଉଛି। ତେଣୁ ଅଭିବୃଦ୍ଧିକୁ ଆହୁରି ବଳ ଦେବା ଏବଂ ମୁଦ୍ରା ସ୍ଥିତିରେ ସ୍ଥିରତା ☞ପୃଷ୍ଠା-୧୨

**ବାରବାଟୀ ଟି୨୦: ଦିନକରେ ୧୦ ହଜାର ଟିକେଟ ଶେଷ**

(ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

ପରିଚିତଙ୍କ ହାତରେ ପଦବୀ

# ୧୦୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ

- **୫ ବର୍ଷ ପାଇଁ ଭାରତ-ରୁଷିଆ ଆର୍ଥିକ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ**
- **ବିବିଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ**

ନୂଆଦିଲ୍ଲୀ,୫।୧୨
(ପି.ଟି./ଏଜେନ୍ସି)

ଭାରତ ଓ ରୁଷିଆ ଶୁକ୍ରବାର ଦ୍ୱିପାକ୍ଷିକ ଅର୍ଥନୈତିକ ଓ ବାଣିଜ୍ୟିକ କାରବାର ବୃଦ୍ଧି ନିମନ୍ତେ ଆଗାମୀ ୫ ବର୍ଷ ପାଇଁ ଏକ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ କରିଛନ୍ତି। ୱାଶିଂଟନ୍ ପକ୍ଷରୁ ଲଗାଯାଇଥିବା ଦଣ୍ଡାତ୍ମକ ଟାରିଫ୍ ପରିପ୍ରେକ୍ଷୀରେ ଦୁଇଦେଶ ୨୦୩୦ ସୁଦ୍ଧା ବାଣିଜ୍ୟିକ କାରବାରକୁ ୧୦୦ ବିଲିୟନ୍ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହା ସହ ରୁଷିଆରେ ଏକ ୟୁରିଆ ପ୍ଲାଣ୍ଟ ପ୍ରତିଷ୍ଠା ସମେତ ଖାଦ୍ୟ ନିରାପତ୍ତା, ଜାହାଜ ଚଳାଚଳ ଓ ଡାକ୍ତରୀ ବିଜ୍ଞାନ କ୍ଷେତ୍ରରେ ସହଯୋଗ ବୃଦ୍ଧି ସକାଶେ ଅନେକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ ଭାରତ ଗସ୍ତର ଦ୍ୱିତୀୟ ଦିନରେ ନୂଆଦିଲ୍ଲୀ ସହ ସମ୍ପର୍କ ବୃଦ୍ଧି ନେଇ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପୁଟିନ୍ ଶୁକ୍ରବାର ଏକ ମହତ୍ତ୍ୱାକାଂକ୍ଷୀ ଅର୍ଥନୈତିକ ସହଯୋଗ କାର୍ଯ୍ୟକ୍ରମର ଅନାବରଣ କରିଛନ୍ତି। ତଦନୁସାରେ ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଓ ପୁଞ୍ଜିନିବେଶ ବର୍ତ୍ତମାନ ୭୦ ବିଲିୟନ୍ ଡଲାର ରହିଥିବାବେଳେ ଏହାକୁ ୨୦୩୦ ସୁଦ୍ଧା ୧୦୦ ବିଲିୟନ୍ ଡଲାରରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ମୋଦି ଓ ପୁଟିନ୍ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଉପରୋକ୍ତ ଘୋଷଣା କରିଛନ୍ତି। ୫ ବର୍ଷରେ ୧୦୦ ବିଲିୟନ୍ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ଲକ୍ଷ୍ୟ ହାସଲ ହେବା ନେଇ ମୋଦି ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ସେ ରୁଷୀୟ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାଗୁଡ଼ିକୁ ଭାରତ ଆସି 'ମେକ୍ ଇନ୍ ଇଣ୍ଡିଆ' ☞ପୃଷ୍ଠା-୨


ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ଇଣ୍ଡିଗୋ ବିମାନ ବାତିଲ | ନିଜ ବିବାହ ଭୋଜିରେ ଭର୍ଚୁଆଲରେ ଯୋଗଦେଲେ ନବଦମ୍ପତି

ହୁବ୍ଲି,୫।୧୨

ପାଇଲଟ୍ ସମସ୍ୟାକୁ ନେଇ ଇଣ୍ଡିଗୋ ଏୟାରଲାଇନ୍ସର ବହୁ ବିମାନ ୩ ଦିନ ହେଲା ବିଳମ୍ବିତ ଏବଂ ବାତିଲ ହୋଇଥିବାବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାକୁ ନେଇ ବିଭିନ୍ନ ବିମାନବନ୍ଦରରେ ଉତ୍ତେଜନା ଦେଖାଦେଇଛି। କୌତୂହଳର ଘଟଣା ହେଲା ବିମାନ ବାତିଲ ଯୋଗୁ ବେଙ୍ଗାଲୁରୁର ଏକ ନବବିବାହିତ ଦମ୍ପତି ସେମାନଙ୍କ ବିବାହ ଭୋଜିରେ ଯୋଗ ଦେଇପାରି ନାହାନ୍ତି। ସେମାନେ ଭର୍ଚୁଆଲି ଉପସ୍ଥିତ ହୋଇ ଭୋଜିରେ ଯୋଗଦେଇ ଅତିଥିମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି। ବେଙ୍ଗାଲୁରୁର ସଫ୍ଟୱେର ଇଞ୍ଜିନିୟର ମେଧା କ୍ଷୀରସାଗର ଏବଂ ଓଡ଼ିଆ ସଫ୍ଟୱେର ଇଞ୍ଜିନିୟର ସଙ୍ଗମ ଦାସଙ୍କ ବିବାହ ଗତ ନଭେମ୍ବର ୨୩ରେ ଭୁବନେଶ୍ୱରରେ ହୋଇଥିଲା। ବୁଧବାର ସେମାନଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ଇଣ୍ଡିଗୋ ବିମାନରେ ହୁବ୍ଲି ଯାତ୍ରା କରିବା ସ୍ଥିର ହୋଇଥିଲା। ତେବେ ପରିଚାଳନାଗତ ସଙ୍କଟ ଯୋଗୁ ଗତ ୨ ତାରିଖରେ ଇଣ୍ଡିଗୋ ବିମାନ ବାରମ୍ବାର ବିଳମ୍ବିତ ହେବା ସହ ଶେଷରେ ଏହାକୁ ବାତିଲ କରିଦିଆଯାଇଥିଲା। ଫଳରେ ନବଦମ୍ପତି ☞ପୃଷ୍ଠା-୧୨






## ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣା: ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ନିଲମ୍ବିତ

ନୀଳଗିରି, (ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟ ଛାତ୍ରାବାସରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାର ତଦନ୍ତ ଗୁରୁବାର ଆରମ୍ଭ ହୋଇଥିଲା। ନୀଳଗିରି ଉପଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ନୀଳଗିରି ବ୍ଲକ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ ଓ ସହକାରୀ ଶିକ୍ଷକ ଜତୀନ କୁମାର ପରିଡ଼ାଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବିତ କରିଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଗାନ୍ଧୀ ବିଚାର ଅଭିଯାନ ଓ ନାଗରିକ ସମାଜ ପକ୍ଷରୁ ସତ୍ୟାଗ୍ରହ, ସ୍ଥାନ: ଗାନ୍ଧୀ ପାର୍କ, ଜନତା ମୈଦାନ, ସମୟ: ସକାଳ ୯ଟା।
- ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ, ସ୍ଥାନ: ବିଧାନସଭା, ଗେଟ୍ ନଂ.୨, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ ଡ. ଆମ୍ବେଦକରଙ୍କ ତିରୋଧାନ ଉପଲକ୍ଷେ କାର୍ଯ୍ୟକ୍ରମ ଆମେ କେଉଁଠି ? ସ୍ଥାନ : ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍ ୭୧, ୟୁନିଟ୍ ୪, ପଞ୍ଚାନନ କାନୁନ୍‌ଗୋଙ୍କ ଘର, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ 'ଆମେ କେଉଁଠି' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ୟୁରୋ କିଡ୍‌ସ ପ୍ଲେ ସ୍କୁଲ ମଦନପୁର ପକ୍ଷରୁ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉତ୍କଳ ସାଂସ୍କୃତିକ ବିଶ୍ୱବିଦ୍ୟାଳୟ ମଦନପୁର ନିକଟ, ପ୍ଲଟ୍ ନଂ. ୮୬୧/୧୨୧୫, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।
- ତକ୍ଷଶୀଳା ସ୍କୁଲ ପକ୍ଷରୁ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଦି ଉତ୍କଳ ପୋଷ୍ଟାଲ ଆଣ୍ଡ ଆର୍‌ଏମ୍‌ଏସ୍ କୋଅପରେଟିଭ ସୋସାଇଟିର ସାଧାରଣ ପରିଷଦ ବୈଠକ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଧରିତ୍ରୀ ଓ ଆଦିତ୍ୟ ବିର୍ଲା କ୍ୟାପିଟାଲ ପକ୍ଷରୁ ବିକଶିତ ଭାରତ ପାଇଁ ଶିକ୍ଷିତ ନିବେଶକ କର୍ମଶାଳା, ସ୍ଥାନ: ମାରୱାଡ଼ି କ୍ଲବ, ମାଣିକଘୋଷ ବଜାର, ସମୟ: ଅପରାହ୍ନ ୩ଟା ୩୦।
- ୱାଇଏମ୍‌ସିଏ କଟକ ପକ୍ଷରୁ ଖ୍ରୀଷ୍ଟମାସ କ୍ୟାରୋଲ, ସ୍ଥାନ: ଅନୁଷ୍ଠାନ ପରିସର, ପୁରୁଣା ସଚିବାଳୟ ମାର୍ଗ, ସମୟ: ସନ୍ଧ୍ୟା ୬ଟା।
- ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୧୫।

### ପୁରୀ
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ାବଜାର, ସମୟ: ସକାଳ ୭ଟା ୩୦।
- ଗୃହରକ୍ଷୀ ଦିବସ ପାଳନ, ସ୍ଥାନ: ପୁରୀ ପୋଲିସ ଲାଇନ ପଡ଼ିଆ, ସମୟ: ସକାଳ ୮ଟା।
- ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳନ, ସ୍ଥାନ: ବୀରହରେକୃଷ୍ଣପୁର, ସମୟ: ସକାଳ ୮ଟା।
- ସ୍ୱର୍ଗତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ମେଗା ରକ୍ତଦାନ ଶିବିର, ସ୍ଥାନ: ରାମଚନ୍ଦ୍ରପୁର ଯୁବକ ସଂଘ ସଭାଗୃହ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୯ଟା।
- ଗ୍ଲୋବାଲ ଏନର୍ଜି ସମ୍ମିଟ୍, ସ୍ଥାନ: ହୋଟେଲ ତାଜ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଖୋର୍ଦ୍ଧା
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁରାଡମଲ୍ଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଗୋ-ଆମ୍ବୁଲାନ୍ସ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମକୃଷ୍ଣ ଗୋଶାଳା, ସମୟ: ଅପରାହ୍ନ ୩ଟା ୩୦।

### ବାଲେଶ୍ୱର
- ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବାର୍ଷିକ ଭଲିବଲ୍, କବାଡ଼ି, ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧର୍ମନିରପେକ୍ଷ ଆମ ସମ୍ବିଧାନ ସମ୍ପର୍କିତ ଆଲୋଚନା, ସ୍ଥାନ: ସିପିଏମ୍ ଜିଲା ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କୀର୍ତ୍ତନିଆ ତଫସିଲଭୁକ୍ତ ଯୁବକ ସଂଘ ପକ୍ଷରୁ ଭାରତ ରତ୍ନ ଡ. ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ, ସ୍ଥାନ: କୀର୍ତ୍ତନିଆ ବାତ୍ୟାଶ୍ରୟସ୍ଥଳୀ, ଭୋଗରାଇ, ସମୟ: ଅପରାହ୍ନ ୪ଟା।

### ଭଦ୍ରକ
- ଅଖଣ୍ଡ ନବରାତ୍ର ନାମ ଯଜ୍ଞ, ସ୍ଥାନ: ରାଜଘରପୋଖରୀ, ବାସୁଦେବପୁର, ସମୟ: ସକାଳ ୭ଟା।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ଭଦ୍ରକ ଜିଲା ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

### କେନ୍ଦୁଝର
- ସତ୍‌ସଙ୍ଗ ମନ୍ଦିରରେ ଶ୍ରୀଶ୍ରୀବଡ଼ଦାଙ୍କ ୪୮ ତମ ସ୍ମୃତି ମହୋତ୍ସବ, ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ଟା।

### ମୟୂରଭଞ୍ଜ
- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ଆଦିବାସୀ ସଙ୍ଗୀତ ପରିବେଷଣ,ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ୬୩ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ, ସ୍ଥାନ: ଆମ୍ବପୁଆ ପୋଲିସ ରିଜର୍ଭ ପଡ଼ିଆ, ସମୟ: ସକାଳ ୮ଟା।
- ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ସରକାରୀ ଆଇଟିଆଇ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ ଟା।

### ଗଞ୍ଜାମ
- ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଫିଲ୍ଡଷ୍ଟଡି କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ, ସମୟ: ସକାଳ ୯ ଟା।

### ଗଜପତି
- ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ମୋହନା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା।

### ଢେଙ୍କାନାଳ
- ୬୩ତମ ଓଡିଶା ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଯୋରନ୍ଦା ମାଘମେଳା ଆୟୋଜନର ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟର ସଦଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଅନୁଗୋଳ
- ବେସାମରିକ ପ୍ରତିରକ୍ଷା ଦିବସ ପାଳନ, ସ୍ଥାନ: ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଗ୍ରାମବାସୀଙ୍କ ଦ୍ୱାରା କଳସ ଯାତ୍ରା, ସ୍ଥାନ : ଆଠମଲ୍ଲିକ ମାଳିପଦର ଗ୍ରାମ, ସମୟ: ସକାଳ ୯ଟା।
- ନବାହ୍ନ ପାରାୟଣ ପୂର୍ଣ୍ଣାହୁତି ହୋମଯଜ୍ଞ, ସ୍ଥାନ: ଆଠମଲ୍ଲିକ ମାଳିପଦର ଗ୍ରାମ, ସମୟ : ଅପରାହ୍ନ ୨ଟା।

### ଜଗତ୍‌ସିଂହପୁର
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର ପରିସର, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ୬୩ତମ ହୋମ୍‌ଗାର୍ଡ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ୍ ଗ୍ରାଉଣ୍ଡ, ଜଗତ୍‌ସିଂହପୁର, ସମୟ: ସକାଳ ୮ଟା।
- ୬୯ତମ ରାଜ୍ୟସ୍ତରୀୟ କ୍ରିକେଟ ଚାମ୍ପିୟନଶିପ,ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ ମହୋତ୍ସବ ଅଷ୍ଟମ ସନ୍ଧ୍ୟାରେ ମେରାଇନ ବିଭାଗ ପକ୍ଷରୁ ନାଟକ 'ଅପଦାର୍ଥ' ପରିବେଷଣ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ଗୃହରକ୍ଷୀ ଦିବସ ପାଳନ, ସ୍ଥାନ: ଏସ୍‌ପି କାର୍ଯ୍ୟାଳୟ, ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଏମ୍‌ପି ଖେଳ ମହୋତ୍ସବ, ସ୍ଥାନ: ତେଲିପାଟଣା ଖେଳପଡିଆ, ଆଳି, ପୋଲିସ ଖେଳପଡିଆ, ରାଜକନିକା, ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ପଞ୍ଚାୟତ ଖେଳପଡିଆ, ଖମାରସାହି, ରାଜନଗର, ଜଜାଙ୍ଗ ଖେଳପଡିଆ, କେନ୍ଦ୍ରାପଡ଼ା, ଛେରିକାନି ଖେଳପଡିଆ, ମହାକାଳପଡ଼ା, ହାଇସ୍କୁଲ ଖେଳପଡିଆ, ଡେରାବିଶ, ସମୟ: ସକାଳ ୯ଟା।

### ଯାଜପୁର
- ଜିଲା ଗୃହରକ୍ଷୀ ବାହିନୀର ୬୩ତମ ବାର୍ଷିକ ଉତ୍ସବ, ସ୍ଥାନ: ପାଣିକୋଇଲି ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା୩୦।
- ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ରଙ୍କ ମା' ତାରିଣୀ ତନ୍ତୁବାୟ ସମିତିର ଟସରବସ୍ତ୍ର ପ୍ରସ୍ତୁତି ୟୁନିଟ ପରିଦର୍ଶନ, ସ୍ଥାନ: ରସୁଲପୁର ବ୍ଲକର ଗୋପାଳପୁର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରିନ୍ସିପାଲ ସେକ୍ରେଟାରୀ ସଞ୍ଜୀବ ମିଶ୍ରଙ୍କ ଯାଜପୁର ଜିଲାଗସ୍ତ ଓ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା୫୦।

### ନୟାଗଡ଼
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଦାଣ୍ଡ ପହଁରା ପର୍ବ, ସ୍ଥାନ: ଖଣ୍ଡପଡ଼ା ଅଞ୍ଚଳ, ସମୟ: ସନ୍ଧ୍ୟା ୭ଟା।
- ମହାଲକ୍ଷ୍ମୀ ପୂଜାର ୩ୟ ଦିବସରେ ବାଦି ପାଲା ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ, ସମୟ:ସନ୍ଧ୍ୟା ୭ଟା ରୁ ରାତି ୧୦ଟା।

### ରାୟଗଡ଼ା
- ହୋମଗାର୍ଡ ଦିବସ ପାଳନ, ସ୍ଥାନ: ପୋଲିସ ରିଜର୍ଭ ପଡିଆ, ରାୟଗଡ଼ା, ସମୟ: ସକାଳ ୮ଟା ।

### ନବରଙ୍ଗପୁର
- ବ୍ଲକସ୍ତରୀୟ ମଣ୍ଡେଇ, ସ୍ଥାନ: ପାପଡାହାଣ୍ଡି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡେଇ ମହୋତ୍ସବ ଉପଲକ୍ଷେ କାନ୍ଥ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଉଦ୍ୟାନ କାର୍ଯ୍ୟାଳୟ ପରିସର ସମୟ: ପୂର୍ବାହ୍ନ ୧୧ ଟା।

### କୋରାପୁଟ
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ବିକ୍ରମଦେବ ଚାରୁ ଓ କାରୁ କଳା ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।

### ମାଲକାନଗିରି
- ମାଲ୍ୟବନ୍ତ ମହୋତ୍ସବ ଅବସରରେ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ସ୍ପୋର୍ଟସ୍ କମ୍ପ୍ଲେକ୍ସ,ମାଲକାନଗିରି, ସମୟ: ସକାଳ ୭ଟା।
- ୬୩ତମ ଗୃହରକ୍ଷୀ ଉତ୍ଥାନ ଦିବସ, ସ୍ଥାନ: ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସର, ମାଲକାନଗିରି, ସମୟ: ସକାଳ ୮ଟା।

### ସମ୍ବଲପୁର
- ଜିଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ : ବୁର୍ଲା ସ୍ଥିତ ସରକାରୀ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟାନଶିପର ଦ୍ୱିତୀୟ ଦିବସ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ମେଗା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା।
- ରାଜବୈଦ୍ୟ ଗୋପୀନାଥ ଷଡଙ୍ଗୀଙ୍କ ୪୦୦ତମ ଜୟନ୍ତି, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ ଟା ।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ ଟା ରୁ ଅପରାହ୍ନ ୫ଟା ।

### ବଲାଙ୍ଗୀର
- ୬୩ତମ ବାର୍ଷିକ ହୋମଗାର୍ଡ ଦିବସ ପାଳନ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦ ମିନଟ ।

### ରାଉରକେଲା
- ବାର୍ଷିକ ପ୍ରତିଷ୍ଠା ଦିବସ, ସ୍ଥାନ: ପୋଲିସ ରିଜର୍ଭ ପଡିଆ, ସମୟ: ସକାଳ ୯ଟା।
- ଚିନ୍ମୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୯ଟା ୩୦ ।
- ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

### ବରଗଡ଼
- ମହାଲକ୍ଷ୍ମୀ ପୂଜା, ସ୍ଥାନ:କନ୍ଧମୁଣ୍ଡା, ଗାଇସିଲେଟ,ସମୟ: ସକାଳ ୮ଟା।
- ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ବୈଠକ, ସ୍ଥାନ:ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

### ବୌଦ୍ଧ
- ଜିଲାସ୍ତରୀୟ କୃଷି ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଚେରି ଖେଳ ପଡ଼ିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୫ଟା।

### ଦେବଗଡ଼
- ଦେବଗଡ଼ କଲେଜର ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପନ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ସାର୍ବଜନୀନ ଆମ୍ବେଡକର ସ୍ମୃତିକମିଟି ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ଶ୍ରଦ୍ଧାଞ୍ଜଳି ସଭା , ସ୍ଥାନ :ଏସ୍‌ସି ଏସ୍‌ଟି ଷ୍ଟଲ ପରିସର,ଡୁଙ୍ଗୁରିପାଲି, ସମୟ: ମଧ୍ୟାହ୍ନ ୧୨ଟା ୩୦ମିନିଟ ।
- ଇଛାପୁର ଆଶ୍ରମ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା, ସ୍ଥାନ: ବିଦ୍ୟାଳୟ ଖେଳପଡିଆ, ଡୁଙ୍ଗୁରିପାଲି ବ୍ଲକ , ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।

### ନୂଆପଡ଼ା
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ କ୍ରୀଡ଼ା ସମାରୋହ, ସ୍ଥାନ: କଲେଜ ଖେଳ ପଡିଆ ଖଡିଆଳ, ସମୟ: ସକାଳ ୮ଟା ୩୦।
- ୧୭ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକର ବିସ୍ତର ବୋଝ**
**ତାକୁ ଜାଣିବ କପା**
**ମହର୍ଗ କାଳରେ ଯାଚି ପରଷେ**
**ତାକୁ ଜାଣିବ ଅପା ।**

କପା ବୋଝ ଯେତେ ଅଧିକ ଦିଶୁଥିଲେ ମଧ୍ୟ ଆକାର ଅନୁସାରେ ତାହାର ଓଜନ ଅପେକ୍ଷାକୃତ କମ୍ ହିଁ ହୋଇଥାଏ। ସେହିପରି ଅସୁବିଧା ସମୟରେ ଭଉଣୀ ହିଁ ଭାଇକୁ ସାହା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଧୁଆ ମୂଳା ଯେ,**
**ଧୁଆ ମୂଳା ସେ ।**

ବେଳେ ବେଳେ ଯୋଗ୍ୟ ଅଯୋଗ୍ୟ ମଧ୍ୟରେ କେହି ପ୍ରଭେଦ ଦେଖି ନ ଥାନ୍ତି। ଭଲ ମନ୍ଦ ଭିତରେ ଫରକ ବାରି ନ ଥାନ୍ତି। ଦୁହିଙ୍କୁ ସମାନ ଅର୍ଥରେ ଦେଖିବା ବା ବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସନ୍ତାନଙ୍କ ଲାଗି ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**ବୃଷ** ବୁଧ ଦୁଃସ୍ଥାନରେ ରହିଥିବାରୁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରିବା କଷ୍ଟକର ହେବ। ସମ୍ପର୍କୀୟଙ୍କ ଚକ୍ରାନ୍ତରୁ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହେବ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ** ରାଶିରେ ଶୁଭଗ୍ରହଙ୍କ ସ୍ଥିତି ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ। ନୂତନ କାର୍ଯ୍ୟ ହାସଲ ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ କାରଣରୁ ବ୍ୟବସାୟୀଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଆଜି ଯାହା ଚାହୁଁଛନ୍ତି ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଓ ପକ୍ଷପାତିତା ଅଶାନ୍ତିର କାରଣ ହେବାର ସୂଚନା ରହିଛି ।

**ସିଂହ** କର୍ମକ୍ଷେତ୍ରରେ ଅଷ୍ଟମସ୍ଥ ଶନି ପ୍ରଭାବରେ କେତେକ କାମରେ ମନସ୍ତାପ କରିପାରନ୍ତି। ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ଦେହ ଭଲ ରହିବା ସାଙ୍ଗକୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** ଧନଭାବସ୍ଥ ବୁଧଙ୍କ ଯୋଗୁ ନିଜ ଲୋକଙ୍କ ସହଯୋଗ ଲାଭ କରି ନୂତନ କର୍ମାରମ୍ଭ କରିବେ। ଭଲ ସମ୍ପର୍କ ନଥିବା ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ରରେ ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ।

**ତୁଳା** ଏକାଧିକ ଗ୍ରହ ଧନ ସ୍ଥାନରେ ରହି ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ପ୍ରଦାନ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। କର୍ମକ୍ଳାନ୍ତ ଶରୀର ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପୂର୍ବାହ୍ନରେ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି ।

**ବିଛା** ରାଶିସ୍ଥ ଗ୍ରହମାନେ ଲକ୍ଷ୍ୟହୀନ ଭ୍ରମଣ ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରକୁ ଶୃଙ୍ଖଳିତ ରଖିବେ ନାହିଁ। ଆଶା କରୁଥିବା ଅର୍ଥ ପାଇବା ସହଜ ହେବନାହିଁ ବରଂ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ଘଟଣାଗୁଡ଼ିକ ଅସାଧାରଣ ମନେ ହେବ। ପରିବାରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** ଆଜି ଖର୍ଚ୍ଚ ବୃଦ୍ଧି କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଆଶାନୁରୂପ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ଅଷ୍ଟମସ୍ଥ ବୃହସ୍ପତି ଯୋଗୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପସ୍ତାଇବେ।

**ମକର** ରାହୁଙ୍କ ପ୍ରଭାବରେ ବନ୍ଧୁଙ୍କ ପ୍ରତି ଅନୁରକ୍ତି ପାରିବାରିକ କଳହକୁ ନିମନ୍ତ୍ରଣ କରିବ। ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଅତୀତର ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** ପ୍ରତ୍ୟେକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଆଜିର ଜୀବନଯାତ୍ରା ପାଇଁ ଅନୁକୂଳ ରହିବ। ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ଡିସେମ୍ବର ୬ ତାରିଖ, ପୌଷ କୃଷ୍ଣ ଦ୍ୱିତୀୟା, ଶନିବାର। ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଡ. ଆମ୍ବେଡକରଙ୍କ ତିରୋଧାନ ଦିବସ, ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର- ମୃଗଶିରା/ମିଥୁନ, ଦିବା ଘ.୦୮।୪୯ ମି. ଗତେ ଆର୍ଦ୍ରା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୩୮ ମି. ଗତେ ଘ.୦୮।୫୪ ମଧ୍ୟେ, ଘ.୧୧।୫୯ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୮।୫୪ ମି. ଗତେ ଘ.୧୦।୧୬ ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୧୦୦ ବିଲିୟନ ଡଲାର ...

ଏବଂ 'ପାର୍ଟନର ୱିଥ୍ ଇଣ୍ଡିଆ'ରେ ସାମିଲ ହେବାକୁ ଆମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବ୍ୟବସାୟ ପାଇଁ ସରଳୀକୃତ ଓ ଆଶାନୁରୂପ ବ୍ୟବସ୍ଥା ଗଢ଼ାଯାଉଛି। ସେହିପରି ରୁଷିଆ ସାମିଲ ଥିବା ୫ ରାଷ୍ଟ୍ର ବିଶିଷ୍ଟ ୟୁରୋସିଆନ୍ ଇକୋନୋମିକ୍ ୟୁନିୟନ୍ (ଇଏଇୟୁ) ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷର ପାଇଁ ଆଲୋଚନା ଆରମ୍ଭ ହୋଇଛି। ବାଣିଜ୍ୟ ହେଉ କି କୂଟନୀତି, ସବୁଠି ସହଭାଗିତାର ମୂଳଦୁଆ ହେଉଛି ପାରସ୍ପରିକ ଆସ୍ଥା। ଏହି ଆସ୍ଥା ଭାରତ-ରୁଷିଆ ସମ୍ପର୍କର ସବୁଠୁ ବଡ଼ ଶକ୍ତି। ଆମ ମିଳିତ ଉଦ୍ୟମକୁ ଏହି ଆସ୍ଥା ହିଁ ଦିଗଦର୍ଶନ କରି ଗତିଶୀଳ କରିଥାଏ। ଭାରତ-ରୁଷିଆ ସମିଟ୍ ନୂଆ ସ୍ୱପ୍ନ ଓ ଆକାଂକ୍ଷାରେ ଡେଣା ଯୋଡ଼ିବା ପାଇଁ ଅନୁପ୍ରାଣିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦି ଆହୁରି କହିଛନ୍ତି, ଭାରତ ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି), ୨ ଚକିଆ ଯାନ ଏବଂ ସିଏନ୍‌ଜି ମୋବିଲିଟି ସୋଲ୍ୟୁଶନ୍‌ର ଏକ ବୈଶ୍ୱିକ ନିର୍ମାତା ହୋଇଥିବାବେଳେ ରୁଷିଆ ନିକଟରେ ଅତ୍ୟାଧୁନିକ ସାମଗ୍ରୀ ଉତ୍ପାଦନର ଜ୍ଞାନକୌଶଳ ରହିଛି। ଇଭି ମାନୁଫାକ୍ଚରିଂ, ଅଟୋମେଟିଭ୍ ଯନ୍ତ୍ରାଂଶ ଓ ମୋବିଲିଟି ଟେକ୍ନୋଲୋଜି କ୍ଷେତ୍ରରେ ସହଭାଗିତା ଦୁଇଦେଶକୁ ଘରୋଇ ବଜାର ଚାହିଦା ପୂରଣରେ ସକ୍ଷମ କରିବା ସଙ୍ଗେ ସଙ୍ଗେ ଗ୍ଲୋବାଲ ସାଉଥ୍‌ର ବିକାଶ ଦିଗରେ ସହାୟକ ହେବ।

ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, ଭାରତ ସହ ବିବିଧ କ୍ଷେତ୍ରରେ ସମ୍ପର୍କ ମଜଭୁତ୍ କରିବା ପାଇଁ ରୁଷିଆ ଆଗ୍ରହୀ। ରୁଷୀୟ କମ୍ପାନୀଗୁଡ଼ିକ ଭାରତଠାରୁ ବିଭିନ୍ନ ବର୍ଗର ସାମଗ୍ରୀ ଓ ସେବା ଆମଦାନୀ ବୃଦ୍ଧି ଲାଗି ପ୍ରସ୍ତୁତ ଅଛନ୍ତି। ଭାରତ ଏବଂ ଇଏଇୟୁ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେଲେ ସାମଗ୍ରୀ, ସେବା ଓ ପୁଞ୍ଜିର ଗତିଶୀଳତାରେ ରହିଥିବା ପ୍ରତିବନ୍ଧକ ହ୍ରାସ ପାଇବ। ରୁଷିଆ, ଆର୍ମେନିଆ, ବେଲାରୁଷ, କାଜାଖସ୍ତାନ ଓ କିର୍ଗିସ୍ତାନକୁ ନେଇ ଗଠିତ ଇଏଇୟୁ ସହ ଭାରତର ଏଫ୍‌ଟିଏ ପାଇଁ ଗତ ସପ୍ତାହରେ ଆଲୋଚନା ଆରମ୍ଭ ହୋଇଛି। ୟୁରୋସିଆନ୍ ପ୍ରତିନିଧିମଣ୍ଡଳୀ ଶକ୍ତି ପ୍ରସଙ୍ଗରେ ଆଲୋଚନା କରିବା ସହ ତୈଳ ଓ ଗ୍ୟାସ୍ ଯୋଗାଣ ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଭାରତ ସହ ବିଭିନ୍ନ କ୍ଷେତ୍ରରେ ବହିର୍ପାକ୍ଷିକ ସମ୍ପର୍କକୁ ଆଗକୁ ବଢ଼ାଇବାକୁ ଆମେ ଚାହୁଁଛୁ। ଏହି ଅବସରରେ ପୁଟିନ୍ ଆହୁରି କହିଛନ୍ତି, ଜାତୀୟ ମୁଦ୍ରାଗୁଡ଼ିକୁ ବ୍ୟବହାର କରି ସାମଗ୍ରୀ ଆମଦାନୀ ରପ୍ତାନି କରାଯାଇପାରୁଛି। ବାହ୍ୟ ଘଟଣାବଳୀ ସତ୍ତ୍ୱେ ନିରନ୍ତର ଆର୍ଥିକ କାରବାର ଜାରି ରହିବା ଗୁରୁତ୍ୱପୂର୍ଣ୍ଣ। ତେବେ ଭାରତ-ରୁଷିଆ ସହଯୋଗ କେବଳ ବାଣିଜ୍ୟରେ ସୀମିତ ରହିବା ଅନୁଚିତ। ଆମେ ଶିଳ୍ପ ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ ଅଗ୍ରସର ହେବା ଉଚିତ। ଆର୍ଟିଫିସିଅଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ବିଶେଷ ଅଗ୍ରଗତି କରିଥିବା ୨ ରାଷ୍ଟ୍ର ବିସ୍ତୃତ ସହଯୋଗିତା ପାଇଁ ପ୍ରସ୍ତୁତ ବୋଲି ପୁଟିନ୍ କହିଛନ୍ତି। ଏହା ପୂର୍ବରୁ ମୋଦିଙ୍କ ସହ ପୁଟିନ୍‌ଙ୍କ ସମ୍ମିଳନୀସ୍ତରୀୟ ଆଲୋଚନା ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା।

## ଗୁରୁତ୍ୱପୂର୍ଣ୍ଣ ଚୁକ୍ତି

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ୨୩ତମ ବାର୍ଷିକ ସମିଟ୍‌ରେ ଯୋଗଦେବା ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ସହମତି ପ୍ରକାଶ କରିଛନ୍ତି। ଏହି ଅବସରରେ ସାର, ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ, ପ୍ରବାସନ, ସାମୁଦ୍ରିକ ପରିବହନ ଓ ଶକ୍ତି ଆଦି କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

**୧.** ତୈଳ ଯୋଗାଣ: ରୁଷିଆ ଭାରତକୁ ଇନ୍ଧନ ତୈଳ ଯୋଗାଣ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଛି। ପୁଟିନ୍ କହିଛନ୍ତି, କ୍ରମବର୍ଦ୍ଧିଷ୍ଣୁ ଭାରତୀୟ ଅର୍ଥନୀତି ପାଇଁ ଆମେ ନିରନ୍ତର ତୈଳ ଯୋଗାଇବାକୁ ପ୍ରସ୍ତୁତ।

**୨.** ଶିଳ୍ପ ସହଯୋଗ: ଭାରତୀୟ କମ୍ପାନୀଗୁଡ଼ିକ ରୁଷିଆର ୟୁଆର୍‌ଏଏଲ୍‌ସିଏଚ୍‌ଇଏମ୍ ସହ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ରୁଷିଆରେ ଏକ ୟୁରିଆ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ।

**୩.** ଖାଦ୍ୟ ନିରାପତ୍ତା: ଖାଦ୍ୟ ନିରାପତ୍ତା ଓ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବା ପାଇଁ ଭାରତର ଏଫ୍‌ଏସ୍‌ଏସ୍‌ଏଆଇ ଏବଂ ରୁଷିଆ ମଧ୍ୟରେ ଚୁକ୍ତି ହୋଇଛି।

**୪.** ସ୍ୱାସ୍ଥ୍ୟସେବା: ଡାକ୍ତରୀ ବିଜ୍ଞାନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।

**୫.** ବନ୍ଦର ଓ ଜାହାଜ ଚଳାଚଳ: ଭାରତ ଓ ରୁଷିଆ ମଧ୍ୟରେ ମାରିଟାଇମ୍ ଲଜିଷ୍ଟିକ୍ ସହଯୋଗ ବୃଦ୍ଧି ପାଇଁ ଏକ ଚୁକ୍ତି ହୋଇଛି।

**୬.** ପ୍ରବାସନ: ଦୁଇଦେଶ ମଧ୍ୟରେ ପ୍ରବାସନ ଓ ଗମନାଗମନ ସୁବିଧା ପାଇଁ ଏକାଧିକ ଚୁକ୍ତି ସ୍ୱାକ୍ଷର ହୋଇଛି।

## ଆଇନଗତ ଭାବେ ବନ ବିଭାଗର ଅନୁମତି ନେବ ଜିନ୍ଦଲ

### ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧ ମାମଲାର ରାୟ ପ୍ରକାଶ

**କଟକ,୫।୧୨(କାର୍ତ୍ତିକ ସାହୁ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ବନ ବିଭାଗ ଦ୍ୱାରା ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ ଲିମିଟେଡ୍ (ଯାହା ପୂର୍ବରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ଥିଲା) ପକ୍ଷରୁ ହାଇକୋର୍ଟରେ ରୁଜୁ ମାମଲାର ରାୟ ପ୍ରକାଶ ପାଇଛି। ହାଇକୋର୍ଟ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ରାୟ ପ୍ରଦାନ କରି ଜିନ୍ଦଲ ଷ୍ଟିଲ ଲିମିଟେଡ୍ ଅନୁମତି ପାଇବା ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିନ୍ଦଲ ଖଣିଜ ପରିବହନ ପାଇଁ ସଂଯୋଗୀ ରାସ୍ତାକୁ ବ୍ୟବହାର କରିବା ନିମନ୍ତେ ଆଇନଗତ ଭାବେ ବନ ବିଭାଗର ଅନୁମତି ନେଇପାରିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ଜିନ୍ଦଲ ଆରୋପ ଲଗାଇଥିବା ପ୍ରତିପକ୍ଷଙ୍କ କୌଣସି ତ୍ରୁଟି ନ ଥିବା ମଧ୍ୟ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ହାଇକୋର୍ଟ ଗତ ନଭେମ୍ବର ୧୦ରେ ମାମଲାର ଚୂଡ଼ାନ୍ତ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ନାୟକ ଓ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ମାମଲା ପରିଚାଳନା କରୁଥିଲେ।

## ବେକାରି ସମସ୍ୟା ନେଇ ମୁଲତବୀ ଆଲୋଚନା

# ଓଡ଼ିଶାରେ ଓଡ଼ିଆଙ୍କୁ ମିଳୁନି ନିଯୁକ୍ତି: ବିରୋଧୀ

## ଦୁର୍ନୀତି ବ୍ୟାଧିର ଆଣ୍ଟିବାୟୋଟିକ୍ ଦିଆଯାଉଛି: ଆଇନମନ୍ତ୍ରୀ

ଭୁବନେଶ୍ୱର,୫ା୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଅକ୍ଷମତାରୁ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପରେ ଲିକ୍ ହେଉଛି। ଓଡ଼ିଶାରେ ଶିଳ୍ପ ହେଉଛି, ହେଲେ ଓଡ଼ିଆଙ୍କୁ ନିଯୁକ୍ତି ମିଳୁନାହିଁ। ବାହାର ରାଜ୍ୟର ଆଉଟ୍‌ସୋର୍ସିଂ ସଂସ୍ଥା କାମ ନେଉଛନ୍ତି ଏବଂ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଫଳରେ ରାଜ୍ୟରେ ବେକାର ଓ ଦାଦନ ସମସ୍ୟା ବଢ଼ିଚାଲିଛି କହି ବିରୋଧୀ କଂଗ୍ରେସ ଓ ବିଜେଡି ଶୁକ୍ରବାର ବିଧାନସଭାରେ ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଛନ୍ତି। ଏହାର ଜବାବ ଦେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ପୂର୍ବରୁ ଚାଲି ଆସିଥିବା ନିଯୁକ୍ତି ବ୍ୟାଧିର ଆଣ୍ଟିବାୟୋଟିକ୍ ଔଷଧ ଦେବା ଆମ ସରକାର ଆରମ୍ଭ କରିଛନ୍ତି। ଏବେ ଠିକ୍ ଢଙ୍ଗରେ ପରୀକ୍ଷା କରାଯାଉଛି। ଯେଉଁମାନେ ଦୁର୍ନୀତି କରୁଛନ୍ତି, ସେମାନଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି।

ଗୃହରେ ବେକାରି ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ, ପୂର୍ବ ସରକାର ନିଯୁକ୍ତି ଦେଉ ନ ଥିଲେ ବୋଲି କ୍ଷମତାରୁ ଗଲେ। ହେଲେ ନୂଆ ସରକାରକୁ ଏବେ ନିଯୁକ୍ତି କରିବାକୁ ପଡ଼ିବ। ସ୍ଥାୟୀ ନିଯୁକ୍ତିରେ ଆଉଟ୍‌ସୋର୍ସିଂ ବାଧକ ସାଜିଛି। ଏହା ଏକ ବ୍ୟାଧି। ସରକାରଙ୍କ ଅକ୍ଷମତା ପାଇଁ ଆଜି ଓଡ଼ିଆ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି। ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ୨ କୋଟି ନିଯୁକ୍ତି ଦେବାକୁ କହିଥିଲେ, ସେ ନିଯୁକ୍ତି ଏବେ କୁଆଡ଼େ ଗଲା ବୋଲି କହି ଅଶୋକ ପ୍ରଶ୍ନ କରିଥିଲେ। ସେ କହିଥିଲେ, ଚାକିରିରୁ ଅବସର ନେବା ପରେ କାହିଁକି ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି। ଆର୍‌ଆଇ, ଏଆର୍‌ଆଇଙ୍କଠାରୁ ଆରମ୍ଭ କରି ଏସ୍‌ଆଇ ନିଯୁକ୍ତିରେ ମହାଦୁର୍ନୀତି ହୋଇଛି। ଏହାର ତଦନ୍ତର ଗତି ଏବେ କେଉଁଠି ଅଛି। ସବୁ ନିଯୁକ୍ତିରେ ଦୁର୍ନୀତିର ଚିତ୍ର ସାମ୍ନାକୁ ଆସୁଛି। ସରକାର କ'ଣ କରୁଛନ୍ତି ବୋଲି କହି ପ୍ରଶ୍ନ କରିଥିଲେ।

ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ନିର୍ବାଚନ ସମୟରେ ଦାଦନ ମୁକ୍ତ କରିବାକୁ ଭାଜପା ସରକାର ପ୍ରତିଶ୍ରୁତି ଦେଇଥିଲେ। ଏଥିନେଇ ଯେଉଁ କମିଟି ଗଠନ ହୋଇଛି ସେଥିରେ କ'ଣ ସବୁ ଖସଡ଼ା ପ୍ରସ୍ତୁତ କରିଛନ୍ତି ତାହା ଗୃହରେ ଉପସ୍ଥାପନ କରାଯାଉ। ରାଜ୍ୟର ଯୁବକ ବାହାର ରାଜ୍ୟକୁ ଯିବାର ମୁଖ୍ୟ କାରଣ ନିଯୁକ୍ତିର ଅଭାବ। ସରକାରଙ୍କ ନିଯୁକ୍ତି ନୀତି କ'ଣ? ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆର୍ଥିକ ସହାୟତାକୁ କେନ୍ଦ୍ର ସରକାର କମାଉଛନ୍ତି। ଦାଦନ ବନ୍ଦ ପାଇଁ ସରକାର କହୁଥିବା ଡ୍ରିମ୍ ପ୍ରୋଜେକ୍ଟ କ'ଣ ତାହା ରାଜ୍ୟବାସୀ ଜାଣିବା ଆବଶ୍ୟକତା ରହିଛି। ରାଜ୍ୟରେ ଗ୍ରାମାଞ୍ଚଳର ରୋଜଗାରର ଉତ୍ସ କମୁଛି। ଶିକ୍ଷିତ ଯୁବକ ବାହାରକୁ ଖଟିବାକୁ ଯାଉଛନ୍ତି। ବେସରକାରୀ କ୍ଷେତ୍ରରେ ନିଯୁକ୍ତି ମିଳୁନାହିଁ। ସବୁ ବିଭାଗରେ ଅଫିସର ମରୁଡ଼ି। ନୂଆ ନିଯୁକ୍ତି ହେଉ ନାହିଁ। ଫଳରେ ବିଭାଗରେ କାମ୍ ଠିକ୍ ହେଉ ନାହିଁ। ବଜେଟର ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ ହେଉଛି। ପୋଲିସ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ, ହେଲେ ନିଯୁକ୍ତିରେ ସ୍ୱଚ୍ଛତା ଆଣିପାରିଲେ ନାହିଁ। ପରୀକ୍ଷା ପ୍ରଶ୍ନପତ୍ର ବାରମ୍ବାର ଲିକ୍ ହେଉଛି। ଏହା ଏକ ବ୍ୟାଧିରେ ପରିଣତ ହୋଇଛି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କମିଟି କେତେ ଥର ବସିଥିଲା ଓ କ'ଣ ଆଲୋଚନା ହୋଇଛି ତାହା ଗୃହରେ ଉପସ୍ଥାପନ କରିବାକୁ ସେ ଦାବି ରଖିଥିଲେ। ଆଲୋଚନାରେ କଂଗ୍ରେସ ସଦସ୍ୟ ସୋଫିଆ ଫିରଦୋସଙ୍କ ସହ ସଦସ୍ୟ ପ୍ରଦୀପ ସାହୁ, ମାଧବ ଧଡ଼ା ଓ ପ୍ରତାପ ଚନ୍ଦ୍ର ନାୟକ, କହ୍ନେଇଚରଣ ଡାଙ୍ଗ, ସନତ କୁମାର ଗଡ଼ତୀୟା ଓ ରଘୁନାଥ ଜଗଦଲା ଭାଗ ନେଇଥିଲେ।

ଉତ୍ତରରେ ଆଇନମନ୍ତ୍ରୀ କହିଥିଲେ, ଏ ସମସ୍ୟା ଗୋଟିଏ ଦିନ କିମ୍ବା ୧୮ ମାସର ସମସ୍ୟା ନୁହେଁ, ଏହା ୨୪ ବର୍ଷର ସମସ୍ୟା। ପ୍ରବାସୀ ଶ୍ରମିକ ବାହାରକୁ ଯିବାର ମୁଖ୍ୟ କାରଣ ରାଜ୍ୟରେ ତାଙ୍କୁ ରୋଜଗାର ଦିଆଯାଇ ପାରିନାହିଁ। ପୂର୍ବ ସରକାରରେ ନିଯୁକ୍ତିରେ କଟକଣା ରହିଥିଲା। ସେ ସମୟରେ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିଲା। 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିଲା। ଫଳରେ ସିବିଆଇ ତଦନ୍ତ ପର୍ଯ୍ୟନ୍ତ କଥା ଯାଇଥିଲା। ଆଉଟ୍‌ସୋର୍ସିଂ ଯେଉଁ ସଂସ୍ଥା ଦେଉଥିଲେ, ସେଠାରେ ଦଳୀୟ ଭିତ୍ତିରେ ନିଯୁକ୍ତି ହେଉଥିଲା। ପୂର୍ବ ସରକାର ଦୁର୍ନୀତିରେ ବୁଡ଼ିକି ଥିଲେ। ଗ୍ରୁପ ସି' ଓ ଗ୍ରୁପ ଡି'କୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। 'ପଲିସି ପାରାଲିସିସ' କାହା ବୁଦ୍ଧିରେ ହୋଇଥିଲା ତାହା ଚିନ୍ତାର ବିଷୟ। ଅନେକ ନିଯୁକ୍ତି କୋର୍ଟ ଫାଇଲରେ ବନ୍ଧା ହୋଇଥିଲା। ଆମେ ସରକାରକୁ ଆସିଲା ପରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ୩୭ ହଜାର ୩୭୧ ସରକାରୀ ନିଯୁକ୍ତି ଦେଇସାରିଛୁ। ଆଉ ୬୫ ହଜାର ନିଯୁକ୍ତି ପ୍ରକ୍ରିୟାରେ ଅଛି। ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଆମର ପ୍ରାଥମିକତା। ୨୦୨୯ ସୁଦ୍ଧା ଆମେ ସମ୍ପୂର୍ଣ୍ଣ ରୂପେ ପ୍ରବାସୀ ଶ୍ରମିକ ବାହାରକୁ କିପରି ନ ଯିବେ ସେନେଇ କାମ ଆରମ୍ଭ କରିଛୁ ବୋଲି ମନ୍ତ୍ରୀ କହିଥିଲେ। ଶାସକ ଓ ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ଏହି ଅବସରରେ ବିରୋଧୀ କଂଗ୍ରେସ ଓ ବିଜେଡି କକ୍ଷତ୍ୟାଗ କରିଥିଲେ।

# ବଦଳିବ ପ୍ରଥମରୁ ଦ୍ୱାଦଶ ପାଠ୍ୟ ପୁସ୍ତକ

ଭୁବନେଶ୍ୱର,୫ା୧୨ (ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ପାଇଁ ରାଜ୍ୟ ସରକାର ପାଠ୍ୟକ୍ରମରେ ଏହି ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ସୂଚନା ଦେଇଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଲେ, ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଡ୍ରାଫ୍ଟ କରିବା ପାଇଁ କମିଟିର ସଭ୍ୟମାନଙ୍କର ତାଲିକା କରାଯାଇଛି। ଜାତୀୟ ପାଠ୍ୟକ୍ରମ ରୂପରେଖର (ଏନ୍‌ସିଏଫ୍) ସମାନ୍ତରାଳରେ ରାଜ୍ୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରାଯିବ। ସେଥିରେ ଓଡ଼ିଶାର ସାଂସ୍କୃତିକ, ଭୌଗୋଳିକ, ଲଜିଷ୍ଟିକ ବିଷୟବସ୍ତୁକୁ ପାଠ୍ୟପୁସ୍ତକରେ ସ୍ଥାନୀତ କରାଯିବ। ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଜାରି ରହିଛି। ସେହିପରି ପର୍ଯ୍ୟାୟକ୍ରମେ ମଧ୍ୟ ଏହି ନୂତନ ପାଠ୍ୟକ୍ରମକୁ ଲାଗୁ କରାଯିବ ବୋଲି ମନ୍ତ୍ରୀ ଗଣ୍ଡ ଗୃହକୁ ଜଣାଇଛନ୍ତି।









"ଆମ ନାକ ଆଗରେ ଯାହା ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧମାନେ ! ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଉଦାର ଭାବେ, ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ପରିଚିତଙ୍କ ହାତରେ ପଦବୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭବିଷ୍ୟତରେ କାର୍ଯ୍ୟକୁ ସୁଚାରୁରୂପେ ସଞ୍ଚାଳନକରିବା ପାଇଁ ସବୁଠାରୁ ନିରାପଦ ଉପାୟ ଉପରେ ଆନ୍ଧ୍ରପ୍ରଦେଶ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏଥିରେ ଏହାର ଶ୍ରେଷ୍ଠ ବାବୁମାନଙ୍କ ପାଇଁ ରହୁଥିବା ସମୟସୀମା ଦୂରକରିବାକୁ ସ୍ଥିର କରିଥିବା ଲକ୍ଷ୍ୟକରାଯାଉଛି। ମୁଖ୍ୟ ଶାସନ ସଚିବ କେ. ବିଜୟାନନ୍ଦ ନଭେମ୍ବର ୩୦ରେ ଅବସର ନେବା କଥା, ହେଲେ ଏବେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ବିଜୟାନନ୍ଦଙ୍କୁ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ରହିବାକୁ କହିଛନ୍ତି। ସରକାରଙ୍କ ଧାରଣା ହେଉଛି, ନିରନ୍ତରତା ଶାସନକୁ ସାହାଯ୍ୟ କରିବ। ଅଣାନୁଷ୍ଠାନିକ ଭାବେ କୁହାଯାଉଛି, ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଯାହାକୁ ବିଶ୍ୱାସ କରନ୍ତି ତାଙ୍କ ବିଷୟରେ ସବୁ ଜାଣନ୍ତି। ତାଙ୍କ ଶାସନର ବିଭିନ୍ନ ଘଟଣା ସ୍ପଷ୍ଟକରେ ଯେ, ସେ ଅଦଳବଦଳ କରିବାରେ ଆଗ୍ରହୀ ନୁହନ୍ତି। ତେବେ ଉତ୍ତରାଧିକାର ବିଷୟକୁ ଦେଖାଯାଉ। ଚାପରେ ଶାନ୍ତ ରହିବା ପାଇଁ ୧୯୯୧ ବ୍ୟାଚ୍ ଅଧିକାରୀ ଜି. ସାଇ ପ୍ରସାଦଙ୍କୁ ଉତ୍ତରାଧିକାରୀ ବୋଲି ଘୋଷଣା କରାଯାଇଛି। ସେ ବର୍ତ୍ତମାନ ଜଳ ସମ୍ପଦ ତଦାରଖ କରୁଛନ୍ତି। ତାଙ୍କୁ ମୁଖ୍ୟତଃ ଜଣେ ଭରସାଯୋଗ୍ୟ, ବିଚକ୍ଷଣ ଅଧିକାରୀ ଭାବେ ଗଣାଗଲେ ମଧ୍ୟ ଅମଲାତାନ୍ତ୍ରିକ ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯାଉ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ନାଇଡୁ କାର୍ଯ୍ୟ କରିବାକୁ ତାଙ୍କ ଅପେକ୍ଷା ଅଧିକ ସକ୍ଷମ। ତେବେ ସମସ୍ୟା ହେଉଛି ସାଇ ପ୍ରସାଦ ମେ'୨୦୨୬ରେ ଅବସର ନେବେ । ଯଦି ଭାରତର ସରକାରଗୁଡ଼ିକ 'ପ୍ରଶାସନିକ ସ୍ଥିରତା' ନାମରେ ରବର ବ୍ୟାଣ୍ଡ୍ ପରି କାର୍ଯ୍ୟକାଳ ସୀମାକୁ ବୃଦ୍ଧି କରିଥାନ୍ତି। ଏହାକୁ ଲକ୍ଷ୍ୟକରି ଆନ୍ଧ୍ର ମଧ୍ୟ କାର୍ଯ୍ୟକାଳ ବୃଦ୍ଧିକରୁଛି। କୌଣସି ଦକ୍ଷ ତଥା ନୂତନ ମୁହଁ ସାମ୍ନାକୁ ଅଣାଯାଉନାହିଁ। କେବଳ ଅଭିଜ୍ଞ ପ୍ରଶାସକ ଯେଉଁମାନେ ବ୍ୟବସ୍ଥାକୁ ଜାଣନ୍ତି, ନେତାଙ୍କୁ ଜାଣନ୍ତି ସେମାନଙ୍କୁ ରଖାଯାଉଛି। ବର୍ତ୍ତମାନ ପାଇଁ ଆନ୍ଧ୍ର ଗୋଟିଏ କଥା ସ୍ପଷ୍ଟ କରିଛି ଯେ, ଶୀର୍ଷ ପଦବୀ ପରିଚିତଙ୍କ ହାତରେ ରହୁଛି।

### ବାର୍‌ମେରର ବାସ୍ତବତା

ଗୋଟିଏ ସପ୍ତାହ ମଧ୍ୟରେ ଭାରତରେ ଗୋଟିଏ ଜିଲ୍ଲା 'ଡିଜିଟାଇଜେଶନ ପାଇଁ ଏକ ଜାତୀୟ ମଡେଲ' ହେବା ଏବଂ ଏହାକୁ ନେଇ ଏକ ବୈଠକରେ ବିରୋଧାଭାଷର ଦୃଶ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା, ଯେଉଁଥିରେ ବାର୍‌ମେର ଜିଲାପାଳ ଟିନା ଡାବିଙ୍କ ନେତୃତ୍ୱରେ ବାର୍‌ମେର ଏସ୍‌ଆଇଆର୍ ମ୍ୟାପିଂର ୧୦୦ ପ୍ରତିଶତ ଡିଜିଟାଇଜେଶନ ହାସଲ କରିଛି ବୋଲି ରିପୋର୍ଟ କରାଯାଇଥିଲା। ଏହାକୁ ଏକ ମାଇଲଖୁଣ୍ଟ ଏବଂ ସମ୍ମାନର କଥା ବୋଲି କୁହାଯାଇଥିଲା। ହେଲେ ଏହା ପରେ ଆସିଥିଲା ଦିଶା ବୈଠକର ଭିଡିଓ। ସେଥିରେ ଜିଲାଟି ଡିଜିଟାଲ ପରିବର୍ତ୍ତନର ନିଆରା ଉଦାହରଣ ପାଲଟିଥିବା ପରି ଦେଖାଗଲା ନାହିଁ। ଏମିତି ହେଲା, ବୈଠକରେ ସାଂସଦ, ବିଧାୟକ ଏବଂ ଉପସ୍ଥିତ ଅଧାଅଧି ଅଧିକାରୀ ଅଭିଯୋଗର ଏକ ଲମ୍ବା ତାଲିକା ନେଇ ସାମ୍ନାକୁ ଆସିଗଲେ। ସ୍ଥାନୀୟ ସାଂସଦ ଉମ୍ମେଦାରାମ ବେନିୱାଲ ଏବଂ ବିଧାୟକ ରବୀନ୍ଦ୍ର ସିଂହ ଭାଟି ଅନେକ ପ୍ରଶ୍ନ ଡାବିଙ୍କୁ ପଚାରିଥିଲେ। ସେ କିଛି ପ୍ରଶ୍ନର ଉତ୍ତର ଦେଲେ, ଅନେକ ପ୍ରଶ୍ନକୁ ଅସମାହିତ ରଖିଲେ। ସତ କହିବାକୁ ଗଲେ, ଭାରତୀୟ ଶାସନରେ ଗୋଟିଏ ପଟେ ଐତିହାସିକ ସଫଳତା ଘୋଷଣା କରାଯାଏ ; ଅନ୍ୟ ପଟେ ପ୍ରାୟତଃ ସେହି କ୍ଷେତ୍ରରେ ତାହାକୁ ନେଇ ପ୍ରଶ୍ନ ଉଠେ। ବାର୍‌ମେରରେ ସବୁକିଛି ଡିଜିଟାଇଜେଶନ ହୋଇଥାଇପାରେ କିମ୍ବା ଆମ ବାବୁମାନେ କେବଳ ପ୍ରଶାସନିକ ସଫଳତାକୁ ରାଜନୈତିକ ରଙ୍ଗମଞ୍ଚରେ ପରିଣତ କରିବାର କଳାକୁ ସିଦ୍ଧ କରିଥାଇପାରିଥାନ୍ତି। ବାବୁ ସାମ୍ରାଜ୍ୟ ଏକ ସମୟରେ ବିଜୟର ଖବର ପ୍ରକାଶ କରିବା ଏବଂ ଲାଇଭ ଭିଡିଓରେ ଅକଳରେ ପଡ଼ି ଅପମାନିତ ହେବା ଦେଖି କେବଳ ଆମେ ଆଶ୍ଚର୍ଯ୍ୟ ହେବା।

### ତେଲଙ୍ଗାନା ହାଇକୋର୍ଟଙ୍କ ହସ୍ତକ୍ଷେପ

ଆଇପିଏସ୍ ଅଧିକାରୀମାନେ ଆଇଏଏସ୍ ସ୍ତରୀୟ ପ୍ରଶାସନିକ ପଦବୀରେ କାହିଁକି ଅଛନ୍ତି ଏବଂ ଏହା ଆଇନଗତ ଚଞ୍ଚକତା ନୁହେଁ କି ବୋଲି ନିକଟରେ ତେଲଙ୍ଗାନା ହାଇକୋର୍ଟ ପ୍ରଶ୍ନ ପଚାରିଛନ୍ତି। ଏଭଳି ନିଯୁକ୍ତି ଭାରତର ପ୍ରଶାସନିକ ସେବା ବ୍ୟବସ୍ଥାର ଜଟିଳ ଦିଗକୁ ସୂଚିତ କରୁଛି। ସତର୍କତାର ସହ ଦାୟିତ୍ୱ ବଣ୍ଟନ କରାଗଲେ ମଧ୍ୟ ତାହା ପ୍ରଶିକ୍ଷଣ, ଗ୍ରହଣୀୟତା ଓ ସାଂଗଠନିକ ସିଦ୍ଧାନ୍ତର ପାର୍ଥକ୍ୟକୁ ପ୍ରତିଫଳିତ କରୁଛି। ସମସ୍ୟା ହେଉଛି, ନିକଟରେ ସରକାରୀ ନିର୍ଦ୍ଦେଶକ୍ରମେ ଆଇଏଏସ୍ ଅଧିକାରୀଙ୍କ ପାଇଁ ସଂରକ୍ଷିତ ବିଭାଗଗୁଡ଼ିକରେ ଷ୍ଟିଫେନ୍ ରବୀନ୍ଦ୍ର, ଶିଖା ଗୋଏଲ ଏବଂ ସିଭି ଆନନ୍ଦଙ୍କ ଭଳି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ପ୍ରମୁଖ ସଚିବ କିମ୍ବା ସ୍ୱତନ୍ତ୍ର ମୁଖ୍ୟ ସଚିବ ଭାବରେ ନିଯୁକ୍ତି ଦିଆଯାଇଛି। ଏକ ଆବେଦନ ଉପରେ ବିଚାର କରି କୋର୍ଟ ରାଜ୍ୟ ସରକାରଙ୍କୁ ଡିସେମ୍ବର ୧୦ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ କହିଛନ୍ତି। ଆଇଏଏସ୍ ଏବଂ ଆଇପିଏସ୍ ଅଦଳବଦଳ ପାଇଁ ନୁହେଁ,ସେଗୁଡ଼ିକ ପୃଥକ୍ ସେବା ଓ ସରକାରୀ ସ୍ତରରେ ସେମାନଙ୍କ କ୍ଷମତା ସୀମିତ। ପ୍ରଶାସନିକ ତଦାରଖ ପାଇଁ ପୋଲିସ ବ୍ୟବସ୍ଥାର ସ୍ୱଚ୍ଛ ଦୃଷ୍ଟିକୋଣ ଆବଶ୍ୟକ। ହେଲେ ପୋଲିସ ଅଧିକାରୀମାନେ ହଠାତ୍ ପ୍ରଶାସନିକ ଅଧିକାରୀ ହୋଇଯାଆନ୍ତି, ନିରପେକ୍ଷତା ଏବଂ ସମୀକ୍ଷା ପ୍ରଭାବିତ ହୋଇଥାଏ। ଆବେଦନକାରୀଙ୍କ ଯୁକ୍ତି, ଏପରି ନିଯୁକ୍ତି ଆଇଏଏସ୍ (କ୍ୟାଡର ଶକ୍ତି ସ୍ଥିରୀକରଣ) ନିୟମାବଳୀ, ୨୦୧୬ ପରି ସାମ୍ବିଧାନିକ ନିର୍ଦ୍ଦେଶର ଉଲ୍ଲଂଘନ କରିପାରେ। ଏଣୁ ଏବେ କେବଳ କୋର୍ଟ ଯାଞ୍ଚର ବିଷୟ ନୁହେଁ ବରଂ ବ୍ୟାପକ ସାର୍ବଜନୀନ ବିତର୍କର କଥା। ନିୟମ ଏବଂ କ୍ୟାଡର ପ୍ରଭେଦ ଅଦ୍ଭୁତ ଲାଗିପାରେ, କିନ୍ତୁ କ୍ଷମତା କେନ୍ଦ୍ରୀକରଣକୁ ରୋକିବା, ସ୍ୱାଧୀନ ସମୀକ୍ଷା ସୁନିଶ୍ଚିତ କରିବା ଏବଂ ଗଣତାନ୍ତ୍ରିକ ଦାୟିତ୍ୱ ବଜାୟ ରଖିବା ପାଇଁ ଏଗୁଡ଼ିକ ରହିଛି। ତେବେ ତେଲଙ୍ଗାନା ହାଇକୋର୍ଟଙ୍କ ହସ୍ତକ୍ଷେପ ସ୍ୱାଗତଯୋଗ୍ୟ।

Email: dilipcherian@gmail.com

# ଗଣତନ୍ତ୍ର କ'ଣ ଦଳ-ମୁଖ୍ୟଙ୍କ ତନ୍ତ୍ର



ସହଦେବ ସାହୁ

ଯେଉଁ ଦଳର କେନ୍ଦ୍ର ସରକାର ସମ୍ବିଧାନ ଦିବସ (ନଭେମ୍ବର ୨୯) ପାଳନ କରି ସମ୍ବିଧାନର ଆଦର୍ଶକୁ ସର୍ବୋଚ୍ଚ ସ୍ଥାନ ଦେଉଛି ସେହି ଦଳର ରାଜ୍ୟ ସରକାର ଏମ୍‌ଏଲ୍‌ଏଙ୍କ ହାତକୁ ସ୍କୁଲ ଶିକ୍ଷକଙ୍କ ବଦଳି ଅଧିକାର ଦେଇ ସିଭିଲ ସର୍ଭିସକୁ ପଲିଟିକାଲ୍ ସର୍ଭିସ୍ କରୁଥିବାର ଉଦ୍ୟମକୁ ଓଡ଼ିଶା ହାଇକୋର୍ଟ ଅସାମ୍ବିଧାନିକ କହିବାର ନଜର ଆସିଛି। କି ବିଡ଼ମ୍ବନା ! ଦରିଦ୍ରତର ପରିସ୍ଥିତିରୁ ଉଠି ପ୍ରଧାନମନ୍ତ୍ରୀ ପଦରେ ପହଞ୍ଚିବାର ସୁଯୋଗ ଯେଉଁ ସମ୍ବିଧାନ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି ସେହି ସମ୍ବିଧାନର ପୁସ୍ତକକୁ ହାତରେ ଧରି ଲୋକ ସଭାରେ ଓ ବାହାରେ ବିରୋଧୀଦଳ ନେତା କହୁଛନ୍ତି ଯେ ଭୋଟ ଚୋରି ଭଳି ଅସାମ୍ବିଧାନିକ କାମ ଶାସକଦଳ କରୁଛି। ଜିତି ନ ପାରିଲେ ନିର୍ବାଚନ ପ୍ରକ୍ରିୟାର ଦୋଷ – ଏ କଥା ପ୍ରତ୍ୟେକ ଦଳ କହୁଛି, ଅଥଚ ସବୁ ଦଳର ପ୍ରତିନିଧି ଯେଉଁ ଆଚରଣବିଧି କରିଛନ୍ତି ତହିଁରେ 'ଆମଦାନୀ ଆଠଣିକୁ ଖର୍ଚ୍ଚା ଟଙ୍କା' ନୀତିକୁ ପ୍ରଶ୍ରୟ ଦିଆଯାଇଛି, ଯାହା ସବୁ ଦୁର୍ନୀତିର ମୂଳ। ନିଜେ ସରକାର ଚଳାଉଥିଲେ ସମ୍ବିଧାନ ଅନୁଯାୟୀ କାମକରୁଛୁ, ଆଉ କିଏ ସରକାର କଲେ ସିଏ ସମ୍ବିଧାନର ଖିଲାପ କରୁଛି – ଏଭଳି କହିବା ଭାରତୀୟ ରାଜନୀତିର ଅଙ୍ଗ ହୋଇଗଲାଣି।

ସମ୍ବିଧାନକୁ କିପରି ଭାବେ ରାଜନୈତିକ ଦଳଗୁଡ଼ିକ ସଂଶୋଧନ କରିଆସୁଛନ୍ତି ତାହା ଆମେ ଜାଣୁ ; ପ୍ରଧାନମନ୍ତ୍ରୀଙ୍କ ଆସନ ବଜାୟ ରଖିବା ଲାଗି ଜରୁରୀ ପରିସ୍ଥିତି ଜାରି ହୋଇଛି, ଦଳଗୁଡ଼ିକୁ ଚାନ୍ଦା ଦେବାର ଆଇନ କରାଯାଇଛି, ନିର୍ବାଚନ-ରଣରେ ଜିତିବା ଲାଗି ଦଳର ଖର୍ଚ୍ଚ ଉପରେ ଲଗାମ ନାହିଁ, ନିର୍ବାଚନରେ ଜିତିବା ପରେ ଶପଥନେଲା କ୍ଷଣି ଦଳର ଅଧସ୍ତନ କର୍ମଚାରୀ ଭଳି ନିଲମ୍ବନ/ବହିଷ୍କାର ଭଳି ଦଣ୍ଡର ଶିକାର ହେବାକୁ ପଡୁଛି। ସରକାରୀ ଅଧିକାରୀ ଆଉ ବିଚାରପତିମାନେ (ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଶାଖାର ବ୍ୟକ୍ତିମାନେ) ଇସ୍ତଫା ଦେଲା କ୍ଷଣି ଇପ୍ସିତ ଦଳ (ସମ୍ଭାବ୍ୟ ଲେଜିସ୍ଲେଚର ଶାଖା)କୁ ଯାଇପାରୁଛନ୍ତି (କୁଲିଂ ଅଫ୍ ପିରିଅଡ୍ ଦରକାର ନାହିଁ): ତେଣୁ ଚାକିରିଥିଲା ବେଳେ ଅଧିକାରୀମାନଙ୍କଠାରୁ ଦଳୀୟ ଆଚରଣ ଆଶାକରାଯାଉଛି କାରଣ ଦଳର ମୁଖ୍ୟ ସନ୍ତୁଷ୍ଟ ହୋଇପାରିଲେ ମୃତ୍ୟୁ ନ ହେଲା ଯାଏ କୌଣସି ନା କୌଣସି ପଦରେ, ଏପରି କି ନାମମାତ୍ର ପରାମର୍ଶଦାତା ବା ମାନ୍ୟଗଣ୍ୟ ରାଜ୍ୟପାଳ ପଦବୀରେ ରହିପାରିବ। ଜନସାଧାରଣରେ ଦଳ ପ୍ରତି ଆଞ୍ଚ ଆଣୁଥିବା ବ୍ୟକ୍ତିକୁ ଆର୍ଥିକ ବା ଅଣଆର୍ଥିକ ଅପରାଧରେ ଲିପ୍ତ କରି ପୋଲିସ ବା ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଦ୍ୱାରା ନିର୍ଯାତିତ କରିହେବ। ଭାରତୀୟ ସମ୍ବିଧାନର ମୂଳ ହେଉଛି ସଂସଦୀୟ ଢାଞ୍ଚା, ସଂସଦର ସଂଖ୍ୟାଗରିଷ୍ଠ ଦଳ ହିଁ ଶାସନମୁଖ୍ୟ ପ୍ରଧାନମନ୍ତ୍ରୀ (ଏକଜିକ୍ୟୁଟିଭ୍ ବା କାର୍ଯ୍ୟପାଳିକା ହେଡ୍) ବାଛିବ, ସେ ହିଁ ପରବର୍ତ୍ତୀ ନିର୍ବାଚନ ଫଳ ଯାଏ ସରକାର (ମନ୍ତ୍ରିପରିଷଦ) ଗଢ଼ିବେ, ସେ ହିଁ ଲେଜିସ୍ଲେଚର୍‌ର କାର୍ଯ୍ୟସୂଚୀ (ଏଜେଣ୍ଡା), କାରବାର (ବିଜନେସ୍) ଓ ଆଇନ-ପ୍ରଣୟନ (ଏନାକ୍ଟମେଣ୍ଟ) ସୂଚୀ ତିଆରି କରିବେ, ଜୁଡିସିଆରିର ମୁଖ୍ୟଙ୍କୁ ନିଯୁକ୍ତି ଦେବେ,



ସେମାନଙ୍କ ବହିଷ୍କାରର ମହାଭିଯୋଗ ଅଣାଇବେ। କାର୍ଯ୍ୟପାଳିକାର ଇଙ୍ଗିତରେ ହିଁ ବିଧାୟିକା କାମକରେ। ବିଧାୟିକା କେତେଦିନ ବସିବ, କି କି କାମ କରିବ, ତାହା କାର୍ଯ୍ୟପାଳିକା କହେ। ଲୋକପ୍ରତିନିଧିମାନେ ହଁ କି ନା ସୂଚାଇ ହାତ ଟେକିବାର ଗୋଟିଏ ଗୋଟିଏ ମୂର୍ତ୍ତି। ଶାସକ ଦଳର ଜଣେ ଅନୁଗତ ସଦସ୍ୟ ରାଜ୍ୟରେ ରାଜ୍ୟପାଳ (କେନ୍ଦ୍ରରେ ପ୍ରେସିଡେଣ୍ଟ) ହୋଇଥିବାରୁ ପାରିତ ହୋଇଥିବା ବିଲ୍‌ଟିକୁ ସମ୍ମତି ଦିଅନ୍ତି ; ତାହା ଆଇନ ହୋଇଯାଏ। ତେଣୁ ଦଳ ହିଁ ସବୁ ଏବଂ ଦଳର ହାଇକମାଣ୍ଡ ବା ସୁପ୍ରିମୋ ହିଁ ସର୍ବମୟ କର୍ତ୍ତା। ଏହି କାରଣରୁ ଆମ ଦେଶରେ ସିଭିଲ୍ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ କରିବାର ପ୍ରଚେଷ୍ଟା ଅହରହ ଚାଲିଛି। ନିର୍ବାଚନରେ ନୂଆ ଦଳ ଗାଦିକୁ ଆସିଲେ ସେ ଦଳର ଆଗ କାମ ଦଳର ପସନ୍ଦ ଅନୁଯାୟୀ ଅଫିସର୍‌ମାନଙ୍କୁ ବଦଳି କରିବା। ବିବିଧ ବେଆଇନ ବା ବିଶୃଙ୍ଖଳ ଅପରାଧରେ ଧରା ହୋଇଥିବା ନେତା ଗାଦିକୁ ଆସିଗଲେ ଆଇନ-ଲାଗୁ କରିଥିବା ଅଫିସରଙ୍କ ଅବସ୍ଥା କ'ଣ ହୁଏ ପାଠକମାନେ ଅନୁମାନ କରିପାରୁଥିବେ।

ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ସରକାରର ତିନୋଟି ଅଙ୍ଗ -ଲେଜିସ୍ଲେଚର, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି- ଭିତରେ ସମ୍ପୂର୍ଣ୍ଣ ଛକାଛକି ବ୍ୟବସ୍ଥାକୁ ମାନୁନାହାନ୍ତି। ଭାରତର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ପଦରୁ ଅବସର ନେଇଥିବା ଭୂଷଣ ରାମକୃଷ୍ଣ ଗବାଇ କହିଛନ୍ତି – ଆମ ଦେଶର ସମ୍ବିଧାନ ଏକ ସଂଘୀୟ ଗଣତନ୍ତ୍ର ଗଢ଼ିଛି, ଯାହା ପୂରା ସ୍ୱଦେଶୀ – ବିଲାତି ନୁହେଁ କି ମାର୍କିନ୍ ନୁହେଁ। ବିଲାତରେ ବିବିଧତା ନାହିଁ, ସଂଘୀୟ ବ୍ୟବସ୍ଥା ନାହିଁ। ଯେଉଁମାନେ କହନ୍ତି ଆମେରିକା ସମ୍ବିଧାନରୁ ଆମେ ସଂଘୀୟ ଢାଞ୍ଚା ଆଣିଛୁ ସେମାନେ ଆମେରିକା କେନ୍ଦ୍ର ସରକାରର ଢାଞ୍ଚାରେ ପରିବର୍ତ୍ତନକୁ ଭୁଲିଯାଆନ୍ତି। ୧୯ଶ ଶତାବ୍ଦୀର ଶେଷ ଯାଏ 'ଯିଏ ଜିତେ ସିଏ ସିକନ୍ଦର' ନ୍ୟାୟରେ ରାଷ୍ଟ୍ରପତି ନିଜର ଲୋକଙ୍କୁ ସରକାରୀ କର୍ମଚାରୀ ଭାବେ ନିଯୁକ୍ତ କରୁଥିଲେ। ଏହି ରୀତିକୁ ସ୍ପଏଲ୍‌ସ ସିଷ୍ଟମ କୁହାଯାଏ। ୧୮୮୩ରେ ପେଣ୍ଡଲଟନ୍ ସିଭିଲ ସର୍ଭିସ୍ ରିଫର୍ମ ଆକ୍ଟ ପାରିତ ହୋଇ କର୍ମକୁଶଳତା ବା ଯୋଗ୍ୟତାଭିତ୍ତିରେ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାର ପ୍ରାବଧାନ ହେଲା, ରାଜନୈତିକ କାରଣରୁ ଚାକିରିରୁ ବହିଷ୍କାର କରାଯିବା ବନ୍ଦ ହେଲା। ୧୯୭୮ରେ ସିଭିଲ ସର୍ଭିସ୍ ରିଫର୍ମ ଆକ୍ଟ ଖୋଲିକରି କହିଛି ଯେ ରାଜନୈତିକ ଅନୁରକ୍ତି କାରଣରୁ ବାଛବିଚାର କରାଯାଇପାରିବ ନାହିଁ। ତଥାପି ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ କହୁଛନ୍ତି ସମ୍ବିଧାନର ଆର୍ଟିକ୍‌ଲ ୨ ତାଙ୍କୁ ଫେଡେରାଲ କର୍ମଚାରୀଙ୍କ ଉପରେ ଅଖଣ୍ଡ ପ୍ରଭୁତ୍ୱ ଦେଇଛି ବୋଲି କହି ସେମାନଙ୍କ ଭିତରୁ କେତେକଙ୍କୁ ବିନାକାରଣରେ ବରଖାସ୍ତ କରିଛନ୍ତି। ତାଙ୍କର ଏପରି ଅର୍ଡରକୁ ୟୁଏସ୍‌ଏର ଫେଡେରାଲ କୋର୍ଟ ନାକଚ କରିଥିଲେ ବି ସେ ସୁପ୍ରିମକୋର୍ଟରେ ପୁନର୍ବିଚାର ପାଇଁ ଦରଖାସ୍ତ କରୁଛନ୍ତି। ତାଙ୍କର ବିରୋଧୀ ବୋଲି ମନେକରୁଥିବା ଲୋକର ଜ୍ଞାତି କୁଟୁମ୍ବଙ୍କୁ ଦଣ୍ଡିତ କରିବାକୁ ଜଷ୍ଟିସ୍ ବିଭାଗକୁ ଲଗାଇଛନ୍ତି। ଜେଫ୍ରୀ ଏପଷ୍ଟିନ୍‌ଙ୍କ ଯୌନକାରବାରରେ ଟ୍ରମ୍ପ କିପରି ଲିପ୍ତ ଥିଲେ ତାହାର ଅନୁସନ୍ଧାନ କରିଥିବା ଆର୍ଟର୍ନି ମିସ୍ କମୀଙ୍କୁ ବିନାକାରଣରେ କରିଥିବା ବରଖାସ୍ତ ବେଆଇନ ବୋଲି ଫେଡେରାଲ କୋର୍ଟ ରାୟ ଦେଇ ନ୍ୟୁୟର୍କର ନୂଆ ଆର୍ଟର୍ନି ଜେନେରାଲ ନିଯୁକ୍ତିକୁ ଅବୈଧ ଘୋଷଣା କରିଛନ୍ତି। ବିରୋଧୀମାନଙ୍କ ବିରୋଧରେ ଜଷ୍ଟିସ୍ ଡିପାର୍ଟମେଣ୍ଟକୁ ଲଗାଇ ଫୌଜଦାରି ମାମଲା ଆଣିବାରେ ବିଫଳତା ଟ୍ରମ୍ପଙ୍କୁ ଗୋଟିଏ ବଡ଼ ଧକ୍କା। ସିଭିଲ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ କରିବାରେ ବିଫଳତା ଟ୍ରମ୍ପଙ୍କ ପଲିଟିକ୍ସ ଉପରେ ଏକ କୁଠାରାଘାତ ହେଲେ ବି ସେ ବିରୋଧୀଙ୍କ ଉପରେ ପ୍ରତିହିଂସାପରାୟଣତା ଦେଖାଉଛନ୍ତି। ଆମ ଦେଶର ସମ୍ବିଧାନ ବ୍ୟବସ୍ଥା ଭଳି ଆମେରିକାର ସମ୍ବିଧାନ ପ୍ରେସିଡେଣ୍ଟଙ୍କୁ ରାଜନୈତିକ ନିଯୁକ୍ତିଗୁଡିକୁ (ପଲିଟିକାଲ୍ ଆପଏଣ୍ଟମେଣ୍ଟ) ବାତିଲ କରିବାର କ୍ଷମତା ଦେଇଛି– ଯଥା ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ଅନ୍ୟ ଉଚ୍ଚ ପଦାଧିକାରୀ। କିନ୍ତୁ ଲାଇନ୍ ପ୍ରସିକ୍ୟୁଟର ଭଳି ଫେଡେରାଲ କର୍ମଚାରୀମାନଙ୍କ ଚାକିରି ସିଭିଲି ସର୍ଭିସ୍ ନିୟମ ଦ୍ୱାରା ସୁରକ୍ଷିତ ରହିଛି।

ସିଭିଲ ସର୍ଭିସ୍ ଆଇନ ସୂଚାଏ ଯେ ନିର୍ବାଚନ ଭଉଁରି ସତ୍ତ୍ୱେ ପ୍ରଶାସନକୁ ସ୍ଥିର ରଖିବ ସିଭିଲ ସର୍ଭିସ୍, ଗୋଟିଏ ନିର୍ବାଚିତ ଦଳର ସରକାର ବଦଳି ଆଉ ଗୋଟିଏ ନିର୍ବାଚିତ ଦଳର ସରକାର ଆସିଲେ ବି ସରକାର ବା ପ୍ରଶାସନ ମଧ୍ୟବର୍ତ୍ତୀ କାଳ ପାଇଁ ଭାଙ୍ଗିଯିବ ନାହିଁ, ଚାଲୁ ରହିଥିବ, ଏହା ନିଶ୍ଚିତ କରେ ରାଜନୀତି-ନିରପେକ୍ଷ ସିଭିଲ ସର୍ଭିସ୍। 'ସିଭିଲ ସର୍ଭିସ୍ ଲ' ନ ମାନି ଶାସନ ଚାଲିଲେ ଦଳର ଖୋସାମତିଆମାନେ ଶାସନ-ଭାର ବହିବାକୁ ଆସିଯିବେ – ଦଳର କର୍ମୀମାନେ ଶାସନ ଚଳାଇବେ ତ ଫାସିବାଦ ବା ଦଳତନ୍ତ୍ର ଚାଲିବ, ଲୋକତନ୍ତ୍ର ନୁହେଁ। ଦିନ ଆସିବ ଯେତେବେଳେ ବିଧାୟକମାନେ କହିବେ ଆମେ ଆଇନ ତିଆରି କରି ଲାଭ କ'ଣ ଯଦି ସରକାର (ଏକ୍‌ଜିକ୍ୟୁଟିଭ୍) ତାକୁ ମାନିବ ନାହିଁ? ପାର୍ଲାମେଣ୍ଟ ରହି ଲାଭ କ'ଣ ଯଦି ନିର୍ବାଚନରେ ଜିତିଥିବା ଦଳର ନେତା ତ ସବୁକିଛି? ରୁଡୟାର୍ଡ କିପ୍‌ଲିଙ୍ଗଙ୍କ ଭାଷାରେ ଯେଉଁ ଜଙ୍ଗଲତନ୍ତ୍ର ଚାଲିବ ତାହାର ଆଲ୍ଫା ମେଲ୍ ବା ଫିମେଲ୍ ହେବେ ରାଜନୈତିକ ଦଳର ନେତା ବା ନେତ୍ରୀ। ବାଂଲାଦେଶ ସୃଷ୍ଟି ପରେ ଇନ୍ଦିରା ଗାନ୍ଧୀ ସେଠାକାର ପ୍ରଧାନମନ୍ତ୍ରୀ ସେଖ୍ ମୁଜିବୁର ରହମନ୍‌ଙ୍କୁ ପରାମର୍ଶ ଦେଇଥିଲେ ପ୍ରତି ଜିଲାରେ ତାଙ୍କ 'ଆୱାମୀ ଲିଗ୍' ଦଳର ଜଣେ ଜଣେ ମୁଖ୍ୟ ସଦସ୍ୟଙ୍କୁ ଡିଷ୍ଟ୍ରିକ୍ଟ କମିସନର୍ କରନ୍ତୁ ଯିଏ ବ୍ୟୁରୋକ୍ରାଟ୍‌ଙ୍କୁ କଣ୍ଟ୍ରୋଲ କରିବେ। ଆମ ଦେଶରେ ବି ପ୍ରଚାର ହୋଇଗଲା ଯେ ପ୍ରତି ଜିଲାପାଳଙ୍କ ଅଫିସ୍‌ରେ ସମାନ ଆସନର ଅଧିକାରୀ ହୋଇ ସ୍ଥାନୀୟ ଏମ୍‌ପି ବସିବେ ଏବଂ ଜିଲାପାଳ ତାଙ୍କର ପରାମର୍ଶ ନେବେ। ଆଶ୍ୱସ୍ତିର କଥା ଯେ ସେ ପ୍ରସ୍ତାବ ଆପେ ଆପେ ଲୁଚିଗଲା। ଇତିହାସ ଏ ଯାଏ ଦେଖାଇଛି ଆମ ସମ୍ବିଧାନ ସମ୍ପୂର୍ଣ୍ଣ ସ୍ୱଦେଶୀ ; ମଝିରେ ମଝିରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପାଇଥିବା ଦଳ ହିଁ ତା' ଭିତରେ ଫାସିବାଦୀ ଖିଲ ଠୁଙ୍କେଇଛନ୍ତି ଯାହା ପରେ ଉଖାଡ଼ିଦିଆ ହୋଇଛି।

sahadevas@yahoo.com

# ସ୍ମାର୍ଟ ସିଟି ଲୋକର ବ୍ୟଥା



ପଞ୍ଚାନନ ଅଗ୍ରୱାଲ

ପ୍ରବଳ ଶୀତରେ କିଛି ବେସାହାରା ଲୋକ ପୋଲ ତଳେ, ଦୋକାନ ପିଣ୍ଡାରେ, ପାର୍କ ବେଞ୍ଚ ଉପରେ କଟାଉଥିବା ଦେଖାଯାଏ। ସେମାନଙ୍କ ମଧ୍ୟରୁ କୌଣସି ବୃଦ୍ଧାବୃଦ୍ଧ ରୋଗୀଙ୍କ ଜୀବନଦୀପ ସେହି ଅନ୍ଧାର ରାତିରେ ଲିଭିଯାଇଥାଏ, ତାହା ସାମ୍ନାକୁ ଆସିପାରେ ନାହିଁ। ଏଭଳି ମୃତ୍ୟୁ ସାମାଜିକ ବ୍ୟବସ୍ଥାର ତ୍ରୁଟି । ଏହା ସମାଜର ସମ୍ବେଦନ ହୀନତାର କ୍ରୂର ଆଇନ ।

କିଛିଦିନ ପୂର୍ବେ ସେଣ୍ଟ ଫର୍ ହୋଲିଷ୍ଟିକ ଡେଭଲପ୍‌ମେଣ୍ଟ ପକ୍ଷରୁ ତଥ୍ୟ ମିଳିଥିଲା କି ନଭେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ଦିଲ୍ଲୀରେ ୪୭୪ ଜଣ ବାସହୀନ ଲୋକଙ୍କ ଥଣ୍ଡାରେ ମୃତ୍ୟୁ ହୋଇଛି। ଏହି ତଥ୍ୟ ଜିଲାସ୍ତରରୁ ଡାକ୍ତରଖାନାର ଦସ୍ତାବିଜର ସର୍ଭେ ଆଧାରିତ ଥିଲା। ରାଷ୍ଟ୍ରୀୟ ମାନବାଧିକାର କମିଶନ ଏଥି ନିମନ୍ତେ ସ୍ୱତଃପୂର୍ବକ ଦିଲ୍ଲୀ ପ୍ରଶାସନକୁ ବିସ୍ତୃତ ରିପୋର୍ଟ ମାଗିଥିଲେ। ବାସ୍ତବିକ ତଥ୍ୟ ଆହୁରି ଅଧିକ ହେବ। ଫୁଟ୍‌ପାଥ ଉପରେ ପଡ଼ିଥିବା ଶବକୁ ଅଜ୍ଞାତ କହି ଦାହ କରାଯାଉଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ ଶତକଡ଼ା ୮୦ଭାଗ ମୃତ୍ୟୁ ପରିଚୟହୀନ ଭାବେ ହଜିଯାଉଛି। ବର୍ତ୍ତମାନ ଶୀତ ଲହରି ଅତୀତଠାରୁ ଅଧିକ ଘାତକ ଦେଖାଯାଉଛି। ଏହି ସଙ୍କଟ ଦିଲ୍ଲୀରେ ସୀମିତ ନୁହଁ। କାନପୁରରେ ୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ୯୮ଜଣଙ୍କ ମୃତ୍ୟୁ ହୋଇଥିଲା। ଏନ୍‌ଏଚ୍‌ଆର୍‌ସି ଅକ୍ଟୋବର ୨୦୨୫ରେ ୧୯ ରାଜ୍ୟ ଆଉ ୪ଟି କେନ୍ଦ୍ରଶାସିତ ପ୍ରଦେଶକୁ ଚେତାବନୀ ଜାରି କରିଥିଲା, ଯେଉଁଥିରେ ବାସହୀନ, ନବଜାତ ଶିଶୁ, ବୃଦ୍ଧାବୃଦ୍ଧ ଓ ଗରିବ ଲୋକଙ୍କୁ ଶୀତ ଦାଉରୁ ବଞ୍ଚାଇବା କାର୍ଯ୍ୟ କରୁ, କିନ୍ତୁ ଚେତାବନୀ ସରକାରୀ କାଗଜ ଭିତରେ ସୀମିତ ।

୨୦୧୧ ଜନଗଣନା ଅନୁସାରେ, ଦେଶର ସହରୀ କ୍ଷେତ୍ରମାନଙ୍କରେ ୯,୩୮,୩୪୮ ଲୋକ ବାସହୀନ ଥିଲେ। ବର୍ତ୍ତମାନ ଏହାର ସଂଖ୍ୟା ଦେଢ କୋଟିକୁ ଟପିଯାଇଛି। ଦିଲ୍ଲୀରେ କେବଳ ୩ରୁ ୪ଲକ୍ଷ ବାସହୀନ ଲୋକ ଅଛନ୍ତି, ଯେଉଁମାନେ ମୁଖ୍ୟତଃ ପ୍ରବାସୀ ଶ୍ରମିକ, ରିକ୍ସାଚାଳକ, ପରିବା ବିକ୍ରେତା, ଘର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନେ ଅଛନ୍ତି। ଅଗଷ୍ଟ ୨୦୨୪ରେ କରାଯାଇଥିବା ଗଣତିରେ ୧ଲକ୍ଷ ୫୬ହଜାର ୩୬୯ ଲୋକ ରାତି ୧୧ଟାରୁ ସକାଳ ୫ଟା ୩୦ ଯାଏ ସଡ଼କ କଡ଼ରେ ଶୋଇଥିବା ଦେଖାଯାଇଥିଲା। ଏମାନେ ସକାଳ ୪ଟାରୁ ରିକ୍ସା ଚାଳନା କରନ୍ତି, ବଜାରରେ ଫଳ ପରିବା ବିକନ୍ତି, ଘରମାନଙ୍କରେ ଝାଡୁ ମାରନ୍ତି,



ସନ୍ଧ୍ୟା ହେଲେ ଏମାନଙ୍କୁ ଛାତଟିଏ ମିଳେ ନାହିଁ।

ସହରୀକରଣ ଯୋଗୁ ଗାଁ ଖାଲି ହୋଇ ସହର ବୃଦ୍ଧି ହେବାରେ ଲାଗିଛି। ୨୦୪୧ ପର୍ଯ୍ୟନ୍ତ ଦିଲ୍ଲୀ ମାଷ୍ଟରପ୍ଲାନ ଅନୁସାରେ ସହର ସ୍ମାର୍ଟ ହେବାର ସ୍ୱପ୍ନ ଦେଖୁଛି, କିନ୍ତୁ ବାସହୀନ ଲୋକଙ୍କ କଥା କେହି ଶୁଣିବାର ନାହିଁ।

ଭୁବନେଶ୍ୱର ସାଲିଆ ସାହି ଉଚ୍ଛେଦର ତୃତୀୟ ଦିନରେ ୫୫୬ ଘର ମାଟିରେ ମିଶିଛି। ନିଜ ଜିଦ୍‌ରେ ଅଟଳ ରହି କିଛି ପରିବାର ଲୋକ ଖୋଲା ପଡ଼ିଆରେ ଯାଇ ପାଲ ତଳେ ଦିନ କାଟୁଛନ୍ତି। ଓଳିଏ ଖାଇଲେ ଆଉ ଓଳିକୁ ଉପବାସ। ଛୋଟ ପିଲା, ବୃଦ୍ଧାବୃଦ୍ଧ ଖରା କାକରରେ ପଡ଼ିରହିଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ଘର, ଏଥିରେ ସମସ୍ତଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଥିଲା। ହେଲେ ବାସହୀନ ଲୋକଙ୍କ ସଂଖ୍ୟା କମ୍ ହେବା ସ୍ଥାନରେ ଏହା ବୃଦ୍ଧି ପାଇଲା। ସରକାର କହୁଛନ୍ତି ପ୍ରତି ୨୦ ମିନିଟରେ ୧୫୦ ଘର ନିର୍ମାଣ ଚାଲିଛି। କିନ୍ତୁ ଏ ସବୁ କାଗଜରେ ରହିଯାଉଛି। ସେପ୍ଟେମ୍ବର ୨୦୨୫ରେ ମନ୍ତ୍ରଣାଳୟ ରାଜ୍ୟମାନଙ୍କ ସହ ସମୀକ୍ଷା କଲା, କିନ୍ତୁ ସମୟ ଅନୁସାରେ କେନ୍ଦ୍ରୀୟ ସହାୟତା ନ ମିଳିବାରୁ ପ୍ରଗତି କାର୍ଯ୍ୟ ବନ୍ଦ ହେଲା।

ରୈନବସେରା ରାତ୍ରି ଆଶ୍ରୟସ୍ଥଳୀ ବାସହୀନଙ୍କ ପାଇଁ ସମାଧାନ କୁହାଯାଏ। କିନ୍ତୁ ଏହାର ଅବସ୍ଥା ଦେଖିଲେ ଆହୁରି ନୈରାଶ୍ୟଜନକ । ଦିଲ୍ଲୀ ଅର୍ବାନ ସେଲ୍‌ଟର ଇମ୍‌ପ୍ରୁଭମେଣ୍ଟ ବୋର୍ଡ ଅନୁସାରେ ସହରରେ ୩୨୫ଟି ରୈନବସେରା ଅଛି। ଯେଉଁଥିରେ ମୋଟ ୧୬୩୩୮ ଜଣ ଶୋଇପାରିବେ। କିନ୍ତୁ ୱିଣ୍ଟର ଆକ୍ଶନ ପ୍ଲାନ ୨୦୨୪-୨୫ ଅନୁସାରେ ୧୯୭ ଗୋଟି ସ୍ଥାୟୀ ବସେରାରୁ ୮୨ଗୋଟି କାର୍ଯ୍ୟ କରୁଛି। କ୍ଷମତା ମାତ୍ର ୭୦୯୨ ଜଣଙ୍କର ଅଛି। ବାକି ସବୁ କ୍ୟାବିନ ଆଉ ତମ୍ବୁ ମାଧ୍ୟମରେ ଚାଲିଛି। ମହିଳାଙ୍କ ୧୭ଟି ଆଶ୍ରୟସ୍ଥଳୀ ଅଛି। ମାଷ୍ଟରପ୍ଲାନ ମୁତାବକ ୩୩୦ରୁ ୩୫୦ ସ୍ଥାୟୀ ରୈନବସେରା ହେବା କଥା।

ରାଷ୍ଟ୍ରୀୟ ମାନବାଧିକାର କମିଶନ ପକ୍ଷରୁ ବାସହୀନଙ୍କୁ ଭିକାରି କିମ୍ବା ନିଶାଖୋର କୁହାଯାଉଛି ତାହା ବଡ଼ ଦୁଃଖର କଥା। ବାସହୀନ ଲୋକଙ୍କ ସମସ୍ୟାର ସମାଧାନ ସମ୍ଭବ, ଏଥିପାଇଁ ଇଚ୍ଛାଶକ୍ତି ଦରକାର। ପ୍ରତ୍ୟେକ ସହରର ବ୍ୟାପକ ସର୍ବେକ୍ଷଣ ଜରୁରୀ, କେତେ ବାସହୀନ ଲୋକ ଅଛନ୍ତି ତାହାର ଠିକ୍ ସଂଖ୍ୟା ଜାଣିବା ଦରକାର। ପ୍ରତ୍ୟେକର ବଞ୍ଚିବାର ମୌଳିକ ଅଧିକାର ଅଛି, କିନ୍ତୁ ଗରିମାପୂର୍ଣ୍ଣ ଜୀବନଯାପନର ଅର୍ଥ ମୁଣ୍ଡ ଉପରେ ଛାତ, ପେଟ ପାଇଁ ଭାତ ନିହାତି ଦରକାର।

**ରାଧିକା ଟାୱାର, ଟଙ୍କପାଣି ରୋଡ୍**
**ଭୁବନେଶ୍ୱର ମୋ -୯୭୭୭୭୪୦୭୧**

## ଏଇ ଭାରତରେ

ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପୋଲିସରେ ନିଯୁକ୍ତି ମିଳିଥାଏ। ଏଥିପାଇଁ ଅଶାୟୀମାନେ ବୟସ ସୀମା ମଧ୍ୟରେ ନିଜକୁ ପ୍ରସ୍ତୁତ କରିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକେ କୃତକାର୍ଯ୍ୟ ହେବାବେଳେ ଅନେକେ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଲୋକଙ୍କୁ ଟ୍ରାଫିକ ପୋଲିସ ହେବାର ସୁଯୋଗ ଦେଉଛି । 'ଦିନକ ପାଇଁ ଟ୍ରାଫିକ ପୋଲିସ ହୁଅନ୍ତୁ' କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍‌ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ପରେ ସ୍ୱେଚ୍ଛାସେବୀଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ସିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ମଧ୍ୟ ଦିଆଯାଉଛି। ବାସ୍ତବରେ ଛକଗୁଡ଼ିକରେ ଟ୍ରାଫିକ ପୋଲିସ ସମ୍ମୁଖୀନ ହେଉଥିବା ପ୍ରକୃତ ସମସ୍ୟା ସମ୍ପର୍କରେ ସେମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୬ ଡିସେମ୍ବର ୧୯୭୬

- ଭାରତର ବେସାମରିକ ବିମାନ ଚଳାଚଳ ସଂସ୍ଥା ଏୟାର ଇଣ୍ଡିଆ ଦୁଇଟି ବୋଇଙ୍ଗ-୭୪୭ ବିମାନ କିଣିବା ଲାଗି ସରକାର ଅନୁମୋଦନ କରିଛନ୍ତି।
- ପାର୍ଲାମେଣ୍ଟର ଉଭୟ ଗୃହରେ ଗୃହୀତ ହେଇସାରିଥିବା ୪୪ତମ ସମ୍ବିଧାନ ସଂଶୋଧନ ବିଲ୍ ମହାରାଷ୍ଟ୍ର ବିଧାନସଭାରେ ଅନୁମୋଦିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 3 | | | | | 7 |
| 5 | | 2 | | | | | 4 | |
| | | | | | 6 | | | |
| | | 8 | 9 | | | | | |
| | | | | 1 | | 4 | | |
| | | | | 8 | 4 | 1 | 2 | |
| | | 7 | | | 9 | | 5 | |
| 3 | 9 | 5 | | 4 | 7 | | | |
| | | | 2 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଠାରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 1 | 3 | 6 | 2 | 7 | 4 |
| 6 | 1 | 2 | 5 | 4 | 7 | 8 | 3 | 9 |
| 3 | 4 | 7 | 9 | 2 | 8 | 5 | 1 | 6 |
| 1 | 8 | 3 | 7 | 9 | 2 | 4 | 6 | 5 |
| 2 | 6 | 4 | 8 | 5 | 3 | 1 | 9 | 7 |
| 5 | 7 | 9 | 6 | 1 | 4 | 3 | 8 | 2 |
| 8 | 9 | 1 | 4 | 7 | 5 | 6 | 2 | 3 |
| 4 | 2 | 6 | 3 | 8 | 9 | 7 | 5 | 1 |
| 7 | 3 | 5 | 2 | 6 | 1 | 9 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କଳର ମନ୍ଥର ଗତି

ମହାଶୟ,

କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନରମାନେ ପ୍ରତି ୧୦ ବର୍ଷରେ ଥରେ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ବେତନ ଓ ପେନ୍‌ସନ ପାଇଥାନ୍ତି। ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ଗତ ୨୦୧୬ ମସିହାରେ ସେମାନେ ଏହି ସୁବିଧା ପାଇଥିଲେ। ଆଗାମୀ ୨୦୨୬ ଜାନୁୟାରୀରୁ ସେମାନେ ଅଷ୍ଟମ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ବେତନ ପାଇବା କଥା। କେନ୍ଦ୍ର ସରକାର ଗତ ଜାନୁୟାରୀରେ ଅଷ୍ଟମ ବେତନ କମିଶନ ନିଯୁକ୍ତି କରିବାକୁ ନିଷ୍ପତ୍ତି ନେଲେ। ଗତ ଅକ୍ଟୋବର ୨୬ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ଏହି ନିଷ୍ପତ୍ତିକୁ ମଞ୍ଜୁରୀ ଦେଲା। ଏହା ପରେ ବେତନ କମିଶନ ନିଯୁକ୍ତି ପାଇବେ। ସେମାନେ ୧୮ ମାସ ମଧ୍ୟରେ ରିପୋର୍ଟ ଦେବେ। ଅଧିକ ସମୟ ମଧ୍ୟ ଆବଶ୍ୟକ ହୋଇପାରେ। ସେମାନଙ୍କ ରିପୋର୍ଟ ମିଳିବା ପରେ କ୍ୟାବିନେଟ ସବ୍‌କମିଟି ତାକୁ ତର୍ଜମା କରିବ। ସେମାନଙ୍କର ଚୂଡ଼ାନ୍ତ ରିପୋର୍ଟକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେବା ପରେ ବେତନ ନିର୍ଦ୍ଧାରଣ ସଂକ୍ରାନ୍ତରେ ଏକ ନିୟମାବଳୀ ପ୍ରସ୍ତୁତ ହେବ ଓ ତା'ପରେ ବେତନ ନିର୍ଦ୍ଧାରଣ ହେବ। ଏହା ଏକ ବିଳମ୍ବିତ ପ୍ରକ୍ରିୟା ହୋଇଥିବାରୁ ଏ ସରକାର ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ୨୦୨୮ ମସିହା ପୂର୍ବରେ ଏହି ସୁବିଧା ମିଳି ନ ପାରେ। ସରକାରୀ କଳର ଏହି ମନ୍ଥର ଗତି ନିଶ୍ଚିତ ଭାବେ କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା-ପବନ-ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# କାଚବାଟି ଗିଳି ଶିଶୁକନ୍ୟା ମୃତ

ଢେଙ୍କାନାଳ,୫।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ନଡ଼ିଆଳୀ ଗ୍ରାମର ପ୍ରଦୀପ ସେଠୀଙ୍କ ୪ବର୍ଷର ଝିଅ ଶୁଭଶ୍ରୀ ଶୁକ୍ରବାର ଏକ କାଚବାଟି ଗିଳି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଶିଶୁ କନ୍ୟାଟି କାଚବାଟି ଗିଳି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପୂର୍ବାହ୍ନ ସାଢେ ୧୧ଟା ସମୟରେ ମୃତ୍ୟୁ ଘଟିଥିଲା।

# ୪୭ ଗଣଶିକ୍ଷକ ବହିଷ୍କୃତ ହୋଇଛନ୍ତି: ମନ୍ତ୍ରୀ

ଭୁବନେଶ୍ୱର,୫।୧୨ (ରବିନାରାୟଣ ଜେନା)

ରାଜ୍ୟରେ ୪୭ ଜଣ ଗଣଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଛାନ୍‌ଭିନ୍ କରାଯିବା ପରେ ସମ୍ପୃକ୍ତ ୪୭ଜଣ ଗଣଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

## ଜାଲ୍ ସାର୍ଟିଫିକେଟ୍

ସଦସ୍ୟ ପ୍ରଦୀପ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ପୁନଃ ନିଯୁକ୍ତି ପାଇଁ ୪୨ ଜଣ ଶିକ୍ଷକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତନ୍ମଧ୍ୟରୁ ୨ ଜଣ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବଳରେ ଅଧୁନା କାର୍ଯ୍ୟରତ ଅଛନ୍ତି। ୨୪ ଜଣଙ୍କୁ ପୁନଃ ନିଯୁକ୍ତି ନିର୍ଦ୍ଦେଶ ଉପରେ ପୁନର୍ବିଚାର ମାମଲା ଉଚ୍ଚନ୍ୟାୟାଳୟଙ୍କ ନିକଟରେ ବିଚାରାଧୀନ ରହିଛି। ଅନ୍ୟ ୧୬ ଜଣଙ୍କ ପୁନଃ ନିଯୁକ୍ତି ନିର୍ଦ୍ଦେଶ ଉପରେ ପୁନର୍ବିଚାର ପାଇଁ ମାମଲା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦାଏର କରାଯିବା ପ୍ରକ୍ରିୟା ଜାରିରହିଛି। ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି ଯେ, କେବଳ ବୌଦ୍ଧ ଜିଲାରେ ୪୦ଜଣ ଗଣଶିକ୍ଷକଙ୍କ ମଧ୍ୟରୁ ୩୮ଜଣ ଉଚ୍ଚନ୍ୟାୟାଳୟରୁ ପୁନଃ ନିଯୁକ୍ତି ପାଇଁ ଆଦେଶ ଆଣିଥିବାବେଳେ ୨ଜଣ ଆଣି ନାହାନ୍ତି। ସେହିପରି ଗଞ୍ଜାମରୁ ଜଣେ, ଯାଜପୁରରୁ ୩ଜଣ, କନ୍ଧମାଳରୁ ୨, ସୁନ୍ଦରଗଡ଼ରୁ ଜଣେ ଗଣଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଭିଯୋଗରେ ବହିଷ୍କାର କରାଯାଇଥିଲା। ଏଥିମଧ୍ୟରୁ ସମୁଦାୟ ୪୨ଜଣ ଗଣଶିକ୍ଷକ ହାଇକୋର୍ଟରୁ ପୁନଃ ନିଯୁକ୍ତି ଲାଗି ଆଦେଶ ପାଇଥିବା ମନ୍ତ୍ରୀ ଦର୍ଶାଇଛନ୍ତି।

# କନ୍ୟା ବିବାହ ପାଇଁ ମିଳିବ ୫୧ ହଜାର

ଭୁବନେଶ୍ୱର,୫।୧୨ (ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା(ଏମ୍‌କେବିୱାଇ) ପାଇଁ ଆସିଲା ନୂଆ ଗାଇଡ୍‌ଲାଇନ। ଏଣିକି କନ୍ୟା ବିବାହ ନିମନ୍ତେ ରାଜ୍ୟ ସରକାର ଦେବେ ୫୧ ହଜାର ଟଙ୍କା। ଏନେଇ ଶୁକ୍ରବାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଚିଠି କରିଛନ୍ତି। ଗାଇଡ୍‌ଲାଇନ ଅନୁଯାୟୀ, କନ୍ୟାର ବୟସ ୧୮ରୁ ୩୫ ବର୍ଷ ହୋଇଥିବା ବେଳେ ପୁଅର ବୟସ ୨୧ରୁ ୩୫ ବର୍ଷ ହୋଇଥିବ। ବିବାହ ପାଇଁ କନ୍ୟାଙ୍କୁ ୫୧ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ବିବାହ ରେଜିଷ୍ଟ୍ରେଶନର ୭ଦିନ ମଧ୍ୟରେ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ୩୫ ହଜାର ଟଙ୍କା ଦିଆଯିବ। କନ୍ୟାର ଶାଢ଼ୀ, ଚୁଡ଼ି, ଚପଲ, ଟିକିଲି ଇତ୍ୟାଦି କିଣିବା ନିମନ୍ତେ ଉପହାର ବାବଦରେ ୧୦ହଜାର ଟଙ୍କା ଦିଆଯିବ। ସେହିପରି ବିବାହରେ ସାଜସଜ୍ଜା ନିମନ୍ତ ଆୟୋଜନ କରୁଥିବା ସଂସ୍ଥାକୁ ୬ହଜାର ଟଙ୍କା ପ୍ରଦାନ କରାଯିବ। ଏହି ସୁବିଧା ବିଶେଷକରି ବିଧବା, ଦିବ୍ୟାଙ୍ଗ, ଏସି/ଏସ୍‌ଟି ଏବଂ ଆର୍ଥିକ ଅନଗ୍ରସର କନ୍ୟାକୁ ମିଳିବ। ତେବେ ଏଥିପାଇଁ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଚୂଡ଼ାନ୍ତ ଅନୁମୋଦନ ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।






# ସାରଥିଙ୍କ ବିରୋଧରେ ଚାଲିବ ମାମଲା

- ସ୍ୱତନ୍ତ୍ର ଏସ୍‌ସିଏସ୍‌ଟି ଅଦାଲତରେ ଚାର୍ଜଫ୍ରେମ୍
- ଜାନୁଆରୀ ୧୬ରେ ପରବର୍ତ୍ତୀ ଶୁଣାଣି

କଟକ,୫।୧୨(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ଆତ୍ମଘୋଷିତ ବାବା ସାରଥି ଓରଫ ସନ୍ତୋଷ ରାଉଳ, ତାଙ୍କ ପୁଅ ସତ୍ୟମ ଶେଖର ଓ ଅନ୍ୟ ୪ ଜଣଙ୍କ ବିରୋଧରେ କଟକ ସ୍ୱତନ୍ତ୍ର ଏସ୍‌ସି/ଏସ୍‌ଟି ଅଦାଲତ ଚାର୍ଜଫ୍ରେମ କରିଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚରେ ରୁଜୁ ମାମଲାରେ ଏହି ଚାର୍ଜଫ୍ରେମ ହୋଇଛି। ସ୍ୱତନ୍ତ୍ର କୋର୍ଟରେ ଚାର୍ଜଫ୍ରେମ ସମୟରେ ସାରଥି ଆଭାସି ମାଧ୍ୟମରେ ଉପସ୍ଥିତ ଥିଲେ। ଏହାପରେ ଆଗକୁ ସାରଥିଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଚାଲିବ। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଜାନୁଆରୀ ୧୬କୁ ଧାର୍ଯ୍ୟ କରାଯାଇଛି।

ସୂଚନାନୁସାରେ, ଭାରତୀୟ ଦଣ୍ଡବିଧି ଆଇନର ୧୨୦(ବି), ୪୨୦, ୪୬୭, ୪୬୮, ୪୭୧, ୫୦୬, ୪୨୩, ୪୦୬, ୩୭୯, ୪୧୧, ୩୪୧, ୨୧୨, ୪୧୪ ଓ ୩୪ ଦଫା ସମେତ ଥାର୍ଡ ଏସ୍‌ସି ଏସଟି ଆକ୍ଟ ଏବଂ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଧାରା ୨୫ ଅନୁସାରେ ଚାର୍ଜଫ୍ରେମ ହୋଇଥିବା ଜଣାଯାଇଛି। ନିଜକୁ ଭଗବାନ ବୋଲି ପରିଚୟ ଦେବା, ନିଜ ହାତରୁ ମହୁ ଝରୁଥିଲା ବୋଲି କହି ଠକେଇ କରିବା ଆଦି ଅଭିଯୋଗ ସାରଥିଙ୍କ ନାମରେ ରହିଛି। ସାରଥୀ ଏସ୍‌ସି ଏସ୍‌ଟି ଲୋକଙ୍କୁ ଠକି ସେମାନଙ୍କ ସମ୍ପତ୍ତି ହଡ଼ପ କରିଥିବା ଅଭିଯୋଗ ରହିଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ବାବା ସାରଥି ଓରଫ ସନ୍ତୋଷ ରାଉଳ ୨୦୧୫ ଅଗଷ୍ଟରେ ଗିରଫ ହୋଇଥିଲେ। ପ୍ରାୟ ଚାରିବର୍ଷ ଜେଲରେ ରହିବା ପରେ ୨୦୧୯ରେ ହାଇକୋର୍ଟରୁ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା।

# ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ଯୋଡ଼ା,୫।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡାଠାରେ ଟ୍ରକ୍ ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। କୌଣସି ମୃତକଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରାଯାଇ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୪୦ରେ ୫୨୦ ନମ୍ବର ଜାତୀୟ ରାଜପଥରେ ବାଇକ୍ (ନଂ. ଓଡି ୦୯ ଏ ୫୯୧୭) ଯୋଗେ ୩ ଜଣ ଯୋଡ଼ା ଅଭିମୁଖେ ଆସୁଥିଲେ। ଲହଣ୍ଡାଠାରେ ଲୁହାପଥର ବୋଝେଇ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ ବାଇକ୍ ଆରୋହୀ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ଜଣଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। କାରଣସାହି ଟୋଲ୍‌ଗେଟ୍‌ଠାରୁ ଆରମ୍ଭ କରି ବିଲେଇପଦା ପର୍ଯ୍ୟନ୍ତ ବେପରୁଆ ଟ୍ରକ୍ ପାର୍କିଂ ଓ ଲହଣ୍ଡା ଓଭରବ୍ରିଜ୍ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା କୁହାଯାଉଛି।

# ପୁଣି ଖସିଲା ପାରଦ, ୮.୫ ଡିଗ୍ରୀରେ ଦାରିଙ୍ଗବାଡ଼ି

- ୫ ଜିଲାରେ ଘନ କୁହୁଡ଼ି, ୩ ଜିଲାରେ ପ୍ରବଳ ଶୀତ
- ଭୁବନେଶ୍ୱରରେ ୪ଦିନରେ ୬ ଡିଗ୍ରୀ କମିଲା ତାପମାତ୍ରା

ଭୁବନେଶ୍ୱର, ୫।୧୨(ବନ୍ଦନା ସେଠୀ)

ରାଜ୍ୟରେ ପୁଣି ଖସିଲା ପାରଦ, ବଢ଼ିଲା ଶୀତ। ପ୍ରାୟ ଅଧିକାଂଶ ଅଞ୍ଚଳରେ ତାପମାତ୍ରା କମି ଥିବାବେଳେ କିଛି ସ୍ଥାନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ତେବେ ଗତ ୨୪ ଘଣ୍ଟାରେ ରାଜ୍ୟର ୨୩ ଜିଲାର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିବାବେଳେ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାର କନ୍ଧମାଳ, କୋରାପୁଟ ଓ ସୁନ୍ଦରଗଡ଼ ଜିଲାରେ ଘନ କୁହୁଡି ଏବଂ ସୋନପୁର, କଳାହାଣ୍ଡି ଓ ଗଞ୍ଜାମ ଜିଲାରେ ହାଲୁକା କୁହୁଡି ପଡ଼ିଥିବା ଦେଖାଯାଇଛି। ତେବେ ଶନିବାର ଓ ରବିବାର ଦୁଇଦିନ ପାଇଁ କୋରାପୁଟ, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ ଓ ସୋନପୁର ଜିଲାରେ ଘନ କୁହୁଡି ପାଇଁ ୟେଲୋ ୱାର୍ନିଂ ଜାରି ହୋଇଥିବାବେଳେ ଝାରସୁଗୁଡା, ସୁନ୍ଦରଗଡ଼ ଓ ଅନୁଗୋଳରେ ପ୍ରବଳ ଶୀତ ଲହରି ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ଗତ ୪ଦିନରେ ୬ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ଡିସେମ୍ବର ୨ରେ ଭୁବନେଶ୍ୱରର ତାପମାତ୍ରା ୨୦ ଡିଗ୍ରୀ ରହିଥିବାବେଳେ ୩ ତାରିଖରେ ୧୬.୪ ଡିଗ୍ରୀ, ୪ ତାରିଖରେ ୧୫.୮ ଡିଗ୍ରୀ ଏବଂ ୫ ତାରିଖ ଅର୍ଥାତ୍ ଶୁକ୍ରବାର ୧୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଅନୁଗୋଳରେ ତାପମାତ୍ରା ୯ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡା ଓ ରାଉରକେଲାରେ ୯.୬ ଡିଗ୍ରୀ, ଫୁଲବାଣୀ ୧୦, କେନ୍ଦୁଝରଗଡ ଓ କୋରାପୁଟରେ ୧୧.୪ ଡିଗ୍ରୀ, ଭବାନୀପାଟଣା ୧୧.୮, ବଲାଙ୍ଗୀର ୧୨.୪, ଢେଙ୍କାନାଳ ୧୨.୬, କଟକ ୧୩.୨, ବାରିପଦା ୧୩.୫, ସମ୍ବଲପୁର ୧୩.୬, ସୋନପୁର ୧୩.୭, ଟିଟିଲାଗଡ ଓ କେନ୍ଦ୍ରାପଡାରେ ୧୩.୮ ଡିଗ୍ରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ଭୁବନେଶ୍ୱରରେ ୧୪ ଡିଗ୍ରୀ, ବାଲେଶ୍ୱର ୧୪.୩, ନୟାଗଡ଼ ଓ ରାୟଗଡ଼ାରେ ୧୪.୬ ଡିଗ୍ରୀ ଏବଂ ହୀରାକୁଦରେ ୧୪.୮ ଡିଗ୍ରୀ ରେକର୍ଡ ହୋଇଛି।







## ସଂକ୍ଷେପରେ

### ଆଜିଠାରୁ ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

ଭୁବନେଶ୍ୱର,୫।୧୨ (ସୌମ୍ୟରଞ୍ଜନ ରାଉତ)- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଶନିବାରଠାରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ। ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଏହି ପୁସ୍ତକ ମେଳାରେ ୫୫୦ଟି ଷ୍ଟଲ୍ ଖୋଲିବ ଓ ଏଥିରେ ପ୍ରାୟ ୨୫୦ ପ୍ରକାଶକ ଓ ବିକ୍ରେତା ଯୋଗଦେବେ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଅତିଥି ଭାବେ ୨୦୨୨ ମସିହାର ବୁକର୍ ପୁରସ୍କାର ବିଜେତା ସ୍ନେହାନ୍ କରୁଣାତିଲକ୍, ସାହିତ୍ୟିକା ଡ. ପ୍ରତିଭା ରାୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ମହୋତ୍ସବରେ ବିଭିନ୍ନ ସମ୍ବାଦପତ୍ର ସଂସ୍ଥା, ସରକାରୀ ବିଭାଗ,କେନ୍ଦ୍ର ସାହିତ୍ୟ ଏକାଡେମୀ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ପକ୍ଷରୁ ଷ୍ଟଲ୍ ନିର୍ମାଣ କରାଯିବ। ପୁସ୍ତକ ମହୋତ୍ସବର ଆୟୋଜନରେ ସଂସ୍କୃତି ବିଭାଗ ସହିତ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ, ଓଡ଼ିଶା ପ୍ରକାଶକ ସଂଘ, ଧଉଳି ବୁକ ଟ୍ରଷ୍ଟ, ଭୁବନେଶ୍ୱର ପୁସ୍ତକ ମେଳାର କର୍ମକର୍ତ୍ତାଙ୍କ ସମେତ ରାଜ୍ୟ ବାହାରର ଅନେକ ପୁସ୍ତକ ପ୍ରକାଶକ ଓ ପୁସ୍ତକ ବିକ୍ରେତାମାନେ ସହଯୋଗ ପ୍ରଦାନ କରିଛନ୍ତି।

### ମହାନଦୀରେ ବୁଲୁଛି କୁମ୍ଭୀର

ବାରଙ୍ଗ/ତ୍ରିଶୂଳିଆ, ୫।୧୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ମୁଣ୍ଡଳୀ ବ୍ୟାରେଜ ନିକଟସ୍ଥ ମହାନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ନଦୀପଠା ବାଲିରେ ଶୁକ୍ରବାର ସକାଳୁ କିଛି ଲୋକ ଏକ କୁମ୍ଭୀର ଶୋଇଥିବାର ଦେଖିଥିଲେ। ଏହାପରେ କୁମ୍ଭୀର ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଫଳରେ ସେତୁ ଉପରେ ଟ୍ରାଫିକ ଜାମତ ହୋଇଥିଲା। ଏହାକୁ ନିୟନ୍ତ୍ରଣ



କରିବାକୁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଅନ୍ୟପକ୍ଷରେ କୁମ୍ଭୀରଟିର ଲମ୍ବ ପ୍ରାୟ ୧୦ରୁ ୧୨ଫୁଟ ହେବ ବୋଲି ଅନୁମାନ କରାଯାଉଛି। ମହାନଦୀରେ କୁମ୍ଭୀର ରହିଥିବାର ଦେଖି ନଦୀ କୂଳିଆ ଲୋକମାନେ ଭୟଭୀତ ହୋଇଯାଇଛନ୍ତି। ଅନ୍ୟପଟେ ମାଛ ଧରିବାକୁ ଲୋକମାନେ ଆଉ ନଦୀ ଭିତରକୁ ଯାଇ ନ ଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲେ। ପରେ ବନବିଭାଗ କର୍ମଚାରୀମାନେ ଆସି ନଦୀମଧ୍ୟକୁ ପଶି କୁମ୍ଭୀର ପାଖକୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ କୁମ୍ଭୀରଟି ନଦୀମଧ୍ୟକୁ ପଳାଇଯାଇଥିଲା। ଏହାପରେ ବନବିଭାଗ କର୍ମଚାରୀମାନେ ନଦୀକୂଳିଆ ଗ୍ରାମବାସୀମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି।

# ‘ଶୃଙ୍ଖଳିତ ଭାବେ ନିୟମ ମାନି ଖେଳ ଉପଭୋଗ କର’

ଭୁବନେଶ୍ୱର,୫।୧୨(ତ୍ରିନାଥ ମହାନ୍ତି)

କଟକ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ ମ୍ୟାଚ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭ କରି କଟକ ବାରବାଟୀ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ସେ ସମସ୍ତଙ୍କୁ ଶୃଙ୍ଖଳିତ ଭାବେ ନିୟମ ମାନି ଖେଳ ଉପଭୋଗ କରିବାକୁ ଅପିଲ କରିଛନ୍ତି। କମିଶନର ସିଂ କହିଛନ୍ତି, ଶୁକ୍ରବାର କଟକରେ ଅଫ୍‌ଲାଇନ ଟିକେଟ ବିକ୍ରି ଶେଷ ହୋଇଛି। ଅଧିକ ଲୋକ ଥିବାରୁ ସାମାନ୍ୟ ଟିକେ ବିଶୃଙ୍ଖଳା ହୋଇଥିବା ସୂଚନା ମିଳିଥିଲେ ମଧ୍ୟ ପୋଲିସ ଏହାକୁ



ଖବରଦାତା ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୋଲିସ କମିଶନର ଦେବଦତ୍ତ ସିଂ ସୂଚନା ଦେଉଛନ୍ତି।

ନିୟନ୍ତ୍ରଣ କରିଛି। କ୍ରିକେଟ ପାଇଁ ପୋଲିସ ବ୍ୟାପକ ପ୍ରସ୍ତୁତି କରିଛି। ଶୁକ୍ରବାର କେତେଜଣ ଖେଳାଳି ଆସିଥିବା ବେଳେ ଶନିବାର ମଧ୍ୟ ଖେଳାଳି ଆସିବେ। ଖେଳାଳିମାନେ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ କଡ଼ା ସୁରକ୍ଷାରେ ଗନ୍ତବ୍ୟସ୍ଥଳକୁ ନିଆଯାଉଛି। ଖେଳାଳିଙ୍କ ପାଇଁ ଭୁବନେଶ୍ୱରରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ ଓ କଟକରେ ୫୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହାସହ କଟକରେ ଆର୍ମଡ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯିବ। ୪୨୦ରୁ

**ବାରବାଟୀ ଟି-୨୦ ପାଇଁ କଡ଼ା ସୁରକ୍ଷା**

- କଟକରେ ୫୭ ପ୍ଲାଟୁନ୍, ଭୁବନେଶ୍ୱରରେ ୨୨ପ୍ଲାଟୁନ ଫୋର୍ସ
- ବମ୍ ନିଷ୍କ୍ରିୟକାରୀ ଟିମ୍, ସନ୍ଧାନୀ କୁକୁର ବୁଲିବେ

ଅଧିକ ହାବିଲଦାର ଏବଂ କନଷ୍ଟେବଲ ସହ ୪୧୧ଜଣ ପୋଲିସ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ସେହିପରି ଭୁବନେଶ୍ୱରରେ ମଧ୍ୟ ୧୧୧ଜଣ ଅଫିସର ଦାୟିତ୍ୱରେ ଅଛନ୍ତି। ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା, ରୁଟ୍ ଲାଇନ ସବୁ କିଛି ବ୍ୟବସ୍ଥା କରାଯାଇଛି। ସହରବାସୀଙ୍କ ପାଇଁ ଟ୍ରାଫିକ ଆଡ୍‌ଭାଇଜରି ଜାରି କରାଯିବ। ଆମ୍ବୁଲାନ୍ସ, ବୋମା ନିଷ୍କ୍ରିୟକାରୀ ଟିମ୍, ସନ୍ଧାନୀ କୁକୁର ମଧ୍ୟ ରହିବେ। ଯଦି କିଛି ଅଘଟଣ ଘଟେ, ତୁରନ୍ତ ମୁକାବିଲା ପାଇଁ ଏସ୍‌ଟିୟୁ ଟିମ୍ ସଜାଗ ଅଛନ୍ତି।

# ଘରୋଇ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ବାରଙ୍ଗ/ତ୍ରିଶୂଳିଆ,୫।୧୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବାରଙ୍ଗସ୍ଥିତଏକଘରୋଇବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଖଇରା ଥାନା ଅନ୍ତର୍ଗତ ବେରାଯୋଡି ଗ୍ରାମର ମୃତ୍ୟୁଞ୍ଜୟ ବେଦାନ୍ତ (୨୨)। ଏନେଇ ଶୁକ୍ରବାର ବାରଙ୍ଗ ଥାନାରେ ମୃତ୍ୟୁଞ୍ଜୟଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୬୮୧/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ମୃତ୍ୟୁଞ୍ଜୟ ବାରଙ୍ଗସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ରହି ଏମ୍‌ବିଏ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ପ୍ରତ୍ୟେକ ଦିନ ପରି ଗୁରୁବାର ରାତିରେ ପାଠପଢ଼ା ପରେ ହଷ୍ଟେଲକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ସେ ତାଙ୍କ ବାପାଙ୍କ ସହ କଥା ହୋଇଥିଲେ। ହେଲେ ବିଳମ୍ବିତ ରାତିରେ ମୃତ୍ୟୁଞ୍ଜୟଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଉଛି ବୋଲି ଜଣେ



ଶିକ୍ଷକ ଫୋନ କରି ତାଙ୍କ ବାପାଙ୍କୁ ଜଣାଇଥିଲେ। ଖବର ପାଇ ପରିବାର ଲୋକ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଡ. ମୃତ୍ୟୁଞ୍ଜୟଙ୍କୁ ମୃତ ଘୋଷଣା କରିଥିବା କୁହାଯାଇଥିଲା। ମାତ୍ର ପୁଅର ମୁହଁ ଓ ଆଖିରୁ ରକ୍ତ ବାହାରୁଥିବା ବେଳେ ମୁଣ୍ଡରେ ଆଘାତ ଲାଗିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ଏହାସହ ପୁଅର ଅସ୍ୱାଭାବିକ ଭାବେ ମୃତ୍ୟୁକୁ ନେଇ ସନ୍ଦେହ କରିବା ସହ କେହି ପୁଅକୁ ମାରିଦେଇଥିବା ବାପା ହେମନ୍ତ ବାରଙ୍ଗ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।





# ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୯ ନୂଆ ଅତିଥି

ବାରଙ୍ଗ, ୫।୧୨(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଶୁକ୍ରବାର ୧୯ଟି ନୂଆ ଅତିଥି ଆସିଛନ୍ତି। ନନ୍ଦନକାନନର ୨ଜଣିଆ ଦଳ ଏହି ନୂଆ ଅତିଥିଙ୍କୁ ସାଙ୍ଗରେ ଧରି ଆସି ପହଞ୍ଚିଛନ୍ତି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଚଳିତବର୍ଷ ୨୦୨୫-୨୬ ମସିହାର ପ୍ରଥମ ପର୍ଯ୍ୟାୟ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ଓ ଗୁଜରାଟର ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ହୋଇଛି। ସେମାନଙ୍କ ମଧ୍ୟରେ ୩ ପୁରୁଷ ଓ ୨ ମାଈକୁ ମିଶାଇ ୫ ପାଣିଓଧ, ୨ ପୁରୁଷ ଭାରତୀୟ ଧୂସର ଗଧିଆ, ୫ ପୁରୁଷ ଓ ୫ ମାଈକୁ ମିଶାଇ ୧୦ ତାରା କଇଁଛ, ୧ ପୁରୁଷ ଓ ୧ ମାଈକୁ ମିଶାଇ ୨ଟି ରୁପେଲି କୁକ୍କୁଟ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ପୃଥକୀକରଣ ଖୁଆଡ଼ ମଧ୍ୟରେ ୨୦ରୁ ୩୦ ଦିନ ପର୍ଯ୍ୟନ୍ତ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷଣ ନଜର ରଖାଯାଇଛି। ଏହାପରେ ପର୍ଯ୍ୟାୟକ୍ରମେ ଆସିଥିବା ଅତିଥିମାନଙ୍କୁ ପର୍ଯ୍ୟଟକମାନେ ଦେଖିପାରିବେ। ସେମାନଙ୍କ ମଧ୍ୟରେ ପାଣିଓଧ ନୂଆ ହୋଇଥିବା ବେଳେ ଅନ୍ୟ ସବୁ ପ୍ରଜାତିର ପଶୁପକ୍ଷୀ ନନ୍ଦନକାନନରେ ରହିଛନ୍ତି। ଏହି ନୂଆ ଅତିଥି ଆସିବା ପରେ ଚିଡ଼ିଆଖାନାର ପଶୁପକ୍ଷୀ ପ୍ରଜାତି ସଂଖ୍ୟା ୧୭୬ରୁ ୧୭୭କୁ ବୃଦ୍ଧି ପାଇଛି ଓ ରକ୍ତ ସମ୍ପର୍କରେ ପରିବର୍ତ୍ତନ କରିବା କ୍ଷେତ୍ରରେ ଆସିଥିବା ପଶୁପକ୍ଷୀଙ୍କ ପ୍ରମୁଖ ଭୂମିକା ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

ସେହିପରି ନନ୍ଦନକାନନ ରେକର୍ଡ ଅନୁଯାୟୀ ୨୦୦୦ ମସିହାରେ ନନ୍ଦନକାନନରେ ପାଣିଓଧ ବଂଶ ଲୋପ ପାଇଯାଇଥିଲା। ଏବେ ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ପାଣିଓଧକୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବେ। ନୂଆବର୍ଷର ଭେଟି ସ୍ୱରୂପ ପାଣିଓଧ ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନର ଖୋରାକ ସାଜିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୨ଟି ପର୍ଯ୍ୟାୟରେ ୧୪ଟି ଜୀବଜନ୍ତୁକୁ ଡ. ଶ୍ୟାମାପ୍ରସାଦ



**୨୪ବର୍ଷ ପରେ ଆସିଲା ପାଣିଓଧ**

**ଅଦଳବଦଳ ପ୍ରକ୍ରିୟାରେ ଯିବେ ୧୪ ପଶୁପକ୍ଷୀ**

ମୁଖାର୍ଜୀ ପ୍ରାଣୀ ଉଦ୍ୟାନକୁ ଦେବାକୁ ପଡୁଛି। ସେଥିମଧ୍ୟରେ ୨ଟି ବାଘ, ୨ଟି ମାଈ ଧୂସର ଗଧିଆ, ୩ଟି ଚଉଶିଙ୍ଗା, ୨ଟି କୁଟୁରା, ୫ଟି ବିଲୁଆ ରହିଛନ୍ତି। ତେବେ ପ୍ରାଥମିକ ପର୍ଯ୍ୟାୟରେ ୩ଟି ଚଉଶିଙ୍ଗା, ୨ଟି କୁଟୁରା ଓ ୫ଟି ବିଲୁଆ ଦିଆଯିବ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ବାଇକ୍ ପାଇଁ ବାପା, ମା’, ଭଉଣୀଙ୍କୁ ହତ୍ୟା ଉଦ୍ୟମ

## ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର,୫।୧୨(ସତ୍ୟଜିତ ରାଉତ)

ବାଇକ ପାଇଁ ଜଣେ ଯୁବକ ନିଜ ବାପା, ମା’ ଓ ଭଉଣୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଛି। ପୋଲିସ ଟିମ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା କଟକ କାନପୁର ଥାନା ଅଞ୍ଚଳର ଜିତେନ୍ଦ୍ର ପ୍ରଧାନ ଓରଫ ଜିତୁ ଓରଫ ବକ୍ସର(୨୮)। ତାଙ୍କଠାରୁ ଖଣ୍ଡା ଓ ଛୁରି ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ଜିତୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜିତୁଙ୍କ ନାମରେ ବିଭିନ୍ନ ଥାନାରେ ୨୧ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ଜିତୁ ଏକ ନୂଆ ବାଇକ କିଣିଥିଲେ। ୪ଦିନ ତଳେ ତାଙ୍କ ସାନ ଭାଇ ସତ୍ୟବ୍ରତ ସେହି ବାଇକକୁ ନେଇ ବୁଲିବାକୁ ଯାଇଥିଲେ। ପରେ ସତ୍ୟବ୍ରତଙ୍କଠାରୁ ତାଙ୍କ ଦୁଇ ସାଙ୍ଗ ଉକ୍ତ ବାଇକକୁ ମାଗି ନେଇ ବୁଲିବାକୁ ଯାଇଥିଲେ। ଦୁର୍ଭାଗ୍ୟବଶତଃ ବଡ଼ଗଡ଼ ଥାନା ଅଞ୍ଚଳରେ ସେମାନଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ଫଳରେ ଉକ୍ତ ବାଇକଟି ପୋଲିସ ଦ୍ୱାରା ଜବତ ହୋଇ ଏବେ ବଡଗଡ ଥାନାରେ ରଖାଯାଇଛି। ଏହି ଘଟଣାରେ ଉତ୍‌କ୍ଷିପ୍ତ ହୋଇ ଜିତୁ


ଗିରଫ ଅଭିଯୁକ୍ତ ଜିତେନ୍ଦ୍ର ପ୍ରଧାନ।

ତାଙ୍କ ସାନ ଭାଇଙ୍କୁ ଗାଳିଗୁଲଜ କରି ବାଇକ ଦେବା ପାଇଁ କହିଥିଲେ। ପରେ ମା’ ମମତା, ବାପା ଗୋପାଳ, ଭଉଣୀ ପ୍ରିୟଙ୍କାଙ୍କୁ ଗାଳିଗୁଲଜ କରିଥିଲେ। ଶୁକ୍ରବାର ସକାଳେ ସେ ଘରେ ଖଣ୍ଡା ଓ ଛୁରି ଆଣି ଆତଙ୍କ ରଚିଥିଲେ। ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବାପା ଓ ଭଉଣୀ ଅଧିକ ଆହତ ହୋଇଥିବା ବେଳେ ମା’ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଜିତୁଙ୍କୁ କାବୁ କରିଥିଲା। ତେବେ ଏହି ସମୟରେ ଜିତୁ ପୋଲିସ ଟିମ୍‌କୁ ଧକ୍କା ମାରିବା ସହ ଧମକ ଦେଇଥିଲେ। ଭଉଣୀ ପ୍ରିୟଙ୍କାଙ୍କ ଏତଲାକୁ ଆଧାର କରି ପୋଲିସ ମାମଲା (ନଂ.୪୩୫/୨୦୨୫) ରୁଜୁ କରି ପଦକ୍ଷେପ ନେଇଛି।

# ଓଡ଼ିଆ ଡାକ୍ତର ବ୍ରଜ କିଶୋରଙ୍କୁ ମିଳିବ ‘ଡ. ଏମ୍.ଜି.ଗର୍ଗ ଅଲ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ’

ଭୁବନେଶ୍ୱର,୫।୧୨(ସୁଚିସ୍ମିତା ସାହୁ)

ଓଡ଼ିଆ ପ୍ରଫେସର ଡାକ୍ତର ବ୍ରଜ କିଶୋର ଦାଶଙ୍କୁ ମିଳିବ ‘ଡ. ଏମ୍.ଜି.ଗର୍ଗ ଅଲ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ’। ଚିକିତ୍ସା କ୍ଷେତ୍ରରେ ଉତ୍କୃଷ୍ଟ ଓ ସ୍ୱତନ୍ତ୍ର ସେବା ପାଇଁ ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଏହି ଆୱାର୍ଡ ପାଇଁ ପ୍ରଫେସର ଦାଶ ମନୋନୀତ ହୋଇଛନ୍ତି। ସେ ତାଙ୍କର ଉତ୍ସର୍ଗୀକୃତ ସେବା ଓ ସଫଳତା ପାଇଁ ଆଗରୁ ବହୁ ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତେବେ ଆସନ୍ତା ୨୭ ତାରିଖରେ ଗୁଜରାଟର ଅହମଦାବାଦରେ ହେବାକୁ ଥିବା ସଂଘର ଜାତୀୟ ସମ୍ମିଳନୀରେ ଏହି ଜାତୀୟ ସମ୍ମାନ ଦିଆଯିବ। ଏନେଇ ଘୋଷଣା ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଏବଂ ପ୍ରଶଂସା କରାଯାଉଛି।

# ତୃତୀୟ ଅଭିଯୁକ୍ତ ଗିରଫ, ୫ ଲକ୍ଷ ଟଙ୍କା ଜବତ

**ଖଣ୍ଡା ବୁଲାଇ କାର୍‌ରୁ ୨୦ ଲକ୍ଷ ଲୁଟ୍ ଘଟଣା**

**ପୂର୍ବରୁ ଷଡ଼ଯନ୍ତ୍ରକାରୀ ବନ୍ଧୁଙ୍କ ସମେତ ୨ ଗିରଫ ହୋଇଥିଲେ**

ଭୁବନେଶ୍ୱର, ୫।୧୨(ସତ୍ୟଜିତ ରାଉତ)

ପାହାଲ ନିକଟ ୧୬ ନଂ. ଜାତୀୟ ରାଜପଥରେ ଖଣ୍ଡା ବୁଲାଇ କାର୍‌ରୁ ୨୦ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ଶୁକ୍ରବାର ତୃତୀୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଗନ୍ନାଥ ମଲ୍ଲିକ (୩୧)। ତାଙ୍କଠାରୁ ୮ ଲକ୍ଷ ନଗଦ ଟଙ୍କା ଓ ଅପରାଧରେ ବ୍ୟବହୃତ ବାଇକକୁ ଜବତ କରାଯାଇଛି। କୋର୍ଟଚାଲାଣ ପରେ ଜଗନ୍ନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୀଡ଼ିତଙ୍କ ଷଡ଼ଯନ୍ତ୍ରକାରୀ ବନ୍ଧୁ ସରୋଜ ସୂତାର ଓ ଅନ୍ୟଜଣେ ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ଜେଲରେ ଅଛନ୍ତି। ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଧରିବାକୁ ପ୍ରୟାସ ଚଳାଇଛି। ସୂଚନା ଅନୁଯାୟୀ, ବାଲେଶ୍ୱରର ପ୍ରଭାତ କୁମାର ସାହୁ ଜିଏସ୍‌ଟି ଏବଂ ଆଇଟି ରିଟର୍ନ ପରିଚାଳନା କରନ୍ତି। ନଭେମ୍ବର ୨୪ରେ କଟକରୁ ମିଳିଥିବା ୨୦ ଲକ୍ଷ ଟଙ୍କା ଧରି ସେ କାର୍‌ରେ ଭୁବନେଶ୍ୱର ଆସିଥିଲେ। ରାତିରେ ତାଙ୍କସହ ବନ୍ଧୁ ସରୋଜ ଓ ସୁରେଶ ତମାଣ୍ଡୋ ଅଞ୍ଚଳର ଏକ ହୋଟେଲକୁ ଖାଇବା ପାଇଁ ଯାଇଥିଲେ। ପ୍ରଭାତ ମୋଟା ପରିମାଣର ଟଙ୍କା ଆଣିଥିବା ଜାଣି ଟଙ୍କା ଲୁଟ୍ କରିବାକୁ ସରୋଜ ଷଡ଼ଯନ୍ତ୍ର ରଚିଥିଲେ। ଏଥିପାଇଁ ସେ ଜଗନ୍ନାଥ ଓ ଅନ୍ୟ ୩ଜଣଙ୍କୁ କହି ଲୁଟ୍ ଯୋଜନା କରିଥିଲେ। ଏପଟେ ପାହାଲଠାରେ ପ୍ରଭାତ କାର୍ ଥୋଇ ସରୋଜ ଓ ସୁରେଶଙ୍କ ସହ ଚା’ ପିଉଥିବାବେଳେ ୪ଜଣ ଅଭିଯୁକ୍ତ ଦୁଇ ବାଇକ୍‌ରେ ଖଣ୍ଡା ଧରି ଆସି ଭୟ ସୃଷ୍ଟି କରି କାର୍‌ରେ ଥିବା ୨୦ ଲକ୍ଷ ଟଙ୍କା ନେଇଯାଇଥିଲେ। ପ୍ରଭାତଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୪୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ସରୋଜଙ୍କ ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ) ଯାଞ୍ଚରୁ ତାଙ୍କର ଅଭିଯୁକ୍ତଙ୍କ ସହ ଲିଙ୍କ୍ ଥିବା ଜଣାପଡ଼ିଥିଲା। ପୋଲିସ ଜେରା ବେଳେ ସେ ସତ ମାନି ଯାଇଥିଲେ।


ଗିରଫ ଜଗନ୍ନାଥ ମଲ୍ଲିକ ଓ ଜବତ ଟଙ୍କା।

# ଢେଙ୍କାନାଳରେ ହେବ ମେଡିକାଲ କଲେଜ

**୫ମ ଢେଙ୍କାନାଳ ଉତ୍ସବ**

**କାଇମାଟିରୁ ୪ ଥାକିଆ ରିଙ୍ଗରୋଡ୍**

ଭୁବନେଶ୍ୱର,୫।୧୨ (ସୌମ୍ୟରଞ୍ଜନ ରାଉତ)

ଢେଙ୍କାନାଳରେ ହେବ ମେଡିକାଲ କଲେଜ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ଏବଂ ଆଗକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଢେଙ୍କାନାଳ କଲଚରାଲ୍ ଆସୋସିଏଶନ୍ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଶୁକ୍ରବାର ୫ମ ଢେଙ୍କାନାଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପାତ୍ର କହିଲେ, ରାଜ୍ୟ ସରକାର ଢେଙ୍କାନାଳକୁ ଗୁରୁତ୍ୱ ଦେଇଛନ୍ତି। କ୍ୟାପିଟାଲ ରିଙ୍ଗ୍‌ରୋଡ୍‌ରେ ଢେଙ୍କାନାଳକୁ ସଂଯୋଗ କରାଯିବ। ଏହାସାଙ୍ଗକୁ କାଇମାଟିରୁ



ଉତ୍ସବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିମାନେ ‘ଅନନ୍ୟ ଢେଙ୍କାନାଳ’ ପତ୍ରିକା ଉନ୍ମୋଚନ କରୁଛନ୍ତି।

ମଧ୍ୟ ୪ ଥାକିଆ ରିଙ୍ଗରୋଡ କରାଯିବ। ଏହାବ୍ୟତୀତ ଏଠାରେ ଆଇନକ୍ସ ୱିଙ୍ଗ୍ କାରଖାନା କରୁଥିବାବେଳେ ଆଗକୁ ଆଉ ୨ଟି କାରଖାନା ହେବା ସହ ସ୍ଥାନୀୟ ଲୋକେ ନିଯୁକ୍ତି ପାଇବେ। ଶହୀଦ ବାଜି ରାଉତଙ୍କ ଗାଁକୁ ବିକଶିତ କରାଯିବ। ଏଥିପାଇଁ ୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ପ୍ରେକ୍ଷାଳୟ, ପାର୍କ ଆଦି ବ୍ୟବସ୍ଥା ହେବ। ଏହାଛଡା ପର୍ଯ୍ୟଟନ ଦୃଷ୍ଟିରୁ ଯୋରନ୍ଦା, କପିଳାସ ଏବଂ ସପ୍ତଶଯ୍ୟାକୁ ଅଧିକ ବିକଶିତ କରାଯିବ। ଢେଙ୍କାନାଳର ୨ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇ ନ ଥିବାବେଳେ ସଂସ୍କୃତି ବିଭାଗ ସହିତ ଆଲୋଚନା କରି ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପାତ୍ର କହିଥିଲେ। ଭାଜପା ନେତା ଗୋଲକ ମହାପାତ୍ର, ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଉତ୍ସବ କମିଟି ଅଧ୍ୟକ୍ଷ ରଞ୍ଜନ କୁମାର ଦାସ, ଉପସଭାପତି ସାରଙ୍ଗଧର ସାମଲ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ‘ଅନନ୍ୟ ଢେଙ୍କାନାଳ’ ପତ୍ରିକା ଲୋକାର୍ପଣ କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ଢେଙ୍କାନାଳର ପ୍ରସିଦ୍ଧ ବରା ସେଲିବ୍ରେଶନ କରାଯାଇଥିଲା। ଜ୍ୟୋତି ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସୋନାଲି କଟକ ସଦରର ନୂତନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ

କଟକ,୫।୧୨(କାର୍ତ୍ତିକ ସାହୁ)

କଟକ ସଦରର ନୂତନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସୁଶ୍ରୀ ସୋନାଲି କୁଣ୍ଡ ଯୋଗଦାନ କରିଛନ୍ତି। ସୁଶ୍ରୀ କୁଣ୍ଡ ୨୦୨୫ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା ଅଧିକାରୀ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ନିକଟରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଯୋଗଦାନ ସମୟରେ ଅଧିକାରୀ ଭୂୟାଁ ତାଙ୍କୁ ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଦୀର୍ଘଦିନ ହେବ ଖାଲିଥିବା ଏହି ପଦବୀ ପୂରଣ ହେବା ଦ୍ୱାରା କାର୍ଯ୍ୟଧାରା ଅଧିକ ସୁଗମ ହୋଇପାରିବ। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୨୫ରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

### ୧୭୫ ଲିଟର ଦେଶୀମଦ ଜବତ, ୬ ଗିରଫ

ମଙ୍ଗୁଳି-ଜଗତପୁର,୫।୧୨ (ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଭାବେ ଦେଶୀ ମଦ ବ୍ୟବସାୟ କରିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ଶିବୁନ ସେଠୀ, ଚକ୍ରଧର ସେଠୀ, ଚୌଦ୍ୱାର ଥାନା ଅଧୀନ ମୁଣ୍ଡମାଳ ଗ୍ରାମର ସୁଧାଂଶୁ ଗିରି, କାହ୍ନୁ ଚରଣ ବାରିକ, ଚୌଦ୍ୱାର ଥାନା ଅଧୀନ ବାଣୀପଦା ଗ୍ରାମର ଜଗନ୍ନାଥ ମଲିକ ଓ ବେଲା ରାଉତ । ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୭୫ ଲିଟର ମହୁଲି ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ, ଚୌଦ୍ୱାର ଓ ଜଗତପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ଚୌଦ୍ୱାର ଓ ଟାଙ୍ଗୀ ଅଞ୍ଚଳରୁ ଦେଶୀମଦ ମିଳିଥିଲା। ଏ ନେଇ ଅବକାରୀ ବିଭାଗ ୪ଟି ପୃଥକ ମାମଲା (ନଂ. ୧୭୯,୧୮୦,୧୮୧,୧୮୨,୫୨/୨୫ ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ଥିଲେ।

### ସିରିଜ ଦୁର୍ଘଟଣା: ୩ ଗାଡ଼ିକୁ ହାଇୱା

ବଡ଼ମ୍ବା, ୫।୧୨(ମାୟାଧର ମଲ୍ଲିକ)

ବଡ଼ମ୍ବା ତେଲିସାହି ଛକଠାରେ ଶୁକ୍ରବାର ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ଏକ ବାଲି ବୋଝେଇ ହାଇୱା ଏକ ସମୟରେ ୩ଟି ଗାଡ଼ିକୁ ଧକ୍କା ଦେଇଛି। ଫଳରେ ଗାଡ଼ିଗୁଡ଼ିକ ଭାଙ୍ଗି ରୁଜି ଯାଇଥିବା ବେଳେ ଗାଡ଼ିରେ କେହି ଲୋକ ନ ଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ହାଇୱା ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଭୋରୁ ଏକ ବାଲି ବୋଝେଇ ହାଇୱା ଭାରସାମ୍ୟ ହରାଇ ରାସ୍ତା କଡ଼ରେ ରହିଥିବା ଗୋଟିଏ ଅଟୋ, ଓମିନୀ ଭ୍ୟାନ ଏବଂ ଏକ ବାଇକ ଉପରେ ଚଢାଇ ଦେଇଥିଲା। ଏହି ସମୟରେ କିଛି ଲୋକ ଘଟଣା ସମ୍ପର୍କରେ ବଡ଼ମ୍ବା ଥାନାକୁ ଜଣାଇଥିଲେ। ପରେ ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଘଟଣାସ୍ଥଳରୁ ହାଇୱା ଡ୍ରାଇଭର ଚମ୍ପଟ ମାରିଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ଓଟିଏମ୍ କଲୋନିବାସୀ

## ପରିଦର୍ଶନ କଲେ ଟେକ୍ସଟାଇଲ ଟିମ୍

ଚୌଦ୍ୱାର,୫।୧୨(ଆଶୁତୋଷ ଦାସ)


ଟେକ୍ସଟାଇଲ ଟିମ୍ ଓଟିଏମ୍ କଲୋନୀ ପରିଦର୍ଶନ କରୁଛନ୍ତି।

ଚୌଦ୍ୱାରଠାରେ ଦୀର୍ଘ ବର୍ଷ ଧରି ବନ୍ଦ ପଡିଥିବା ଓଟିଏମ୍ (ଓଡ଼ିଶା ଟେକ୍ସଟାଇଲ ମିଲ୍) ବର୍ତ୍ତମାନ ରାଜ୍ୟ ସରକାରଙ୍କ ଇଡକୋ ଅଧୀନରେ ରହିଛି। ଗତ କିଛି ବର୍ଷ ତଳେ ଓଟିଏମ୍ ଜାଗାରେ ୱେଲସ୍ପନ ଏକ କମ୍ପାନୀ କରିବା ନାମରେ ଜମି ଅଧିଗ୍ରହଣ କରିବା ସହିତ ଏହାର ଶିଳାନ୍ୟାସ କରାଯାଇଥିଲା। ହେଲେ ଓଟିଏମ୍ କାରଖାନାର କର୍ମଚାରୀ କମ୍ପାନୀରେ ଥିବା କ୍ୱାର୍ଟର୍ସରେ ଏବେବି ରହି ଆସୁଛନ୍ତି। କିନ୍ତୁ ସେମାନଙ୍କୁ ଚୌଦ୍ୱାର ପୌରପାଳିକା ପକ୍ଷରୁ ଡ୍ରେନ ସଫେଇ ଓ ମରାମତି, ରାସ୍ତାଘାଟ ନିର୍ମାଣ ସହିତ ଅନ୍ୟାନ୍ୟ ମୌଳିକ ସୁବିଧା ଆଦି ମିଳିପାରୁନାହିଁ। ଏହାର ଏକମାତ୍ର କାରଣ ହେଉଛି ଓଟିଏମର ସମସ୍ତ ଜମି ଇଡ୍‌କୋ ହାତକୁ ଚାଲିଯାଇଛି। ଫଳରେ ଏଠାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଇ ପାରିବ ନାହିଁ ବୋଲି ପୌର ପାଳିକାକୁ ଲଗାମ ଲଗାଯାଇଥିବା ପୌର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଫଳରେ ଏଠାରେ ବାସ କରୁଥିବା ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗତ କିଛି ମାସ ତଳେ ନଗର ଓ ଗୃହନିର୍ମାଣ ବିଭାଗୀୟ ମନ୍ତ୍ରୀ ଗସ୍ତ ସମୟରେ ଉକ୍ତ କଲୋନୀ ପରିଦର୍ଶନ କରି ଲୋକମାନଙ୍କୁ ଆଶ୍ୱାସନା ଦେଇଥିଲେ। ମୌଳିକ ସୁବିଧା ଦାବିରେ କଲୋନୀବାସୀ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ସହିତ ବିଭିନ୍ନ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରିଆସୁଛନ୍ତି। ଗତ ୨୮ ତାରିଖରେ କଲୋନୀର ସାମାଜିକ କର୍ମୀ ରବିନାରାୟଣ ରାଉତ ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲରେ କଲୋନୀର ରାସ୍ତା ଓ ଡ୍ରେନ ମରାମତି ପାଇଁ ନିବେଦନ କରିଛନ୍ତି। ଫଳରେ ଶୁକ୍ରବାର କଟକ ଟେକ୍ସଟାଇଲ ବିଭାଗର ଡେପୁଟି ମ୍ୟାନେଜର ଗୋଲାପି ଗୋପାଳ ମୁର୍ମୁଙ୍କ ସମେତ କେତେଜଣ ବିଭାଗୀୟ ଅଧିକାରୀ କଲୋନୀ ଅଞ୍ଚଳ ଗସ୍ତକରି କଲୋନୀ ପରିବେଶ ପରିଦର୍ଶନ କରିଥିଲେ। ଏହି ଟିମ୍ ଲୋକଙ୍କ ସହ ଆଲୋଚନା କରି ସରକାରଙ୍କୁ ଏବିଷୟରେ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଗସ୍ତରେ ବିଜୟ କୁମାର ନାୟକ, ଟେକ୍ସଟାଇଲ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ବାରିକ, ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ କଟକ ଜି.ଟି. ମୁର୍ମୁଙ୍କ ସମେତ ୱାର୍ଡବାସୀ ଉପସ୍ଥିତ ଥିଲେ।

# ଟିକେଟ କଳାବଜାର: ଦର ୨ଗୁଣା ଅଧିକ

## ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍

କଟକ,୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ଶୁକ୍ରବାର ହୋଇଥିଲା। ବକ୍ସ ଅଫିସ ଟିକେଟ୍ ଖଣ୍ଡେ ପାଇବାକୁ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଘଣ୍ଟା ଘଣ୍ଟା ଲାଇନ୍‌ରେ ରହି କ୍ରିକେଟ୍‌ପ୍ରେମୀମାନେ ଟିକେଟ୍ ନେଇଛନ୍ତି। ହେଲେ ଅଧାରୁ ଅଧିକ ଟିକେଟ୍ ନ ପାଇ ନିରାଶ ହୋଇଛନ୍ତି। ଏପରିକି ପ୍ରଥମ ଦିନରେ ହିଁ ବକ୍ସ ଅଫିସ ଟିକେଟ୍ ଶେଷ ହୋଇଯାଇଛି। ଅନ୍ୟପଟେ ଟିକେଟ୍ ବିକ୍ରି ଆରମ୍ଭରୁ ହିଁ ସାମାଜିକ ଗଣମାଧ୍ୟମରେ ଦଲାଲ୍ ସକ୍ରିୟ ହୋଇଥିବା ନଜରକୁ ଆସିଛି। ଏପରିକି ଷ୍ଟାଡିୟମ ନିକଟରେ ମଧ୍ୟ ଟିକେଟ କିଣି ନେଇ ବ୍ଲାକ ବା ଉଚ୍ଚଦରରେ ବିକ୍ରି କରିବାକୁ ଦଲାଲ ସକ୍ରିୟ ହୋଇଛନ୍ତି। ଟିକେଟ ମଧ୍ୟରେ ଗ୍ୟାଲେରି ନଂ. ୧ ଓ ୩ ଦର ୧୧ ଶହ ଥିବାବେଳେ ଦଲାଲମାନେ ୬ ହଜାର ଟଙ୍କା ଦାବି କରୁଛନ୍ତି। ସ୍ପେଶାଲ୍ ଏନକ୍ଲୋଜର ଟିକେଟ୍ ଦର ୬ ହଜାର ଟଙ୍କା ଥିବାବେଳେ ଦଲାଲମାନେ ୧୦ ହଜାର ଦାବି କରୁଛନ୍ତି। ଏପରିକି ଟିକେଟର ଦୁଇଗଣା ଅଧିକ ମୂଲ୍ୟରେ ବିକ୍ରି କରିବାକୁ ଦଲାଲମାନେ ବେଶ୍ ତତ୍ପରତା ଦେଖାଇଛନ୍ତି। ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ପୂର୍ବରୁ କହିଥିବାବେଳେ କେତେଦୂର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଛି। ଅନ୍ୟପଟେ ଟିକେଟ ବିକ୍ରି ସମୟରେ ଧାଡିରେ ଥିବା ମହିଳାମାନେ କ୍ରିକେଟ୍ ବିଷୟରେ କିଛି ଜାଣି ନ ଥିବା ଦେଖିବାକୁ ମିଳିଥିଲା।

# ଜୈବିକ କୃଷିକୁ ସମ୍ପ୍ରସାରିତ କରାଯାଉ

## ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ


ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଛି।

କଟକ,୫।୧୨(କାର୍ତ୍ତିକ ସାହୁ)

ଜଗତପୁରସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କେନ୍ଦ୍ରଠାରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର ପାଳନ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ ଯୋଗଦେଇ ବିଶ୍ୱ ମୃତ୍ତିକା ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଜୈବିକ କୃଷି ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଏହାକୁ ସମ୍ପ୍ରସାରିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଳବିଭାଜିକା ସହ ନିର୍ଦ୍ଦେଶକ ଶାନ୍ତି ମାଝୀ, ଆଠଗଡ଼ କୃଷି ଜିଲା ଅଧିକାରୀ ଶିବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ସାରଗର୍ଭକ ବାର୍ତ୍ତା ଦେଇଥିଲେ। କୃଷି ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ନିଶ୍ଚିନ୍ତକୋଇଲି ସହକାରୀ କୃଷି ଅଧିକାରୀ ଅଶୋକ କୁମାର ମଙ୍ଗରାଜ ସଭା ପରିଚାଳନା କରିଥିଲେ। ସନ୍ଥପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ରଞ୍ଜନ କୁମାର ମହାନ୍ତ ଏବଂ ମୃତ୍ତିକା ପରୀକ୍ଷାଗାରର ସହକାରୀ କୃଷି ନିର୍ଦ୍ଦେଶିକା ଓ ମୃତ୍ତିକା ରସାୟନବିତ୍ ତୃପ୍ତିମୟୀ ନାହାକ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ବ୍ଲକର କୃଷକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ବୁଲି ଦେଖିଥିଲେ। ଏହି ଅବସରରେ ୩୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା।

### ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

ଆଠଗଡ଼,୫।୧୩(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଥାନା ଅନ୍ତର୍ଗତ ଗଦା ସାହି ନବଗ୍ରହ ମନ୍ଦିର ନିକଟ ଏକ ଘରୁ ଜଣେ ଯୁବକଙ୍କ ଶୁକ୍ରବାର ସନ୍ଦେହ ଜନକ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟୋଲ ଅଞ୍ଚଳର ନୀଳମଣି ରାଉତ। ଏ ସମ୍ପର୍କରେ ନୀଳମଣିଙ୍କ ସ୍ତ୍ରୀ ଆଠଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଆଠଗଡ ଥାନା ଅନ୍ତର୍ଗତ ଚୂନପଦା ଗ୍ରାମର ଜନୈକ ମହିଳା ଗଦା ସାହି ନବଗ୍ରହ ମନ୍ଦିର ନିକଟରେ ଏକ ଭଡା ଘରେ ରୁହନ୍ତି। ସେଠାକୁ ଆଇସକ୍ରିମ ବେପାର କରିବା ପାଇଁ ନୀଳମଣି ବହୁ ସମୟରେ ଆସୁଥିଲେ। ଅପରାହ୍ନରେ ଉକ୍ତ ଭଡା ଘରୁ ନୀଳମଣି ସଂଜ୍ଞା ହୀନ ଅବସ୍ଥାରେ ପଡ଼ିଥିବା ନେଇ ପଡ଼ିଶାଘର ଲୋକେ ଖବର ପାଇଥିଲେ। ପରେ ତୁରନ୍ତ ନୀଳମଣିଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ନିଳମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ଏବଂ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି ପହଞ୍ଚି ତଦନ୍ତ କରିବା ସହ ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା ଜାରି ରଖିଛି।

# ଖ୍ରୀଷ୍ଟ କଲେଜରେ ଖ୍ରୀଷ୍ଟମାସ୍ କ୍ୟାରୋଲ ଉତ୍ସବ


ଖ୍ରୀଷ୍ଟମାସ୍ କ୍ୟାରୋଲ ଉତ୍ସବରେ ଉପସ୍ଥିତ ଅତିଥି।

କଟକ,୫।୧୨(କାର୍ତ୍ତିକ ସାହୁ)

ଆଲୋକମାଳାରେ ସୁସଜ୍ଜିତ ଐତିହ୍ୟପୂର୍ଣ୍ଣ ସଂଖ୍ୟାଲଘୁ ଖ୍ରୀଷ୍ଟ କଲେଜରେ ପ୍ରଭୁ ଯୀଶୁଙ୍କ ଜନ୍ମୋତ୍ସବ ଉପଲକ୍ଷେ ଖ୍ରୀଷ୍ଟମାସ କ୍ୟାରୋଲ ଉତ୍ସବ ନୃତ୍ୟ, ଗୀତ ସହିତ ପ୍ରେମ ଓ ଆନନ୍ଦମୟ ପରିବେଶରେ ଶୁକ୍ରବାର ପାଳିତ ହୋଇଯାଇଛି। ପରିଚାଳନା ସମିତିର ସମ୍ପାଦକ ଶୁଭାଶୀଷ ସାହୁ ପ୍ରଥମେ ଉଦ୍‌ଘାଟନୀ ପ୍ରାର୍ଥନା ଉତ୍ସର୍ଗ କରିଥିଲେ। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ବିନୀତା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଧୁସ୍ମିତା ଯାଚକ କ୍ୟାରୋଲ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ସୁକୁମାର ରାଉତଙ୍କ ତତ୍ତ୍ୱାବଧାନରେ କୋଏର ଗ୍ରୁପର କଣ୍ଠଶିଳ୍ପୀମାନେ କ୍ୟାରୋଲ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାଏକ କଟକ ସହରର ଭାଇଚାରା ସଂସ୍କୃତିରେ କ୍ୟାରୋଲ ଉତ୍ସବ ଓ ଖ୍ରୀଷ୍ଟ କଲେଜର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର କ୍ୟାରୋଲ ଉତ୍ସବର ସ୍ୱତନ୍ତ୍ରତା କହିଥିଲେ। ଅଧ୍ୟାପିକା ଡ. ମୌସୁମୀ ମହାନ୍ତି ବାଇବେଲ ଗ୍ରନ୍ଥର ନିର୍ବାଚିତ ଅଂଶ ପାଠ କରିବା ପରେ ପାଷ୍ଟର ତଥା ବର୍ଣ୍ଣିଙ୍ଗ୍‌ଲ୍ୟାମ୍ପ ସେବା ସଂସ୍ଥାର ପ୍ରତିଷ୍ଠାତା ରେଭ୍. ସୁଦୀପ୍ତ ନନ୍ଦ ପରମେଶ୍ୱରଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ସାକ୍‌ସଫୋନର ନୀରବ ରାତିର କ୍ୟାରୋଲ ସଙ୍ଗୀତ କ୍ୟାଣ୍ଡେଲ ଲାଇଟ୍ ଦ୍ୱାରା ପରିବେଶ ମନ୍ତ୍ରମୁଗ୍ଧ ହୋଇଥିଲା। ପ୍ରାଧ୍ୟାପକ ଡ. ଦୈତ୍ୟାରୀ ଶୁକ୍ଳ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପିକା ଡ. ଜିତା ରାୟ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ସମିତିର ସଭ୍ୟ ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ଚୌଧୁରୀ, ଦେବୋଜିତ୍ ସାହୁ, ପ୍ରଶାସନିକ ବର୍ସାର ଅଧ୍ୟାପକ ସୁମନ ରଏ, ଡ. ଦେବଯାନୀ ଦାଶ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଆକାଉଣ୍ଟସ୍ ବର୍ସାର ଅଧ୍ୟାପକ ସୁବ୍ରତ ବଳ, ଡ. ଯୋଗଶଙ୍କର ମହାପ୍ରଶସ୍ତ, ଅଧ୍ୟାପକ ଶୋଭନ ପଣ୍ଡା, ଡ. ବିଜୟ ଭୂଷଣ ଆଚାର୍ଯ୍ୟ, ଡ. ସାରଦା ପ୍ରସାଦ କର, ଡ. ପ୍ରଦ୍ୟୁମ୍ନ ଦାଶ, ଡ. ଅଶୋକ କୁମାର ସାହୁ, ଡ. ଜ୍ଞାନେଶ୍ୱର ରଥ, ମୁଖ୍ୟ କିରାଣୀ ସୁରେନ୍ଦ୍ର କୁମାର ସାହୁ ଓ ଅଫିସ ସହାୟିକା ସ୍ୱର୍ଣ୍ଣଲତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାତୀଙ୍କ ଉତ୍ପାତ କମିବା ନାଁ ଧରୁନି

## ଖୁଣ୍ଟୁଣୀ ବନାଞ୍ଚଳ

ଖୁଣ୍ଟୁଣୀ,୫।୧୨ (ସଚ୍ଚିଦାନନ୍ଦ ପଣ୍ଡା)



ଖୁଣ୍ଟୁଣୀ ବନାଞ୍ଚଳରେ ଗତ ମାସେ ହେବ ଚନ୍ଦକା ଓ କପିଳାସ ହାତୀ ପ୍ରବେଶ କରି ଚାଷୀଙ୍କ ଜମିରୁ ଧାନ ଫସଲ ଖାଇ ଦଳି ନଷ୍ଟ କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଜମିରେ ଧାନ ପାଚି ଅମଳ କରିବା ସମୟ। ଚାଷୀ ଧାର କରଜ କରି ନିଜ ପିଲାଛୁଆଙ୍କ ମୁହଁରେ ବର୍ଷକର ଆହାର ଦେବାକୁ ଶ୍ରମଦାନ କରି ଧାନ ଫସଲ କରିଛି। ହାତୀ ପଲ୍ଲଙ୍କ ମଧ୍ୟରୁ ଦୁଇ ତିନୋଟି ହାତୀ ଦଳ ଛଡାହୋଇ ଖୁଣ୍ଟୁଣୀ ବନାଞ୍ଚଳର ବଣିଆବନ୍ଧ, ସୁବାସୀ, ଶଙ୍ଖପୋଇ, ଗୋବରା, ସୁନିଆଁମୁହଁ, ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଯଥା କଂସର, ପାର୍ବତୀପୁର, ମହାଲକ୍ଷ୍ମୀପୁର, ଭଗୁଆ, ଓରଦା ପଡିଆ, କୃଷ୍ଣପୁର, ବ୍ରାହ୍ମଣବସ୍ତ, ପାନିଆ ମା, ରାମଶ୍ୟାମପୁର, କଖଡ଼ି, ବିଷ୍ଣୁପୁର ଗୋପୀନାଥପଡା, ଓରନ୍ଦା, ବାଳି, କପୁରସିଂ, ଖୋଲସାହି, ପାଇକେରାପୁର, ବିଦ୍ୟାଧରପୁର, ନାରଙ୍ଗବସ୍ତ, ଗୋବରା, ବାଘବିନ୍ଧା, ଜସୋଦା, ଡବାଗାଡ଼ିଆ, ମୁଷୁଲିଆ, ଡେରା, ଓରିଙ୍ଗାବାଡି ଆଦି ଗ୍ରାମଗୁଡିକରେ ଚଳପ୍ରଚଳ କରୁଛନ୍ତି। ଲୋକେ ଘଉଡାଇଲେ ମଧ୍ୟ ହାତୀ ବନାଞ୍ଚଳରୁ ଯିବାର ନାଁ ଧରୁନାହାନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଏସିଏଫ୍ ନୀଳମାଧବ ସାହୁ ଏଥିପାଇଁ ଦୁଇ ତିନୋଟି ଭ୍ୟାନ ଦ୍ୱାରା ପ୍ରାୟ ୧୫ରୁ ୨୦ଜଣ ହାତୀ ଘଉଡାଳି, ବନପାଳ ଓ ବନରକ୍ଷୀମାନଙ୍କୁ ଉଚ୍ଚ କ୍ଷମତାସମ୍ପନ୍ନ ହାଇମାଷ୍ଟ ଲାଇଟ ଓ ଗ୍ୟାସ ଏବଂ ହାତୀପରି ଶବ୍ଦ କରୁଥିବା ଯନ୍ତ୍ର ଦେଇ ହାତୀମାନଙ୍କ ଗତିବିଧିକୁ ଲକ୍ଷ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାତୀମାନେ ଯେପରି ଉପରୋକ୍ତ ଗ୍ରାମରେ ପ୍ରବେଶ ନ କରିପାରିବେ ଓ ଚାଷୀଙ୍କ ଧାନ ଜମି ଭିତରକୁ ପ୍ରବେଶ କରି ନ ପାରନ୍ତି ସେଥିପାଇଁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ବନାଞ୍ଚଳ ଅଧୀନ ବାଳିବଉଳଠାରେ ଏହି ହାତୀ ଦଳଙ୍କ ମଧ୍ୟରୁ ଗୋଟିଏ ହାତୀ ବାହାରି ଆସିଥିବା ଦେଖି ବନାଞ୍ଚଳ କର୍ମଚାରୀମାନେ ବଉଳ ଓଭରବ୍ରିଜ ଉପରୁ ହାତୀ ଘଉଡ଼ାଇ ଦେଇଥିଲେ। ହାତୀ ମଞ୍ଜେଶ୍ୱର ନୂଆପାଟଣା ପାଟ ଆଡ଼କୁ ପଳାଇ ଯାଇ ରାତିରେ ପୁଣି ସୁନିଆଁମୁହଁ ଜଙ୍ଗଲ ପଟକୁ ପଳାଇ ଯାଇଥିଲା।

# ଘରୋଇ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବାରଙ୍ଗ/ତ୍ରିଶୂଳିଆ,୫।୧୨
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଖଇରା ଥାନା ଅନ୍ତର୍ଗତ ବେରାଯୋଡି ଗ୍ରାମର ମୃତ୍ୟୁଞ୍ଜୟ ବେଦାନ୍ତ (୨୨)। ଏନେଇ ଶୁକ୍ରବାର ବାରଙ୍ଗ ଥାନାରେ ମୃତ୍ୟୁଞ୍ଜୟଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୬୮୧/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ମୃତ୍ୟୁଞ୍ଜୟ ବାରଙ୍ଗସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ରହି ଏମ୍‌ବିଏ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ପ୍ରତ୍ୟେକ ଦିନ ପରି ଗୁରୁବାର ରାତିରେ ପାଠପଢ଼ା ପରେ ହଷ୍ଟେଲକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ସେ ତାଙ୍କ ବାପାଙ୍କ ସହ କଥା ହୋଇଥିଲେ। ହେଲେ ବିଳମ୍ବିତ ରାତିରେ ମୃତ୍ୟୁଞ୍ଜୟଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଉଛି ବୋଲି ଜଣେ ଶିକ୍ଷକ ଫୋନ କରି ତାଙ୍କ ବାପାଙ୍କୁ ଜଣାଇଥିଲେ। ଖବର ପାଇ ପରିବାର ଲୋକ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଡ. ମୃତ୍ୟୁଞ୍ଜୟଙ୍କୁ ମୃତ ଘୋଷଣା କରିଥିବା କୁହାଯାଇଥିଲା। ମାତ୍ର ପୁଅର ମୁହଁ ଓ ଆଖିରୁ ରକ୍ତ ବାହାରୁଥିବା ବେଳେ ମୁଣ୍ଡରେ ଆଘାତ ଲାଗିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ଏହାସହ ପୁଅର ଅସ୍ୱାଭାବିକ ଭାବେ ମୃତ୍ୟୁକୁ ନେଇ ସନ୍ଦେହ କରିବା ସହ କେହି ପୁଅକୁ ମାରିଦେଇଥିବା ବାପା ହେମନ୍ତ ବାରଙ୍ଗ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଫଟୋରେ ଖବର


କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ୨ ଜଣ ଯୁବତୀ ଭାରତୀୟ ଖେଳାଳିଙ୍କ ଜର୍ସି କିଣୁଛନ୍ତି।


ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାଇଁ ଟିକେଟ କାଉଣ୍ଟରରୁ ଟିକେଟ୍ କିଣିବା ପରେ ପ୍ରଥମ ଦର୍ଶକ ଦେଖାଉଛନ୍ତି।

# ରେଡ୍‌କ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଉପରେ ଗୁରୁତ୍ୱ

**ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)**

ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା ଖୋର୍ଦ୍ଧା ଜିଲା ଶାଖାର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ରେଡ୍‌କ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଡେପୁଟି କଲେକ୍ଟର(ଜରୁରୀ) ଶ୍ରୀତପା ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ଆୟବ୍ୟୟ ଏବଂ ବିଭିନ୍ନ ଜନଶୁଣାଣି କାର୍ଯ୍ୟରେ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଉଥିବା ସହାୟତା ରାଶି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ।

ମହାବିଦ୍ୟାଳୟ ସମେତ ସମସ୍ତ ବ୍ଲକ ଅଞ୍ଚଳରେ ବିଡିଓ, ତହସିଲଦାର ଏବଂ ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ରେଡ୍‌କ୍ରସ୍ ଖୋର୍ଦ୍ଧା ଜିଲା ଶାଖାର ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ରେଡକ୍ରସ୍ ଖୋର୍ଦ୍ଧା ଜିଲା ଶାଖାର ସାଧାରଣ ପରିଷଦ ବୈଠକ

ଅଧିକାରୀମାନେ ମିଳିତଭାବେ ସେମାନଙ୍କ ଅଞ୍ଚଳର ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ କରିବାକୁ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ କାର୍ଯ୍ୟାଳୟ ପକ୍ଷରୁ ଆଦାୟ ହେଉଥିବା ରେଡକ୍ରସ୍ ଫି ସମୀକ୍ଷା କରିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନକୁ ରେଡକ୍ରସ୍ ପକ୍ଷରୁ ପ୍ରଦାନ କରାଯାଉଥିବା ସହାୟତା ରାଶିରେ ଉନ୍ନତମାନର ସାମଗ୍ରୀ ବ୍ୟବହାର ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଡିଓ, ତହସିଲଦାର, ଗ୍ରାମ୍ୟ ନିର୍ମାଣ ବିଭାଗ, ପୂର୍ତ୍ତ, ବେସାମରିକ ଯୋଗାଣ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ସମାଜ କଲ୍ୟାଣ ବିଭାଗ, ଜିଲା ସାମାଜିକ ସୁରକ୍ଷା ବିଭାଗ ରେଡକ୍ରସ୍ ପାଣ୍ଠି ଆଦାୟ ଚଳିତ ବର୍ଷ ଯଥେଷ୍ଟ ପରିମାଣରେ ବୃଦ୍ଧି କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅତିରିକ୍ତ ଜିଲାପାଳ ବେଉରା ଜିଲାରେ ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଦିଗରେ ଗୁରୁତ୍ୱାରୋପ କରି କଣ୍ଟ୍ରାକ୍ଟରଙ୍କୁ ଯେତେବେଳେ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି, ସେତେବେଳେ ଜିଲା ରେଡକ୍ରସ୍ ପାଣ୍ଠି ପାଇଁ ରସିଦ କାଟିବାକୁ ପରାମର୍ଶ ଦେଇଥିଲେ। ରେଡକ୍ରସ୍ ପାଣ୍ଠିର ବିନିଯୋଗ ଅତି ଜରୁରୀ କାର୍ଯ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କ ହିତରେ ବ୍ୟବହାର କରାଯାଉଥିବାରୁ ସମସ୍ତ ଅଧିକାରୀ କର୍ତ୍ତବ୍ୟ ପରାୟଣ ହୋଇ ରେଡକ୍ରସ ପାଣ୍ଠି ଆଦାୟ ନିଶ୍ଚିତ ଭାବେ ବୃଦ୍ଧି କରିବା ପାଇଁ କହିଥିଲେ। ଶୁକ୍ରବାର ସୁଦ୍ଧା ଜିଲା ରେଡକ୍ରସ୍ ପାଣ୍ଠି ଖାତାରେ ୧,୨୯,୬୮,୩୭୧ ଅର୍ଥ ଅଛି। ସେହିପରି ସ୍ଥାୟୀ ଜମାରାଶି ବିଭିନ୍ନ ବ୍ୟାଙ୍କରେ ଥିବା ଜମାରାଶିକୁ ନେଇ ୬,୩୬,୩୨,୮୫୭ ଟଙ୍କା ଥିବା ବୈଠକରୁ ସୂଚନା ମିଳିଛି। ବୈଠକରେ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଜଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲା ପଞ୍ଚାୟତ ଅଧିକାରୀ ଶୁଭେନ୍ଦୁ କୁମାର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସମସ୍ତ ବିଡିଓ, ତହସିଲଦାର, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାବଲମ୍ବୀ ହେବା ସହ ଉଦାହରଣ ପାଲଟିଛନ୍ତି ଦମ୍ପତି



**ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)**

କଥାରେ ଅଛି ନିଷ୍ଠା, ଏକାଗ୍ରତା ଏବଂ କଠିନ ପରିଶ୍ରମ ସଫଳତା ଆଣିଥାଏ। ଏହାକୁ ନିଜ ଜୀବନରେ ପ୍ରମାଣିତ କରିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ମଙ୍ଗରାଜପୁର ଗ୍ରାମର ଗୋପବନ୍ଧୁ ନାୟକ ଏବଂ ତାଙ୍କ ସ୍ତ୍ରୀ ତପସ୍ୱିନୀ। ଏମାନେ ନିଜସ୍ୱ ଉଦ୍ୟମରେ ପଡ଼ିଆ ପଡ଼ିଥିବା ଜମିରେ ସମନ୍ୱିତ ଚାଷ କରି ସ୍ୱାବଲମ୍ବୀ ହେବା ସହ ୮ରୁ ୧୦ଜଣ ପରିବାରଙ୍କୁ ବର୍ଷସାରା ରୋଜଗାର ଯୋଗାଉଛନ୍ତି। ଜମିରେ ବିଭିନ୍ନ ପନିପରିବା, ଫୁଲ ଚାଷ କରି ରୋଜଗାର କରିବା ସହ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ଏହି ଦମ୍ପତି ଜମିରେ କାକୁଡ଼ି, କଲରା, ଭେଣ୍ଡି, ବାଇଗଣ, ଝୁଡଙ୍ଗ, ଅମୃତଭଣ୍ଡା ସମେତ ଗେଣ୍ଡୁଫୁଲ ଚାଷ କରିଛନ୍ତି। ବର୍ତ୍ତମାନ ସେ ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କାକୁଡି, କଲରା ଏବଂଅନ୍ୟ ପନିପରିବା ଆଦାୟ କରୁଥିବା ବେଳେ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏଥିସହିତ ତାଙ୍କ ଜମିରେ ଗ୍ରାମର ୮ରୁ ୧୦ଜଣ ମହିଳା, ପୁରୁଷ କର୍ମଚାରୀ ବର୍ଷସାରା କାମ ପାଇ ଖୁସି ବ୍ୟକ୍ତ କରିଛନ୍ତି। ଏନେଇ ଗୋପବନ୍ଧୁ କହିଛନ୍ତି ଯେ, ପୂର୍ବରୁ ଧାନଚାଷ କରୁଥିଲେ। ସୌଭାଗ୍ୟବଶତଃ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗୀୟ ଅଧିକାରୀଙ୍କ ସହ ସହଯୋଗରେ ଛତିଶଗଡ଼ ରାଜ୍ୟ ପରିଦର୍ଶନ କରି ସେଠାକାର ଚାଷୀଙ୍କ ଦ୍ୱାରା ଫୁଲ, ଫଳ ବଗିଚା ବୁଲିବାର ସୁଯୋଗ ପାଇଥିଲି। ସେମାନଙ୍କ ସଫଳତାର ରହସ୍ୟ ଜାଣିବା ପରେ ନିଜ ଜମିରେ ମଧ୍ୟରେ ଫୁଲ, ପନିପରିବା ଚାଷ କରିବାକୁ ମନ ବଳାଇଥିଲି। ଘର ବାରିପଟ ଜମିରେ ଚାଷକାର୍ଯ୍ୟ ଆରମ୍ଭ କରିଥିଲୁ। ଚାଷ କାମରେ ରାସାୟନିକ ସାର ପରିବର୍ତ୍ତେ ଜୈବିକ ପଦ୍ଧତିରେ ପ୍ରସ୍ତୁତ ସାର ଏବଂ ଗୋବର ଖତ ବ୍ୟବହାର କରାଯାଉଛି। ସକାଳଠୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଷ ଜମିରେ ନିୟୋଜିତ ରହିଥାନ୍ତି। ଚାଷକାର୍ଯ୍ୟକୁ ଆପଣାଇ ବେଶ୍ ଖୁସିରେ ଅଛନ୍ତି ବୋଲି ସେ କହିଛନ୍ତି।

# ରଙ୍ଗନାଥ ମନ୍ଦିର କାର୍ଯ୍ୟାଳୟରୁ ଚୋରି, ୨ ଅଟକ

**ବାଣପୁର, ୫।୧୨ (ଦିଲୀପ କୁମାର ସ୍ୱାଇଁ)**

ବାଣପୁର ଅଞ୍ଚଳର ଆରାଧ୍ୟ ଶ୍ରୀ ରଙ୍ଗନାଥ ଦେବଙ୍କ ମନ୍ଦିର କାର୍ଯ୍ୟାଳୟରୁ ଚୋରି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଠାକୁରଙ୍କ ରୁପା ଅଳଙ୍କାର ଏବଂ ଟଙ୍କା ନେଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ବାଣପୁର ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମନ୍ଦିର ପରିଚାଳନା ଅଧିକାରୀ ପଦ୍ମନାଭ ମହାପାତ୍ର ପ୍ରତିଦିନ ପରି ଶୁକ୍ରବାର ସକାଳେ ମନ୍ଦିରକୁ ଆସିବାରେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତେବେ ଚୋରିରେ ଅନ୍ୟମାନଙ୍କ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଦୁର୍ବୃତ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବା ସହ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି।

# 'ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପୁଞ୍ଜିପତିଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି'



କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ସ୍ୱାଧୀନ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)**

## କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ସ୍ୱାଧୀନ ମହାସଂଘର ଧାରଣା

ସମଗ୍ର ଦେଶରେ ଏବେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପୁଞ୍ଜିପତି ତଥା କର୍ପୋରେଟ ହାଉସ୍ ଦ୍ୱାରା ନିୟନ୍ତ୍ରିତ ହେଉଛି। ଶ୍ରମିକ, କୃଷକ, ଦଳିତ ଓ ଗରିବ ଶ୍ରେଣୀର ଲୋକେ ବଞ୍ଚିବା ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅଧିକାର ଓ ନ୍ୟାୟ ପାଇଁ ସେମାନେ ଆନ୍ଦୋଳନ କଲାବେଳେ ପୋଲିସ ଓ ପ୍ରଶାସନ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି କମ୍ପାନୀ ସ୍ୱାର୍ଥରେ ଜେଲ୍‌କୁ ପଠାଉଛନ୍ତି। କେନ୍ଦ୍ର ସରକାର ଏହି ପୁଞ୍ଜିପତି କମ୍ପାନୀଙ୍କ ସ୍ୱାର୍ଥ ପାଇଁ ଇଂରେଜ ବିରୋଧରେ ସଂଘର୍ଷ କରି ହାସଲ କରିଥିବା ଶ୍ରମ ଆଇନଗୁଡିକୁ କୋଡ୍‌ରେ ପରିଣତ କରି ପୁଞ୍ଜିପତିଙ୍କ ପାଖରେ ପୁଣି ଦାସତ୍ୱର ବେଡି ପକାଇବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ଶ୍ରମିକ ନେତାମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ମହାସଂଘ ସମୂହ ଆହ୍ୱାନରେ ବିଧାନସଭା ସମ୍ମୁଖରେ ୩ଦିନ ଧରି ଚାଲିଥିବା ଶ୍ରମିକଙ୍କ ଧାରଣା ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍‌ର ଶ୍ରମିକନେତାମାନେ ଯୋଗଦେଇଥିଲେ। ଶ୍ରମ କୋଡ୍‌କୁ ରଦ୍ଦ କରି ପୁନଃ ୪୪ଟି ଶ୍ରମ ଆଇନ୍ ଲାଗୁ କରିବା ଦାବିରେ ଜିଲାସ୍ତରରେ ମିଳିତ ଆନ୍ଦୋଳନକୁ ବ୍ୟାପକ କରିବା, ଜଙ୍ଗଲ ଜମି ତଥା ଆଦିବାସୀଙ୍କ ଜମିକୁ କର୍ପୋରେଟମାନଙ୍କୁ ହସ୍ତାନ୍ତର ବନ୍ଦ କରିବା, ୮ଘଣ୍ଟା କାର୍ଯ୍ୟଦିବସକୁ ପୁନଃ ଲାଗୁ କରିବା, ମହିଳାମାନଙ୍କୁ ରାତ୍ରରେ କାମ କରିବା ନିଷ୍ପତି ପ୍ରତ୍ୟାହାର କରିବା, ରାଷ୍ଟ୍ରାୟତ ସମ୍ପତ୍ତି ଓ ବ୍ୟାଙ୍କ ବୀମାକୁ ବ୍ୟବସାୟୀ କରଣ ବନ୍ଦ କର, ପୁରୁଣା ପେନସନ ଲାଗୁ କରି ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ଓ ସ୍କିମ ୱାର୍କରମାନଙ୍କୁ ଶ୍ରମିକ ମାନ୍ୟତା ଦେବା ଆଦି ବିଭିନ୍ନ ଦାବି ଉପରେ ଆଲୋକପାତ କରାଯାଇଥିଲା। ସଂଯୋଜକ ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ୩ଦଫା ଦାବିସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରମିକ ନେତା କିଶୋର ଜେନା, ରାମକୃଷ୍ଣ ପଣ୍ଡା, ପ୍ରଭାତ ତ୍ରିପାଠୀ, ପ୍ରଦୀପ୍ତ ନାୟକ, ପ୍ରହ୍ଲାଦ ସାହୁ, ସମର ବଳ ଓ ରିଙ୍କି ସାହୁ ପ୍ରମୁଖ ଯୋଗଦେଇଥିଲେ।

# ୩ ବନ୍ଧୁ ଏକସଙ୍ଗେ ପାଇଲେ ଅଗ୍ନିବୀର

**ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)**

ପିଲାବେଳୁ ଦେଶମାତୃକାର ସେବା କରିବା ପାଇଁ ଥିଲା ଇଚ୍ଛା ଓ ଆଗ୍ରହ। ଆଉ ଏବେ ଯୁବ ବୟସରେ ପ୍ରଥମ ପ୍ରଚେଷ୍ଟାରେ ବିଫଳ ହେବା ପରେ ଦ୍ୱିତୀୟ ପ୍ରଚେଷ୍ଟାରେ ସଫଳ ହୋଇଛନ୍ତି ତିନି ବନ୍ଧୁ ତଥା ସାଙ୍ଗ। ସେନା ବାହିନୀରେ ଅଗ୍ନିବୀର ଭାବେ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବାଘମାରୀ ଗ୍ରାମର ସୌମ୍ୟରଞ୍ଜନ ମାନସିଂହ, ଚୋଟିପାଳଙ୍ଗ ଗ୍ରାମର ଶୁଶୀଲ କୁମାର ବେହେରା ଏବଂ କରଡ଼ଗାଡ଼ିଆ ଗ୍ରାମର ଉମେଶ ଦାଶ। କଠିନ ପରିଶ୍ରମ, ଦୃଢ଼ ମନୋବଳ ସଫଳତା ଶିଖରରେ ପହଞ୍ଚାଇଥାଏ, ଏମାନେ ହେଉଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ।

ଏହି ତିନିସାଙ୍ଗ ପିଲାବେଳୁ କିପରି ସେନାବାହିନିରେ କାର୍ଯ୍ୟ କରିବେ, ସେଥିପାଇଁ ଦୌଡ଼ିବା ଆରମ୍ଭ କରିଥିଲେ। ସକାଳ ହେଲେ ସମସ୍ତେ ଏକାଠି ହୋଇ ଅତ୍ରି ଖେଳପଡିଆରେ ଦୌଡ଼ିଥାନ୍ତି। ଦେଶମାତୃକାର ସେବା କରିବା ପାଇଁ ସେମାନଙ୍କ ମନରେ ଭରିଥିଲା ଆଶା। ସେନାବାହିନୀରେ ଅଗ୍ନିବୀର ପଦବୀ ପାଇଁ ଯେତେବେଳେ ରାଲି ଆରମ୍ଭ ହୋଇଥିଲା ପ୍ରଥମେ ଏମାନେ ସ୍ଥଳସେନା (ଆର୍ମି)ର ସାକ୍ଷାତକାର ଦେଇ ବିଫଳ ହୋଇଥିଲେ। ତେବେ ବିଫଳ ହେବା ପରେ ମଧ୍ୟ ଭାଙ୍ଗି ନ ପଡ଼ି ପୁଣି ପ୍ରସ୍ତୁତି ଆରମ୍ଭ କରିଥିଲେ। ଏବେ ତିନି ସାଙ୍ଗ ସେନାବାହିନୀର ଅଗ୍ନିବୀର ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ଜାନୁଆରୀ ମାସରେ ସେମାନେ ବିଧିବଦ୍ଧ ଭାବେ ଟ୍ରେନିଂ ନେଇ ସେନାବାହିନୀରେ ଯୋଗଦେବେ। ଏହି ଖବର ପାଇବା ପରେ ସେମାନଙ୍କ ପରିବାର ସହ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। ଏନେଇ ତିନିସାଙ୍ଗ କହିଛନ୍ତି ଯେ, ପୂର୍ବରୁ ଫାଇନାଲ ରାଉଣ୍ଡରେ କଟି ଯାଇଥିଲୁ। ସେଠାରୁ ନିରାଶ ହେବା ପରେ ପୁଣି ଥରେ ନିଜକୁ ପ୍ରସ୍ତୁତ କରିବାକୁ ମନସ୍ଥ କରିଥିଲୁ। ତେବେ ଏକା ସାଙ୍ଗରେ ଗୋଟିଏ ସ୍ଥାନରେ ଅଗ୍ନିବୀର ଭାବେ ଯୋଗଦାନ କରିବା ସୁଯୋଗ ମିଳିବ ବୋଲି ଆଶା ନ ଥିଲା। ବହୁତ ଖୁସି, ପିଲାବେଳୁ ଦେଖିଥିବା ସ୍ୱପ୍ନ ସାକାର ହେବାକୁ ଯାଉଛି। ଗ୍ରାମର ଜଣେ ବଡ଼ଭାଇ ଆର୍ମିରେ ଅଛନ୍ତି। ସେ ଯେତେବେଳେ ଛୁଟିରେ ଆସନ୍ତି ଖେଳପଡ଼ିଆରେ କସରତ କରିବା ବେଳେ ଆର୍ମିରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ। ସେଥିଲାଗି କିପରି ନିଜକୁ ଶାରୀରିକ ସ୍ତରରେ ପ୍ରସ୍ତୁତ କରିବାକୁ ପଡ଼େ ପ୍ରଶିକ୍ଷଣ ଦେଇଥିଲେ। ତାଙ୍କଠାରୁ ପ୍ରେରଣା ପାଇ ମନରେ ଉତ୍ସାହ ଭରିଥିଲା। ଦୈନିକ ୫ରୁ ୧୦କିମି ଦୌଡ଼, ଶାରୀରିକ କସରତ ସହ ଏଥି ସମ୍ବନ୍ଧୀୟ ଜ୍ଞାନାରୋହଣ ଜାରି ରହିଥିଲା।



ସେନା ବାହିନୀରେ ଅଗ୍ନିବୀର ଭାବେ ମନୋନୀତ ହୋଇଥିବା ତିନି ସାଙ୍ଗ।

# ପୂର୍ବତନ ନଗରପାଳ ଲକ୍ଷ୍ମୀଧରଙ୍କ ସ୍ମୃତିଚାରଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ।

**ବାଣପୁର,୫।୧୨(ଦିଲୀପ କୁମାର ସ୍ୱାଇଁ)**

ବାଣପୁରର ପୂର୍ବତନ ନଗରପାଳ ତଥା ଶିକ୍ଷାବିତ୍ ଲକ୍ଷ୍ମୀଧର ଭୋଳଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଶୁକ୍ରବାର ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ତଥା ସ୍ମୃତି କମିଟି ସମ୍ପାଦକ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ସ୍ମୃତି କମିଟି ସଦସ୍ୟ ମହେଶ୍ୱର ଜେନା, ଲଳିତେନ୍ଦୁ କେଶରୀ ଭୋଳ, ଜଗନ୍ନାଥ ଭୋଳ, ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, ସୁଚିତ୍ରା ଦାସ, କଲ୍ୟାଣୀ ବୈରିଗଞ୍ଜନ, ରୋଜାଲିନ ଦାସ, ସାଗରିକା ଦାସ, କସ୍ତୁରୀ ପଟ୍ଟନାୟକ, ରବୀନ୍ଦ୍ର କୁମାର ମାଥା, କ୍ରୀଡ଼ା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଭୋଳଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହ ବାଣପୁରରେ ମହିଳାଙ୍କ ମଧ୍ୟରେ ଶିକ୍ଷାର ବିକାଶ ପାଇଁ ମହିଳା କଲେଜ ସ୍ଥାପନରେ ତାଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ।

ଏହି ଉପଲକ୍ଷେ ସକାଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ, ଛାତ୍ରୀ, ସ୍ମୃତି କମିଟି ସଭ୍ୟାସଭ୍ୟ ଓ ଭୋଳ ପରିବାର ସଦସ୍ୟମାନେ ତିଳତର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପୁରୀରେ ଆଜିଠୁ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍

**ପୁରୀ,୫।୧୨(ଅଜିତ କୁମାର ମହାନ୍ତି)**

ବିଏନ୍‌ଆଇ ଓଡ଼ିଶା ଚାପ୍ଟର ପକ୍ଷରୁ ପ୍ରଥମ ଥର ପାଇଁ ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍ ଅନୁଷ୍ଠିତ ହେବ। ଏହି ଲିଗ୍‌ରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରତିଷ୍ଠିତ ୫୫୭ଟି ଉଦ୍ୟୋଗର ୧୫୦ ଜଣ ୧୦ଟି ଗ୍ରୁପ୍‌ରେ ଅଂଶଗ୍ରହଣ କରିବେ। ୮ ଓଭର ବିଶିଷ୍ଟ ଏହି ଲିଗ୍ ୬ ଓ ୭ ତାରିଖରେ ଖେଳାଯିବ। ବିଶେଷକରି ବିଭିନ୍ନ ଜିଲାର ଉଦ୍ୟୋଗପତିଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧି, ଆର୍ଥିକ ସ୍ତରରେ ଉଦ୍ୟୋଗପତିଙ୍କୁ ଆଗକୁ ନେବା ଓ ବ୍ୟବସାୟ ଅଭିବୃଦ୍ଧି ଲକ୍ଷ୍ୟରେ ପ୍ରଥମ ଥର ପାଇଁ ପୁରୀରେ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍ ଆୟୋଜନ କରାଯାଇଛି। ସମଗ୍ର ବିଶ୍ୱରେ ବିଏନ୍‌ଆଇର ୩,୫୦,୦୦୦ ସଦସ୍ୟ ଥିବାବେଳେ ଭାରତରେ ୬୯,୬୪୧ ଏବଂ ଓଡ଼ିଶାରେ ୫୫୭ ଜଣ ସଦସ୍ୟ ରହିଛନ୍ତି। ଓଡ଼ିଶାର ସମସ୍ତ ଉଦ୍ୟୋଗପତିଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ଭାବ ବିନିମୟ, କ୍ରିକେଟ ପରି କ୍ରୀଡ଼ା ମାଧ୍ୟମରେ ପରସ୍ପର ମଧ୍ୟରେ ସମ୍ପର୍କ ନିବିଡ଼ କରିବା ପାଇଁ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍‌ର ଆୟୋଜନ କରାଯାଇଛି। ଏହା ସଫଳ ହେଲେ ବିଏନ୍‌ଆଇ ଆଗାମୀ ଦିନରେ ପୁରୀରେ ଆହୁରି ଅନେକ କାର୍ଯ୍ୟକ୍ରମ କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ଶୁକ୍ରବାର ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ବିଏନ୍‌ଆଇ ଗ୍ରେଟର ଓଡ଼ିଶା ଚାପ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀତା ମହାନ୍ତି, ପୂର୍ବତନ ରଣଜୀ ଖେଳାଳି ଜିତୁ ଶତପଥୀ, ଏରିଆ ନିର୍ଦ୍ଦେଶକ କେ.ସଞ୍ଜୀବ ପାତ୍ର, ଜୟ ଜଗଦୀଶ ପାତ୍ର, ଡ. ଶୀତଲ୍ କୋଠ୍‌ନି, କୁମାର ଅରୋଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ।

# କୁରାଢ଼ମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଗୁଡୁମ



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଢ଼ମଲ୍ଲରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଗୁଡୁମ ଏବଂ ପାଇକିଡିଗିରିଆ ଟିମ୍ ମଧ୍ୟରେ ମ୍ୟାଚ୍ ହେଇଥିଲା। ପାଇକିଡିଗିରିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ଉଇକେଟ ବିନିମୟରେ ୧୭୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବାଶିଷ ବଲିୟାରସିଂହ ୨୦ବଲରୁ ୩୯ରନ ଏବଂ ବିଶ୍ୱଜିତ ବେହେରା ୧୮ବଲରୁ ୨୬ରନ କରିଥିଲେ। ଜବାବରେ ଗୁଡୁମ ଟିମ୍ ୧୨.୨ ଓଭରରେ ୩ ଉଇକେଟ ବିନିମୟରେ ୧୭୪ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି।

ଦଳ ପକ୍ଷରୁ ଆଶୁତୋଷ ସିଂ ୧୬ ବଲରୁ ୪୮ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ଆକାଶ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ସତ୍ୟପ୍ରିୟ ସାମନ୍ତରାୟ ଏବଂ ଶ୍ରଦ୍ଧାନନ୍ଦ ପ୍ରଧାନ ସ୍କୋରର, ଶଶୀଭୂଷଣ ସିଂହ ଭାଷ୍ୟକାରଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ଡ.କିରଣ ପଣ୍ଡା, ଜ୍ୟୋତି ଶଙ୍କର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ମେଡିକାଲ କଲେଜ ମାନ୍ୟତା ପ୍ରସଙ୍ଗ ବିଚାରାଧୀନ

**ଟାଙ୍ଗୀ,୫।୧୨(ରଘୁନାଥ ସାହୁ)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଗତ ବୁଧବାର ବିଧାନସଭାରେ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ହସ୍ପିଟାଲକୁ ଜିଲା ମେଡିକାଲ କଲେଜ ମାନ୍ୟତା ଘୋଷଣା ପାଇଁ ଦାବି କରିବା ସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କଠାରୁ ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଚାହିଁଥିଲେ। ତେବେ ଏହା ସରକାରଙ୍କ ବିଚାରାଧୀନ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଏନେଇ ରଣପୁର, ଚାନ୍ଦପୁର ଏବଂ ଟାଙ୍ଗୀ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିବା ବେଳେ ନୟାଗଡ଼ ଅଞ୍ଚଳରେ ବିରୋଧାଭାସ ଦେଖାଦେଇଛି। ଏନେଇ ନୟାଗଡ଼ର ବିଭିନ୍ନ ସଙ୍ଗଠନ ସୋସିଆଲ ମିଡିଆରେ ବିରୋଧ କରୁଥିବା ବେଳେ ନୟାଗଡ଼ ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ଓଡ଼ିଶାର ପ୍ରତ୍ୟେକ ଜିଲା ସଦର ମହକୁମାରେ ମେଡିକାଲ କଲେଜ କରାଯାଇଛି। ତେଣୁ ନୟାଗଡ଼ରେ ଜିଲା ମେଡିକାଲ କଲେଜ କରିବା ପାଇଁ ସେ ଦାବି କରିଛନ୍ତି।

ସୂଚନାଥାଉ କି, ରଣପୁର ରାଣୀ ତଥା ରାଜ୍ୟର ପ୍ରଥମ ମହିଳା ମନ୍ତ୍ରୀ ବସନ୍ତ ମଞ୍ଜରୀ ଦେବୀ ନିଜସ୍ୱ ୧୧୭ଏକର ଜମିରେ ଯକ୍ଷ୍ମା ହସ୍ପିଟାଲ ନିର୍ମାଣ କରିଥିଲେ। ସମୟକ୍ରମେ ଯକ୍ଷ୍ମାରୋଗ ସମସ୍ତ ମେଡିକାଲରେ ଚିକିତ୍ସା ସୁବିଧା ମିଳିବା ପରେ ଜନସାଧାରଣଙ୍କ ଦାବିକ୍ରମେ ଏହାକୁ ସାଧାରଣ ହସ୍ପିଟାଲ ଭାବେ ସରକାର ଘୋଷଣା କରିଥିଲେ। ରଣପୁର ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ଚେଷ୍ଟାରେ ଦିଲୀସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ସାଇନ୍ସର ଏକ ଶାଖା ଏଠାରେ ଖୋଲିବା ପାଇଁ ପ୍ରୟାସ କରିଥିଲେ। ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଏଠାରେ ମେଡିକାଲ କଲେଜ କରିବା ପାଇଁ ଚେଷ୍ଟାକରି ଏକ ସ୍କିନିଂ କମିଟିରେ ଆଲୋଚନା କରିବା ସହ ଏଠାରେ ଟ୍ରମା କେୟାର ସେଣ୍ଟର ମାନ୍ୟତା ଘୋଷଣା କରାଯାଇଥିଲା। ଏହାକୁ ନୟାଗଡ଼ ଜିଲା କୋଭିଡ୍ କେୟାର ସେଣ୍ଟର କରାଯାଇ ଶତାଧିକ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏଠାରେ ସେହି ସମୟରେ ଅମ୍ଳଜାନ ଉତ୍ପାଦିତ ସେଣ୍ଟର କରାଯାଇଥିଲା। ୨୦୨୩ ମସିହାରେ ସ୍ଥାନୀୟ ଅଞ୍ଚଳର ନେତୃତ୍ୱଙ୍କୁ ନେଇ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଏଠାରେ ମେଡିକାଲ କଲେଜ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ରାଜ୍ୟସଭା ସଦସ୍ୟ ମାନସ କୁମାର ମଙ୍ଗରାଜଙ୍କୁ ଏହି କମିଟିର ମୁଖ୍ୟ ଉପଦେଷ୍ଟା ଭାବେ ରଖିଥିଲେ। ୨୦୧୨ ମସିହାରେ ସରକାରୀ ପ୍ରାଇଭେଟ ସହଭାଗିତାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ମେଡିକାଲ କଲେଜ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ, ହେଲେ ସ୍ଥାନୀୟ ଜନସାଧାରଣଙ୍କ ବିରୋଧ ଯୋଗୁ ଏହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ତେବେ ବସନ୍ତ ମଞ୍ଜରୀ ସାଧାରଣ ହସ୍ପିଟାଲ ୧୧୭ ଏକର ଜମି, ୩୫୦ ବେଡ, ଆନୁସଙ୍ଗିକ ଭିତ୍ତିଭୂମି ରହିଛି ତେଣୁ ଜିଲା ମେଡିକାଲ କଲେଜ ଚାନ୍ଦପୁରରେ କରିବା ପାଇଁ ବିଧାନସଭାରେ ବିଧାୟକ ସ୍ୱାଇଁ ଅନୁରୋଧ କରିଥିଲେ। ତେବେ ଏହା ସରକାରଙ୍କ ବିଚାରାଧୀନ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ଅନ୍ୟପଟେ ମେଡିକାଲ କଲେଜ ନୟାଗଡ଼ରେ କରାଯାଉ ବୋଲି ଦାବି ହେଉଥିବା ବେଳେ ଚାନ୍ଦପୁରବାସୀ ଆଶା, ଆଶଙ୍କାରେ ରହିଛନ୍ତି।

## ଆଶା, ଆଶଙ୍କାରେ ଚାନ୍ଦପୁରବାସୀ







୩୬ତମ କୋଣାର୍କ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଶୁକ୍ରବାର କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ।

# ଓଡ଼ିଶୀରେ ନିୟତିର ଖେଳ, କଥକରେ ଦିବ୍ୟଶକ୍ତି ଅନୁସନ୍ଧାନ

## ୩୬ତମ କୋଣାର୍କ ଉତ୍ସବ ଉଦ୍‌ଯାପିତ

କୋଣାର୍କ,୫।୧୨ (ଜ୍ୟୋତିରାଜ ମହାନ୍ତି)

ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କରେ ଆୟୋଜିତ ୩୬ତମ କୋଣାର୍କ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଆରତୀ କର ଏବଂ ତାଙ୍କ ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମୀର ଶିଳ୍ପୀବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କର ପ୍ରଥମ ଉପସ୍ଥାପନ ଥିଲା 'ତ୍ରିପଥଗା'। ତ୍ରିପଥଗା ପବିତ୍ର ଗଙ୍ଗା ନଦୀକୁ ବୁଝାଏ, ଯାହା ତିନୋଟି ଲୋକରେ ପ୍ରବାହିତ ହୁଏ। ପବିତ୍ର ସ୍ନାନ ଜୀବନ ଓ ମୃତ୍ୟୁ ଚକ୍ରରୁ ଏହା ମୁକ୍ତି ପ୍ରଦାନ କରେ ଏବଂ ଏହାର ଅନେକ ନାମ ଅଛି। ଗଙ୍ଗା ନଦୀ ସମସ୍ତ ଭାରତୀୟଙ୍କ ପାଇଁ ଧାର୍ମିକ ଜୀବନରେଖା ସଦୃଶ। ଗୁରୁ ରମେଶ ଚନ୍ଦ୍ର ଜେନା ଓ ଗୁରୁ ଆରତୀ କର ଏହି ନୃତ୍ୟାଭିନୟର ନୃତ୍ୟ ସଂରଚନା କରିଥିଲେ। ଗୁରୁ ଉମେଶ ଚନ୍ଦ୍ର ଦାସ ସଙ୍ଗୀତ ସଂଯୋଜନା ଓ ଗୁରୁ ଧନେଶ୍ୱର ସ୍ୱାଇଁ ତାଳ ସଂଯୋଜନା କରିଥିଲେ। ତାଙ୍କର ପରବର୍ତ୍ତୀ ପ୍ରସ୍ତୁତି ଥିଲା 'ନିୟତି'। ସମସ୍ତଙ୍କ ଜୀବନରେ 'ନିୟତି' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ଆଶ୍ୱାସନା ଦିଏ ଯେ, ଯାହା ପ୍ରକୃତରେ ବୁଝାଯାଏ, ସମସ୍ତ ବାଧାବିଘ୍ନ ସତ୍ତ୍ୱେ ନିଶ୍ଚିତ ଭାବେ ଆସିବ। ବିଭିନ୍ନ ଯୁଗରେ ପବିତ୍ର ଅବତାର ମଧ୍ୟ ନିୟତି ଅନୁସାରେ ପରୀକ୍ଷା ଓ କ୍ଲେଶ ଦେଇ ଗତି କରିଛନ୍ତି। ଏହି ନୃତ୍ୟାଭିନୟର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଆରତୀ କର ଏବଂ ଗୁରୁ ଯୁଧିଷ୍ଠିର ନାୟକ ଦେଇଥିଲେ। ଗୁରୁ ଉମେଶ ଚନ୍ଦ୍ର ଦାସ ସଙ୍ଗୀତ ସଂଯୋଜନା ଓ ଗୁରୁ ଧନେଶ୍ୱର ସ୍ୱାଇଁ ତାଳ ସଂଯୋଜନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ସଞ୍ଜୁକ୍ତା ସିହ୍ନା ଓ ତାଙ୍କ ଡ୍ୟାନ୍ସ ଗ୍ରୁପ୍‌ର ଶିଳ୍ପୀବୃନ୍ଦଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଆଦି ଅନନ୍ତ'। ଏହା ଶିବ ଓ କୃଷ୍ଣଙ୍କ ଦିବ୍ୟଶକ୍ତିକୁ ଅନୁସନ୍ଧାନ ଏବଂ ମୂର୍ତ୍ତିମନ୍ତ କରିଥିଲା। ଦୁଇଟି ମହାଜାଗତିକ ଶକ୍ତି – ଯାହା ଏକତ୍ର ସୃଷ୍ଟି, ସଂରକ୍ଷଣ ଏବଂ ବିଲୟନର ଅନନ୍ତ ଚକ୍ରକୁ ସମାପ୍ତ କରି ତାଳ, ଗତି ଓ ଭାବନା ମାଧ୍ୟମରେ, ପ୍ରଦର୍ଶନ ସ୍ଥିରତାରୁ ଆନନ୍ଦକୁ, ତପସ୍ୟାରୁ ପରମାନନ୍ଦକୁ ଯାତ୍ରା କରେ। ଆଦି ଅନନ୍ତ, ଶିବଙ୍କ ପାଇଁ ଅସୀମ ଏବଂ ଅନନ୍ତ। ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଲୀଳା', ଯାହା ଆକାଶୀୟ ଆନନ୍ଦର ନୃତ୍ୟ, କୃଷ୍ଣଙ୍କ ଦିବ୍ୟ ଖେଳକୁ ପାଳନ କରେ – ଯେଉଁଠାରେ ଭକ୍ତି ପରିତ୍ୟଜନା ସହିତ ମିଳେ ଏବଂ ଆନନ୍ଦ ସମସ୍ତ ରୂପକୁ ଅତିକ୍ରମ କରେ। ଏକାଠି, ଆଦି ଅନନ୍ତ ଏବଂ ଲୀଳା ଶିବଙ୍କ ଅନନ୍ତ ନୀରବତାରୁ କୃଷ୍ଣଙ୍କ ପରମାନନ୍ଦ ଖେଳ ପର୍ଯ୍ୟନ୍ତ – ଏକ ଆଧ୍ୟାତ୍ମିକ ଯାତ୍ରା ବୁଣନ୍ତି, ଯାହା କଥକର ଅସୀମ ସମ୍ଭାବନା ଓ ନୃତ୍ୟର କାଳଜୟୀ ସାରକୁ ଭକ୍ତି ଭାବରେ ପ୍ରତିଫଳିତ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିଆ ଆଲାମ ସଂଯୋଜନା କରିଥିବାବେଳେ ଡ. ସଙ୍ଗୀତା ଗୋସାଇଁ ପରିଚାଳନାରେ ସହଯୋଗ କରିଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଫଟୋ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

# ସଂସଦରେ ଗର୍ଜିଲେ ଏମ୍‌ପି ସମ୍ବିତ ପାତ୍ର

## ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ ପ୍ରସଙ୍ଗ

ପୁରୀ,୫।୧୨ (ଅଜିତ କୁମାର ମହାନ୍ତି)



ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କ ବିରୋଧରେ ସଂସଦରେ ଦୃଢ଼ ବକ୍ତବ୍ୟ ରଖିଛନ୍ତି। ବୀରଭୂମ୍ ଏମ୍‌ପି ଶତାବ୍ଦୀ ରାୟଙ୍କ ଦ୍ୱାରା ସଂସଦର ଶୂନ୍ୟକାଳରେ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସପକ୍ଷରେ ଦିଆଯାଇଥିବା ବୟାନକୁ କଡ଼ା ଭାଷାରେ ବିରୋଧ କରି ଡ. ପାତ୍ର ସ୍ପଷ୍ଟ କରିଛନ୍ତି ଯେ, ଏହି ବୟାନ ତଥ୍ୟାତ୍ମକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭୁଲ ଏବଂ ଓଡ଼ିଶାର ଜନସାଧାରଣଙ୍କ ଭାବନାକୁ ଆଘାତ ଦେଉଛି। ଡ. ପାତ୍ର କହିଛନ୍ତି, ଓଡ଼ିଶା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ଏବଂ ଅନନ୍ତ କାଳରୁ ଅଙ୍ଗ, ବଙ୍ଗ ଓ କଳିଙ୍ଗର ସାଂସ୍କୃତିକ ସମନ୍ୱୟରେ ଆଗକୁ ବଢ଼ିଚାଲିଛି। ବଙ୍ଗାଳୀ ଭାଷାଭାଷୀ ଲୋକେ ଆମର ପ୍ରିୟ ବନ୍ଧୁ ଏବଂ ସେମାନଙ୍କର ଇଷ୍ଟଦେବତା ମଧ୍ୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଶାରେ ସମସ୍ତ ଭାଷାଭାଷୀ ଭାରତୀୟ ନାଗରିକଙ୍କ ପାଇଁ ସ୍ଥାନ ଅଛି ଏବଂ ସମସ୍ତଙ୍କ ପାଇଁ ସମ୍ମାନ ରହିଛି। ତେବେ ବାଂଲାଦେଶୀ କିମ୍ବା ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କ ପାଇଁ ଓଡ଼ିଶାରେ କୌଣସି ସ୍ଥାନ ନାହିଁ। ଓଡ଼ିଶାରେ ସାମ୍ବିଧାନିକ ଓ ଆଇନର ଶାସନ ଚାଲିଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ସଂସଦର ସଦସ୍ୟ ନ ଥିଲେ ମଧ୍ୟ ତାଙ୍କ ପ୍ରତି ବୀରଭୂମ ଏମ୍‌ପି ଯେଉଁ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଏଥିପାଇଁ ଡ. ପାତ୍ର ସେନେଇ ବିବୃତି ଦାବି କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ ଓ ସବ୍‌କା ବିକାଶ, ସବ୍‌କା ପ୍ରୟାସ'ର ମୂଳମନ୍ତ୍ରରେ ବିଶ୍ୱାସ କରନ୍ତି ଏବଂ ଓଡ଼ିଶା ସରକାର ସମସ୍ତ ବୈଧ ନାଗରିକଙ୍କ କଲ୍ୟାଣ ଓ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଡ. ପାତ୍ର କହିଥିଲେ।

# ବାଲୁକା କଳା ଓଡ଼ିଆ ଅସ୍ମିତାର ପଥପ୍ରଦର୍ଶକ: ରାଜ୍ୟପାଳ

କୋଣାର୍କ,୫।୧୨ (ଜ୍ୟୋତିରାଜ ମହାନ୍ତି)

୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ ଓ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଯୋଗଦାନ କରିଥିଲେ। ରାଜ୍ୟପାଳ ବାଲୁକା କଳା ବୁଲି ଦେଖିବା ସହ ଏହା ଓଡ଼ିଆ ଅସ୍ମିତାର ପଥପ୍ରଦର୍ଶକ ବୋଲି ଅଭିହିତ କରିଥିଲେ। ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ନିଦର୍ଶନ ହେଉଛି ବାଲୁକା କଳା, ଯାହାର ଇତିହାସ ଅତୀବ ପ୍ରାଚୀନ ଓ ଉତ୍କଳୀୟ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଦିଗରେ ବିଶେଷ ଗୁରୁତ୍ୱ ବହନ କରିଥାଏ ବୋଲି ସେ କହିଥିଲେ। ଏହି ବାଲୁକା କଳା ମହୋତ୍ସବରେ ସ୍ପେନ, ଶ୍ରୀଲଙ୍କା, ପର୍ତ୍ତୁଗାଲ, ରୁଷିଆ ଓ ଜାପାନ ସମେତ ଭାରତର ବିଭିନ୍ନ ରାଜ୍ୟର ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ ବାଲୁକା କଳା ଚନ୍ଦ୍ରଭାଗା ବେଳାଭୂମି କୂଳରେ ପ୍ରଦର୍ଶନ କରିଥିଲେ। ଉଦଯାପନୀ ଦିବସରେ ଶିଳ୍ପୀମାନେ ବେଳାଭୂମି କୂଳରେ ବାଲିରେ ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତର ପ୍ରତିଛବିକୁ ପ୍ରତିପାଦିତ କରିଥିଲେ। ସେହିପରି ସେମାନେ ବାଲୁକା କଳାରେ ସଚେତନତାଧର୍ମୀ ବାର୍ତ୍ତା ଦେଇଥିଲେ। ବାଲୁକା କଳା ଦେଖିବାକୁ ପର୍ଯ୍ୟଟକ ଓ ଜନସାଧାରଣଙ୍କ ଭିଡ଼ ହୋଇଥିଲା।



ବାଲୁକାକଳା ଦେଖିବା ପାଇଁ ଲୋକଙ୍କ ଭିଡ ।

# ସଡ଼ାଙ୍ଗୋଇରୁ ଶିଶୁକନ୍ୟା ମୃତଦେହ ଜବତ

## ସନ୍ଦେହଜନକ ମୃତ୍ୟୁକୁ ନେଇ ମା, ବାପା ଥାନାରେ ଅଟକ

ଡେଲାଙ୍ଗ,୫।୧୨ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡି ଅଞ୍ଚଳର ସଡ଼ାଙ୍ଗୋଇ ଗ୍ରାମରୁ ଶୁକ୍ରବାର ପୋଲିସ ଜଣେ ଦେଢବର୍ଷର ଶିଶୁକନ୍ୟାଙ୍କ ମୃତଦେହ ଜବତ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଶିଶୁକନ୍ୟାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କିମାରୁଛି। ସନ୍ଦେହରେ ମା' ଏବଂ ବାପାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଚାଇଁପୁର ପଞ୍ଚାୟତର ସଡାଙ୍ଗୋଇ ଉତ୍ତରବାଡ଼ ଗ୍ରାମର ଚକ୍ରଧର ବରାଳଙ୍କ ପୁଅ ସୁବାସ ୬ବର୍ଷ ତଳେ ସଡାଙ୍ଗୋଇ ଦକ୍ଷିଣବାଡ଼ ଗ୍ରାମର ତ୍ରିନାଥ ପରିଡାଙ୍କ ଝିଅଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୪ ବର୍ଷର ପୁଅ ଥିବାବେଳେ ଦେଢ ବର୍ଷର କନ୍ୟାସନ୍ତାନ ଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପ୍ରତ୍ୟେହ କୌଣସି କାରଣକୁ ନେଇ କଳହ ଲାଗିରହୁଥିବାବେଳେ ପରିବାର ମଧ୍ୟରେ ଅଶାନ୍ତି ବାତାବାରଣ ସୃଷ୍ଟି ହେଉଥିଲା। ଗୁରୁବାର ସୁବାସ ରାଜମିସ୍ତ୍ରି କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ସ୍ତ୍ରୀ ତାଙ୍କ ଶିଶୁକନ୍ୟାକୁ ନେଇ ନିଜ ବାପଘରକୁ ଚାଲିଯାଇଥିଲେ। ଅନ୍ୟପଟେ ସମ୍ପୃକ୍ତ ମହିଳାଙ୍କ ବାପା ତ୍ରିନାଥ ରାତି ୨ଟା ବେଳେ ଶୌଚ ହେବାକୁ ଘର ନିକଟ ପୋଖରୀକୁ ଆସିଥିଲେ। ଶୌଚ ସାରି ଘରକୁ ଫେରିବାବେଳେ ପୋଖରୀ କୂଳରେ ତାଙ୍କ ଝିଅ କୁନି ଛିଡ଼ା ହୋଇଥିବାବେଳେ ଦେଢବର୍ଷର ନାତୁଣି ଶ୍ରଦ୍ଧା ତଳେ ଅଚେତ ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ। ନାତୁଣିର କ'ଣ ହୋଇଛି ବୋଲି ସେ ଝିଅକୁ ପଚାରିବାରେ କିଛି ନ କହି ଭୋଭୋ କାନ୍ଦିବାକୁ ଲାଗିଥିଲେ। ତ୍ରିନାଥ ଏନେଇ ସୁବାସଙ୍କୁ ଖବର ଦେବା ସହିତ ଶିଶୁକନ୍ୟାର ସନ୍ଦେହଜନକ ମୃତ୍ୟୁକୁ ନେଇ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର କହିଛନ୍ତି।

# ପିଲାଙ୍କ ପ୍ରକଳ୍ପରେ ପରିବେଶ ସଚେତନତା ବାର୍ତ୍ତା

## ଅସ୍ତରଙ୍ଗ ବ୍ଲକ୍‌ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ

ଅସ୍ତରଙ୍ଗ/କାକଟପୁର,୫।୧୨ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା/ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ବ୍ଲକ୍‌ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଗୁରୁବାର ଅସ୍ତରଙ୍ଗ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୬୨ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶଭିତ୍ତିକ ୩୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜଳ ସଂରକ୍ଷଣ, ଅକ୍ଷୟଶକ୍ତି, ଜୈବିକ କୃଷି, ବୃକ୍ଷରୋପଣ, ବାୟୁ ଓ ଆଲୋକ ପ୍ରଦୂଷଣ, ପ୍ଲାଷ୍ଟିକ ବ୍ୟବହାର ନିରାକରଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ବଜ୍ରପାତ ପରି ପ୍ରାକୃତିକ ବିପର୍ଯ୍ୟୟ ଆଦି ସମସ୍ୟାର ସମାଧାନ ଦିଗରେ ମୁଖ୍ୟତଃ ଏହି ପ୍ରକଳ୍ପ ଗୁଡ଼ିକ ପର୍ଯ୍ୟବସିତ ଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ପ୍ରକଳ୍ପ ପ୍ରସ୍ତୁତିରେ ପିଲାଙ୍କ ପରିକଳ୍ପନା, ପରିବେଶ ଚିନ୍ତା ଓ ସମାଧାନମୂଳକ ଦିଗକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇ ଉପକୂଳ ଅଞ୍ଚଳରେ ଜଳ ସମସ୍ୟା, ଜୈବ ବିବିଧତା ହ୍ରାସ, ପ୍ରାକୃତିକ ବିପର୍ଯ୍ୟୟ ପରି ବିପତ୍ତିକୁ ପ୍ରକୃତି ଆଧାରିତ ସମାଧାନ ଦିଗରେ ଆଲୋକପାତ କରିବା ସହ ପିଲାଙ୍କୁ ସେମାନଙ୍କ ସୃଜନଶୀଳତା ଓ ବୈଜ୍ଞାନିକ ଚିନ୍ତାଧାରା ଅଧିକ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ପାଟଳଦା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଏବଂ ସହକାରୀ ଶିକ୍ଷକ ପ୍ରିୟବ୍ରତ ପରିଡ଼ା, ଚିନ୍ମୟ କୁମାର ପ୍ରଧାନ ଓ ମଙ୍ଗଳା ଗମାଙ୍ଗ ସହଯୋଗ କରିଥିଲେ। ବିଚାରକମାନେ ୫ଟି ପ୍ରକଳ୍ପକୁ ଜିଲାକୁ ମନୋନୀତ କରିଥିଲେ। ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ରୁଦ୍ରନାରାୟଣ ପ୍ରତିହାରୀ ପ୍ରଥମ, ପାଟଳଦା ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସ୍ୱାଗତିକା ଜେନା ଦ୍ୱିତୀୟ ଓ ବେଗୁନିଆବସ୍ତ ୟୁ.ପି. ବିଦ୍ୟାଳୟର ଶୁଭଲକ୍ଷ୍ମୀ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏସ୍.ଏନ୍. ନୋଡାଲ ଉଚ୍ଚ ବିଦ୍ୟାଳୟର ସଂଜୀବନୀ ମଲ୍ଲିକ ଚତୁର୍ଥ ଓ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରିୟଙ୍କା ପରିଡ଼ା ପଞ୍ଚମ ସ୍ଥାନରେ ରହିଛନ୍ତି।





ଅତିଥି ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ।

# ମାଟିର ଗୁଣବତ୍ତା ନଷ୍ଟ କରୁଛି ରାସାୟନିକ ସାର

## ବିଶ୍ୱ ମୃତ୍ତିକା ଦିବସ ପାଳିତ

ପୁରୀ,୫।୧୨ (ଅଜିତ କୁମାର ମହାନ୍ତି)

ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଉଦ୍ୟାନ ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ଜିଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବହିଆ, କେଭିକେ କୃଷି ବୈଜ୍ଞାନିକ ଡ. ବିଷ୍ଣୁପଦ ଗିରି, ନିମାପଡ଼ା କୃଷି ଅଧିକାରୀ ସତ୍ୟନାରାୟଣ କର, ପୁରୀ ଏଡିଓ ସବ୍ୟସାଚୀ ଦାସ, ସାକ୍ଷୀଗୋପାଳ ଏଡିଓ ପରେଶ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଛନ୍ତି, ୯୬ ପ୍ରତିଶତ ଖାଦ୍ୟ ଉତ୍ପାଦନ ମାଟିରୁ ହେଉଛି। ମାତ୍ର ଆମେ ମାଟିକୁ ବିଷଦେଇ ମୃତ୍ୟୁମୁଖକୁ ଠେଲିଚାଲିଛେ। ରାସାୟନିକ ସାରର ଅହେତୁକ ପ୍ରୟୋଗ ମାଟିର ଗୁଣବତ୍ତାକୁ ନଷ୍ଟ କରିଚାଲିଛି। ପୁରୀର ପ୍ରାୟ ୧୬ ହଜାର ହେକ୍ଟର ଜମି ଜଳମଗ୍ନ ହୋଇରହୁଛି। ଅଧିକାଂଶ ଲବଣାକ୍ତ ରହୁଛି। ତେଣୁ ସେଠାରେ ଧାନଚାଷ ହୋଇପାରୁ ନାହିଁ। ୧ ଇଞ୍ଚ ମାଟିସ୍ତର ସୃଷ୍ଟି ଲାଗି ପ୍ରାୟ ୬ଶହରୁ ୧ହଜାର ବର୍ଷ ଲାଗିଯାଏ। ମାତ୍ର ୧ ଇଞ୍ଚ ମୃତ୍ତିକାକୁ ନଷ୍ଟ କରିବାକୁ ୧ବର୍ଷ ଲାଗି ନ ଥାଏ। ମୃତ୍ତିକାର ଗୁଣବତ୍ତା ରକ୍ଷା ପାଇଁ ଚାଷୀମାନେ ସଚେତନ ହେବା ନିତାନ୍ତ ଜରୁରୀ ହୋଇପଡ଼ିଛି। ଏହି ଅବସରରେ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କୃଷି ଅଧିକାରୀ ଚାନ୍ଦ କହିଥିଲେ, ମାଟିର ଅଣୁଜୀବ ହେଉଛନ୍ତି ମାଟି ଭିତରର ରାନ୍ଧୁଣିଆ। ତେଣୁ ଜିଆ ଖତର ପରିମାଣ ବଢାଇବା, ମାଟି ତଳେ ଅଣୁଜୀବ ସୁରକ୍ଷିତ ରହିବା ପାଇଁ ମାଟିର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିବା, ମୃତ୍ତିକା ସ୍ୱାସ୍ଥ୍ୟକୁ ୨–୩ ବର୍ଷରେ ପରୀକ୍ଷା କରେଇ ନେଇ ଆବଶ୍ୟକ ପଦକ୍ଷେପ ନେବା ଉଚିତ। କୃଷି ବୈଜ୍ଞାନିକ ଡ. ଗିରି କହିଥିଲେ, ଚାଷ ଜମିରେ ଭଲ ଫସଲ ଫଳେଇବା ପାଇଁ ହେଲେ ୨୫ ଭାଗ ପାଣି, ୨୫ ଭାଗ ପବନ, ୪୫ ଭାଗ ଖଣିଜ ପଦାର୍ଥ ଓ ୫ ଭାଗ ଜୈବିକ ପଦାର୍ଥ ରହିବା ଆବଶ୍ୟକ। ମାତ୍ର ଚାଷୀମାନେ ଏତେ ମାତ୍ରାରେ ପାଣି ମଡ଼ାଉଛନ୍ତି ଯେ, ଅମ୍ଳଜାନ ଯିବା ପାଇଁ ବାଟ ରହୁନାହିଁ। ତେଣୁ ଚେର ମଜଭୁତ ହେଉନାହିଁ। ଫସଲ ଅବଶେଷକୁ ମାଟିରେ ପ୍ରୟୋଗ କଲେ ଏହା ମାଟିରେ ଜୈବିକ ଅଙ୍ଗାରର ପରିମାଣ ବୃଦ୍ଧିରେ ସହାୟକ ହୁଏ। ପୁରୀ ଜିଲାର ମାଟିରେ ୩% ଜୈବିକ ଅଙ୍ଗାର ରହିବାର ଆବଶ୍ୟକତା ଥିଲେ ହେଁ, ଅଛି ୫%। ଚାଷ ପରେ ନିଆଁ ଲଗାଇ ଦେଉଥିବାରୁ ବହୁ ଦରକାର ଅଣୁଜୀବ ଓ ଜିଆ ମରିଯାଉଛନ୍ତି। ତେଣୁ ଚାଷୀମାନେ ଏ ସବୁ ଦିଗକୁ ଦୃଷ୍ଟି ଦେଇ ମାଟିର ଗୁଣବତ୍ତା ପାଇଁ ଚେଷ୍ଟା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ମାଟି ପରୀକ୍ଷା ପାଇଁ ଦୁଇଟି ଭ୍ରାମ୍ୟମାଣ ଗାଡ଼ି ରହିଛି। କୃଷିମିତ୍ରମାନେ ଚାଷୀଙ୍କଠାରୁ ମାଟି ଆଣି ପରୀକ୍ଷା କରିବାର ସୁଯୋଗ ମଧ୍ୟ ଅଛି ବୋଲି କୃଷି ଅଧିକାରୀ ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଏଏନ୍‌ଏମ୍ ପ୍ରଶ୍ନପତ୍ର ଭାଇରାଲ ନେଇ ଥାନାରେ ମାମଲା

## ଗଠନ ହେଲା ଟିମ୍, ହ୍ୱାଟ୍ସଆପ୍‌କୁ ମଗାଗଲା ତଥ୍ୟ

ଭୁବନେଶ୍ୱର,୫।୧୨(ତ୍ରିନାଥ ମହାନ୍ତି)

ଏଏନ୍‌ଏମ୍/ଜିଏନ୍‌ଏମ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଭାଇରାଲକୁ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ଡିଏମ୍‌ଇଟି ନିର୍ଦ୍ଦେଶକଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇଟି ଆକ୍ଟ ସହ ଅନ୍ୟାନ୍ୟ ଦଫାରେ ଏକ ମାମଲା (ନଂ.୭୯୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀଙ୍କ ନେତୃତ୍ୱରେ ଗଠିତ ଟିମ୍ ତଦନ୍ତ ଆରମ୍ଭ କରିଛି। କେଉଁ ହ୍ୱାଟ୍ସଆପ୍ ନମ୍ବରରୁ ଭାଇରାଲ କରାଯାଇଛି, ତାହା ଜାଣିବା ପାଇଁ 'ମେଟା'କୁ ତଥ୍ୟ ମଗାଯାଇଛି। ତଥ୍ୟ ଆସିବା ପରେ ଖୁବ୍‌ଶୀଘ୍ର ଭାଇରାଲକାରୀଙ୍କୁ ଗିରଫ କରାଯିବ ବୋଲି କ୍ୟାପିଟାଲ ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ଏଏନ୍‌ଏମ୍/ଜିଏନ୍‌ଏମ୍ ପରୀକ୍ଷା ଶୁକ୍ରବାର ଅପରାହ୍ନ ୨ଟାରୁ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ସମସ୍ତ ପରୀକ୍ଷା ବାତିଲ କରାଯାଇଥିବା ଓଏନ୍‌ଏମ୍‌ଇବି ପକ୍ଷରୁ ସୂଚନା ଦିଆଯାଇଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ପ୍ରାଥମିକ ଶିକ୍ଷକ

## ଦାବି ପୂରଣ ନ ହେବା ଯାଏ ସମୂହ ଛୁଟିରେ ରହିବାକୁ ନିଷ୍ପତ୍ତି

ଭୁବନେଶ୍ୱର,୫।୧୨(ସୁଚିସ୍ମିତା ସାହୁ)

ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ପ୍ରାଥମିକ ଶିକ୍ଷକ। ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଖେଇ ଆସିଥିବା ବେଳେ ବିଦ୍ୟାଳୟରେ ପାଠ ପଢ଼ାଇବା ବଦଳରେ ଦାବି ପୂରଣ ପାଇଁ ଶିକ୍ଷକମାନେ ରାଜରାସ୍ତାରେ ବସିଛନ୍ତି। ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ୨ ଦଫା ଦାବି ନେଇ ଶୁକ୍ରବାର ଶିକ୍ଷୟିତ୍ରୀଶିକ୍ଷକମାନେ ଗାନ୍ଧୀ ମାର୍ଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶିକ୍ଷକମାନେ ସମୂହ ଛୁଟିରେ ରହି ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମହାସଂଘର ଆବାହକ ରାମଲାଲ ପଟେଲ କହିଛନ୍ତି। ଦାବି ସମ୍ପର୍କରେ ସେ କହିଛନ୍ତି, ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଅପ୍‌ଗ୍ରେଡ କରି ଲେବୁଲ ୯ ଅନୁଯାୟୀ ମୂଳ ବେତନ ୩୫,୪୦୦ଟଙ୍କା ପ୍ରଦାନ କରନ୍ତୁ। ସେହିପରି ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ କାର୍ଯ୍ୟକାଳକୁ ଠିକା କାର୍ଯ୍ୟରୁ ଉଚ୍ଛେଦ କରି ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନୋଶନାଲ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକମାନେ ଦାବି କରିଆସୁଛନ୍ତି। ରାଜ୍ୟରେ ପ୍ରାଥମିକ ଶିକ୍ଷକମାନେ ସ୍ୱଳ୍ପ ଦରମା ପାଉଥିବାରୁ ମାନସିକ ଚିନ୍ତାରେ ରହୁଛନ୍ତି। ଫଳରେ ରାଜ୍ୟରେ ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧିରେ ଅହେତୁକ ଅବନତି ଘଟୁଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତୁରନ୍ତ ସମସ୍ତ ଘଟଣାର ସମାଧାନ କଲେ ହିଁ ଶିକ୍ଷକମାନେ ବିଦ୍ୟାଳୟରେ ପାଠ ପଢ଼ାଇପାରିବେ ବୋଲି ସେ କହିଛନ୍ତି।



ଲୋୟର ପିଏମ୍‌ଜିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ହିନ୍ଦୁ ଶତାବ୍ଦୀ' ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

## ହିନ୍ଦୁ ମଠ ମନ୍ଦିରର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ହିନ୍ଦୁଙ୍କୁ ମିଳୁ: ବିଶ୍ୱ ହିନ୍ଦୁ ପରିଷଦ


ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ପତ୍ରିକା 'ହିନ୍ଦୁ ଶତାବ୍ଦୀ' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୫।୧୨
(ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ହିନ୍ଦୁ ପରିଷଦ ଓଡିଶା (ପୂର୍ବ)ର ମାସିକ ପତ୍ରିକା 'ହିନ୍ଦୁ ଶତାବ୍ଦୀ'କୁ ଶୁକ୍ରବାର ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପରିଷଦର ପୂର୍ବ ଓ ପଶ୍ଚିମ ପ୍ରାନ୍ତର ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ତଥା ସଂଘ ବିଚାର ପରିବାରର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ କହିଲେ, ଏହି ପତ୍ରିକା ସନାତନ ହିନ୍ଦୁ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଆଧାର କରି ସମଗ୍ର ହିନ୍ଦୁ ସମାଜର ବାର୍ତ୍ତାବହ ଭାବେ କାର୍ଯ୍ୟ କରୁଛି। ସମସ୍ତ ମଠ ମନ୍ଦିରକୁ ସରକାର ତୁରନ୍ତ ନିୟନ୍ତ୍ରଣ ମୁକ୍ତ କରନ୍ତୁ। ଯେପରି ଅନ୍ୟ ଧାର୍ମିକ ପୀଠ ଯଥା ମସ୍‌ଜିଦ, ଗୀର୍ଜା ସରକାରଙ୍କ ନିୟନ୍ତ୍ରଣ ମୁକ୍ତ ରହିଛି, ସେହିଭଳି ହିନ୍ଦୁ ମଠ ମନ୍ଦିରକୁ ମଧ୍ୟ ସରକାର ତୁରନ୍ତ ନିୟନ୍ତ୍ରଣ ମୁକ୍ତ କରି ତାହାର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ହିନ୍ଦୁମାନଙ୍କୁ ପ୍ରଦାନ କରନ୍ତୁ। ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତ ଏକ ଦାବି ପତ୍ର ପ୍ରଦାନ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଦୀପ


@ ପ୍ରଭାତ


@ ଶୁଭାଶିଷ


@ ସତ୍ୟପୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

केंद्रीय दत्तक-ग्रहण संसाधन प्राधिकरण
Central Adoption Resource Authority
महिला एवं बाल विकास मंत्रालय, भारत सरकार
Ministry of Women & Child Development,
Government of India

ADOPTION AWARENESS MONTH 2025
#EveryChildMatters
CARA

ଏ ହେଉଛନ୍ତି ସୋନାଲି,
ଏକ ବାଳାଶ୍ରମରେ
ରହୁଥିବା ଜଣେ ୫ ବର୍ଷ
ବୟସର ଝିଅ।
ସେ ବଢ଼ିଆ ଗୀତ ଗାଆନ୍ତି।

ସୋନାଲି ପରି ଅନେକ ଦିବ୍ୟାଙ୍ଗ ଶିଶୁ ଅଛନ୍ତି,
ଯେଉଁମାନଙ୍କୁ ଖୁବ୍ କମ୍ ଲୋକ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରନ୍ତି_
କେବଳ ଏଇଥିପାଇଁ ଯେ ଆମ ସମାଜ ଦୃଷ୍ଟିରେ
ସେମାନେ 'ଭିନ୍ନ'


ଏଆଇ ଦ୍ୱାରା ଉତ୍ପନ୍ନ ଚିତ୍ର

**ପ୍ରତ୍ୟେକ ଶିଶୁ ଖାସ୍ ହୋଇଥାଏ...**
**ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ମଧ୍ୟ ନିଜ ହୃଦୟ ଖୋଲିଦିଅନ୍ତୁ**

କୌଣସି ବରିଷ୍ଠତା ତାଲିକା ନାହିଁ, ଦୀର୍ଘଦିନର ପ୍ରତୀକ୍ଷା ଅବଧି ନାହିଁ...
ବିଶେଷ ଆବଶ୍ୟକତାଧାରୀ ଶିଶୁଙ୍କ ପାଇଁ ପୋଷ୍ୟସନ୍ତାନ
ଗ୍ରହଣ ପ୍ରକ୍ରିୟା ଅପେକ୍ଷାକୃତ ଶୀଘ୍ର ହୋଇଥାଏ।

ସେମାନଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପାଇଁ ମିଶନ୍ ବାତ୍ସଲ୍ୟ ପୋର୍ଟାଲରେ ଲଗ୍ ଇନ୍ କିମ୍ବା ପଞ୍ଜୀକରଣ କରନ୍ତୁ। 'ସ୍ପେଶାଲ ନିଡ୍' ଟ୍ୟାବ୍ ତଳେ ଆପଣ ପୋଷ୍ୟସନ୍ତାନ ପାଇଁ ଉପଲବ୍ଧ ଶିଶୁଙ୍କ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ଏବଂ ଜଣେ ଶିଶୁକୁ ସିଧାସଳଖ ରିଜର୍ଭ କରିପାରିବେ।

'ବିଶେଷ ଆବଶ୍ୟକତାଧାରୀ' ଶିଶୁ ଭାବେ ବର୍ଗୀକୃତ
ସମସ୍ତ ଶିଶୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇ ନ ଥାନ୍ତି

CBC 46102/12/0001/2526

#EveryChildMatters

https://cara.wcd.gov.in/ @cara_mwcd @cara_mwcd @CARAWCD @CARAWCD
CARA Helpline no: 1800-11-1311
Available between 8:00 AM to 8:00 PM (Mon-Fri)

# ଦୀଘା ମଡେଲର ମୁଖ୍ୟ ବିରଞ୍ଚି ପାରଳାଖେମୁଣ୍ଡିରୁ ଗିରଫ

ଭୁବନେଶ୍ୱର,୫।୧୨(ତ୍ରିନାଥ ମହାନ୍ତି)

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

■୨ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି ସିବିଆଇ

■ବିରଞ୍ଚିଙ୍କ ଡାଏରୀରୁ ମିଳିଲା ଶଙ୍କର, ମୁନାର କେଲେଙ୍କାରୀ ତଥ୍ୟ

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ଶୁକ୍ରବାର ବଡ଼ ଆକ୍ସନ ନେଇଛି। ଏହି ବଡ଼ ନିଯୁକ୍ତି ଜାଲିଆତିର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଅନ୍ୟତମ ସହଯୋଗୀ ତଥା ଦୀଘା ମଡେଲର ମୁଖ୍ୟ ବିରଞ୍ଚି ନାରାୟଣଙ୍କୁ ପାରଳାଖେମୁଣ୍ଡିରୁ ଗିରଫ କରିଛି। ତାଙ୍କ ଘର ପାରଳାଖେମୁଣ୍ଡି ହୋଇଥିବାବେଳେ ସେ ଭୁବନେଶ୍ୱର କଳାରାହାଙ୍ଗରେ ରହି କଳା ସାମ୍ରାଜ୍ୟ ଚଳାଉଥିଲେ। ଗିରଫ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସକୁ ଅଣାଯାଇଥିଲା। ପଚରାଉଚରା କରାଯାଇ ତାଙ୍କୁ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ବିରଞ୍ଚିଙ୍କୁ ୩ଦିନିଆ ରିମାଣ୍ଡରେ ନେବାକୁ ସିବିଆଇ ଆବେଦନ କରିଥିବା ବେଳେ କୋର୍ଟ ଦୁଇଦିନ ରିମାଣ୍ଡ ଅନୁମତି ଦେଇଥିଲେ। ଏହାପରେ ସିବିଆଇ ଟିମ୍ ବିରଞ୍ଚିଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି। ଜେରାରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ


ସିବିଆଇ ଦ୍ୱାରା ଗିରଫ ବିରଞ୍ଚି।

ପାଇଛି ସିବିଆଇ। ବିରଞ୍ଚି ମୁଖ୍ୟ ଦଲାଲ ହୋଇଥିବା ବେଳେ ତାଙ୍କ ଅଧୀନରେ ଏକାଧିକ ଦଲାଲ ପିଲା ଯୋଗାଡ଼, ଟଙ୍କା ଓ ସାର୍ଟିଫିକେଟ ସଂଗ୍ରହ ଆଦି ବିଭିନ୍ନ କାର୍ଯ୍ୟ କରୁଥିଲେ। ଗତ ମାର୍ଚ୍ଚରେ ପରୀକ୍ଷା ବାତିଲ ପୂର୍ବରୁ ୩ଶହ ପିଲାଙ୍କୁ ନେଇ ବିରଞ୍ଚି ଦୀଘା ଯାଇଥିଲା। ସେଠାରେ ସେ ପିଲାଙ୍କୁ ହୋଟେଲରେ ରଖିବା ସହ ଆଗୁଆ ପ୍ରଶ୍ନପତ୍ର ଦେଇଥିଲା। ହେଲେ ପରୀକ୍ଷା ବାତିଲ ପରେ ସବୁ କିଛି ଫସର ଫାଟିଯାଇଥିଲା। ପୂର୍ବରୁ ଦୀଘା ମଡେଲରେ କାମ କରୁଥିବା ଅରବିନ୍ଦ ଦାସଙ୍କୁ ଗିରଫ କରାଯିବା ପରେ ରିମାଣ୍ଡରେ ଆଣି ସିବିଆଇ ପଚରାଉଚରା କରିଥିଲା। ଏହି ସମୟରେ ବିରଞ୍ଚିଙ୍କ ସମ୍ପର୍କରେ ସିବିଆଇ ଟିମ୍ ବହୁ ତଥ୍ୟ ହାସଲ କରିବା ପରେ ଗିରଫ ପାଇଁ ଯୋଜନା କରିଥିଲେ।

ତେବେ ବିରଞ୍ଚିଙ୍କ ଘରେ ଚଢ଼ାଉ ସମୟରେ ସିବିଆଇ ଟିମ୍ ଏକାଧିକ ପିଲାଙ୍କ ସାର୍ଟିଫିକେଟ୍ ସହ ଏକ ଡାଏରୀ ପାଇଛି। ଉକ୍ତ ଡାଏରୀରେ କେଉଁ ପରୀକ୍ଷାର୍ଥୀଙ୍କଠାରୁ କେତେ ଟଙ୍କା ଓ ସାର୍ଟିଫିକେଟ ଆଣିଛନ୍ତି, ଆଦାୟ ଟଙ୍କାରୁ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କ ଆକାଉଣ୍ଟକୁ କେତେ ଟଙ୍କା ଯାଇଛି– ସବୁ କିଛି ଏହି ଡାଏରୀରେ ଲେଖାଯାଇଛି। ଏଥିସହ ଡାଏରୀ ତଥ୍ୟ ଆଧାରରେ ଆଉ ୫ଜଣ ଦଲାଲଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଏବେ ସେମାନଙ୍କ ବିରୋଧରେ ଆର୍ଥିକ କାରବାର ଓ ଡିଜିଟାଲ ପ୍ରମାଣ ଯୋଗାଡ଼ କରୁଛି ସିବିଆଇ। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଭଞ୍ଜନଗରରେ ପହଞ୍ଚି ଖୋଳତାଡ଼ କରିଥିଲା ସିବିଆଇର ୨ ଜଣିଆ ଟିମ୍। ଏଥିସହ ଦୁଇ ଅଧିକାରୀ ଭଞ୍ଜନଗର ଥାନାରେ ପହଞ୍ଚି ମାମଲାରେ ଅଭିଯୁକ୍ତ ଥିବା କେତେଜଣ ପରୀକ୍ଷାର୍ଥୀଙ୍କୁ ଡାକି ପଚରାଉଚରା କରିଥିବା ଜଣାପଡ଼ିଛି।

### କ୍ରାଇମବ୍ରାଞ୍ଚକୁ ଚକ୍‌ମା ଦେଇଥିଲା ସିଲିକନ୍ ଟେକ୍ ଲାବ୍

ସବୁଠାରୁ ବଡ଼ କଥା ହେଲା, କ୍ରାଇମବ୍ରାଞ୍ଚକୁ କିପରି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସିଲିକନ୍ ଟେକ ଲାବ୍ ସଂସ୍ଥା ଚକ୍‌ମା ଦେଇଥିଲା ତାହାର ସବୁ କାରସାଦି ଜାଣିବାକୁ ପାଇଛନ୍ତି ସିବିଆଇ ଅଧିକାରୀ। ଶହୀଦନଗର ଜନପଥର ପ୍ଲଟ ନଂ.୩୬୪ରେ ସଂସ୍ଥା ଅସଲି ଅଫିସ ଥିବାବେଳେ ତଦନ୍ତକାରୀ ସଂସ୍ଥାକୁ ଚକମା ଦେବାକୁ ପଟିଆ ଡିଏଲ୍‌ଏଫ୍‌ରେ ଡମି ଅଫିସ୍ କରାଯାଇଥିଲା। ଅସଲି ଅଫିସରେ ସବୁ ଜାଲିଆତି ଚାଲୁଥିବାବେଳେ କ୍ରାଇମବ୍ରାଞ୍ଚ ଜାଣି ନ ପାରି ଉକ୍ତ ଡମି ଅଫିସରେ ଚଢ଼ାଉ କରି ଖାଲି ହାତରେ ଫେରିଥିଲା। ଫଳରେ ର୍‍ୟାକେଟ୍‌ରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହେବା ସହ ବହୁ କାଗଜପତ୍ର ହାଇଜାକ୍ କରାଯାଇଥିବା ସନ୍ଦେହ କରାଯାଉଛି।

# ଆତୋଡ଼ାରେ ବୋମାମାଡ଼: ୨ ମହିଳା ଆହତ


ଆହତ ୨ ମହିଳା।

ମଙ୍ଗୁଳି–ଜଗତପୁର,୫।୧୨ (ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ମଧକଛ ପଞ୍ଚାୟତ ଆତୋଡା ଗ୍ରାମରେ ରାଜନୈତିକ ଶତ୍ରୁତାରୁ ଶୁକ୍ରବାର ବୋମାମାଡ଼ ହୋଇଛି। ଦୁଇଟି ବୋମାମାଡ଼ରେ ୨ଜଣ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ଉକ୍ତ ଗ୍ରାମର ସୁମିତ୍ରା ସେଠୀ ଓ ସୁଲୋଚନା ସେଠୀ। ସୁମିତ୍ରାଙ୍କ ଆଣ୍ଠୁଠୁ ପାଦ ଯାଏ ପୋଡ଼ିଯାଇଥିବା ବେଳେ ସୁଲୋଚନାଙ୍କ ଗୋଡ ଓ ନାକ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଛି। ଏ ନେଇ ସୁମିତ୍ରା ଓ ସୁଲୋଚନାଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ସୁଲୋଚନା ଓ ସୁମିତ୍ରା ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଗ୍ରାମ ଦେଇ ଯାଇଥିବା କେନ୍ଦ୍ରାପଡା ୪ ନଂ. ଶାଖା କେନାଲ ପାର୍ଶ୍ୱ ପାହାଚରେ ବସିଥିଲେ। ସେହି ସମୟରେ ବାରବୋଡିଆ ଗ୍ରାମ ପଟୁ ୨ଟି ବାଇକ୍‌ରେ ୬ଜଣ ଯୁବକ ଆସି କେନାଲ ଆର ପଟେ ଅଟକି ଥିଲେ। ପରେ ହଠାତ୍ ୨ଟି ବୋମା ସୁମିତ୍ରା ଓ ସୁଲୋଚନାଙ୍କ ଉପରକୁ ଫୋପାଡି ଫେରାର ହୋଇଯାଇଥିଲେ। ସେମାନେ ମୁହଁରେ ମାସ୍କ ପିନ୍ଧିବା ସହ ବାଇକ୍ ନମ୍ବର ପ୍ଲେଟ୍‌କୁ କପଡାରେ ଢାଙ୍କି ଥିଲେ। ପ୍ରକାଶଥାଉ କି, ଗତ ୩ ତାରିଖରେ ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ମମତା ରାଉତଙ୍କ ପୁଅ ତଥା କଟକ ଜିଲା ଯୁବମୋର୍ଚ୍ଚା ଭାଜପା ସଭାପତି ସତୀଶ ରାଉତଙ୍କୁ ରାଜନୈତିକ ଶତ୍ରୁତାରୁ ଆକ୍ରମଣ ହୋଇଥିଲା। ସେଥିରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ପୂର୍ବତନ ଅଧ୍ୟକ୍ଷା ଘଟଣାର ସିସିଟିଭି ଫୁଟେଜ ସହ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ମୋ ନେତୃତ୍ୱରେ ଗ୍ରାମବାସୀ ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କୁ ଜନମତ ଦେଇ ଆସୁଛନ୍ତି। ସେଥିପାଇଁ ମୋ ମନୋବଳ ଭାଙ୍ଗିବା ପାଇଁ ଗ୍ରାମବାସୀଙ୍କୁ ବୋମାମାଡ କରାଯାଉଛି ବୋଲି ସତୀଶ କହିଛନ୍ତି।

# ୧୭ ବାଇକ୍ ସହ ୧୫ କାତି ଜବତ, ୮ ଅଟକ

ବଉଳା,୫।୧୨(ଦୁର୍ଗା ପ୍ରସାଦ ଆୟଚ)

## ଜୁଆଆଡ୍ଡାରେ ଚଢ଼ାଉ

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନା ଅଧୀନ ଅଁରା ହାଟରେ ବେଆଇନ ଭାବେ କୁକୁଡ଼ା ଲଢ଼େଇ ଓ ଜୁଆଖେଳ ଚାଲିଥିବା ବେଳେ ନନ୍ଦିପଦା ପୋଲିସ ଚଢ଼ାଉ କରିଛି। ପୋଲିସ ଘଟଣାସ୍ଥଳରୁ ୧୭ ବାଇକ୍, ୧୫ଟି କାତି ଜବତ କରିଛି। ଜୁଆଖେଳରେ ସମ୍ପୃକ୍ତ ୮ ଜଣଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ହାଟରେ ବେଆଇନ ଭାବେ ଜୁଆଖେଳ ହେଉଥିବା ନେଇ ପୋଲିସ ଖବର ପାଇଥିଲା। ନନ୍ଦିପଦା ଥାନାର ଏସ୍‌ଆଇ ଅନୁପ କୁମାର କର ଓ ବଳିଆ ବାରିକଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। କିଛି ଲୋକ ଦୌଡ଼ି ପଳାଇଥିବା ବେଳେ ୮ଜଣଙ୍କୁ ପୋଲିସ କାବୁ କରିଥିଲା। ଘଟଣାସ୍ଥଳରୁ କୁକୁଡ଼ା ଲଢ଼େଇରେ ବ୍ୟବହାର ହେଉଥିବା ୧୫ କାତି ଓ ୧୭ ବାଇକ୍ ଜବତ କରାଯାଇଛି।


ଜବତ ହୋଇଥିବା କାତି।

ଏସ୍‌ଆଇ ଅନୁପ କୁମାର କର କହିଛନ୍ତି, ଜୁଆଆଡ୍ଡାରେ ଚଢ଼ାଉ କରାଯାଇ ବାଇକ୍, କାତି ଜବତ କରାଯାଇଥିଲା। ୮ ଜଣଙ୍କୁ ଅଟକ ରଖାଯାଇଥିଲା। ପରେ ସେମାନଙ୍କୁ ନୋଟିସ୍ କରାଯାଇ ଛାଡ଼ିଦିଆଯାଇଥିବା କହିଥିଲେ।

# ୪ଦିନ ପରେ ବଳାତ୍କାର ପୀଡ଼ିତାଙ୍କ ଆତ୍ମହତ୍ୟା

ଢେଙ୍କାନାଳ,୫।୧୨(ରତନ ନାୟାର)

## ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ କରିପାରିଲାନି ପୋଲିସ

ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଚାଉଳିଆ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଲୋକଲଜ୍ଜା ଓ ମାନସିକ ନିର୍ଯାତନାକୁ ସହି ନ ପାରି ଜଣେ ବଳାତ୍କାର ପୀଡ଼ିତା ୪ ଦିନ ପରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୁଇସାଇଡାଲ ନୋଟ୍ ଜବତ କରି ତଦନ୍ତ ଜାରି ରଖିଛି । ଚାଉଳିଆ ଗ୍ରାମର ସନା ବେହେରା (ଛଦ୍ମନାମ) ଜଣେ ରାଜମିସ୍ତ୍ରୀ। ସେ ଗତ ୩୦ ତାରିଖ ରାତିରେ ମାଣପୁର ଗ୍ରାମକୁ ଏକ ବାହାଘରକୁ ଯାଇଥିବା ବେଳେ ସେହି ଗ୍ରାମର ତାଙ୍କର ସମ୍ପର୍କୀୟ ପୁତୁରା ଟୁକୁ ଦାସ ସନାଙ୍କ ସ୍ତ୍ରୀ ସବିତା (୨୪) (ଛଦ୍ମନାମ)ଙ୍କୁ ବଳାତ୍କାର କରିଥିଲେ। ଏ ସଂକ୍ରାନ୍ତରେ କାହାକୁ କହିଲେ ସ୍ୱାମୀ ଓ ତାଙ୍କର ଏକମାତ୍ର ୮ବର୍ଷର ଝିଅକୁ ମାରିଦେବେ ବୋଲି ଧମକ ଦେଇଥିଲେ।ଫଳରେ ସବିତା ଏ ବିଷୟରେ କାହାରିକୁ କହି ନ ଥିଲେ। ପରଦିନ ସନ୍ଧ୍ୟାରେ ସବିତା ପାଣି ଆଣିବାକୁ କୂଅ ପାଖକୁ ଯାଇଥିବା ବେଳେ ପୁଣି ଟୁକୁ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ସଂକ୍ରାନ୍ତରେ ସେ ସ୍ୱାମୀଙ୍କୁ ସମସ୍ତ ବିଷୟ ଜଣାଇଥିଲେ। ୨ ତାରିଖ ଦିନ ସବିତା ସଦର ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୯୯୩/୨୫, ଦଫା ୬୧(୧)/୩୫୧(୨) ବିଏନ୍‌ଏସ୍‌ରେ ମାମଲା ରୁଜୁ କରିଥିଲା। ଲୋକଲଜ୍ଜାକୁ ସହି ନ ପାରି ଶୁକ୍ରବାର ସବିତା ବେକରେ ରସି ଲଗାଇ ଫ୍ୟାନରେ ଝୁଲି ପଡିଥିଲେ । ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହିତ ଘଟଣା ସ୍ଥଳରୁ ଏକ ସୁଇସଇଡାଲ ନୋଟ ଜବତ କରିଥିଲା। ସୁଇସାଇଡାଲ ନୋଟରେ ସବିତା ନିଜର ମୃତ୍ୟୁ ପାଇଁ ଟୁକୁ ଦାୟୀ ବୋଲି ଲେଖିଥିଲେ।

ଏ ସଂକ୍ରାନ୍ତରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଗତ ୨ ତାରିଖ ଦିନ ସଦର ଥାନାରେ ୯୯୩/୨୫ରେ ଏକ ମାମଲା ରୁଜୁ ହୋଇଛି। ସବୁପ୍ରକାର ସାଇଣ୍ଟିଫିକ୍ ପ୍ରମାଣ ଆମେ ସଂଗ୍ରହ କରିଛୁ। ମାମଲା ରୁଜୁ କରାଯାଇ ମାଜିଷ୍ଟ୍ରେଟ ଓ ପୋଲିସ ତାଙ୍କର ବୟାନ ନେଇଛନ୍ତି। ଉଭୟ ସନା ଓ ଟୁକୁ ମିସ୍ତ୍ରୀ ଭାବେ କାମ କରୁଥିଲେ ବୋଲି ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାପଡିଛି । ଉଭୟ ପଡୋଶୀ ହୋଇଥିବାରୁ ଏହି ଘଟଣାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ତେବେ ପୋଲିସର ତଦନ୍ତ ପରେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ।

# ଲାଞ୍ଚ: ଫରେଷ୍ଟର ଗିରଫ

ଝାରସୁଗୁଡ଼ା/ବ୍ରଜରାଜନଗର,୫।୧୨
(ଆଶିଷ ରଞ୍ଜନ ଦାଶ/ବିଜୟ ବରାଡ଼)

ଲାଞ୍ଚ ନେବା ଅଭିଯୋଗରେ ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବ୍ରଜରାଜନଗର ରେଞ୍ଜ୍ ବନ୍ଧବାହାଲ ସେକ୍ସନର ଫରେଷ୍ଟର ଗୌରାଙ୍ଗ ସାହୁଙ୍କୁ ଭିଜିଲାନ୍ସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ଜଣେ ବ୍ୟକ୍ତିଙ୍କୁ ଶୁଖିଲା ୟୁକାଲ ପଟାସ ଗଛ କାଟିବା ଓ ପରିବହନ ପାଇଁ ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ବ୍ୟକ୍ତି ଜଣଙ୍କ ଫରେଷ୍ଟର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ୫ ହଜାର ଟଙ୍କା ଲାଞ୍ଚ ଦେଉଥିଲେ। ଏହି ସମୟରେ ରାଉରକେଲା ଭିଜିଲାନ୍ସ ଟିମ୍ ସାହୁଙ୍କୁ କାବୁ କରିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୧୩/୨୫) ରୁଜୁ ହୋଇଛି।

## ଜାତୀୟ/ଅନ୍ତର୍ଜାତୀୟ

# ମନ୍ଦିର ଟଙ୍କା ଭଗବାନ୍‌ଙ୍କର

## ବ୍ୟାଙ୍କକୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୧୨(ପି.ଟି.)

ମନ୍ଦିର ଟଙ୍କା ଦେବଦେବୀଙ୍କର। ଏହା ଉପରେ ଅନ୍ୟ କାହାରି ଅଧିକାର ନ ଥିବାରୁ ଉକ୍ତ ଅର୍ଥକୁ ଆର୍ଥିକ ସଙ୍କଟରେ ଥିବା ସମବାୟ ବ୍ୟାଙ୍କରେ ସଞ୍ଚୟ କରାଯାଇପାରିବ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କେରଳର ୫ଟି ସମବାୟ ବ୍ୟାଙ୍କରେ ଥିରୁନେଲ୍ଲୀ ଟେମ୍ପଲ ଦେବୋସ୍ୱମ୍‌ର ଟଙ୍କା ଜମା କରାଯାଇଥିଲା। କେରଳ ହାଇକୋର୍ଟ ଉକ୍ତ ଟଙ୍କା ମନ୍ଦିରକୁ ଫେରାଇବା ପାଇଁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସମବାୟ ବ୍ୟାଙ୍କଗୁଡ଼ିକ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜ୍ୟୋତିମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ବ୍ୟାଙ୍କକୁ ରକ୍ଷା କରିବା ପାଇଁ ମନ୍ଦିର ଟଙ୍କାକୁ ବ୍ୟବହାର କରାଯାଇପାରିବ ନାହିଁ। ଭଗବାନଙ୍କ ପାଇଁ ଉଦ୍ଦିଷ୍ଟ ଟଙ୍କାକୁ ସୁରକ୍ଷା ଦେବା ସହ କେବଳ ମନ୍ଦିର ସ୍ୱାର୍ଥରେ ବ୍ୟବହାର କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଦିଲ୍ଲୀରେ ଆଜି


ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍। (ଫଟୋ– ଚମନ ଗୌତମ)

# ଆରାବଳି ନିୟମ ଏହାର ପରିବେଶକୁ ନଷ୍ଟ କରିବ: ବିଶେଷଜ୍ଞ

ନୂଆଦିଲ୍ଲୀ,୫।୧୨(ପି.ଟି.)

ବିଶ୍ୱର ଅନ୍ୟତମ ସର୍ବପୁରାତନ ପର୍ବତମାଳା ଭାବେ ପରିଚିତ ଆରାବଳି ଗୁଜରାଟରୁ ରାଜସ୍ଥାନ ଓ ହରିୟାଣାକୁ ବ୍ୟାପିଥିବାବେଳେ ଏହା ଥର୍ ମରୁଭୂମିର ଆସୁଥିବା ବାଲି ଓ ଧୂଳିକୁ ଅଟକାଇବାରେ ପ୍ରାକୃତିକ ଢାଲ ଭଳି କାର୍ଯ୍ୟ କରିଥାଏ। ଏହା ଭୂତଳ ଜଳ ବଢ଼ାଇଥାଏ। ଏଥିସହିତ ଦିଲ୍ଲୀ–ଜାତୀୟ ରାଜଧାନୀ ଅଞ୍ଚଳ ସମେତ ବିଭିନ୍ନ ରାଜ୍ୟରେ ଜୈବ ବିବିଧତା ବଜାୟ ରଖିବାରେ ସହାୟକ ହୋଇଥାଏ।

ନିକଟରେ କେନ୍ଦ୍ର ସରକାର ଏହି ପର୍ବତମାଳାର ନୂଆ ସଂଜ୍ଞା ନିର୍ଦ୍ଧାରଣ କରିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରିଛନ୍ତି। ଉକ୍ତ ସଂଜ୍ଞା ଅନୁଯାୟୀ ଏହି ପାର୍ବତ୍ୟାଞ୍ଚଳର ୧୦୦ ମିଟରରୁ ଅଧିକ ଉଚ୍ଚରେ ଥିବା ଅଞ୍ଚଳକୁ ପର୍ବତ ବିବେଚନା କରାଯିବ। ୧୦୦ ମିଟରରୁ କମ୍ ଉଚ୍ଚ ଅଞ୍ଚଳକୁ ପର୍ବତମାଳା ନିୟମରୁ ବାଦ୍ ଦିଆଯାଇଥିବାରୁ ସେଠାରେ ଅବାଧ ଖଣି ଖନନ ପାଇଁ ଅନୁମତି ମିଳିପାରିବ। ଫଳରେ ପରିବେଶ ଦୃଷ୍ଟିରୁ ଆରାବଳିର ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଆଉ ସୁରକ୍ଷିତ ରହିବ ନାହିଁ ବୋଲି ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତି। ଦିଲ୍ଲୀ ସମେତ ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହେବା ସହ ସେଠାର ଜଳବାୟୁ ଗୁରୁତର ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ସତତ ସମ୍ପଦ କ୍ଲାଇମେଟ୍ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ହରଜିତ୍ ସିଂ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧୦୦ ମିଟରରୁ ଅଧିକ ଉଚ୍ଚ ଅଞ୍ଚଳକୁ କେବଳ ପର୍ବତ ବୋଲି ଧରାଗଲେ ପରିବେଶକୁ ସୁରକ୍ଷା ଦେଉଥିବା ସେଠାର ଭୂଭାଗ ଧ୍ୱଂସ ହୋଇଯିବ। ସ୍ଥାୟୀ ଖଣି ଖନନ ଓ ବିକାଶ ପାଇଁ ସେଠାରେ ଡିନାମାଇଟ୍ ବିସ୍ଫୋରଣ ହେବ, ରାସ୍ତା ଓ ଖଣି ଖାଦାନ ଯୋଗୁ କଲରାପତରିଆ ବାଘ କରିଡର କ୍ଷତିଗ୍ରସ୍ତ ହେବ। ଦିଲ୍ଲୀ–ଏନ୍‌ସିଆର୍ ସବୁଜ ବଳୟ ହରାଇବ ବୋଲି ହରଜିତ୍ କହିଛନ୍ତି। ଆରାବଳିର ନୂଆ ସଂଜ୍ଞା ଯୋଗୁ ସେଠାରେ ୯୦ ପ୍ରତିଶତ ପ୍ରାକୃତିକ ପରିବେଶ ଉଭାନ ହୋଇଯିବା ଆଶଙ୍କା ରହିଛି ବୋଲି ପରିବେଶବିଦ୍ ବିମଳେନ୍ଦୁ ଝା କହିଛନ୍ତି।

# ପାନ ମସଲା କମ୍ପାନୀ ଉପରେ ଶୁଳ୍କ ଲାଗୁ ପାଇଁ ବିଲ୍ ଲୋକ ସଭାରେ ଗୃହୀତ

## ପାନ ମସଲା ଉପରେ ୪୦% ଜିଏସ୍‌ଟି ବାଦ୍ ଏହା କଷାଯିବ

ନୂଆଦିଲ୍ଲୀ,୫।୧୨(ପି.ଟି.)

ପାନ ମସଲା ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ଉପରେ ଶୁଳ୍କ ଲଗାଇବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ଶୁକ୍ରବାର ଲୋକ ସଭାରେ ଗୃହୀତ ହୋଇଛି। ଉକ୍ତ ଶୁଳ୍କରୁ ମିଳିବାକୁ ଥିବା ଅର୍ଥ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଜନସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ବ୍ୟୟ କରାଯିବ। ସ୍ୱାସ୍ଥ୍ୟ ସୁରକ୍ଷା ଜାତୀୟ ସୁରକ୍ଷା ସେସ୍ ବିଲ୍, ୨୦୨୫ ଉପରେ ବିତର୍କର ଉତ୍ତର ଦେବାକୁ ଯାଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ଉକ୍ତ ଶୁଳ୍କକୁ ରାଜ୍ୟଗୁଡ଼ିକ ମଧ୍ୟରେ ବାଣ୍ଟିଦିଆଯିବ, କାରଣ ଜନସ୍ୱାସ୍ଥ୍ୟ ଏକ ରାଜ୍ୟ ପ୍ରସଙ୍ଗ। ଜାତୀୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଜାତୀୟ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ଉତ୍ସର୍ଗୀକୃତ ତଥା ପୂର୍ବାନୁମେୟ ସମ୍ବଳ ଧାରା ସୃଷ୍ଟି କରିବା ବିଲ୍‌ର ଉଦ୍ଦେଶ୍ୟ ବୋଲି ଅର୍ଥମନ୍ତ୍ରୀ କହିଥିଲେ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅନୁଯାୟୀ ପାନ ମସଲା ଉପରେ ସର୍ବାଧିକ ୪୦ ପ୍ରତିଶତ ଟିକସ ଲାଗିବ। ତେବେ ଜିଏସ୍‌ଟି ରାଜସ୍ୱ ଉପରେ ଉପରୋକ୍ତ ସେସ୍‌ର କୌଣସି ପ୍ରଭାବ ପଡ଼ିବ ନାହିଁ। ପ୍ରସ୍ତାବିତ ସ୍ୱାସ୍ଥ୍ୟ ଓ ଜାତୀୟ ସୁରକ୍ଷା ସେସ୍ ଜିଏସ୍‌ଟିରୁ ସମ୍ପୂର୍ଣ୍ଣ ଅଲଗା। ଏହା ପାନ ମସଲା ଉତ୍ପାଦନ ଫ୍ୟାକ୍ଟ୍ରିଗୁଡ଼ିକରେ ଲାଗିଥିବା ମେଶିନ୍‌ଗୁଡ଼ିକର ଉତ୍ପାଦନ ସାମର୍ଥ୍ୟ ଉପରେ ଲଗାଯିବ। ବିତର୍କ ପରେ ଧ୍ୱନି ମତରେ ବିଲ୍ ଲୋକ ସଭାରେ ଗୃହୀତ ହୋଇଛି।

# ଖାତରେ ବୋଲେରୋ ଖସି ୫ ମୃତ

ଡେରାଡୁନ୍,୫।୧୨

ଉତ୍ତରାଖଣ୍ଡର ଲୋହାଘାଟ ଅଞ୍ଚଳରେ ଥିବା ଏକ ଗଭୀର ଖାତ ମଧ୍ୟକୁ ଏକ ବୋଲେରୋ ଖସି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୫ ଜଣ ଗୁରୁତର ହୋଇଛନ୍ତି। ଯାତ୍ରୀମାନେ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିବାବେଳେ ଶୁକ୍ରବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଗଭୀର ଖାତରେ ଖସିଥିବା ଗାଡ଼ିରୁ ଯାତ୍ରୀମାନଙ୍କୁ ବାହାର କରିବା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

# ପୁଟିନ୍‌ଙ୍କ ପାଇଁ ନୈଶଭୋଜି: ଥରୁର ନିମନ୍ତ୍ରିତ

## ରାହୁଲ, ଖାର୍ଗେଙ୍କୁ ଡକାଗଲାନି

ନୂଆଦିଲ୍ଲୀ,୫।୧୨

ଭାରତ ଗସ୍ତରେ ଆସିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସମ୍ମାନାର୍ଥେ ଶୁକ୍ରବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରୀୟ ନୈଶଭୋଜିର ଆୟୋଜନ କରାଯାଇଥିବାବେଳେ ସେଥିରେ ଯୋଗଦେବା ପାଇଁ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କୁ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ଲୋକ ସଭାର ବିରୋଧୀ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଉକ୍ତ ଡିନରକୁ ଡକା ନ ଯିବା ରାଜନୈତିକ ବିବାଦ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଭାରତକୁ ଆସୁଥିବା ବିଦେଶୀ ଅତିଥିମାନଙ୍କ ସହ ତାଙ୍କୁ ଭେଟିବାକୁ ସୁଯୋଗ ଦିଆଯାଉ ନ ଥିବା ରାହୁଲ ଗୁରୁବାର ଅଭିଯୋଗ ଆଣିଥିଲେ।

# ଶୀତରେ ଥରୁଛି ଉତ୍ତର ଭାରତ

ନୂଆଦିଲ୍ଲୀ,୫।୧୨

ସମଗ୍ର ଉତ୍ତର ଭାରତ ପ୍ରବଳ ଶୀତରେ ଥରୁଛି। ଶୁକ୍ରବାର ରାଜସ୍ଥାନ, ପଞ୍ଜାବ ଏବଂ ହରିୟାଣାର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ନିମ୍ନରେ ରହିଛି। ତେବେ କଶ୍ମୀର ଆକାଶରେ ବାଦଲ ଥିବାରୁ ଶୀତରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଦିଲ୍ଲୀରେ ଶୀତ ବଢ଼ିବା ସହ ବାୟୁ ଗୁଣବତ୍ତା ମାନ ଅତ୍ୟନ୍ତ ନିକୃଷ୍ଟ ଥିବାରୁ ସମସ୍ୟା ବଢ଼ିଯାଇଛି।

ରାଜସ୍ଥାନରେ ତାପମାତ୍ରା ସର୍ବନିମ୍ନ ରହିଛି। ଶୁକ୍ରବାର ସକାଳେ ସିକର ଜିଲାର ଫତେପୁରରେ ତାପମାତ୍ରା ୧.୯ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ସେଠାର ୭ଟି ଜିଲାର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ସିକରରେ ହାରାହାରି ତାପମାତ୍ରା ୩ ଡିଗ୍ରୀ ହୋଇଥିବାବେଳେ ନାଗୌରରେ ୩.୧, ଲୁଙ୍କାରନସରରେ ୩.୨, ଚୁରୁରେ ୪.୫ ଏବଂ ପିଲାନିରେ ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ପଞ୍ଜାବ ଓ



ହରିୟାଣାରେ ହାଡ଼ଥରା ଶୀତ ଲାଗିରହିଛି। ଫରିଦକୋଟରେ ତାପମାତ୍ରା ୩ ଡିଗ୍ରୀ ଥିବାବେଳେ ବଠିଣ୍ଡାରେ ୩.୨, ଅମୃତସର, ଲୁଧିଆନା, ପଟିଆଲା, ଗୁରୁଦାସପୁର ଏବଂ ଫିରୋଜପୁରରେ ୫.୫ରୁ ୬.୨ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ହରିୟାଣାର ନରନୌଲରେ ତାପମାତ୍ରା ୩.୫ ଡିଗ୍ରୀ, ହିସାରରେ ୩.୭ ଡିଗ୍ରୀ ଏବଂ ରୋହତକ, ଭିୱାନି ଓ ସିର୍ସାରେ ୫.୪ରୁ ୭.୭ ଡିଗ୍ରୀ ମଧ୍ୟରେ ରହିଛି। ଚଣ୍ଡିଗଡ଼ ତାପମାତ୍ରା ୬.୧ ଡିଗ୍ରୀ ରେକର୍ଡ କରାଯାଇଛି। ଶ୍ରୀନଗର ତାପମାତ୍ରା ଗୁରୁବାର ରାତିରେ ବିଯୁକ୍ତ ୪ ଡିଗ୍ରୀ ରେକର୍ଡ କରାଯାଇଛି, ଯାହାକି ପୂର୍ବ ତୁଳନାରେ ୪ ଡିଗ୍ରୀ ଅଧିକ। ଦିଲ୍ଲୀରେ ଶୁକ୍ରବାର ସକାଳେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୨୩ ରହିଥିଲା।

# ଓଡ଼ିଶୀରେ ନିୟତିର ଖେଳ, କଥକରେ ଦିବ୍ୟଶକ୍ତି ଅନୁସନ୍ଧାନ

## ୩୬ତମ କୋଣାର୍କ ଉତ୍ସବ ଉଦ୍‌ଯାପିତ

କୋଣାର୍କ,୫।୧୨(ଜ୍ୟୋତିରାଜ ମହାନ୍ତି)




ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କରେ ଆୟୋଜିତ ୩୬ତମ କୋଣାର୍କ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଆରତୀ କର ଏବଂ ତାଙ୍କ ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମୀର ଶିଳ୍ପୀବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କର ପ୍ରଥମ ଉପସ୍ଥାପନ ଥିଲା 'ତ୍ରିପଥଗା'। ତ୍ରିପଥଗା ପବିତ୍ର ଗଙ୍ଗା ନଦୀକୁ ବୁଝାଏ, ଯାହା ତିନୋଟି ଲୋକରେ ପ୍ରବାହିତ ହୁଏ। ପବିତ୍ର ସ୍ନାନ ଜୀବନ ଓ ମୃତ୍ୟୁ ଚକ୍ରରୁ ଏହା ମୁକ୍ତି ପ୍ରଦାନ କରେ ଏବଂ ଏହାର ଅନେକ ନାମ ଅଛି। ଗଙ୍ଗା ନଦୀ ସମସ୍ତ ଭାରତୀୟଙ୍କ ପାଇଁ ଧାର୍ମିକ ଜୀବନରେଖା ସଦୃଶ। ଗୁରୁ ରମେଶ ଚନ୍ଦ୍ର ଜେନା ଓ ଗୁରୁ ଆରତୀ କର ଏହି ନୃତ୍ୟାଭିନୟର ନୃତ୍ୟ ସଂରଚନା କରିଥିଲେ। ଗୁରୁ ଉମେଶ ଚନ୍ଦ୍ର ଦାସ ସଙ୍ଗୀତ ସଂଯୋଜନା ଓ ଗୁରୁ ଧନେଶ୍ୱର ସ୍ୱାଇଁ ତାଳ ସଂଯୋଜନା କରିଥିଲେ। ତାଙ୍କର ପରବର୍ତ୍ତୀ ପ୍ରସ୍ତୁତି ଥିଲା 'ନିୟତି'। ସମସ୍ତଙ୍କ ଜୀବନରେ 'ନିୟତି' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ଆଶ୍ୱାସନା ଦିଏ ଯେ, ଯାହା ପ୍ରକୃତରେ ବୁଝାଯାଏ, ସମସ୍ତ ବାଧାବିଘ୍ନ ସତ୍ତ୍ୱେ ନିଶ୍ଚିତ ଭାବେ ଆସିବ। ବିଭିନ୍ନ ଯୁଗରେ ପବିତ୍ର ଅବତାର ମଧ୍ୟ ନିୟତି ଅନୁସାରେ ପରୀକ୍ଷା ଓ କ୍ଲେଶ ଦେଇ ଗତି କରିଛନ୍ତି। ଏହି ନୃତ୍ୟାଭିନୟର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଆରତୀ କର ଏବଂ ଗୁରୁ ଯୁଧିଷ୍ଠିର ନାୟକ ଦେଇଥିଲେ। ଗୁରୁ ଉମେଶ ଚନ୍ଦ୍ର ଦାସ ସଙ୍ଗୀତ ସଂଯୋଜନା ଓ ଗୁରୁ ଧନେଶ୍ୱର ସ୍ୱାଇଁ ତାଳ ସଂଯୋଜନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ସଞ୍ଜୁକ୍ତା ସିହ୍ନା ଓ ତାଙ୍କ ଡ୍ୟାନ୍ସ ଗ୍ରୁପ୍‌ର ଶିଳ୍ପୀବୃନ୍ଦଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଆଦି ଅନନ୍ତ'। ଏହା ଶିବ ଓ କୃଷ୍ଣଙ୍କ ଦିବ୍ୟଶକ୍ତିକୁ ଅନୁସନ୍ଧାନ ଏବଂ ମୂର୍ତ୍ତିମନ୍ତ କରିଥିଲା। ଦୁଇଟି ମହାଜାଗତିକ ଶକ୍ତି – ଯାହା ଏକତ୍ର ସୃଷ୍ଟି, ସଂରକ୍ଷଣ ଏବଂ ବିଲୟନର ଅନନ୍ତ ଚକ୍ରକୁ ସମାପ୍ତ କରି ତାଳ, ଗତି ଓ ଭାବନା ମାଧ୍ୟମରେ, ପ୍ରଦର୍ଶନ ସ୍ଥିରତାରୁ ଆନନ୍ଦକୁ, ତପସ୍ୟାରୁ ପରମାନନ୍ଦକୁ ଯାତ୍ରା କରେ। ଆଦି ଅନନ୍ତ, ଶିବଙ୍କ ପାଇଁ ଅସୀମ ଏବଂ ଅନନ୍ତ। ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଲୀଳା', ଯାହା ଆକାଶୀୟ ଆନନ୍ଦର ନୃତ୍ୟ, କୃଷ୍ଣଙ୍କ ଦିବ୍ୟ ଖେଳକୁ ପାଳନ କରେ – ଯେଉଁଠାରେ ଭକ୍ତି ପରିତ୍ୟଜନା ସହିତ ମିଳେ ଏବଂ ଆନନ୍ଦ ସମସ୍ତ ରୂପକୁ ଅତିକ୍ରମ କରେ। ଏକାଠି, ଆଦି ଅନନ୍ତ ଏବଂ ଲୀଳା ଶିବଙ୍କ ଅନନ୍ତ ନୀରବତାରୁ କୃଷ୍ଣଙ୍କ ପରମାନନ୍ଦ ଖେଳ ପର୍ଯ୍ୟନ୍ତ – ଏକ ଆଧ୍ୟାତ୍ମିକ ଯାତ୍ରା ବୁଣନ୍ତି, ଯାହା କଥକର ଅସୀମ ସମ୍ଭାବନା ଓ ନୃତ୍ୟର କାଳଜୟୀ ସାରକୁ ଭକ୍ତି ଭାବରେ ପ୍ରତିଫଳିତ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲାମ ସଂଯୋଜନା କରିଥିବାବେଳେ ଡ. ସଙ୍ଗୀତା ଗୋସାଇଁ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ପାଇଁ ବାପା, ମା', ଭଉଣୀଙ୍କୁ ହତ୍ୟା ଉଦ୍ୟମ

ଭୁବନେଶ୍ୱର,୫।୧୨(ସତ୍ୟଜିତ ରାଉତ)

ବାଇକ ପାଇଁ ଜଣେ ଯୁବକ ନିଜ ବାପା, ମା' ଓ ଭଉଣୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଛି। ପୋଲିସ ଟିମ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା କଟକ କାନପୁର ଥାନା ଅଞ୍ଚଳର ଜିତେନ୍ଦ୍ର ପ୍ରଧାନ ଓରଫ ଜିତୁ ଓରଫ ବକ୍ସର(୨୮)। ତାଙ୍କ ଠାରୁ ଖଣ୍ଡା ଓ ଛୁରୀ ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ଜିତୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜିତୁଙ୍କ ନାମରେ ବିଭିନ୍ନ ଥାନାରେ ୨୧ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ଜିତୁ ଏକ ନୂଆ ବାଇକ କିଣିଥିଲେ। ୪ଦିନ ତଳେ ତାଙ୍କ ସାନ ଭାଇ ସତ୍ୟବ୍ରତ ସେହି ବାଇକୁ ନେଇ ବୁଲିବାକୁ ଯାଇଥିଲେ। ପରେ ସତ୍ୟବ୍ରତଙ୍କଠାରୁ ତାଙ୍କ ଦୁଇ ସାଙ୍ଗ ଉକ୍ତ ବାଇକକୁ ମାଗି ନେଇ ବୁଲିବାକୁ ଯାଇଥିଲେ। ଦୁର୍ଭାଗ୍ୟବଶତଃ ବଡ଼ଗଡ଼ ଥାନା

### ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଅଞ୍ଚଳରେ ସେମାନଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ଫଳରେ ଉକ୍ତ ବାଇକଟି ପୋଲିସ ଦ୍ୱାରା ଜବତ ହୋଇ ଏବେ ବଡଗଡ ଥାନାରେ ରଖାଯାଇଛି। ଏହି ଘଟଣାରେ ଉତ୍କ୍ଷିପ୍ତ ହୋଇ ଜିତୁ ତାଙ୍କ ସାନ ଭାଇଙ୍କୁ ଗାଳିଗୁଲଜ କରି ବାଇକ ଦେବା ପାଇଁ କହିଥିଲେ। ପରେ ମା' ମମତା, ବାପା ଗୋପାଳ, ଭଉଣୀ ପ୍ରିୟଙ୍କାଙ୍କୁ ଗାଳିଗୁଲଜ କରିଥିଲେ। ଶୁକ୍ରବାର ସକାଳେ ସେ ଘରେ ଖଣ୍ଡା ଓ ଛୁରୀ ଆଣି ଆତଙ୍କ ରଚିଥିଲେ। ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବାପା ଓ ଭଉଣୀ ଅଧିକ ଆହତ ହୋଇଥିବା ବେଳେ ମା' ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଜିତୁଙ୍କୁ କାବୁ କରିଥିଲା। ତେବେ ଏହି ସମୟରେ ଜିତୁ ପୋଲିସ ଟିମ୍‌କୁ ଧକ୍କା ମାରିବା ସହ ଧମକ ଦେଇଥିଲେ। ଭଉଣୀ ପ୍ରିୟଙ୍କାଙ୍କ ଏତଲାକୁ ଆଧାର କରି ପୋଲିସ ମାମଲା (ନଂ.୪୩୫/୨୦୨୫) ରୁଜୁ କରି ପଦକ୍ଷେପ ନେଇଛି।

## ସଂକ୍ଷେପରେ

### ବିଦେଶୀ ପକ୍ଷୀ ଶିକାରକରି ୪ ନାବାଳକ ଧରାପଡ଼ିଲେ

ବ୍ରହ୍ମଗିରି,୫।୧୨(ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ବନ ବିଭାଗ ଅଧୀନରେ ଶୁକ୍ରବାର ବିଦେଶୀ ପକ୍ଷୀ ଶିକାର କରି ୪ଜଣ ନାବାଳକ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ରେଞ୍ଜ ଅଧୀନରେ ଥିବା ଏକ ଗ୍ରାମ ନିକଟରେ ୪ ଜଣ ନାବାଳକ ଦୁଇଟି ବିଦେଶୀ ପକ୍ଷୀ ଶିକାର କରି ଆସୁଥିଲେ। ଏହି ସମୟରେ ବ୍ରହ୍ମଗିରି ବନ ବିଭାଗ କର୍ମଚାରୀ ସେମାନଙ୍କୁ ଦେଖି କାବୁକରିଥିଲେ। ଏ ନେଇ ଏକ ମାମଲା ରୁଜୁ ସହ ସେମାନଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଛି।

### ସଡ଼ାଙ୍ଗୋଇରୁ ଶିଶୁକନ୍ୟା ମୃତଦେହ ଜବତ

ଡେଲାଙ୍ଗ,୫।୧୨(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡି ଅଞ୍ଚଳର ସଡ଼ାଙ୍ଗୋଇ ଗ୍ରାମରୁ ଶୁକ୍ରବାର ପୋଲିସ ଜଣେ ଦେଢବର୍ଷର ଶିଶୁକନ୍ୟାଙ୍କ ମୃତଦେହ ଜବତ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଶିଶୁକନ୍ୟାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ସନ୍ଦେହରେ ମା' ଏବଂ ବାପାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଚାଇଁପୁର ପଞ୍ଚାୟତର ସଡାଙ୍ଗୋଇ ଉତ୍ତରବାଡ଼ ଗ୍ରାମର ଚକ୍ରଧର ବରାଳଙ୍କ ପୁଅ ସୁବାସ ୬ବର୍ଷ ତଳେ ସଡାଙ୍ଗୋଇ ଦକ୍ଷିଣବାଡ଼ ଗ୍ରାମର ତ୍ରିନାଥ ପରିଡାଙ୍କ ଝିଅଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୪ ବର୍ଷର ପୁଅ ଥିବାବେଳେ ଦେଢ ବର୍ଷର କନ୍ୟାସନ୍ତାନ ଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହୁଥିବାରୁ ପରିବାର ମଧ୍ୟରେ ଅଶାନ୍ତି ବାତାବରଣ ସୃଷ୍ଟି ହେଉଥିଲା। ଗୁରୁବାର ସୁବାସ ରାଜମିସ୍ତ୍ରି କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ସ୍ତ୍ରୀ ତାଙ୍କ ଶିଶୁକନ୍ୟାଙ୍କୁ ନେଇ ବାପଘରକୁ ଚାଲିଯାଇଥିଲେ। ଅନ୍ୟପଟେ ସମ୍ପୃକ୍ତ ମହିଳାଙ୍କ ବାପା ତ୍ରିନାଥ ରାତି ୨ଟାରେ ଶୌଚ ପାଇଁ ପୋଖରୀକୁ ଆସିଥିଲେ। ଘରକୁ ଫେରିବାବେଳେ ପୋଖରୀ କୂଳରେ ତାଙ୍କ ଝିଅ କୁନି ଛିଡ଼ା ହୋଇଥିବାବେଳେ ଦେଢବର୍ଷର ନାତୁଣି ଶ୍ରଦ୍ଧା ତଳେ ଅଚେତ ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ।

## ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୯ ନୂଆ ଅତିଥି



ବାରଙ୍ଗ, ୫।୧୨(ଲିଙ୍ଗରାଜ ରାଉତ)

- ୨୪ବର୍ଷ ପରେ ଆସିଲା ପାଣିଓଧ
- ଅଦଳବଦଳ ପ୍ରକ୍ରିୟାରେ ଯିବେ ୧୪ ପଶୁପକ୍ଷୀ

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଶୁକ୍ରବାର ୧୯ଟି ନୂଆ ଅତିଥି ଆସିଛନ୍ତି। ନନ୍ଦନକାନନର ୨ଜଣିଆ ଦଳ ଏହି ନୂଆ ଅତିଥିଙ୍କୁ ସାଙ୍ଗରେ ଧରି ଆସି ପହଞ୍ଚିଛନ୍ତି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଚଳିତବର୍ଷ ୨୦୨୫-୨୬ ମସିହାର ପ୍ରଥମ ପର୍ଯ୍ୟାୟ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ଓ ଗୁଜରାଟର ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ହୋଇଛି। ସେମାନଙ୍କ ମଧ୍ୟରେ ୩ ପୁରୁଷ ଓ ୨ ମାଈକୁ ମିଶାଇ ୫ ପାଣିଓଧ, ୨ ପୁରୁଷ ଭାରତୀୟ ଧୂସର ଗଧିଆ, ୫ ପୁରୁଷ ଓ ୫ ମାଈକୁ ମିଶାଇ ୧୦ ତାରା କଇଁଛ, ୧ ପୁରୁଷ ଓ ୧ ମାଈକୁ ମିଶାଇ ୨ଟି ରୂପେଲି କୁକ୍କୁଟ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ପୃଥକୀକରଣ ଖୁଆଡ଼ ମଧ୍ୟରେ ୨୦ରୁ ୩୦ ଦିନ ପର୍ଯ୍ୟନ୍ତ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷଣ ନଜର ରଖାଯାଇଛି। ଏହାପରେ ପର୍ଯ୍ୟାୟକ୍ରମେ ଆସିଥିବା ଅତିଥିମାନଙ୍କୁ ପର୍ଯ୍ୟଟକମାନେ ଦେଖିପାରିବେ। ସେମାନଙ୍କ ମଧ୍ୟରେ ପାଣିଓଧ ନୂଆ ହୋଇଥିବା ବେଳେ ଅନ୍ୟ ସବୁ ପ୍ରଜାତିର ପଶୁପକ୍ଷୀ ନନ୍ଦନକାନନରେ ରହିଛନ୍ତି। ଏହି ନୂଆ ଅତିଥି ଆସିବା ପରେ ଚିଡ଼ିଆଖାନାର ପଶୁପକ୍ଷୀ ପ୍ରଜାତି ସଂଖ୍ୟା ୧୭୬ରୁ ୧୭୭କୁ ବୃଦ୍ଧି ପାଇଛି ଓ ରକ୍ତ ସମ୍ପର୍କରେ ପରିବର୍ତ୍ତନ କରିବା କ୍ଷେତ୍ରରେ ଆସିଥିବା ପଶୁପକ୍ଷୀଙ୍କ ପ୍ରମୁଖ ଭୂମିକା ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

ସେହିପରି ନନ୍ଦନକାନନ ରେକର୍ଡ ଅନୁଯାୟୀ ୨୦୦୦ ମସିହାରେ ନନ୍ଦନକାନନରେ ପାଣିଓଧ ବଂଶ ଲୋପ ପାଇଯାଇଥିଲା। ଏବେ ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ପାଣିଓଧକୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବେ। ନୂଆବର୍ଷର ଭେଟି ସ୍ୱରୂପ ପାଣିଓଧ ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନର ଖୋରାକ ସାଜିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୨ଟି ପର୍ଯ୍ୟାୟରେ ୧୪ଟି ଜୀବଜନ୍ତୁକୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନକୁ ଦେବାକୁ ପଡୁଛି। ସେଥିମଧ୍ୟରେ ୨ଟି ବାଘ, ୨ଟି ମାଈ ଧୂସର ଗଧିଆ, ୩ଟି ଚଉଶିଙ୍ଗା, ୨ଟି କୁଟୁରା, ୫ଟି ବିଲୁଆ ରହିଛନ୍ତି। ତେବେ ପ୍ରାଥମିକ ପର୍ଯ୍ୟାୟରେ ୩ଟି ଚଉଶିଙ୍ଗା, ୨ଟି କୁଟୁରା ଓ ୫ଟି ବିଲୁଆ ଦିଆଯିବ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

## ଘରୋଇ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବାରଙ୍ଗ/ତ୍ରିଶୂଳିଆ,୫।୧୨ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଖଇରା ଥାନା ଅନ୍ତର୍ଗତ ବେରାଯୋଡି ଗ୍ରାମର ମୃତ୍ୟୁଞ୍ଜୟ ବେଦାନ୍ତ (୨୨)। ଏନେଇ ଶୁକ୍ରବାର ବାରଙ୍ଗ ଥାନାରେ ମୃତ୍ୟୁଞ୍ଜୟଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୬୮୧/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ମୃତ୍ୟୁଞ୍ଜୟ ବାରଙ୍ଗସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ରହି ଏମ୍‌ବିଏ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ପ୍ରତ୍ୟେକ ଦିନ ପରି ଗୁରୁବାର ରାତିରେ ପାଠପଢ଼ା ପରେ ହଷ୍ଟେଲକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ସେ ତାଙ୍କ ବାପାଙ୍କ ସହ କଥା ହୋଇଥିଲେ। ହେଲେ ବିଳମ୍ବିତ ରାତିରେ ମୃତ୍ୟୁଞ୍ଜୟଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଉଛି ବୋଲି ଜଣେ ଶିକ୍ଷକ ଫୋନ କରି ତାଙ୍କ ବାପାଙ୍କୁ ଜଣାଇଥିଲେ। ଖବର ପାଇ ପରିବାର ଲୋକ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଡ. ମୃତ୍ୟୁଞ୍ଜୟଙ୍କୁ ମୃତ ଘୋଷଣା କରିଥିବା କୁହାଯାଇଥିଲା। ମାତ୍ର ପୁଅର ମୁହଁ ଓ ଆଖିରୁ ରକ୍ତ ବାହାରୁଥିବା ବେଳେ ମୁଣ୍ଡରେ ଆଘାତ ଲାଗିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ଏହାସହ ପୁଅର ଅସ୍ୱାଭାବିକ ଭାବେ ମୃତ୍ୟୁକୁ ନେଇ ସନ୍ଦେହ କରିବା ସହ କେହି ପୁଅକୁ ମାରିଦେଇଥିବା ବାପା ହେମନ୍ତ ବାରଙ୍ଗ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଓଡ଼ିଆ ଡାକ୍ତର ବ୍ରଜ କିଶୋରଙ୍କୁ ମିଳିବ 'ଡ. ଏମ୍.ଜି.ଗର୍ଗ ଅଲ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'

ଭୁବନେଶ୍ୱର,୫।୧୨(ସୁଚିସ୍ମିତା ସାହୁ)

ଓଡ଼ିଆ ପ୍ରଫେସର ଡାକ୍ତର ବ୍ରଜ କିଶୋର ଦାଶଙ୍କୁ ମିଳିବ 'ଡ. ଏମ୍.ଜି.ଗର୍ଗ ଅଲ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'। ଚିକିତ୍ସା କ୍ଷେତ୍ରରେ ଉତ୍କୃଷ୍ଟ ଓ ସ୍ୱତନ୍ତ୍ର ସେବା ପାଇଁ ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଏହି ଆୱାର୍ଡ ପାଇଁ ପ୍ରଫେସର ଦାଶଙ୍କୁ ମନୋନୀତ ହୋଇଛନ୍ତି। ସେ ତାଙ୍କର ଉତ୍ସର୍ଗୀକୃତ ସେବା ଓ ସଫଳତା ପାଇଁ ଆଗରୁ ବହୁ ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତେବେ ଆସନ୍ତା ୨୭ ତାରିଖରେ ଗୁଜରାଟର ଅହମଦାବାଦରେ ହେବାକୁ ଥିବା ସଂଘର ଜାତୀୟ ସମ୍ମିଳନୀରେ ଏହି ଜାତୀୟ ସମ୍ମାନ ଦିଆଯିବ। ଏନେଇ ଘୋଷଣା ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଏବଂ ପ୍ରଶଂସା କରାଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ । ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍ । ବୟସ ୨୨ ବର୍ଷ । ସ୍ଥାନ:ଭୁବନେଶ୍ୱର,
ଫୋନ: 9886365677

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of 04 (Four) Nos. of Trainee Pilot on contractual basis in Paradip Port Authority.
For further details, visit our website : https://paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

WALK-IN-INTERVIEW
TOSHALI SUZUKI
BONTH CHHAK, BHADRAK

| DESIGNATION | SALARY | EXPERIENCE |
|---|---|---|
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

## ତୃତୀୟ ଅଭିଯୁକ୍ତ ଗିରଫ, ୫ ଲକ୍ଷ ଜବତ

ଭୁବନେଶ୍ୱର,୫।୧୨(ସତ୍ୟଜିତ ରାଉତ)

### ଖଣ୍ଡା ବୁଲାଇ କାର୍‌ରୁ ୨୦ ଲକ୍ଷ ଲୁଟ୍ ଘଟଣା

ପାହାଳ ନିକଟ ୧୬ ନଂ. ଜାତୀୟ ରାଜପଥରେ ଖଣ୍ଡା ବୁଲାଇ କାର୍‌ରୁ ୨୦ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ଶୁକ୍ରବାର ତୃତୀୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଗନ୍ନାଥ ମଲ୍ଲିକ (୩୧)। ତାଙ୍କଠାରୁ ୮ ଲକ୍ଷ ନଗଦ ଟଙ୍କା ଓ ଅପରାଧରେ ବ୍ୟବହୃତ ବାଇକକୁ ଜବତ କରାଯାଇଛି। କୋର୍ଟଚାଲାଣ ପରେ ଜଗନ୍ନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୀଡ଼ିତଙ୍କ ଷଡ଼ଯନ୍ତ୍ରକାରୀ ବନ୍ଧୁ ସରୋଜ ସୂତାର ଓ ଅନ୍ୟଜଣେ ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ଜେଲରେ ଅଛନ୍ତି। ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଧରିବାକୁ ପ୍ରୟାସ ଚଳାଇଛି। ସୂଚନା ଅନୁଯାୟୀ, ବାଲେଶ୍ୱରର ପ୍ରଭାତ କୁମାର ସାହୁ ଜିଏସ୍‌ଟି ଏବଂ ଆଇଟି ରିଟର୍ନ ପରିଚାଳନା କରନ୍ତି। ନଭେମ୍ବର ୨୪ରେ କଟକରୁ ମିଳିଥିବା ୨୦ ଲକ୍ଷ ଟଙ୍କା ଧରି ସେ କାର୍‌ରେ ଭୁବନେଶ୍ୱର ଆସିଥିଲେ। ରାତିରେ ତାଙ୍କସହ ବନ୍ଧୁ ସରୋଜ ଓ ସୁରେଶ ତମାଣ୍ଡୋ ଅଞ୍ଚଳକୁ ଏକ ହୋଟେଲକୁ ଖାଇବା ପାଇଁ ଯାଇଥିଲେ। ପ୍ରଭାତ ମୋଟା ପରିମାଣର ଟଙ୍କା ଆଣିଥିବା ଜାଣି ଟଙ୍କା ଲୁଟ୍ କରିବାକୁ ସରୋଜ ଷଡ଼ଯନ୍ତ୍ର ରଚିଥିଲେ। ଏଥିପାଇଁ ସେ ଜଗନ୍ନାଥ ଓ ଅନ୍ୟ ୩ଜଣଙ୍କୁ କହି ଲୁଟ୍ ଯୋଜନା କରିଥିଲେ। ଏପଟେ ପାହାଳଠାରେ ପ୍ରଭାତ କାର୍ ଥୋଇ ସରୋଜ ଓ ସୁରେଶଙ୍କ ସହ ଚା' ପିଉଥିବାବେଳେ ୪ଜଣ ଅଭିଯୁକ୍ତ ଦୁଇ ବାଇକ୍‌ରେ ଖଣ୍ଡା ଧରି ଆସି ଭୟ ସୃଷ୍ଟି କରି କାର୍‌ରେ ଥିବା ୨୦ ଲକ୍ଷ ଟଙ୍କା ନେଇଯାଇଥିଲେ। ପ୍ରଭାତଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୪୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ସରୋଜଙ୍କ ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ) ଯାଞ୍ଚରୁ ତାଙ୍କର ଅଭିଯୁକ୍ତଙ୍କ ସହ ଲିଙ୍କ୍ ଥିବା ଜଣାଡିଥିଲା। ପୋଲିସ ଜେରା ବେଳେ ସେ ସତ ମାନିଯାଇଥିଲେ।

## 'ଶୃଙ୍ଖଳିତ ଭାବେ ନିୟମ ମାନି ଖେଳ ଉପଭୋଗ କର'

### ବାରବାଟୀ ଟି-୨୦ ପାଇଁ କଡ଼ା ସୁରକ୍ଷା

ଭୁବନେଶ୍ୱର,୫।୧୨(ତ୍ରିନାଥ ମହାନ୍ତି)




ଖବରଦାତା ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୋଲିସ କମିଶନର ଦେବଦତ୍ତ ସିଂ ସୂଚନା ଦେଉଛନ୍ତି।

କଟକ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ ମ୍ୟାଚ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭ କରି କଟକ ବାରବାଟୀ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ସେ ସମସ୍ତଙ୍କୁ ଶୃଙ୍ଖଳିତ ଭାବେ ନିୟମ ମାନି ଖେଳ ଉପଭୋଗ କରିବାକୁ ଅପିଲ କରିଛନ୍ତି। କମିଶନର ସିଂ କହିଛନ୍ତି, ଶୁକ୍ରବାର କଟକରେ ଅଫ୍‌ଲାଇନ ଟିକେଟ ବିକ୍ରି ଶେଷ ହୋଇଛି। ଅଧିକ ଲୋକ ଥିବାରୁ ସାମାନ୍ୟ ଟିକେ ବିଶୃଙ୍ଖଳା ହୋଇଥିବା ସୂଚନା ମିଳିଥିଲେ ମଧ୍ୟ ପୋଲିସ ଏହାକୁ ନିୟନ୍ତ୍ରଣ କରିଛି। କ୍ରିକେଟ ପାଇଁ ପୋଲିସ ବ୍ୟାପକ ପ୍ରସ୍ତୁତି କରିଛି। ଶୁକ୍ରବାର କେତେଜଣ ଖେଳାଳି ଆସିଥିବା ବେଳେ ଶନିବାର ମଧ୍ୟ ଖେଳାଳି ଆସିବେ। ଖେଳାଳିମାନେ ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ କଡ଼ା ସୁରକ୍ଷାରେ ଗନ୍ତବ୍ୟସ୍ଥଳକୁ ନିଆଯାଉଛି। ଖେଳାଳିଙ୍କ ପାଇଁ ଭୁବନେଶ୍ୱରରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ ଓ କଟକରେ ୫୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହାସହ କଟକରେ ଆର୍ମ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯିବ। ୪୨୦ରୁ ଅଧିକ ହାବିଲଦାର ଏବଂ କନେଷ୍ଟବଳ ସହ ୪୧୧ଜଣ ପୋଲିସ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ସେହିପରି ଭୁବନେଶ୍ୱରରେ ମଧ୍ୟ ୧୧୧ଜଣ ଅଫିସର ଦାୟିତ୍ୱରେ ଅଛନ୍ତି। ଖେଳାଳିଙ୍କଳି ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା, ରୁଟ୍ ଲାଇନ ସବୁକିଛି ବ୍ୟବସ୍ଥା କରାଯାଇଛି। ସହରବାସୀଙ୍କ ପାଇଁ ଟ୍ରାଫିକ ଆଡଭାଇଜରି ଜାରି କରାଯିବ। ଆମ୍ବୁଲାନ୍ସ, ବୋମା ନିଷ୍କ୍ରିୟକାରୀ ଟିମ୍, ସନ୍ଧାନୀ କୁକୁର ମଧ୍ୟ ରହିବେ। ଯଦି କିଛି ଅଘଟଣ ଘଟେ, ତୁରନ୍ତ ମୁକାବିଲା ପାଇଁ ଏସ୍‌ଟିୟୁ ଟିମ୍ ସଜାଗ ଅଛନ୍ତି।

We are Hiring
Apply Now
TSG Residential School
TSG Gurukul School Since 2005
(Pre-Nursery to Std. XII)
(A Premier Residential, CBSE Affiliated School)
Requirements
TSG Gurukul School-The Ultimate Home for Your Child-invites qualified and experienced candidates with good communication Abilities. Vacancies include:-
- Academic Positions
NTT (Non-Odia Preferred) [TSG-MS-101]
PRT [TSG-PR-001] / TGT [TSG-HS-201] / PGT [TSG-PGT-301] – All Subjects (Science, Commerce & Humanities)
AI & Robotics Trainer [TSG-AIR-022]
- Physical Education & Sports
Physical Educators [TSG-PE-EDU-012]
Part-time Coaches for: [TSG-COA-014]
Cricket, Kabaddi, Volleyball, Basketball, Football, Volleyball, Kho-Kho, Swimming, Skating, Karate, Judo, Shooting, Horse Riding, Gymnasium, Gym & Zumba Trainer, etc.
- Creative & Activity Departments
Part-time Teachers for Various Instrumental Music & Vocal Training & Dance (Western & Classical)
[TSG-MM-011] Art (Fine, Clay & Sand) [TSG-FM-011]
Student Referral Counselor (Work from home) [TSG-CNS-005]
- Administrative & Support Staff
Front Office Assistant [TSG-FOA-011]
Accountant [TSG-ACC-208]
DTP Operator & Designer [TSG-DTP-013]
Girls Hostel Superintendent [TSG-OTH-999]
Hostel Caretaker (Male/Female) [TSG-OTH-999]
Peon / Supporting Staff ( Electrician / Plumber/ House Keeping/ Driver/ Gardener/ Barber/ Dhobi/ Cook & Helper ) [TSG-SEC-009]
Media & Creative Production
News Editor [TSG-NED-021]
Anchor [TSG-MAD-022]
Reporter [TSG-MRD-023]
Cameraman [TSG-CM-025]
Short Film Director [TSG-SFD-024]
Eligibility & Benefits
Salary will be based on qualification, efficiency, loyalty, and experience. Accommodation with food will be provided (where available). ESI and EPF benefits are applicable.
Shortlisted candidates will be called for an interview between 08-12-2025 and 18-12-2025.
Drop CV
Send your resume: career@netgurukul.in
Visit us at: www.tsggurukul.com
Contact Us
Gothapatana, Bhubaneswar, Odisha 751003
Telephonic communication for queries is unavailable.
.....Principal.

# କଳାରାହାଙ୍ଗରେ ହାତାହାତି, ଥାନାରେ ପୃଥକ୍ ମାମଲା

ଭୁବନେଶ୍ୱର,୫।୧୨(ସତ୍ୟଜିତ ରାଉତ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗାଁ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଶୁକ୍ରବାର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି। ଅପରାହ୍ଣ ପ୍ରାୟ ୨ଟା ବେଳେ ଏହି ଘଟଣା ଘଟିଥିଲା। ଏନେଇ ସନ୍ତୋଷ ନାଥ ଓ ଜନକ ପଣ୍ଡାଙ୍କ ପକ୍ଷରୁ ମଞ୍ଚେଶ୍ୱର ଥାନାରେ ପରସ୍ପର ବିରୋଧରେ ଏତଲା ଦିଆଯାଇଛି। ପୋଲିସ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ନୋଟିସ ଦେଇ ଛାଡିଛି। ତେବେ ଆଗକୁ ଏଭଳି ପରିସ୍ଥିତି ନ ଉପୁଜେଇବାକୁ ପୋଲିସ ପକ୍ଷରୁ ଉଭୟଙ୍କୁ ଚେତାବନୀ ମଧ୍ୟ ଦିଆଯାଇଛି। ଉଭୟଙ୍କ ମଧ୍ୟରେ ବହୁଦିନ ହେବ ବିବାଦ ଲାଗିରହିଥିବା ବେଳେ ସନ୍ତୋଷ କଳାରାହାଙ୍ଗର ପୂର୍ବତନ ସରପଞ୍ଚ ବୋଲି ଜଣାପଡିଛି।

# ରାସାୟନିକ ବ୍ୟବହାର ହ୍ରାସ ହେଲେ ମୃତ୍ତିକା ଉର୍ବର ହେବ

## ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ



ଭୁବନେଶ୍ୱର,୫।୧୨(ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ କହିଲେ, ଭବିଷ୍ୟତ ପିଢ଼ି ପାଇଁ ମୃତ୍ତିକାର ଉର୍ବରତାକୁ ରକ୍ଷା କରିବା ନିମନ୍ତେ ରାସାୟନିକ ସାମଗ୍ରୀର ବ୍ୟବହାରକୁ ହ୍ରାସ କରିବାକୁ ପଡ଼ିବ। ଜୈବିକ ପଦାର୍ଥର ପ୍ରୋତ୍ସାହନ ଏବଂ ପ୍ରାକୃତିକ ତଥା ଜଳବାୟୁ-ସହନଶୀଳ କୃଷି କୌଶଳର ବ୍ୟାପକ ପ୍ରଚଳନ କରିବା ସହିତ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ କୃଷକ, ବୈଜ୍ଞାନିକ ଏବଂ ଅନ୍ୟ ଅଂଶୀଦାରଙ୍କୁ ସେ ଆହ୍ୱାନ ଦେଇଥିଲେ।

ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ ରାଜ୍ୟରେ ମୃତ୍ତିକା ପରୀକ୍ଷଣ ସୁବିଧାକୁ ଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ସ୍ୱାଗତ ଅଭିଭାଷଣ ସୁସ୍ଥ ମୃତ୍ତିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଶ୍ୱ ମୃତ୍ତିକା ଦିବସ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହେବା ସହିତ 'ମାନୁଆଲ ଅନ ଏଗ୍ରିକଲଚରାଲ ପ୍ରଡକ୍ସନ ଟେକ୍ନୋଲୋଜି ରବି ୨୦୨୫-୨୬' ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। ବୈଜ୍ଞାନିକ ଉପାୟରେ ମୃତ୍ତିକାରେ ଉପଲବ୍ଧ ପୋଷକ ତତ୍ତ୍ୱ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ସହିତ କୃଷି ସମ୍ପର୍କିତ ପ୍ରଦର୍ଶନୀକୁ ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ବୈଷୟିକ ଅଧିବେଶନରେ ବିଶେଷଜ୍ଞମାନେ ସ୍ଥାୟୀ ମୃତ୍ତିକା ପରିଚାଳନା, ପ୍ରାକୃତିକ ଚାଷ, ସିଟି କମ୍ପୋଷ୍ଟର ବ୍ୟବହାର, ସହରାଞ୍ଚଳ ଓ ଛାତ ବଗିଚା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ସୁପାରିସ ଉପରେ କହିଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଗିରଫ ଅଧ୍ୟାପକ ଶତ୍ରୁଘ୍ନଙ୍କ ବିରୋଧରେ ଅଭିଯୋଗ ଆଣିଲେ ଆଉ ୭ ଛାତ୍ରୀ

## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀ ନିର୍ଯାତନା ଘଟଣା

- ୪ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କଲା ପୋଲିସ
- ଖୁବ୍‌ଶୀଘ୍ର ପୂରଣ ହେବ ଅଧ୍ୟାପକ ପଦବୀ: ଅଧ୍ୟକ୍ଷ

ଭୁବନେଶ୍ୱର,୫।୧୨
(ତ୍ରିନାଥ ମହାନ୍ତି/ ସୌମ୍ୟରଞ୍ଜନ ରାଉତ)

ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଓ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଗିରଫ ହୋଇଥିବା ଉତ୍କଳ ମହାବିଦ୍ୟାଳୟ ଡ୍ରାମା ବିଭାଗର ଅତିଥି ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କ ନାମରେ ଅଭିଯୋଗ ତାଲିକା ଲମ୍ବିବାରେ ଲାଗିଛି। ଶୁକ୍ରବାର ପୁଣି ୭ଜଣ ଛାତ୍ରୀ ପୋଲିସ ଆଗରେ ଅଧ୍ୟାପଙ୍କ କେଲେଙ୍କାରୀ ବଖାଣିଛନ୍ତି। ଛାତ୍ରୀଙ୍କୁ ପ୍ରଥମେ ଶତ୍ରୁଘ୍ନ ମିଠା ମିଠା କଥା କହି ନିକଟତର ହେଉଥିଲେ। ପରେ ସେମାନଙ୍କୁ ସ୍ପେଶାଲ କ୍ଲାସ୍ କରିବା ବାହାନାରେ ଡାକି ଅସଦାଚରଣ କରୁଥିଲେ। କେହି ପ୍ରତିବାଦ କଲେ ଅଭିଯୁକ୍ତ ଅଧ୍ୟାପକ ମାର୍କ କାଟିଦେବା, କ୍ୟାରିୟର ବରବାଦ କରିଦେବା ସହ ବଦନାମ କରିବାକୁ ଧମକ ଦେଉଥିଲେ। ବାରମ୍ବାର ଫୋନ୍ କରି ଅଶ୍ଳୀଳ କଥା ହେବାକୁ ଛାତ୍ରୀଙ୍କୁ ବାଧ୍ୟ କରୁଥିଲେ। ଏବେ ଶତ୍ରୁଘ୍ନ ଜଣେ ଛାତ୍ରୀଙ୍କୁ ଅଶ୍ଳୀଳ କଥାବାର୍ତ୍ତା ହେବାକୁ କହୁଥିବା ଅଡ଼ିଓ ଭାଇରାଲ ହୋଇଛି। ପୋଲିସ ଏହି ଅଡ଼ିଓକୁ ପ୍ରମାଣ ଆକାରରେ ଗ୍ରହଣ କରିବା ସହ କଲେଜକୁ ଯାଇ ଛାନ୍‌ଭିନ୍ କରୁଛି। ଏଥିସହ ୫ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରିଛି। ସମ୍ପୃକ୍ତ ଛାତ୍ରୀମାନେ ନିର୍ଯାତନାର କାହାଣୀ ବଖାଣିଛନ୍ତି। ଆହୁରି ମଧ୍ୟ ପୋଲିସ ଅଭିଯୁକ୍ତ ଅଧ୍ୟାପକ କ୍ଲାସ୍ ନେଉଥିବା ଶ୍ରେଣୀ ଗୃହରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ପ୍ରମାଣ ଯୋଗାଡ଼ କରି କୋର୍ଟରେ ଦାଖଲ କରିବ ବୋଲି ଜଣାପଡ଼ିଛି।

ଅଧ୍ୟାପକ ଶତ୍ରୁଘ୍ନଙ୍କ ଯୌନ ନିର୍ଯାତନା ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲେ। ଏହାପରେ ସଂସ୍କୃତି ବିଭାଗ ଓ ମହାବିଦ୍ୟାଳୟ ପକ୍ଷରୁ ଶତ୍ରୁଘ୍ନଙ୍କୁ ନିଲମ୍ବିତ ସହ ଅଧ୍ୟାପକଙ୍କୁ ବ୍ଲାକଲିଷ୍ଟ କରାଯିବା ପରେ ସ୍ଥିତି ଆୟତ ହୋଇଥିଲା। ଶୁକ୍ରବାର ଏନେଇ ଧରିତ୍ରୀ ଖବରଦାତା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କ ସହ ପିଲାମାନଙ୍କ ପାଠପଢା ଓ କ୍ୟାମ୍ପସ ସ୍ଥିତି ସମ୍ପର୍କରେ ଅଲୋଚନା କରିଥିଲେ। ସେ କହିଥିଲେ, ଘଟଣା ସମ୍ପର୍କରେ ଛାତ୍ରୀଛାତ୍ର ରାଜରାସ୍ତାକୁ ନ ଓହ୍ଲାଇ ଯଦି ମୋତେ ଅବଗତ କରିଥାନ୍ତେ ତେବେ ଆମେ ସରକାରଙ୍କୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତୁ। ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଏବେ କ୍ୟାମ୍ପସ୍ ପରିବେଶ ବର୍ତ୍ତମାନ ଠିକ୍ ରହିଛି। ଶତ୍ରୁଘ୍ନ ବହିଷ୍କାର ହୋଇଥିବାରୁ ଉକ୍ତ ପଦବୀ ପୂରଣ ପାଇଁ ମୁଁ ସରକାରଙ୍କୁ ଅବଗତ କରାଇଛି। ଆସନ୍ତା ୪/୫ ଦିନ ଭିତରେ ଏହି ପଦବୀ ପୂରଣ ହେବ ବୋଲି ଅଧ୍ୟକ୍ଷ କହିଛନ୍ତି।

# ପୁଣି ଜୀବନ ନେଲା ଆମ ବସ୍

## ଜାତୀୟ ରାଜପଥ ବାଇକ ଚାଳକଙ୍କୁ ଚାପିଦେଲା



ଭୁବନେଶ୍ୱର, ୫।୧୨(ସତ୍ୟଜିତ ରାଉତ)

ରାଜଧାନୀରେ ପୁଣି ଜୀବନ ନେଇଛି 'ଆମ ବସ୍'। ସତ୍‌ସଙ୍ଗ ବିହାର ସମ୍ମୁଖ ୧୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ଓଡି୦୫ସିବି୦୦୪୧ ନମ୍ବର ବିଶିଷ୍ଟ ଆମ ବସଟି ଜଣେ ବାଇକ ଆରୋହୀଙ୍କୁ ଧକ୍କା ଦେଇ ଚାପି ଦେଇଥିଲା। ଗୁରୁତର ଅବସ୍ଥାରେ ବାଇକ ଚାଳକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତି ଜଣକ ହେଲେ ଭୋଇନଗରର ସୁଦର୍ଶନ ସାହୁ (୪୨)। ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଆମ ବସ୍‌କୁ ଜବତ କରିଥିବା ବେଳେ ସମ୍ପୃକ୍ତ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ଟିମ୍ ତାଙ୍କୁ ଚିହ୍ନଟ କରି ଗିରଫ କରିବାକୁ ପ୍ରୟାସ ଚଳାଇଛି।

ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟାଇଥିବା ୧୬ ନମ୍ବର ବସ୍‌ଟି ରସୁଲଗଡରୁ ଖଣ୍ଡଗିରି ଅଭିମୁଖେ ଯାଉଥିବାବେଳେ ରାତି ପ୍ରାୟ ୮ଟା ୧୦ରୁ ୮ଟା ୩୫ ମିନିଟ୍ ଭିତରେ ଦୁର୍ଘଟଣା ଘଟିଥିଲା। ସତ୍‌ସଙ୍ଗ ବିହାର ନିକଟରେ ବସ୍‌ଟି ସୁଦର୍ଶନଙ୍କୁ ସାଇଡ୍‌ରୁ ଧକ୍କା ଦେବାରୁ ସେ ବାଇକରୁ ଖସି ପଡିବା ସହ ବସ୍ ପଛ ଚକାରେ ଚାପି ହୋଇଯାଇଥିଲେ। ଘଟଣା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ବସ୍‌କୁ ଅଟକ ରଖିଥିଲେ। ହେଲେ ଡ୍ରାଇଭର ଜଣକ ଭିଡ଼ର ସୁଯୋଗ ନେଇ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏନେଇ ଶହୀଦନଗର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ଡ୍ରାଇଭରଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ପ୍ରୟାସ ଚାଲିଥିବା ଥାନାଧିକାରୀ ସୁଚିତ୍ର ଦାସ କହିଛନ୍ତି।

# ୩୬ତମ କୋଣାର୍କ ଉତ୍ସବ ଉଦ୍‌ଯାପିତ



କୋଣାର୍କ,୫।୧୨(ଜ୍ୟୋତିରାଜ ମହାନ୍ତି)

ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କରେ ଆୟୋଜିତ ୩୬ତମ କୋଣାର୍କ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶେଷସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଆରତୀ କର ଏବଂ ତାଙ୍କ ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମୀର ଶିଳ୍ପୀବୃନ୍ଦ ଓଡ଼ିଶୀ ନୃତ୍ୟ 'ତ୍ରିପଥଗା' ପରିବେଷଣ କରିଥିଲେ। ଗୁରୁ ରମେଶ ଚନ୍ଦ୍ର ଜେନା ଓ ଗୁରୁ ଆରତୀ କର ଏହି ନୃତ୍ୟାଭିନୟର ନୃତ୍ୟ ସଂରଚନା କରିଥିଲେ। ଗୁରୁ ଉମେଶ ଚନ୍ଦ୍ର ଦାସ ସଙ୍ଗୀତ ସଂଯୋଜନା ଓ ଗୁରୁ ଧନେଶ୍ୱର ସ୍ୱାଇଁ ତାଳ ସଂଯୋଜନା କରିଥିଲେ। ତାଙ୍କର ପରବର୍ତ୍ତୀ ପ୍ରସ୍ତୁତି ଥିଲା 'ନିୟତି'। ଏହି ନୃତ୍ୟାଭିନୟର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଆରତୀ କର ଏବଂ ଗୁରୁ ଯୁଧିଷ୍ଠିର ନାୟକ ଦେଇଥିଲେ। ଗୁରୁ ଉମେଶ ଚନ୍ଦ୍ର ଦାସ ସଙ୍ଗୀତ ସଂଯୋଜନା ଓ ଗୁରୁ ଧନେଶ୍ୱର ସ୍ୱାଇଁ ତାଳ ସଂଯୋଜନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ସଞ୍ଜୁକ୍ତା ସିହ୍ନା ଓ ତାଙ୍କ ଡ୍ୟାନ୍ସ ଗ୍ରୁପ୍‌ର ଶିଳ୍ପୀବୃନ୍ଦଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଆଦି ଅନନ୍ତ'। ଏହା ଶିବ ଓ କୃଷ୍ଣଙ୍କ ଦିବ୍ୟଶକ୍ତିକୁ ଅନୁସନ୍ଧାନ ଏବଂ ମୂର୍ତ୍ତିମନ୍ତ କରିଥିଲା। ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଲୀଳା', ଯାହା ଆକାଶୀୟ ଆନନ୍ଦର ନୃତ୍ୟ, କୃଷ୍ଣଙ୍କ ଦିବ୍ୟ ଖେଳକୁ ପାଳନ କରେ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲାମ ସଂଯୋଜନା କରିଥିବାବେଳେ ଡ. ସଙ୍ଗୀତା ଗୋସାଇଁ ପରିଚାଳନାରେ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ। ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍। ବୟସ ୨୨ ବର୍ଷ। ସ୍ଥାନ:ଭୁବନେଶ୍ୱର,
ଫୋନ: 9886365677

# ସାହିତ୍ୟ ସାଂସ୍କୃତିକ ସ୍ମୃତିର ଅଭିଲେଖାଗାର, ସାମାଜିକ ବାସ୍ତବତାର ଦର୍ପଣ

ଭୁବନେଶ୍ୱର,୫।୧୨
(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ 'ତଥ୍ୟ ଏବଂ କାଳ୍ପନିକ ଆଲୋଚନା: ସାହିତ୍ୟ ମାଧ୍ୟମରେ ଇତିହାସ ଅଧ୍ୟୟନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅତୀତ ଘଟଣାବଳୀକୁ ନେଇ ଇତିହାସ ଲିଖନ ଏବଂ କଳ୍ପନାକୁ ଜୀବନ୍ତ ରୂପ ଦେଇ ସାହିତ୍ୟ ସୃଷ୍ଟି ଉଭୟ ଭାଷା କ୍ଷେତ୍ର ସହିତ ଜଡ଼ିତ। ଐତିହାସିକଙ୍କ ଆଲେଖ୍ୟ ତଥ୍ୟ ସମ୍ବଳିତ ନିରପେକ୍ଷ ପାଣ୍ଡୁଲିପି ହୋଇଥିବାବେଳେ ସାହିତ୍ୟ ସାଂସ୍କୃତିକ ସ୍ମୃତିର ଅଭିଲେଖାଗାର ଓ ସାମାଜିକ ବାସ୍ତବତାର ଦର୍ପଣ ବୋଲି ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ୟୁପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଡାଭିଡ୍ ରେଡ ସିମଲିହ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତର-ପୂର୍ବ ଇତିହାସର ସମୟସୀମାର ଗୁରୁତ୍ୱ ଏବଂ ଜଣେ ଐତିହାସିକଙ୍କ ବସ୍ତୁନିଷ୍ଠ ହେବା ନୈତିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ପ୍ରତି ଐତିହାସିକଙ୍କ ଦୃଷ୍ଟିକୋଣ ଏବଂ ଇତିହାସର ଗତିପଥକୁ ସାହିତ୍ୟ କିପରି ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ ସେ ସମ୍ପର୍କରେ କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମୟ ସହିତ ସାହିତ୍ୟ ଓ ଇଂଲିଶ ଉଭୟ ଭାଷା ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ବିଷୟରେ କହିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ। ସହକାରୀ ପ୍ରଫେସର ଏସ. ଦୀପିକା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂଯୋଜକ ପୁଲସ୍ତ୍ୟ ଜାନି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପୁଞ୍ଜିପତିଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି'

## କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ମହାସଂଘ ପକ୍ଷରୁ ଶ୍ରମିକଙ୍କ ଧାରଣା

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)




ସମଗ୍ର ଦେଶରେ ଏବେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପୁଞ୍ଜିପତି ତଥା କର୍ପୋରେଟ ହାଉସ୍ ଦ୍ୱାରା ନିୟନ୍ତ୍ରିତ ହେଉଛି। ଶ୍ରମିକ, କୃଷକ, ଦଳିତ ଓ ଗରିବ ଶ୍ରେଣୀର ଲୋକେ ବଞ୍ଚିବା ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅଧିକାର ଓ ନ୍ୟାୟ ପାଇଁ ସେମାନେ ଆନ୍ଦୋଳନ କଲାବେଳେ ପୋଲିସ ଓ ପ୍ରଶାସନ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି କମ୍ପାନୀ ସ୍ୱାର୍ଥରେ ଜେଲକୁ ପଠାଉଛନ୍ତି। କେନ୍ଦ୍ର ସରକାର ଏହି ପୁଞ୍ଜିପତି କମ୍ପାନୀଙ୍କ ସ୍ୱାର୍ଥ ପାଇଁ ଇଂରେଜ ବିରୋଧରେ ସଂଘର୍ଷ କରି ହାସଲ କରିଥିବା ଶ୍ରମ ଆଇନଗୁଡିକୁ କୋଡ୍‌ରେ ପରିଣତ କରି ପୁଞ୍ଜିପତିଙ୍କ ପାଖରେ ପୁଣି ଦାସତ୍ୱର ବେଡି ପକାଇବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ଶ୍ରମିକ ନେତାମାନେ ଅଭିଯୋଗ କରିଛନ୍ତି।

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ମହାସଂଘ ସମୂହ ଆହ୍ୱାନରେ ବିଧାନସଭା ସମ୍ମୁଖରେ ୩ଦିନ ଧରି ଚାଲିଥିବା ଶ୍ରମିକଙ୍କ ଧାରଣା ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍‌ର ଶ୍ରମିକନେତାମାନେ ଯୋଗଦେଇଥିଲେ। ଶ୍ରମ କୋଡ୍‌କୁ ରଦ୍ଦ କରି ପୁନଃ ୪୪ଟି ଶ୍ରମ ଆଇନ୍ ଲାଗୁ କରିବା ଦାବିରେ ଜିଲାସ୍ତରରେ ମିଳିତ ଆନ୍ଦୋଳନକୁ ବ୍ୟାପକ କରିବା, ଜଙ୍ଗଲ ଜମି ତଥା ଆଦିବାସୀଙ୍କ ଜମିକୁ କର୍ପୋରେଟମାନଙ୍କୁ ହସ୍ତାନ୍ତର ବନ୍ଦ କରିବା, ୮ଘଣ୍ଟା କାର୍ଯ୍ୟଦିବସକୁ ପୁନଃ ଲାଗୁ କରିବା, ମହିଳାମାନଙ୍କୁ ରାତ୍ରରେ କାମ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା, ରାଷ୍ଟ୍ରାୟତ୍ତ ସମ୍ପତ୍ତି ଓ ବ୍ୟାଙ୍କ ବୀମାକୁ ବ୍ୟବସାୟୀକରଣ ବନ୍ଦ କର, ପୁରୁଣା ପେନସନ ଲାଗୁ କରି ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ଓ ସ୍କିମ୍ ୱାର୍କରମାନଙ୍କୁ ଶ୍ରମିକ ମାନ୍ୟତା ଦେବା ଆଦି ବିଭିନ୍ନ ଦାବି ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ସଂଯୋଜକ ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ୩ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରମିକ ନେତା କିଶୋର ଜେନା, ରାମକୃଷ୍ଣ ପଣ୍ଡା, ପ୍ରଭାତ ତ୍ରିପାଠୀ, ପ୍ରଦୀପ୍ତ ନାୟକ, ପ୍ରହଲ୍ଲାଦ ସାହୁ, ସମର ବଳ ଓ ରିଙ୍କି ସାହୁ ପ୍ରମୁଖ ଯୋଗଦେଇଥିଲେ।

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of 04 (Four) Nos. of Trainee Pilot on contractual basis in Paradip Port Authority.
For further details, visit our website : https://paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

WALK-IN-INTERVIEW
TOSHALI SUZUKI
BONTH CHHAK, BHADRAK

| DESIGNATION | SALARY | EXPERIENCE |
| --- | --- | --- |
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

# ସରକାରୀ ଜମିଜମା ସମ୍ବନ୍ଧୀୟ ସେବାରେ ଅଧିକ ସଂସ୍କାର ଅଣାଯିବ: ମନ୍ତ୍ରୀ




ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ସରକାରୀ ଜମିଜମା ସମ୍ବନ୍ଧୀୟ ସେବା ପ୍ରଦାନରେ ଅଧିକ ସଂସ୍କାର ଅଣାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶୁକ୍ରବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଉପସ୍ଥିତିରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟର ପରାମର୍ଶଦାତା ରାଜୀବ ଚାୱଲାଙ୍କ ସହିତ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମିଜମା ବ୍ୟବସ୍ଥାକୁ ଅଧିକ ସହଜ ଓ ସୁବିଧାରେ ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ କରିବା, ଭୂମି ରେକର୍ଡ ଓ ରାଜସ୍ୱ ନଥିଗୁଡିକର କମ୍ପ୍ୟୁଟରୀକରଣ, ଗ୍ରାମ ମାନଚିତ୍ରଗୁଡିକର ଜିଓ ରେଫରେନସିଂ, ଜମି ପଞ୍ଜୀକରଣ ଏବଂ ବିଭିନ୍ନ ସେବାର ଅନ୍‌ଲାଇନ ବିତରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଚାୱଲା କର୍ଣ୍ଣାଟକର ଭୂମି ରେକର୍ଡ ଆଧୁନିକୀକରଣ ଏବଂ ରାଜସ୍ୱ ବିଭାଗ ଓ କୃଷି ବିଭାଗ ଦ୍ୱାରା ମିଳିତ ଭାବରେ ଚାଲିଥିବା ଆଗ୍ରୋଷ୍ଟାକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ତାଙ୍କର ଅଭିଜ୍ଞତା ଏବଂ ଭଲ କାର୍ଯ୍ୟଗୁଡିକ ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଭୂମି ରେକର୍ଡ ଏବଂ ସର୍ବେକ୍ଷଣ ନିର୍ଦ୍ଦେଶକ, ଭାରତୀୟ ସର୍ବେକ୍ଷଣ ନିର୍ଦ୍ଦେଶକ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଏବଂ ଓଡିଶା ରାଜ୍ୟ ଅନ୍ତରୀକ୍ଷ ପ୍ରୟୋଗ କେନ୍ଦ୍ର (ଓରସାକ୍) ର ବରିଷ୍ଠ ବୈଜ୍ଞାନିକ ପ୍ରମୁଖ ଉପସ୍ଥିତ ଥିଲେ।

We are Hiring
Apply Now
TSG Gurukul School Since 2005
(Pre-Nursery to Std. XII)
(A Premier Residential, CBSE Affiliated School)
Requirements
TSG Gurukul School-The Ultimate Home for Your Child-invites qualified and experienced candidates with good communication Abilities. Vacancies include:-
- Academic Positions
NTT (Non-Odia Preferred) [TSG-MS-101]
PRT [TSG -PR-001] / TGT [TSG -HS-201] / PGT [TSG-PGT-301] – All Subjects (Science, Commerce & Humanities)
AI & Robotics Trainer [TSG-AIR-022]
- Physical Education & Sports
Physical Educators [TSG-PE-EDU-012]
Part-time Coaches for: [TSG-COA-014]
Cricket, Kabaddi, Volleyball, Basketball, Football, Volleyball, Kho-Kho, Swimming, Skating, Karate, Judo, Shooting, Horse Riding, Gymnasium, Gym & Zumba Trainer, etc.
- Creative & Activity Departments
Part-time Teachers for Various Instrumental Music & Vocal Training & Dance (Western & Classical) [TSG-MM-011] Art (Fine, Clay & Sand) [TSG-FM-011]
Student Referral Counselor (Work from home) [TSG-CNS-005]
- Administrative & Support Staff
Front Office Assistant [TSG-FOA-011]
Accountant [TSG-ACC-208]
DTP Operator & Designer [TSG-DTP-013]
Girls Hostel Superintendent [TSG-OTH-999]
Hostel Caretaker (Male/Female) [TSG-OTH-999]
Peon / Supporting Staff ( Electrician / Plumber/ House Keeping/ Driver/ Gardener/ Barber/ Dhobi/ Cook & Helper ) [TSG-SEC-009]
Media & Creative Production
News Editor [TSG-NED-021]
Anchor [TSG-MAD-022]
Reporter [TSG-MRD-023]
Cameraman [TSG-CM-025]
Short Film Director [TSG-SFD-024]
Eligibility & Benefits
Salary will be based on qualification, efficiency, loyalty, and experience. Accommodation with food will be provided (where available). ESI and EPF benefits are applicable.
Shortlisted candidates will be called for an interview between 08-12-2025 and 18-12-2025.
Drop CV
Send your resume: career@netgurukul.in
Visit us at: www.tsggurukul.com
Contact Us
Gothapatana, Bhubaneswar, Odisha 751003
Telephonic communication for queries is unavailable.
.....Principal.

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବଡ଼ମ୍ବା, ୫।୧୨(ମାୟାଧର ମଲ୍ଲିକ):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ (ବଡ଼ମ୍ବାର ଆଦି ଗ୍ରାମ) ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୪ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ସହିତ ଗରୁଡ଼ ଦେବଙ୍କ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯାଇଥିଲା। ଯଜ୍ଞ କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସ ଯାତ୍ରା, ଅଗ୍ନି ସ୍ଥାପନ, ଗୀତା ଯଜ୍ଞ, ଦେବୀ ଯଜ୍ଞ ଓ ଶୈବ ଯଜ୍ଞ ସହିତ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମର ବଡ଼ସାହି, ପାଟଣାସାହି ଓ ଦେଉଳସାହି ବାସିନ୍ଦାଗଣ ପରିଚାଳନା କରିଥିଲେ।

### ଭାଜପାର ବ୍ଲକ ଚାଲ ଅଭିଯାନ ସାମିଲ ହେଲେ ୩ ନେତା

**ବାଙ୍କୀ,୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ ଚାଲ ଅଭିଯାନ ଆରମ୍ଭ ହୋଇଯାଇଛି। ବାଙ୍କୀ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ, ଅଜୟ କୁମାର ସ୍ୱାଇଁ, ସୁବଳ ବେହେରାଙ୍କ ନେତୃତ୍ୱରେ ପଞ୍ଚାୟତର ଜୋନ୍‌ସ୍ତରୀୟ ଅନେକ କାର୍ଯ୍ୟକର୍ତ୍ତା ବ୍ଲକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଡମପଡ଼ା ବ୍ଲକକୁ ଯାଇଥିଲେ। ଏଥିସହ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରି କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶାବଳୀକୁ ଗାଁରେ ପହଞ୍ଚାଇବା ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଉକ୍ତ ନେତାମାନେ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଡିଓ ଅଂଶୁମାନ ଦାସଙ୍କ ସହିତ ଜନସାଧାରଣଙ୍କ ଅସୁବିଧା ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ହିତାଧିକାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରିବା ସହ ରାଶନକାର୍ଡ, ଅନ୍ତ୍ୟୋଦୟକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିପରି ସ୍ୱଚ୍ଛତା ଅବଲମ୍ବନ କରିହେବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ସେହିପରି ବିଭିନ୍ନ ଜନହିତକାରୀ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚାଯାଇପାରିବ ସେ ସମ୍ପର୍କରେ ବିଶେଷ ଧ୍ୟାନ ଦିଆ ଯିବା ସହ ପାନୀୟ ଜଳ, ଆଲୋକୀକରଣ ଆଦି ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ବିଡିଓ ଦାସ ପ୍ରକାଶ କରିଥିଲେ। ଅସାମାଜିକ ଯୁବକମାନେ ବିଡିଓଙ୍କୁ ଚାପ ପ୍ରୟୋଗ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭାଜପା ନେତାମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଫକୀର ଚରଣ ଦାସ, ପଦ୍ମଲୋଚନ ନାୟକ, ଉତ୍କଳ ମନ୍ତ୍ରୀ, ରାମଚନ୍ଦ୍ର ପଢ଼ିହାରୀ, ସିଦ୍ଧେଶ୍ୱର ପାଇକରାୟ, ବିନୋଦ ଦାସ, କବିରାଜ ଦାସ ପ୍ରମୁଖ ବିଡିଓଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

**ନିଶ୍ଚିନ୍ତକୋଇଲି, ୫।୧୨ (ଅଶୋକ କୁମାର ମହାପାତ୍ର):**

କଟକ ଜିଲା ମାହାଙ୍ଗା ବିଧାନସଭା କ୍ଷେତ୍ରର ନିଶ୍ଚିନ୍ତକୋଇଲି ବ୍ଲକ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ସୁମନ୍ତ ଘଡ଼େଇ ଯୋଗଦେଇ ଦଳର ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିସହ ଦଳୀୟ କର୍ମୀମାନେ ତୃଣମୂଳସ୍ତରରେ ରହି ସାଧାରଣ ଲୋକଙ୍କ ସେବା କରିବା ସହ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମକୁ କ୍ରିୟାଶୀଳ ଓ ଗତିଶୀଳ କରାଇବା ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକର ଜୟପୁର ମଣ୍ଡଳର ମଧୁପୁର ଓ ସମସରପୁର ପଞ୍ଚାୟତର ୫ ଜଣ ଛାମୁଆ କର୍ମକର୍ତ୍ତା ବିଜେଡି, କଂଗ୍ରେସ ଓ ସ୍ୱାଧୀନ ଛାଡ଼ି ଭାଜପାରେ ଯୋଗଦେଇଥିବା ବେଳେ କଟିକଟା ଓ ଅସୁରେଶ୍ୱର ଗ୍ରାମପଞ୍ଚାୟତର ୨୧ଜଣ କାର୍ଯ୍ୟକର୍ତ୍ତା ଭାଜପାରେ ସାମିଲ ହୋଇଥିଲେ। ଭାଜପାର ନୀତି ଆଦର୍ଶକୁ ଭଲପାଇ ଦଳରେ ସାମିଲ ହୋଇଥିବା କାର୍ଯ୍ୟକର୍ତ୍ତାମାନେ ପ୍ରତିକ୍ରିୟାରେ କହିଥିଲେ। ମଳୟ ଘଡ଼େଇଙ୍କ ସହ ବହୁ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ।

# ‘କଳା, ସଂସ୍କୃତି, ଐତିହ୍ୟକୁ ବିମଣ୍ଡିତ କରେ ମହାଲକ୍ଷ୍ମୀ ମହୋତ୍ସବ’

## ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଘାଟିତ

**ବଡ଼ମ୍ବା,୫।୧୨(ମାୟାଧର ମଲ୍ଲିକ):**




ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମା’ ମହାଲକ୍ଷ୍ମୀଙ୍କ ତୈଳଚିତ୍ରରେ ପୁଷ୍ପ ଅର୍ଘ୍ୟ ସହିତ ପ୍ରଦୀପ ପ୍ରଜ୍ୱଳନପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିସହ ମହାଲକ୍ଷ୍ମୀ ମହୋତ୍ସବ ରତାପାଟର କଳା, ସଂସ୍କୃତି ଓ ଐତିହ୍ୟକୁ ବିମଣ୍ଡିତ କରିଥାଏ ବୋଲି ବିଧାୟକ ଦଳବେହେରା କହିଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ରତାପାଟ ସରପଞ୍ଚ ମଗିରାମ ବେହେରା, ମାଳତୀ ସରପଞ୍ଚ ରତ୍ନାକର ବେହେରା, ଜିଲା ପରିଷଦ ସଦସ୍ୟ ଜୟଶ୍ରୀ ବରାଳ, ବୈଜ୍ଞାନିକ ସୁରେନ୍ଦ୍ର କୁମାର ଦଳେଇ, ଅଢ଼େଇଗୁଣ୍ଠି ସମିତିସଭ୍ୟ ମନୋଜ କୁମାର ପଣ୍ଡା, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ରାଉତ, ସାମାଜିକ କର୍ମୀ ପ୍ରସନ୍ନ କୁମାର ପ୍ରଧାନ, ସମୀର କୁମାର ରାଉତ, ଶିକ୍ଷକ ଅଶୋକ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ସମ୍ପାଦକ ବାମନ ଚରଣ ପଲେଇ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ବଜାର କମିଟି ସଭାପତି ମିହିର କୁମାର ପ୍ରଧାନ, ସମ୍ପାଦକ ସୋମନାଥ ଖୁଣ୍ଟିଆ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, ରାଜକିଶୋର ଦାସ, ସୁଶାନ୍ତ କୁମାର ନାୟକ, ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ଅଶୋକ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତାପଙ୍କ ସହ ନିର୍ବାଚନ ଲଢ଼ିବାକୁ ଚ୍ୟାଲେଞ୍ଜ ଦେଲା ବିଜେଡି

**ନିଶ୍ଚିନ୍ତକୋଇଲି, ୫।୧୨ (ଅଶୋକ କୁମାର ମହାପାତ୍ର):**

ସ୍ୱାଧୀନ ବିଧାୟକ ପଦରୁ ଇସ୍ତଫା ଦେଇ ପ୍ରତାପ ଜେନାଙ୍କ ସହ ନିର୍ବାଚନ ଲଢ଼ିବାକୁ ସାରଦା ପ୍ରଧାନଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ଚ୍ୟାଲେଞ୍ଜ ଦେଇଛି। ବ୍ଲକ ବିଜେଡି ତରଫରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଡକାଯାଇ ୯ଟି ପ୍ରଶ୍ନର ଉତ୍ତର ଦେବାକୁ ବିଧାୟକ ପ୍ରଧାନଙ୍କୁ ଆହ୍ୱାନ ଦିଆଯାଇଛି। ଶୁକ୍ରବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ତରଫରୁ ବରକୋଳିଆସ୍ଥିତ କୈଳାସ ମଣ୍ଡପ ପରିସରରେ ଏହି ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର ଯୋଗଦେଇ କହିଛନ୍ତି, ଗତ ୩ ତାରିଖରେ ବିଧାୟକ ପ୍ରଧାନ ତାଙ୍କ ଭାଷଣରେ ବିଧାୟକ ପଦରୁ ଇସ୍ତଫା ଦେଇ ପୁନଶ୍ଚ ପୂର୍ବତନ ମନ୍ତ୍ରୀ ପ୍ରତାପଙ୍କ ସହ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି।

ଏଥିସହ ଅସୁରେଶ୍ୱର ପଞ୍ଚାୟତର କୁଳଗାଁଇଶାଳୋ ସେତୁ ନିର୍ମାଣ କାର୍ଯ୍ୟ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରିବା ପଛରେ କାହାର ହାତ ରହିଛି ବୋଲି ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରାଯାଇଛି। ଏଠାକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହୋଇଥିବା ଅନିୟମିତତାକୁ ଲୋକଲୋଚନକୁ ଆଣିବା ସହ ଭିଜିଲାନ୍ସ ତଦନ୍ତ କରିବାକୁ ନିଶ୍ଚିନ୍ତକୋଇଲି ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ସେହିପରି ଭାବେ ହାଣ୍ଡିଭଙ୍ଗା ମେଡିକାଲର ନୂତନ ଗୃହ ନିର୍ମାଣ ନିମନ୍ତେ ପୂର୍ବ ସରକାରଙ୍କ ସମୟରେ ଟଙ୍କା ଦିଆଯାଇଥିଲା। ମାତ୍ର ଠିକାଦାରଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଜମି ଚିହ୍ନଟ କରାଇ ନ ଦେବା ପଛରେ ବିଧାୟକଙ୍କ ହାତ ରହିଛି ବୋଲି ମଧ୍ୟ ଦଳ ତରଫରୁ ଅଭିଯୋଗ କରାଯାଇଛି। ଏହି ବ୍ଲକର କୋଇଲିରଙ୍ଗି-ନମକାନି ଭାୟା ବାମରା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପୂର୍ବତନ ବିଧାୟକ ପ୍ରତାପ ଜେନା ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରୁ ନ ଥିବାବେଳେ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାରେ ସଫେଇ ନାଳ ଓ ଆଉଟଲେଟରେ ନାମକୁମାତ୍ର ସୋଠ ବସାଇ ଅର୍ଥ ହରିଲୁଟ୍ କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ଲୁଣା ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଚାଷୀମାନଙ୍କୁ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରଦାନ କରିଥିବା ଉନ୍ନତମାନର ବିହନ କେଉଁ ଚାଷୀଙ୍କ ପାଖରେ ପହଞ୍ଚିଲା ତା’ର ତଦନ୍ତ କରିବାକୁ ଦାବି କରାଯାଇଥିଲା। କେବଳ ସେତିକି ନୁହେଁ, ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ପାରିବାରୁ ନିଶ୍ଚିନ୍ତକୋଇଲି ବ୍ଲକରୁ ୮କୋଟି ଓ ମାହାଙ୍ଗା ବ୍ଲକରୁ ୮କୋଟି ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରିଗଲା। ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଠପ୍ ହୋଇଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସରପଞ୍ଚ ଜୟଦେବ ରାଉତ, ଅନିଲ କୁମାର ଭୂୟାଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିନୋଦ କୁମାର ସାମଲ ପ୍ରମୁଖ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ କରାଯାଇଥିବା ଅଭିଯୋଗକୁ ବିଧାୟକ ପ୍ରଧାନ ଖଣ୍ଡନ କରିଥିବାବେଳେ ସେ ପ୍ରତାପଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ, ବିଜେଡିକୁ ନୁହେଁ ବୋଲି କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ନେତୃମଣ୍ଡଳୀ।

# ମଧୁ ବାରିଷ୍ଟର ଆନ୍ତଃଜିଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୩ରୁ

**କଟକ,୫।୧୨(କାର୍ତ୍ତିକ ସାହୁ)**

କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ପଞ୍ଚମ ଆନ୍ତଃଜିଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ ଓ ୧୪ ଦୁଇ ଦିନ ଧରି ତ୍ରିଶୁଳିଆସ୍ଥିତ ନରଣପୁର ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏଥିପାଇଁ ସଙ୍ଗଠନର ସମ୍ପାଦକ ଆଇନଜୀବୀ ଗଗନ ବାରିକଙ୍କ ଅଧ୍ୟକ୍ଷତାରେ ଚାନ୍ଦିନଚୌକ ଜଗନ୍ନାଥ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।

ସୂଚନାନୁସାରେ, ହାଇକୋର୍ଟ ବାର୍, କ୍ରିମିନାଲ କୋର୍ଟ ବାର୍, କଟକ ବାର୍, କଟକ ଜିଲା ଜଜ୍ ଏକାଦଶ, ଜଗତ୍‌ସିଂହପୁର ବାର୍, ଢେଙ୍କାନାଳ ବାର୍, ମାହାଙ୍ଗା ବାର୍ ଓ ଭୁବନେଶ୍ୱର ବାର୍ ଆସୋସିଏଶନ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। କଟକ ଜିଲା ବାହାରେ ଥିବା ଅନ୍ୟ ଜିଲାର ବାର୍ ଆସୋସିଏଶନଗୁଡ଼ିକୁ ଏହି ଟୁର୍ଣ୍ଣାମେଣ୍ଟରେ ଜଡ଼ିତ କରିବା ନିମନ୍ତେ ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇଛି। ଚଳିତବର୍ଷ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ରଞ୍ଜିତ କେଶରୀ ରାୟ ଓ ଆଇନଜୀବୀ ସ୍ୱର୍ଗତ ସୁଶୀଲ କୁମାର ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ସହିତ ବିଜେତା ଦଳକୁ ସ୍ୱର୍ଗତ ରାୟଙ୍କ ନାମରେ ଓ ଉପବିଜେତା ଦଳକୁ ସ୍ୱର୍ଗତ ସ୍ୱାଇଁଙ୍କ ନାମରେ ଟ୍ରଫି ପ୍ରଦାନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଙ୍ଗଠନ ସଭାପତି ଆଇନଜୀବୀ ସଂଗ୍ରାମ କେଶରୀ ଦାସ, ସହ ସମ୍ପାଦକ ଲକ୍ଷ୍ମୀ ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତିଙ୍କ ସହିତ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ ତୁଷାର କାନ୍ତି, ପଙ୍କଜ ଜଟି, ରୋହିତ ରଞ୍ଜନ ସ୍ୱାଇଁ, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ପ୍ରଦାନ କରିଥିଲେ।

## ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୯ ନୂଆ ଅତିଥି

### ୨୪ ବର୍ଷ ପରେ ଆସିଲା ପାଣିଓଧ

**ବାରଙ୍ଗ, ୫।୧୨(ଲିଙ୍ଗରାଜ ରାଉତ):**

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଶୁକ୍ରବାର ୧୯ଟି ନୂଆ ଅତିଥି ଆସିଛନ୍ତି। ନନ୍ଦନକାନନର ୨ଜଣିଆ ଦଳ ଏହି ନୂଆ ଅତିଥିଙ୍କୁ ସାଙ୍ଗରେ ଧରି ଆସି ପହଞ୍ଚିଛନ୍ତି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଚଳିତବର୍ଷ ୨୦୨୫-୨୬ ମସିହାର ପ୍ରଥମ ପର୍ଯ୍ୟାୟ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ଓ ଗୁଜରାଟର ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ହୋଇଛି। ସେମାନଙ୍କ ମଧ୍ୟରେ ୩ ପୁରୁଷ ଓ ୨ ମାଈକୁ ମିଶାଇ ୫ ପାଣିଓଧ, ୨ ପୁରୁଷ ଭାରତୀୟ ଧୂସର ଗଧିଆ, ୫ ପୁରୁଷ ଓ ୫ ମାଈକୁ ମିଶାଇ ୧୦ ତାରା କଇଁଛ, ୧ ପୁରୁଷ ଓ ୧ ମାଈକୁ ମିଶାଇ ୨ଟି ରୂପେଲି କୁକ୍କୁଟ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ପୃଥକୀକରଣ ଖୁଆଡ଼ ମଧ୍ୟରେ ୨୦ରୁ ୩୦ ଦିନ ପର୍ଯ୍ୟନ୍ତ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷଣ ନଜର ରଖାଯାଇଛି। ଏହାପରେ ପର୍ଯ୍ୟାୟକ୍ରମେ ଆସିଥିବା ଅତିଥିମାନଙ୍କୁ ପର୍ଯ୍ୟଟକମାନେ ଦେଖିପାରିବେ। ସେମାନଙ୍କ ମଧ୍ୟରେ ପାଣିଓଧ ନୂଆ ହୋଇଥିବା ବେଳେ ଅନ୍ୟ ସବୁ ପ୍ରଜାତିର ପଶୁପକ୍ଷୀ ନନ୍ଦନକାନନରେ ରହିଛନ୍ତି। ଏହି ନୂଆ ଅତିଥି ଆସିବା ପରେ ଚିଡ଼ିଆଖାନାର ପଶୁପକ୍ଷୀ ପ୍ରଜାତି ସଂଖ୍ୟା ୧୭୬ରୁ ୧୭୭କୁ ବୃଦ୍ଧି ପାଇଛି ଓ ରକ୍ତ ସମ୍ପର୍କରେ ପରିବର୍ତ୍ତନ କରିବା କ୍ଷେତ୍ରରେ ଆସିଥିବା ପଶୁପକ୍ଷୀଙ୍କ ପ୍ରମୁଖ ଭୂମିକା ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

ସେହିପରି ନନ୍ଦନକାନନ ରେକର୍ଡ ଅନୁଯାୟୀ ୨୦୦୦ ମସିହାରେ ନନ୍ଦନକାନନରେ ପାଣିଓଧ ବଂଶ ଲୋପ ପାଇଯାଇଥିଲା। ଏବେ ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ପାଣିଓଧକୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବେ। ନୂଆବର୍ଷର ଭେଟି ସ୍ୱରୂପ ପାଣିଓଧ ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନର ଖୋରାକ ସାଜିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୨ଟି ପର୍ଯ୍ୟାୟରେ ୧୪ଟି ଜୀବଜନ୍ତୁକୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନକୁ ଦେବାକୁ ପଡୁଛି। ସେଥିମଧ୍ୟରେ ୨ଟି ବାଘ, ୨ଟି ମାଈ ଧୂସର ଗଧିଆ, ୩ଟି ଚଉଶିଙ୍ଗା, ୨ଟି କୁଟୁରା, ୫ଟି ବିଲୁଆ ରହିଛନ୍ତି। ତେବେ ପ୍ରାଥମିକ ପର୍ଯ୍ୟାୟରେ ୩ଟି ଚଉଶିଙ୍ଗା, ୨ଟି କୁଟୁରା ଓ ୫ଟି ବିଲୁଆ ଦିଆଯିବ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ଅବହେଳିତ ଶିଶୁଙ୍କ ସୁରକ୍ଷା ସମସ୍ତ ନାଗରିକଙ୍କ ଦାୟିତ୍ୱ

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର

**ଚୌଦ୍ୱାର,୫।୧୨(ଆଶୁତୋଷ ଦାସ):**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶଙ୍କରପୁର ଠାରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ଚୌଦ୍ୱାର କେନ୍ଦ୍ର ଆନୁକୂଲ୍ୟରେ ତଥା ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଶଙ୍କରପୁରସ୍ଥିତ ବିଜୁ ପଟ୍ଟନାୟକ କ୍ଲବ୍ ହାଉସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଓ ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଅତିଥି ଭାବେ ଯୋଗଦେଇ ସମାଜରେ ଅବହେଳିତ ଶିଶୁମାନଙ୍କ ସୁରକ୍ଷା ସମସ୍ତ ନାଗରିକଙ୍କ ଦାୟିତ୍ୱ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ସରକାରୀ ନିୟମାବଳୀ ଓ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ୫୦ଜଣରୁ ଊର୍ଦ୍ଧ୍ୱ ଗୃହିଣୀ, ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ସରପଞ୍ଚଙ୍କୁ ଅତିଥିମାନେ ଅବଗତ କରାଇଥିଲେ। ଶିଶୁ ସଦନର ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଉଦ୍‌ବୋଧନ ଦେଇ ଅଞ୍ଚଳରେ ଅବହେଳିତ ଶିଶୁଙ୍କ ଯତ୍ନ, ସୁରକ୍ଷା ଓ କଲ୍ୟାଣ ପାଇଁ ଚୌଦ୍ୱାରସ୍ଥିତ ଶିଶୁ ସଦନ ସର୍ବଦା ପ୍ରଚେଷ୍ଟା ଜାରି ରଖିଛି ବୋଲି ପ୍ରକାଶ କରି ଅଞ୍ଚଳରେ ଶିଶୁ ସମ୍ପର୍କିତ ଯେକୌଣସି ସମସ୍ୟା ଆସିଲେ ଚୌଦ୍ୱାର କେନ୍ଦ୍ର ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ ଓ କଲ୍ୟାଣୀ ରାଉତ ଅତିଥି ଭାବେ ଯୋଗଦେଇଥିଲେ। ପୋଷ୍ୟ ସନ୍ତାନ ସଂସ୍ଥାନ ପରିଚାଳକ ଅମିୟ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ସଦନ ପରିଚାଳକ ସୀମାନ୍ତ ନାୟକ, ସସ୍ମିତା ବେହେରା, ମେମ୍ବର ଅଣ୍ଡର ଟ୍ରେନିଂ ସୁରଶ୍ରୀ ସୁଧାଂଶୁ ଶେଖର ସାହୁ, ଗୌତମ ବାରିକ, ପରେଶ ରଞ୍ଜନ ଓଝା, ଐଶ୍ୱର୍ଯ୍ୟା ଦାସ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ସଚେତନ କରାଯାଉଛି।

# ୧୦ ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ସର୍ବଜନ କ୍ରାନ୍ତି ପରିଷଦ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

**ଟିଗିରିଆ,୫।୧୨(ଜାଫର ଖାଁ)**

ସର୍ବଜନ କ୍ରାନ୍ତି ପରିଷଦ (ଏସ୍‌କେପି) ଟିଗିରିଆ ତରଫରୁ ଶୁକ୍ରବାର ୧୦ ଦଫା ଦାବିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟିଗିରିଆ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱ ଧାର୍ମିକ ଓ ସାଂସ୍କୃତିକ କର୍ମୀ ସଂଘର ନିର୍ଦ୍ଦେଶିକା ମମତାମୟୀ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସଂଘର ଜିଲା ସଭାପତି ଦୁଃଶାସନ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ସଭାପତି ସନ୍ତୋଷ ସିଂ ସାମନ୍ତଙ୍କ ନେତୃତ୍ୱରେ ଶୁକ୍ରବାର ସଂଘର ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ଦାବିପତ୍ର ଟିଗିରିଆ ବିଡିଓ ମନସ୍ୱିନୀ ଦାସଙ୍କୁ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ମନ୍ଦିର ସେବକ, ସଂକୀର୍ତ୍ତନ ଓ ଭାଗବତ ମଣ୍ଡଳୀ କର୍ମୀ, ନାଟ୍ୟ କଳାକାର ଧାର୍ମିକ ଓ ସାଂସ୍କୃତିକ କର୍ମୀଙ୍କ ପାଇଁ ବିଭିନ୍ନ ଯୋଜନାରେ ସୁବିଧା ସୁଯୋଗ ନିମନ୍ତେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାମାନେ ପାଞ୍ଚଗାଁସ୍ଥିତ ଶିବ ମନ୍ଦିର ନିକଟରେ ଏକତ୍ରିତ ହୋଇ ସେଠାରୁ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସବିତା ପ୍ରଧାନ, ଲକ୍ଷ୍ମୀଧର ଦାଶ ଓ ସଂଘ ପ୍ରତିଷ୍ଠାତା ସଦସ୍ୟ ସୁକାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ। ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍। ବୟସ ୨୨ ବର୍ଷ। ସ୍ଥାନ:ଭୁବନେଶ୍ୱର,
ଫୋନ: 9886365677

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of 04 (Four) Nos. of Trainee Pilot on contractual basis in Paradip Port Authority.
For further details, visit our website : https://paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

WALK-IN-INTERVIEW
TOSHALI SUZUKI
BONTH CHHAK, BHADRAK

| DESIGNATION | SALARY | EXPERIENCE |
|---|---|---|
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

We are Hiring
Apply Now
TSG Since 2005
Gurukul School
(Pre-Nursery to Std. XII)
(A Premier Residential, CBSE Affiliated School)
Requirements
TSG Gurukul School-The Ultimate Home for Your Child-invites qualified and experienced candidates with good communication Abilities. Vacancies include:-
- Academic Positions
NTT (Non-Odia Preferred) [TSG-MS-101]
PRT [TSG-PR-001] / TGT [TSG-HS-201] / PGT [TSG-PGT-301] – All Subjects (Science, Commerce & Humanities)
AI & Robotics Trainer [TSG-AIR-022]
- Physical Education & Sports
Physical Educators [TSG-PE-EDU-012]
Part-time Coaches for: [TSG-COA-014]
Cricket, Kabaddi, Volleyball, Basketball, Football, Volleyball, Kho-Kho, Swimming, Skating, Karate, Judo, Shooting, Horse Riding, Gymnasium, Gym & Zumba Trainer, etc.
- Creative & Activity Departments
Part-time Teachers for Various Instrumental Music & Vocal Training & Dance (Western & Classical) [TSG-MM-011] Art (Fine, Clay & Sand) [TSG-FM-011]
Student Referral Counselor (Work from home) [TSG-CNS-005]
- Administrative & Support Staff
Front Office Assistant [TSG-FOA-011]
Accountant [TSG-ACC-208]
DTP Operator & Designer [TSG-DTP-013]
Girls Hostel Superintendent [TSG-OTH-999]
Hostel Caretaker (Male/Female) [TSG-OTH-999]
Peon / Supporting Staff ( Electrician / Plumber/ House Keeping/ Driver/ Gardener/ Barber/ Dhobi/ Cook & Helper ) [TSG-SEC-009]
Media & Creative Production
News Editor [TSG-NED-021]
Anchor [TSG-MAD-022]
Reporter [TSG-MRD-023]
Cameraman [TSG-CM-025]
Short Film Director [TSG-SFD-024]
Eligibility & Benefits
Salary will be based on qualification, efficiency, loyalty, and experience. Accommodation with food will be provided (where available). ESI and EPF benefits are applicable.
Shortlisted candidates will be called for an interview between 08-12-2025 and 18-12-2025.
Drop CV
Send your resume: career@netgurukul.in
Visit us at: www.tsggurukul.com
Contact Us
Gothapatana, Bhubaneswar, Odisha 751003
Telephonic communication for queries is unavailable.
.....Principal.

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧୨।୨୦୨୫

| | |
|---|---|
| ୬,୪୩,୬୬୫ ଟଙ୍କା | |
| ସୁନା | ୩.୫୦ ଗ୍ରାମ୍ |
| ରୁପା | ୧.୧୦୦ ଗ୍ରାମ୍ |

# ରାଜ୍ୟ ସଭାରେ ସ୍ୱର ଉଠାଇଲେ ଶୁଭାଶିଷ

### ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପ୍ରସଙ୍ଗ

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ପୁରୀବାସୀଙ୍କ ସହଜ ପ୍ରବେଶ ସହ ଦର୍ଶନ ପ୍ରସଙ୍ଗକୁ ନେଇ ରାଜ୍ୟ ସଭାରେ ସ୍ୱର ଉଠିଛି। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ପୁରୀବାସୀଙ୍କ ସହଜ ପ୍ରବେଶ ସହ ଶୃଙ୍ଖଳିତ ଦର୍ଶନକୁ ନେଇ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି। ଶୁକ୍ରବାର ସଂସଦରେ ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ ଉଠାଇ ରାଜ୍ୟ ସଭା ସଦସ୍ୟ ଖୁଣ୍ଟିଆ କହିଛନ୍ତି, ପୁରୀ ଏକ ନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ ଏବଂ ଆଧ୍ୟାତ୍ମିକ କେନ୍ଦ୍ର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେବଳ ପୁରୀବାସୀଙ୍କ ତ୍ୟାଗ ଯୋଗୁ ସମ୍ଭବ ହୋଇପାରିଛି। ପରିକ୍ରମା ପ୍ରକଳ୍ପ ପାଇଁ ଆଜି ରଥଯାତ୍ରା, ଚନ୍ଦନଯାତ୍ରା ସମେତ ବର୍ଷତମାମ୍ ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣି ବେଶ୍ ସୁରୁଖୁରରେ ସମ୍ପନ୍ନ ହୋଇପାରୁଛି। ଭକ୍ତଙ୍କ ଲାଗି ବିଭିନ୍ନ ପ୍ରକାର ସେବା, ସୁବିଧା ଉପଲବ୍ଧ କରାଯାଇପାରିଛି। ପୁରୀବାସୀଙ୍କ ତ୍ୟାଗ ଏବଂ ସମର୍ପଣ ମନୋଭାବ ଯୋଗୁ ଦେଶ, ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁମାନେ ସୁଖଦ ଅନୁଭୂତି ସାଉଣ୍ଟୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଶ୍ରୀମନ୍ଦିରକୁ ନିଜ ଗାଁ ଦେଉଳ ଭାବେ ବିବେଚନା କରିଆସୁଥିବା ପୁରୀବାସୀଙ୍କ ପାଇଁ ଏବେ ବଡ଼ଦେଉଳ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ ଚିନ୍ତାର ବିଷୟ ପାଲଟିଛି। ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଁ ପ୍ରଶାସନ ଯେଉଁ କଟକଣା ଲଗାଉଛି, ସେଥିରେ ପୁରୀ ସହରବାସୀ ପ୍ରଭାବିତ ହେଉଛନ୍ତି। ଏଥିପାଇଁ ପୁରୀର ବିଭିନ୍ନ ବର୍ଗର ଲୋକେ ଶ୍ରୀମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି। ହେଲେ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ



ଶୁଭାଶିଷ ଖୁଣ୍ଟିଆ

ନେଇ ନ ଥିବାବେଳେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ତେବେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବ ସରକାର ପୁରୀବାସୀଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ସେତେବେଳେ ପୁରୀବାସୀ ନିଜର ପରିଚୟପତ୍ର ଦେଖାଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରୁଥିଲେ। ମାତ୍ର ବର୍ତ୍ତମାନର ସରକାରଙ୍କ ସମୟରେ ସେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇନାହିଁ। ଏବେ ସେମିତି ସୁବିଧା ନାହିଁ। ବାହାର ଭକ୍ତ, ପର୍ଯ୍ୟଟକ ଆସିବେ ଓ ଯିବେ। କିନ୍ତୁ ପୁରୀବାସୀ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ଓ ସେବାରେ ନିୟୋଜିତ ରହିବେ। ତେଣୁ ପୁରୀବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ସେମାନେ କିପରି ଶ୍ରୀମନ୍ଦିରକୁ ବାଧାମୁକ୍ତ ପ୍ରବେଶ ଏବଂ ଦର୍ଶନ କରିପାରିବେ ସେ ନେଇ କେନ୍ଦ୍ର ସରକାର ହସ୍ତକ୍ଷେପ କରନ୍ତୁ ବୋଲି ଖୁଣ୍ଟିଆ ଗୃହର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ କିଛିବର୍ଷ ହେବ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ଏକ ଚିନ୍ତା ପାଲଟିଛି। ଦର୍ଶନ ପାଇଁ ହେଉ କି ଅବଢ଼ା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ୱାଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁଛି।



ପୁରୀ: ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ ସାରି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଶ୍ରୀମନ୍ଦିରରୁ ଫେରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ବିଦେଶୀ ପକ୍ଷୀ ଶିକାରକରି ୪ ନାବାଳକ ଧରାପଡ଼ିଲେ

ବ୍ରହ୍ମଗିରି,୫।୧୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବନ ବିଭାଗ ଅଧୀନରେ ଶୁକ୍ରବାର ବିଦେଶୀ ପକ୍ଷୀ ଶିକାର କରି ୪ଜଣ ନାବାଳକ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ରେଞ୍ଜ ଅଧୀନରେ ଥିବା ଏକ ଗ୍ରାମ ନିକଟରେ ୪ ଜଣ ନାବାଳକ ଦୁଇଟି ବିଦେଶୀ ପକ୍ଷୀ ଶିକାର କରି ଆସୁଥିଲେ। ଏହି ସମୟରେ ବ୍ରହ୍ମଗିରି ବନ ବିଭାଗ କର୍ମଚାରୀ ସେମାନଙ୍କୁ ଦେଖି କାବୁକରିଥିଲେ। ଏ ନେଇ ଏକ ମାମଲା ରୁଜୁ ସହ ସେମାନଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଛି।

### ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ

ବଳଙ୍ଗା, ୫।୧୨(କେଦାରେଶ୍ୱର ନନ୍ଦ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ଦକ୍ଷିଣ ରାଉସ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଲୁହାରଡରେ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି। ଦକ୍ଷିଣ ରାଉସ ଗ୍ରାମର ଜଗନ୍ନାଥ ଭୋଇଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ଲୋକଙ୍କୁ ସେହି ଗ୍ରାମର ମିକା ବେହେରା ବିଭିନ୍ନ ସମୟରେ ଗାଳିଗୁଲଜ କରିଥାନ୍ତି। ଗୁରୁବାର ସନ୍ଧ୍ୟାରେ ଜଗନ୍ନାଥ ତାଙ୍କ ଘରବାରଣ୍ଡାରେ ବସିଥିଲାବେଳେ ମିକା ଲୁହାରଡ଼ ଧରି ସେଠାକୁ ଯାଇ ଜଗନ୍ନାଥଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଜଗନ୍ନାଥଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

### ଅଧ୍ୟାପକଙ୍କୁ ଗାଳିଗୁଲଜ ଅଭିଯୋଗ

ଯୋଗେଶ୍ୱରପୁର,୫।୧୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଅଧ୍ୟାପକଙ୍କୁ କେତେଜଣ କର୍ମଚାରୀ ଗାଳିଗୁଲଜ କରିବା ଘଟଣାକୁ ନେଇ ଶୁକ୍ରବାର ଶିକ୍ଷା ନିର୍ଦ୍ଦେଶିକାଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ ୩ ତାରିଖରେ କର୍ତ୍ତୃପକ୍ଷ ୫୦ରୁ ୬୦ ପିଲାଙ୍କୁ ନେଇ ଯାଜପୁର ଜିଲାକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ସେଦିନ କଲେଜ୍ ଖୋଲାଥିବାରୁ ଜଣେ ଅଧ୍ୟାପକ ଯିବାକୁ ମନା କରିଥିଲେ। ଫଳରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଶୁକ୍ରବାର କେତେଜଣ କର୍ମଚାରୀ ମଦ୍ୟପାନ କରି ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଉକ୍ତ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ପିକ୍‌ନିକ୍ ଯିବା ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁରୀ ଜିଲାପାଳ କହିବା ପରେ କଲେଜ ଅଧ୍ୟକ୍ଷ ଓ କର୍ମଚାରୀ ଚିନ୍ତାରେ ପଡ଼ିଛନ୍ତି।

# ପୁରୀରେ ଆଜିଠୁ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍



ଖବରଦାତା ସମ୍ମିଳନୀରେ ବିଏନ୍‌ଆଇ ଗ୍ରେଟର ଓଡ଼ିଶା ଚାପ୍ଟରର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ବିଏନ୍‌ଆଇ ଓଡ଼ିଶା ଚାପ୍ଟର ପକ୍ଷରୁ ପ୍ରଥମ ଥର ପାଇଁ ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍ ଅନୁଷ୍ଠିତ ହେବ। ଏହି ଲିଗ୍‌ରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରତିଷ୍ଠିତ ୫୫୭ଟି ଉଦ୍ୟୋଗର ୧୫୦ ଜଣ ୧୦ଟି ଗ୍ରୁପ୍‌ରେ ଅଂଶଗ୍ରହଣ କରିବେ। ୮ ଓଭର ବିଶିଷ୍ଟ ଏହି ଲିଗ୍ ୬ ଓ ୭ ତାରିଖରେ ଖେଳାଯିବ। ବିଶେଷକରି ବିଭିନ୍ନ ଜିଲାର ଉଦ୍ୟୋଗପତିଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧି, ଆର୍ଥିକ ସ୍ତରରେ ଉଦ୍ୟୋଗପତିଙ୍କୁ ଆଗକୁ ନେବା ଓ ବ୍ୟବସାୟ ଅଭିବୃଦ୍ଧି ଲକ୍ଷ୍ୟରେ ପ୍ରଥମ ଥର ପାଇଁ ପୁରୀରେ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍ ଆୟୋଜନ କରାଯାଇଛି। ସମଗ୍ର ବିଶ୍ୱରେ ବିଏନ୍‌ଆଇର ୩,୫୦,୦୦୦ ସଦସ୍ୟ ଥିବାବେଳେ ଭାରତରେ ୬୯,୬୪୧ ଏବଂ ଓଡ଼ିଶାରେ ୫୫୭ ଜଣ ସଦସ୍ୟ ରହିଛନ୍ତି। ଓଡ଼ିଶାର ସମସ୍ତ ଉଦ୍ୟୋଗପତିଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ଭାବ ବିନିମୟ, କ୍ରିକେଟ ପରି କ୍ରୀଡ଼ା ମାଧ୍ୟମରେ ପରସ୍ପର ମଧ୍ୟରେ ସମ୍ପର୍କ ନିବିଡ଼ କରିବା ପାଇଁ ଗ୍ରେଟର ଓଡ଼ିଶା କ୍ରିକେଟ ଲିଗ୍‌ର ଆୟୋଜନ କରାଯାଇଛି। ଏହା ସଫଳ ହେଲେ ବିଏନ୍‌ଆଇ ଆଗାମୀ ଦିନରେ ପୁରୀରେ ଆହୁରି ଅନେକ କାର୍ଯ୍ୟକ୍ରମ କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ଶୁକ୍ରବାର ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ବିଏନ୍‌ଆଇ ଗ୍ରେଟର ଓଡ଼ିଶା ଚାପ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀତା ମହାନ୍ତି, ପୂର୍ବତନ ରଣଜୀ ଖେଳାଳି ତଥା ଉଦ୍ୟୋଗପତି ଜିତୁ ଶତପଥୀ, ଏରିଆ ନିର୍ଦ୍ଦେଶକ କେ.ସଞ୍ଜୀବ ପାତ୍ର, ଜୟ ଜଗଦୀଶ ପାତ୍ର, ଡ. ଶୀତଲ୍ କୋଟ୍‌ନି, କୁମାର ଅରୋଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ।

# ଇକୋ କ୍ଲବ ପ୍ରଦର୍ଶନୀରେ ୬୦ ପ୍ରକଳ୍ପ: ଜିଲାସ୍ତରକୁ ୫ ମନୋନୀତ

ନିମାପଡ଼ା,୫।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳ ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନିମାପଡ଼ା ବ୍ଲକର ନୋଡାଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଡିଏନ୍‌ଓ ରମାକାନ୍ତ ଓଝା, ସିଆର୍‌ସିସି ଲକ୍ଷ୍ମୀଧର ସେଠୀ, ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ବିଜ୍ଞାନ ଶିକ୍ଷକ ଦୁର୍ଗାପ୍ରସାଦ ବାରିକ, ଶିକ୍ଷକ ରଣଜିତ କେଶରୀ ନାୟକ, ବୀଣାପାଣି ଆଚାର୍ଯ୍ୟ, ମୌସୁମୀ ଦାସ ଦେବୀ ସୁଗନ୍ଧା ଦେ, ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ବୈଜ୍ଞାନିକ ଓ ପରିବେଶ ସଂରକ୍ଷଣ ମନୋବୃତ୍ତିର ବିକାଶ କରିବା ଏବଂ ସ୍ୱଦେଶୀ ଜ୍ଞାନକୌଶଳର ପ୍ରୟୋଗ କରି ସୁସ୍ଥ ପରିବେଶ ଗଠନ ଦିଗରେ କିପରି ସହାୟକ ହୋଇପାରିବେ ସେ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ମୋଟ ୬୦ଟି ପ୍ରକଳ୍ପରୁ ୫ଟି ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଥିବା ବେଳେ ପାଞ୍ଚଜଣ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।





ପ୍ରଦର୍ଶନୀ ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ।

# ୭ରୁ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ଅନୁଷ୍ଠାନ ଆମର ପକ୍ଷରୁ ୧୭ ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଚଳିତ ମାସ ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଏହି ଅବସରରେ ଶୁକ୍ରବାର ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ, ମାର୍ଗଦର୍ଶକ ପ୍ରସନ୍ନ କୁମାର ମିଶ୍ର, ଚକ୍ରଧର ମହାପାତ୍ର, ଶିବ ନାରାୟଣ ପୂଜାପଣ୍ଡା, ପ୍ରଦ୍ୟୁମ୍ନ କୁମାର ମିଶ୍ର, ପ୍ରଦୀପ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଯୋଗଦେଇ ନାଟକ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୦ଟି ଜିଲାରୁ ୧୦ଟି ନାଟକ ମଣ୍ଡଳୀ ଆସି ନାଟକ ପ୍ରଦର୍ଶନ କରିବେ। ୧୭ ତାରିଖରେ ପୁରସ୍କାର ବିତରଣ କରାଯିବ। ନାଟକ ନିର୍ଦ୍ଦେଶକଙ୍କୁ ୭ ହଜାର ଟଙ୍କା ସହ ଶ୍ରେଷ୍ଠ ନାଟକ ପ୍ରଦର୍ଶନକାରୀ ଦଳଙ୍କୁ ପୁରସ୍କାର ଦିଆଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ୧୫ ହଜାର, ଦ୍ୱିତୀୟ ସ୍ଥାନରେ ଥିବା ଦଳକୁ ୧୦ ହଜାର ଓ ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ୭ ହଜାର ଟଙ୍କା ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ସମୀର ଶତପଥୀ, ରାମକୃଷ୍ଣ ମହାପାତ୍ର, ବିକ୍ରମ ସାହୁ, ମଧୁସୂଦନ ପୂଜାପଣ୍ଡା, ରାଜେଶ ମହାନ୍ତି, ସ୍ୱାଧୀନ ପଣ୍ଡା, ପ୍ରସନ୍ନ କୁମାର ମହାନ୍ତି, ଶ୍ରୀକଣ୍ଠ ମିଶ୍ର, ଅନିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦ୍ୟୁମ୍ନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।





ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଉଛନ୍ତି ।

## ହରିହରଙ୍କ ୩୨ତମ ପୁଣ୍ୟତିଥିରେ ସ୍ମୃତିସଭା

ପୁରୀ,୫।୧୨(ଅଜିତ୍ କୁମାର ମହାନ୍ତି)

'ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମିତି' ପକ୍ଷରୁ ପାରମ୍ପରିକ ସଙ୍ଗୀତର ମହାନ୍ ସାଧକ ଗୁରୁ ହରିହରଙ୍କ ୩୨ତମ ପୁଣ୍ୟତିଥିରେ ସ୍ମୃତି ସନ୍ଧ୍ୟା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବର୍ଷୀୟାନ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ରଜନୀକାନ୍ତ ମହାପାତ୍ର, ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଚଳିତ ବର୍ଷର 'ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମ୍ମାନ -୨୦୨୫'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଆମେରିକାରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ବିବରଣୀ ଉପସ୍ଥାପନ କରିଥିଲେ। ଆବାହକ ଭାଗୀରଥି ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। 'ନବପ୍ରତିଭା' ଅନୁଷ୍ଠାନ ପକ୍ଷରୁ ଗୁରୁ ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶନାରେ ନୃତ୍ୟ ନାଟିକା 'ଶ୍ରୀରାଧା' ପରିବେଷିତ ହୋଇଥିଲା। ବିଜୟ କୁମାର ପଣ୍ଡା ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ପ୍ରସନ୍ନ କୁମାର ମିଶ୍ର, ଗୁରୁ ପାଗଳ ସାଇଁ, ଚନ୍ଦ୍ରଶେଖର ମହାରଣା, ବିଚିତ୍ର ମହାପାତ୍ର, ମଧୁସୂଦନ ଖୁଣ୍ଟିଆ, ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, କୁମୁଦିନୀ ପଣ୍ଡା, ଗୌରାଙ୍ଗ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର କାନୁନ୍‌ଗୋ, ନଳିନୀ ନାୟକ, ଶତ୍ରୁଘ୍ନ ନାୟକ, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦେବୀ ନଦୀରେ ବୁଲୁଛି କୁମ୍ଭୀର, ଅଞ୍ଚଳବାସୀ ଆତଙ୍କିତ



ଅସ୍ତରଙ୍ଗ/କାକଟପୁର,୫।୧୨ (ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍‌ର ନଗର ଗ୍ରାମପଞ୍ଚାୟତ ସନ୍ନିକଟରେ ପ୍ରବାହିତ ଦେବୀ ନଦୀରେ କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ମାଛ ଧରିବାକୁ ଯାଇଥିବାବେଳେ ସେମାନଙ୍କ ମୋବାଇଲରେ ଏହାର ଭିଡିଓ ସୁଟିଂ କରିଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡ଼ିଛନ୍ତି। କିଛିଦିନ ତଳେ ପୀରଜାହାନିଆ ସମୁଦ୍ରକୂଳରେ କୁମ୍ଭୀର ଦେଖାଯାଇଥିଲା। ବାରମ୍ବାର ଏଭଳି ଘଟଣା ସତ୍ତ୍ୱେ ବନ ବିଭାଗ କେବଳ ପୀରଜାହାନିଆ ନିକଟରେ ସଚେତନତାକରି କାମ ସାରିଦେଇଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ନଦୀକୂଳିଆ ଅଞ୍ଚଳବାସୀ ନଦୀ ଉପରେ ନିର୍ଭରଶୀଳ ଥିବାରୁ କୁମ୍ଭୀର ଆତଙ୍କ ସେମାନଙ୍କୁ ଚିନ୍ତାରେ ପକାଇଛି। ଯଥାଶୀଘ୍ର କୁମ୍ଭୀରକୁ ଧରି ଅନ୍ୟତ୍ର ଛାଡ଼ିବା ପାଇଁ ଲୋକେ ଦାବି କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ । ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍ । ବୟସ ୨୨ ବର୍ଷ ।
ସ୍ଥାନ:ଭୁବନେଶ୍ୱର,
ଫୋନ: 9486365677

## ବାଟ ମହାବୀରଙ୍କ ୪୦ତମ ବିଶ୍ୱଶାନ୍ତି ମହାଯଜ୍ଞ

ଚାରିଛକ,୫।୧୨(ଶିଶିର କୁମାର ସ୍ୱାଇଁ)

ବିଶିମାତ୍ରୀ ଛକସ୍ଥିତ ଶ୍ରୀ ଶ୍ରୀ ବାଟ ମହାବୀରଙ୍କ ୪୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ହରଚଣ୍ଡୀ ପୋଖରୀରୁ କଳସଧାରୀମାନେ ପାଣି ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ବିଜୟ କୁମାର ନାୟକ ଓ କର୍ତ୍ତ୍ରୀ ଭାବେ ସୁକାନ୍ତି ନାୟକ କାର୍ଯ୍ୟ ସମ୍ପାନ କରିଥିଲେ। ଲକ୍ଷ୍ମୀଧର ପ୍ରଧାନ, ଜୟନ୍ତୀ ପ୍ରଧାନ, ଶରତ କୁମାର ଜେନା, ଲିନା ଜେନା ପୂଜା କର୍ମରେ ବସିଥିଲେ। ୧୦୮ ଚାଳିଶା ପାଠ ପୂଜାରେ କର୍ତ୍ତା ଭାବେ ବାବୁଲି ସ୍ୱାଇଁ ଓ କର୍ତ୍ତ୍ରୀ ଭାବେ ରୁନୁ ସ୍ୱାଇଁ ବସିଥିଲେ। ମୁଖ୍ୟ ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ଅକ୍ଷୟ ଆଚାର୍ଯ୍ୟ, ରଜତ ଚନ୍ଦ୍ର ଦାଶ, ବସନ୍ତ ଦାଶ, ଅର୍ଜୁନ ପଣ୍ଡା ଯଜ୍ଞ ପୂଜା କର୍ମ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ବିଜୟ କୁମାର ପଣ୍ଡା ଓ ରମେଶ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ। ରାଜକିଶୋର ନାୟକ, ଅକ୍ଷୟ ନାୟକ, ମହାଦେବ ମହାନ୍ତି,ବିଜୟ ସାହୁ, କୈଳାସ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of 04 (Four) Nos. of Trainee Pilot on contractual basis in Paradip Port Authority.
For further details, visit our website : https://paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

WALK-IN-INTERVIEW
TOSHALI SUZUKI
BONTH CHHAK, BHADRAK

| DESIGNATION | SALARY | EXPERIENCE |
|---|---|---|
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

# ଜୁଭେନାଇଲକୁ ହରାଇ ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

### ନିମାପଡ଼ା ବାରବାଟୀ କପ୍ କ୍ରିକେଟ

ନିମାପଡ଼ା,୫।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏସ୍. ପି. ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ ଓ ପଞ୍ଚମ ଟୁବୁଲି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜୁଭେନାଇଲକୁ ୩୧ ରନରେ ହରାଇ ରାଇଜିଂ ଷ୍ଟୁଡେଣ୍ଟ କଟକ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୧୬ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ସର୍ବାଧିକ ୪୩, ଅଙ୍କିତ ବେହେରା ୪୧ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କଟକ ଜୁଭେନାଇଲ ଦଳର ସୁମିତ ଶର୍ମା ସର୍ବାଧିକ ୩ ଉଇକେଟ ନେଇଥିଲେ। ଜବାବରେ କଟକ ଜୁଭେନାଇଲ ଦଳ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୫ ରନ କରି ପରାସ୍ତ ହୋଇଥିଲା।





ଅତିଥିମାନେ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଆକାଶ ମହାପାତ୍ର ସର୍ବାଧିକ ୪୩, ଅଂଶୁମାନ ସାହୁ ୪୧, ରାମଚନ୍ଦ୍ର ବେହେରା ୩୬ ରନ କରିଥିଲେ। ପ୍ରତିପକ୍ଷ ରାଇଜିଂ ଷ୍ଟୁଡେଣ୍ଟର ସୂର୍ଯ୍ୟକାନ୍ତ ପ୍ରଧାନ ୪ ଓ ଅଙ୍କିତ ବେହେରା ୨ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ଅଭିନନ୍ଦନ ପାତ୍ର ଓ ସୌମ୍ୟଶେଖର ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ଅଙ୍କିତ ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଅତିଥି ଭାବେ ଅଷ୍ଟିନ ପ୍ଲାଏ ଉତ୍ତର ଓଡ଼ିଶା ମୁଖ୍ୟ ବିଜୟ ପ୍ରସାଦ ମିଶ୍ର, କ୍ରୀଡ଼ାବିତ୍ ବିଭୂତି ଭୂଷଣ ପାତ୍ର, ସୌମ୍ୟଶେଖର ମହାନ୍ତି, ଅଭିନନ୍ଦନ ପାତ୍ର ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତା ୭ ତାରିଖରେ ନିମପୁର କଟକ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଫାଇନାଲ ମ୍ୟାଚ ହେବ।

We are Hiring
Apply Now
TSG Gurukul School Since 2005
(Pre-Nursery to Std. XII)
(A Premier Residential, CBSE Affiliated School)
Requirements
TSG Gurukul School-The Ultimate Home for Your Child-invites qualified and experienced candidates with good communication Abilities. Vacancies include:-
• Academic Positions
NTT (Non-Odia Preferred) [TSG-MS-101]
PRT [TSG-PR-001] / TGT [TSG-HS-201] / PGT [TSG-PGT-301] – All Subjects (Science, Commerce & Humanities)
AI & Robotics Trainer [TSG-AIR-022]
• Physical Education & Sports
Physical Educators [TSG-PE-EDU-012]
Part-time Coaches for: [TSG-COA-014]
Cricket, Kabaddi, Volleyball, Basketball, Football, Volleyball, Kho-Kho, Swimming, Skating, Karate, Judo, Shooting, Horse Riding, Gymnasium, Gym & Zumba Trainer, etc.
• Creative & Activity Departments
Part-time Teachers for Various Instrumental Music & Vocal Training & Dance (Western & Classical) [TSG-MM-011] Art (Fine, Clay & Sand) [TSG-FM-011]
Student Referral Counselor (Work from home) [TSG-CNS-005]
• Administrative & Support Staff
Front Office Assistant [TSG-FOA-011]
Accountant [TSG-ACC-208]
DTP Operator & Designer [TSG-DTP-013]
Girls Hostel Superintendent [TSG-OTH-999]
Hostel Caretaker (Male/Female) [TSG-OTH-999]
Peon / Supporting Staff ( Electrician / Plumber/ House Keeping/ Driver/ Gardener/ Barber/ Dhobi/ Cook & Helper ) [TSG-SEC-009]
Media & Creative Production
News Editor [TSG-NED-021]
Anchor [TSG-MAD-022]
Reporter [TSG-MRD-023]
Cameraman [TSG-CM-025]
Short Film Director [TSG-SFD-024]
Eligibility & Benefits
Salary will be based on qualification, efficiency, loyalty, and experience. Accommodation with food will be provided (where available). ESI and EPF benefits are applicable.
Shortlisted candidates will be called for an interview between 08-12-2025 and 18-12-2025.
Drop CV
Send your resume: career@netgurukul.in
Visit us at: www.tsggurukul.com
Contact Us
Gothapatana, Bhubaneswar, Odisha 751003
Telephonic communication for queries is unavailable.
.....Principal.

# ନଳ କି ଜଳ ନୁହେଁ, ଖାଲି କଳ ଥିବ: ବିରୋଧୀ

## ସବୁ ପରିବାରକୁ ସ୍ୱଚ୍ଛ ଜଳ ଯୋଗାଇବୁ: ମନ୍ତ୍ରୀ

ଭୁବନେଶ୍ୱର,୫।୧୨ (ରବିନାରାୟଣ ଜେନା)

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

## ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹49,66,715/- ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍, ଏହାର ଗ୍ରିନ୍ ରୁମ୍, ପ୍ୟାନେଲ୍ ରୁମ୍ ପାଇଁ ବିଭାଜନ ପ୍ରସ୍ତୁତି କରିବା ସହିତ ଆକୋଷ୍ଟିକ୍ ସ୍ଥାୟୀ ବିଭାଜନ ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 40 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 22, 2025 ଅପରାହ୍ନ 04:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ସର୍ବସାଧାରଣ ବିଜ୍ଞପ୍ତି
## କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍)ରେ ବିଭିନ୍ନ ଶିକ୍ଷାଦାନ ଓ ଅଣ-ଶିକ୍ଷାଦାନ ପଦବୀ ଲାଗି ନିଯୁକ୍ତି

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍)ରେ ବିଭିନ୍ନ ଶିକ୍ଷାଦାନ ଓ ଅଣ-ଶିକ୍ଷାଦାନ ପଦବୀରେ ନିଯୁକ୍ତି ଲାଗି ନିଯୁକ୍ତି ଅଧିସୂଚନା ୦୧/୨୦୨୫ ସନ୍ଦର୍ଭରେ, ଏତଦ୍ୱାରା ଆବେଦନକାରୀଙ୍କୁ ସୂଚିତ କରିଦିଆଯାଉଅଛି ଯେ, ସହକାରୀ ଆୟୁକ୍ତ, ଅଧକ୍ଷ, ପିଜିଟି (ହିନ୍ଦୀ, ଇଂରାଜୀ, ବାଣିଜ୍ୟ), ଟିଜିଟି (ହିନ୍ଦୀ, ଇଂରାଜୀ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଶାରୀରିକ ଶିକ୍ଷା/ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା) ତଥା କନିଷ୍ଠ ସଚିବାଳୟ ସହାୟକ ପଦବୀ ପାଇଁ ପ୍ରଯୁଜ୍ୟ ଯୋଗ୍ୟତାଗୁଡ଼ିକୁ କେଭିଏସ୍ ଏବଂ ଏନ୍‌ଭିଏସ୍ ଦ୍ୱାରା ଏକ ସମାନ କରିଦିଆଯାଇଛି, ଯାହାଦ୍ୱାରା ଆବେଦନକାରୀମାନେ ଉକ୍ତ ପଦବୀ(ଗୁଡ଼ିକ) ପାଇଁ ଉଭୟ ବିଭାଗରେ ସମାନ ସମୟରେ ଏକା ସାଙ୍ଗରେ ଅନ୍‌ଲାଇନ୍ ଆବେଦନ ଦାଖଲ କରିବାରେ ସକ୍ଷମ ହୋଇପାରିବେ। ଏପରି ଆବେଦନକାରୀ, ଯେଉଁମାନେ କେବଳ କେଭିଏସ୍ କିମ୍ବା ଏନ୍‌ଭିଏସ୍‌ରେ ଉକ୍ତ ପଦବୀ ପାଇଁ ଅନ୍‌ଲାଇନ୍ ଦାଖଲ କରିପାରିଥିଲେ, ବର୍ତ୍ତମାନ ସେମାନଙ୍କୁ କେଭିଏସ୍ କିମ୍ବା ଏନ୍‌ଭିଏସ୍ (ମାମଲା ଅନୁଯାୟୀ)ରେ ମଧ୍ୟ ଅନ୍‌ଲାଇନ୍ ଆବେଦନ ଦାଖଲ କରିବା ନିମନ୍ତେ ସୁଯୋଗ ଦିଆଯିବ। ବିବରଣୀ ପାଇଁ ପ୍ରାର୍ଥୀମାନେ ସିବିଏସ୍‌ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ ଶୁଦ୍ଧିପତ୍ର-୨ ଦେଖିପାରନ୍ତି।

ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖକୁ ମଧ୍ୟ ୧୧ ଡିସେମ୍ବର, ୨୦୨୫ (ଅପରାହ୍ନ ୧୧.୫୯ ଘଟିକା) ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ସଦ୍ୟତମ ସୂଚନା ପାଇଁ ସିବିଏସ୍‌ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

cbc 21107/12/0010/2526 ନିର୍ଦ୍ଦେଶକ (ସିଟିଇଟି), ସିବିଏସ୍‌ଇ

## ଦ.ପୂ. ରେଳପଥ – ଇ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଏନ୍ଏଲ୍/ଟିପି/୨୦୨୫/୪୩, ତାରିଖ: ୦୫।୧୨।୨୦୨୫।
''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ବନ୍ଦ ହେବା ତାରିଖ | ସାମଗ୍ରୀ ବର୍ଣ୍ଣନା | ପରିମାଣ | ଇଏମଡି ପରିମାଣ (₹) |
|---|---|---|---|---|---|
| ୧ | ୩୩୨୫୧୪୮୬ବ | ୨୨।୧୨।୨୦୨୫ | [illegible] ଆଧାରିତ ସେଟ୍ (୧ ଗୋଟି ଏଲ୍ଏଚ୍ ଓ ୧ ଗୋଟି ଆର୍ଏଚ୍) ଆଦି | ୪୧୩୦ ସେଟ୍ | ୧,୫୮,୩୯୦ |
| ୨ | ଆଇଏଫ୍୨୫୬୦୧୦ | ୨୪।୧୨।୨୦୨୫ | କାଷ୍ଟ ଷ୍ଟିଲ ବୋଲଷ୍ଟର୍ ଆଦି | ୩୯ ଗୋଟି | ୧,୪୧,୭୪୦ |
| ୩ | ୬୦୨୫୦୦୪୭ | ୧୫।୧୨।୨୦୨୫ | ୨୫ ଟି ଏକ୍ସିଲ ଲୋଡ୍, ବିଜି (୧୬୭୩ ମିମି) ଆଦି ନିମନ୍ତେ ୧ ଇନ୍ ୧୨ ୱେଲ୍‌ଡେବଲ୍ ସିଏମ୍ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ | ୬୦୦ ସେଟ୍ | ୨୦,୦୦,୦୦୦ |
| ୪ | ୬୦୨୫୦୦୧୨ବି | ୩୦।୧୨।୨୦୨୫ | ଆର୍‌ଡିଏସ୍‌ଓ ଡ୍ରଇଂ ନଂ.: ଟି-୯୭୯୧ ଅନୁଯାୟୀ ୨୫ ଟି ଏକ୍ସିଲ୍ ଲୋଡ୍ ପାଇଁ ୧୦୧୨୫ ମିମି କର୍ଭଡ୍ ସୁଇଚ୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୧୨୦୦ ସେଟ୍ | ୫୦,୦୦,୦୦୦ |
| ୫ | ଆଇଇ୨୫୫୬୭୫ | ୨୯।୧୨।୨୦୨୫ | ୨୫୦ କେଭିଏ ଫେଜ୍ ଡିଜେଲ୍ ଜେନେରେଟର୍ ସେଟ୍ | ୦୨ ଗୋଟି | ୧,୨୩,୬୫୦ |
| ୬ | ୨୫୨୫୩୫୮୩ | ୧୭।୧୨।୨୦୨୫ | ଡବ୍ଲ୍ୟୁଏପି-୪ ଲୋକୋ ପାଇଁ ବୁଲ୍ ଗିୟର୍ ୫୮ ଟିଥ୍ | ୩୭ ଗୋଟି | ୧,୧୬,୧୪୦ |
| ୭ | ୨୫୨୫୩୬୫୯ | ୨୨।୧୨।୨୦୨୫ | ମୋଟୋ ସହିତ ଟ୍ରାକ୍ସନ୍ ମୋଟର ବ୍ଲୋଅର୍ | ୩୫ ଗୋଟି | ୧,୪୦,୫୦୦ |
| ୮ | ୨୫୨୫୩୬୬୯ | ୨୩।୧୨।୨୦୨୫ | ଡବ୍ଲ୍ୟୁଏଜି୭ ଲୋକୋ ପାଇଁ ଗିୟର୍ ହ୍ୱିଲ୍ ୬୫ ଟିଥ୍ | ୫୭ ଗୋଟି | ୧,୯୩,୭୧୦ |
| ୯ | ୨୯୨୫୩୭୯୭ | ୨୪।୧୨।୨୦୨୫ | ଇ୭୦ ବ୍ରେକ୍ ସିଷ୍ଟମ୍‌ର ୯ଟି ଭାଲ୍‌ଭର ବିବିଧ କିଟ୍ ସେଟ୍ | ୧୨୬ ସେଟ୍ | ୧,୯୧,୮୦୦ |
| ୧୦ | ୬୦୨୫୫୪୪୦ | ୨୨।୧୨।୨୦୨୫ | ୧ ଇନ୍ ୮.୫ ସିଜର୍ସ କ୍ରସ୍ ଓଭର୍ ସହିତ ୬୪୦୦ ମିମି କର୍ଭଡ୍ ସ୍ୱିଚେସ୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୦୨ ସେଟ୍ | ୧,୪୫,୭୭୦ |
| ୧୧ | ୬୦୨୫୫୪୬୭ | ୦୧।୦୧।୨୦୨୬ | ମୋନୋ ବ୍ଲକ୍ ୱାଇଡର୍ ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପର୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୨୦୦୦୦ ଗୋଟି | ୧୬,୯୩,୫୪୦ |
| ୧୨ | ୬୦୨୫୦୧୨୧ | ୦୧।୦୧।୨୦୨୬ | ଡବଲ୍ ସ୍ଲିପ୍‌ସ ସହିତ ୧ ଇନ୍ ୮.୫ ଡାଇମଣ୍ଡ କ୍ରସିଂର ବିନିର୍ମାଣ ଓ ଯୋଗାଣ ଆଦି | ୧୫ ସେଟ୍ | ୮,୬୭,୩୦୦ |
| ୧୩ | ୬୬୨୫୫୦୧୭ଏ | ୦୫।୦୧।୨୦୨୬ | ସିଏସ୍ଏମ୍/ଡିୟୁଓ (ପୁରୁଣା ମଡେଲ) ମେଶିନ ପାଇଁ ଟଙ୍ଗଷ୍ଟେନ୍ କାର୍ବାଇଡ୍ ଟାମ୍ପିଂ ଟୁଲ୍ (ଟିସିଟିଟି) ଆଦି | ୧୫ ସେଟ୍ | ୧,୯୬,୪୩୦ |
| ୧୪ | ୨୯୨୫୫୦୫୭ଏ | ୨୨।୧୨।୨୦୨୫ | ଏସି ଲୋକୋଗୁଡ଼ିକ ପାଇଁ ହାଇ ଟେନ୍‌ସାଇଲ ଟ୍ରାଞ୍ଜିସନ୍ ସିବି କପ୍‌ଲର୍ ଆଦି | ୬୦ ଗୋଟି | ୧,୮୧,୯୪୦ |
| ୧୫ | ୩୮୨୫୩୯୬୩ଏ | ୦୧।୦୧।୨୦୨୬ | ବ୍ରେକ୍ ପାଇପ୍ ପାଇଁ ଏୟାର୍ ବ୍ରେକ୍ ହୋଜ୍ କପ୍‌ଲିଂ ଆଦି | ୨୭୯୯୦ ଗୋଟି | ୯,୦୪,୬୦୦ |
| ୧୬ | ୯୦୨୫୩୧୧୩ | ୨୬।୧୨।୨୦୨୫ | ସ୍କିପ୍ ଫ୍ରି ଫିନିଶ୍ ଷ୍ଟେନଲେସ୍ ଷ୍ଟିଲ୍ ଶିଟ୍ ଆକାର: ୧.୨୫ ମିମିx ୩୩୧୦ ମିମି x ୮୧୦ ମିମି | ୩୪୬୨୦ କିଗ୍ରା | ୧,୬୦,୧୪୦ |
| ୧୭ | ୩୧୨୫୧୪୮ବି | ୦୨।୦୧।୨୦୨୬ | ନନ୍ ଆଜବେଷ୍ଟସ୍ ଭିତ୍ତିକ ''କେ'' ଟାଇପ୍ ହାଇ ଫ୍ରିକ୍ସନ୍ କମ୍ପୋଜିଟ୍ ବ୍ରେକ୍ ବ୍ଲକ୍‌ସ ଆଦି | ୭୦୬୭୩ ଗୋଟି | ୪,୨୫,୧୭୦ |
| ୧୮ | ୩୩୨୫୧୪୮୬ସି | ୧୨।୦୧।୨୦୨୬ | ନନ୍ ଆଜବେଷ୍ଟସ୍ ଭିତ୍ତିକ ବ୍ରେକ୍ ପ୍ୟାଡ୍‌ର ସେଟ୍ ଆଦି | ୩୭୧୭୦ ସେଟ୍ | ୧୪,୨୫,୪୭୦ |
| ୧୯ | ୩୩୨୫୩୧୮୭ଏ | ୦୭।୦୧।୨୦୨୬ | ଏଲ୍ଏଚ୍‌ବି ନନ୍ ଏସି ପାଇଁ ସେକେଣ୍ଡାରୀ ସ୍ପ୍ରିଙ୍ଗ (ଆଉଟର୍) | ୧୪୧ ଗୋଟି | ୧,୫୪,୫୭୦ |
| ୨୦ | ଏଏ୨୫୫୧୫୬ | ୦୫।୦୧।୨୦୨୬ | ବିଆର୍‌ଏନ୍-୨୨.୯ ଏମ୍୧ ୱାଗନ୍ ପାଇଁ ଉପଯୁକ୍ତ କାଷ୍ଟ ଷ୍ଟିଲ୍ କ୍ୟାସନବ୍ ୨୨-ଏଚ୍ଏସ୍ ବଗି ଆଦି | ୫୬ ସେଟ୍ | ୩,୨୩,୧୪୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-925)

## ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ | କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୫.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.: DRM/Engg/KUR/25-26/E-Tender/89, ତା.02.12.2025ରିଖ

(1) ଟେଣ୍ଡର ସଂ.: e-TenderSouthKUR-301-2025, ତା.21.11.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ସୋମପେଟା ଅନ୍ତର୍ଗତ ଇଛାପୁରମ୍-ପଳାସା ଷ୍ଟେସନ ମଧ୍ୟରେ 631.20 କି.ମି. ଠାରୁ 678.33 କି.ମି. ପର୍ଯ୍ୟନ୍ତ 30.09.2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 100.95 ଲକ୍ଷ, EMD (₹) : 2,00,500.00, ଶେଷ ହେବା ଅବଧି : 12(ବାର) ମାସ।

(2) ଟେଣ୍ଡର ସଂ. eTender-SouthKUR-300-2025, ତା.21.11.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଳାସା ସେକ୍ସନ ମଧ୍ୟରେ ଆର୍କ ବ୍ରିଜ୍ ନଂ. 1111 (UP), 1166 (UP), 997(UP) ଏବଂ RCC ସ୍ଲାବ୍ ବ୍ରିଜ୍ ନଂ. 919 DN ର RCC ବାକ୍ସ ବ୍ରିଜ୍‌ଗୁଡ଼ିକରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନର୍ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 185.32 ଲକ୍ଷ, EMD (₹) : 2,42,700.00, ଶେଷ ହେବା ଅବଧି : 10(ଦଶ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.12.2025 ରିଖ 1500 ଘଟିକାରେ(ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ), ଖୋର୍ଦ୍ଧା ରୋଡ଼
PR-875/Q/25-26

## ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼, ଜିଲ୍ଲା-ବଲାଙ୍ଗୀର (ଧାନମଣ୍ଡି)

ଏତଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ଼ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ତା.୦୫.୧୨.୨୦୨୫ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ। ''ଚାଷୀଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବା।'' ଧାନ କ୍ରୟ ଦିବସ- ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି ସମୟ-ସକାଳ ୭ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରିପାରିବେ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ପଥର, ଗୋଡି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କୁଟା, ଅଗାଡି, ଘାସ ମଞ୍ଜି ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଗଜା ଓ ପୋକ ଲାଗିଥିବା ଧାନ | ୫.୦% |
| ୪. | ଅପରିପକ୍ୱ (କଞ୍ଚା-ସବୁଜ) କଷା ଓ ଚୁପୁସିଯାଇଥିବା | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ସରୁ ''ଏ'' ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଏହି ବର୍ଷର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା

| କ୍ର.ନଂ. | (FAQ) ଧାନର ମାନ | ବିକ୍ରୟ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ତଥା ଉତ୍ପାଦ ସହାୟତା |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |



ଚଳିତ ବର୍ଷ ଧାନ କ୍ରୟ ପାଇଁ ଚାଷୀ ... ହେବା ପାଇଁ ବାର୍ତ୍ତା (ଅଗ୍ରିମ ଟୋକନ) ... (PACS) ବା ମହିଳା ସ୍ୱୟଂ ସହାୟିକା ... ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟରେ ... ଚାଷୀ ଭାଇ ଓ ଭଉଣୀମାନଙ୍କ ... ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ... ଟୋକନର ସ୍ଥିତି ଏବଂ ଦେୟର ସ୍ଥିତି ... I.V.R.S. ପଦ୍ଧତିରେ- ୫ ନମ୍ବର ... ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ...

ସ୍ୱା./-ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼

ସ୍ୱା./-ଉପଜିଲାପାଳ ପାଟଣାଗଡ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼

## Govt. of Jharkhand
## Energy Department
## Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002.
Ph.: 0651-2491161, Fax: 0651-2491165
E-mail: info@jreda.com ; Website: www.jreda.com

**NOTICE FOR INVITING TENDER (NIB)**
**e-Procurement Notice**
**Tender reference no.: 13/JREDA/RMS/PM-KUSUM/ 25-26**
**Dated: 05.12.2025**

| | | |
|---|---|---|
| 1. | Name of the work | Configuration of devices with providing SCADA Software License, Deployment, integration and Go live service for each installed and new remote monitoring systems as well as Upgradation and Integration of existing State Level Portal & National Level Portal of PM-KUSUM scheme Component-B , along with establishment of Unified Monitoring and Information Management System for Customer Grievances Handling, and Operational Reporting with Five (5) years O&M Contract for Jharkhand Renewable Energy Development Agency (JREDA), Ranchi |
| 2. | Period of Contract | 3 Months Deployment + 60 Months O&M |
| 3. | Date of publication of NIT on website: http://jharkhandtenders.gov.in | 05.12.2025 |
| 4. | Date & time of Pre-bid meeting | 12.12.2025 at 2:00 PM |
| 5. | Last date & time for receipt of online bids | 29.12.2025 (Monday) up to 5:00 PM |
| 6. | Submission of Bid fee and EMD through Online Via SBI Payment Gateway of Jharkhand Tenders | 29.12.2025 (Monday) up to 5:00 PM |
| 7. | Technical Bid Opening Date | 31.12.2025 (Wednesday) at 3:00 PM |
| 8. | Name & address of office inviting tender | Director, Jharkhand Renewable Energy Development Agency (JREDA), 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 9. | Contact no. of procurement officer | 0651-2491167/68/61 |
| 10. | Helpline no. of e-procurement | 0651-2491167/68/61 |

**Any corrigendum/addendum can be seen on website:** http://jharkhandtenders.gov.in & www.jreda.com. **Further details can be seen on website:** http://jharkhandtenders.gov.in & www.jreda.com

Sd/-
Director,
JREDA, Ranchi

PR 367808 (Energy)25-26*D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୋଟିଏ ଦିନରେ ୧୦ ହଜାର ଟିକେଟ ଶେଷ

**କଟକ,୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ଶୁକ୍ରବାର କରାଯାଇଛି। ମଧ୍ୟରାତ୍ରରୁ ଭିଡ ଅସମ୍ଭାଳ ହେବାରୁ ପୋଲିସ ନିୟମ ବଦଳାଇ ପର୍ଯ୍ୟାୟକ୍ରମେ କ୍ରିକେଟପ୍ରେମୀଙ୍କୁ ଧାଡ଼ି କରିବାକୁ ଅନୁମତି ଦେଇଥିଲା। ପରେ ସକାଳ ୯ଟାରୁ କାଉଣ୍ଟର କ୍ରିକେଟପ୍ରେମୀଙ୍କ ପାଇଁ ଖୋଲା ଯାଇଥିଲା। ସନ୍ଧ୍ୟା ୬ଟା ୩୦ ସୁଦ୍ଧା ସମସ୍ତ କାଉଣ୍ଟରରେ ଟିକେଟ ଶେଷ ହୋଇଥିବା ଓସିଏ ପକ୍ଷରୁ ସୂଚନା ମିଳିଛି। ଗତ ମ୍ୟାଚ୍‌ରେ ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ଏବଂ ପ୍ରଥମ କରି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପ୍ରାୟ ୧୦୦ ଜଣ ବାଉନ୍ସର ଟିକେଟ କାଉଣ୍ଟର ନିକଟରେ ମୁତୟନ କରାଯାଇଥିଲା। ଧାଡ଼ିରେ ଥିବା କ୍ରିକେଟପ୍ରେମୀଙ୍କୁ କାଉଣ୍ଟରର କିଛି ଦୂରରୁ ଅଟକା ଯାଇ ଗୋଟିଏ ପରେ ଗୋଟିଏ କରି କାଉଣ୍ଟର ନିକଟକୁ ଛଡ଼ାଯାଇଥିଲା।

ବାରବାଟୀ ଷ୍ଟାଡିୟମ ପରିସରରେ ୫ଟି ଟିକେଟ କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଦିବ୍ୟାଙ୍ଗମାନଙ୍କ ପାଇଁ କାଉଣ୍ଟରରେ ଟିକେଟ କିଣିବାର କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନଙ୍କୁ ପ୍ରାୟ ଦୁଇରୁ ତିନି ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ପୋଲିସ ପକ୍ଷରୁ ଏହାର ବ୍ୟବସ୍ଥା କରାଯାଇ ଟିକେଟ ପ୍ରଦାନ କରାଯାଇଥିଲା। ସାଧାରଣ ଲୋକଙ୍କ ପାଇଁ କଟକଣା ରହିଥିବାବେଳେ ଟିକେଟ କାଉଣ୍ଟରରୁ କିଛି କର୍ମଚାରୀ ଟିକେଟ ନେଇ ପଳାଉଥିବାବେଳେ ଧାଡ଼ିରେ ଥିବା ଲୋକେ ହୋହଲ୍ଲା କରିଥିଲେ। ଟିକେଟ ପାଇଁ ଦୀର୍ଘ ସମୟ ଧାଡ଼ିରେ ଅପେକ୍ଷା କରିବାରୁ ଜଣେ ୬୦ ବର୍ଷର ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ପୋଲିସ ମହିଳାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲା। ଟିକେଟ ଶେଷ ହୋଇଯିବାରୁ ବହୁ କ୍ରିକେଟ୍‌ପ୍ରେମୀ ଟିକେଟ ନ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି।







ଟିକେଟ କିଣିବାପରେ ଉଲ୍ଲସିତ କ୍ରୀଡ଼ାପ୍ରେମୀ। (ଫଟୋ: ରାଜକିଶୋର ମହାନ୍ତି)

## ବାରବାଟୀ ଟି୨୦

- ବାଉନ୍ସର ଜଗିଲେ ଟିକେଟ କାଉଣ୍ଟର
- ଦିବ୍ୟାଙ୍ଗଙ୍କ ପାଇଁ ହୋଇ ନ ଥିଲା ସ୍ୱତନ୍ତ୍ର ବ୍ୟବସ୍ଥା

### ଜିକ୍‌ଜାକ୍ ଶୈଳୀରେ ବାରିକେଡ୍

ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ୩ ଦିନ ଥିବାବେଳେ ଚଳିତଥର ବାରିକେଡ୍ ବ୍ୟବସ୍ଥାରେ ସୁଧାର ଅଣାଯାଇ ସର୍ପେଣ୍ଟାଇନ୍ (ଜିକ୍‌ଜାକ୍) ଶୈଳୀରେ ବାରିକେଡ୍ କରାଯାଇଥିଲା। ଏହାସହ ସର୍ବସାଧାରଣଙ୍କ ନିମନ୍ତେ କ୍ୟାମ୍ପସ ପରିସରକୁ ନୋ ମ୍ୟାନ ଲାଣ୍ଡ ଘୋଷଣା କରାଯାଇଥିଲା । ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକଟ କାଉଣ୍ଟର କରାଯାଇଥିବାବେଳେ ତନ୍ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଭାବେ ମହିଳାଙ୍କ ଲାଗି ଉଦ୍ଦିଷ୍ଟ ଥିଲା। ଅନ୍ୟ ଦୁଇଟି କାଉଣ୍ଟରରୁ ସବୁ ବର୍ଗର ଦର୍ଶକ ଟିକେଟ ସଂଗ୍ରହ କରିବାର ବ୍ୟବସ୍ଥା ରହିଥିଲା। ମହିଳାମାନେ ବାସ୍କେଟ ବଲ କମ୍ପ୍ଲେକ୍ସ ନିକଟରୁ ଧାଡ଼ି ଦେବା ଆରମ୍ଭ କରିଥିବାବେଳେ ସାଧାରଣ ବର୍ଗଙ୍କ ଲାଗି ଥିବା କାଉଣ୍ଟର ନିମନ୍ତେ ଏକାଡେମୀ ପଡ଼ିଆ ଦେଇ ଧାଡିରେ ଆସିଥିଲେ। ଉକ୍ତ ପରିସରରେ ସ୍ୱାସ୍ଥ୍ୟ ଟିମ୍ ସହ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ଅଗ୍ନିଶମ ବାହିନୀ ମଧ୍ୟ ମୁତୟନ ରହିଥିଲେ।



ଦିବ୍ୟାଙ୍ଗ ଦର୍ଶକମାନେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚର ଟିକେଟ କିଣିବାପରେ ପ୍ରଦର୍ଶନ କରୁଛନ୍ତି।

# ପହଞ୍ଚିଲେ ଦକ୍ଷିଣ ଆଫ୍ରିକାର ୫ ଖେଳାଳି





ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ଦକ୍ଷିଣ ଆଫ୍ରିକା ଖେଳାଳି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ଲାଗି ଶୁକ୍ରବାର ଦକ୍ଷିଣ ଆଫ୍ରିକାର ୫ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ଖେଳାଳିମାନେ ହେଲେ କ୍ୱେନା ମାଫକା, ଡୋନୋଭାନ ଫେରେରା, ରିଜା ହେଣ୍ଡ୍ରିକ୍ସ, ଜର୍ଜ ଲିନ୍‌ଡେ ଓ ଡେଭିଡ ମିଲର। ଅବଶିଷ୍ଟ ଖେଳାଳି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶାଖାପଟନମ୍‌ଠାରେ ଶନିବାର ହେବାକୁଥିବା ତୃତୀୟ ଦିନିକିଆ ପରେ ଭୁବନେଶ୍ୱର ଆସିବେ।

# ଆଉ ଏକ 'ରୋ-କୋ' ଶୋ ଆଶାରେ ଭାରତ

**ବିଶାଖାପଟନମ୍, ୫।୧୨ (ପିଟି)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ୍ ଶନିବାର ଏଠାରେ ଅନୁଷ୍ଠିତ ହେବ। ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ରହିଛି। ତେଣୁ ସିରିଜ ଜିତିବାକୁ ହେଲେ ଭାରତ ପାଇଁ ଅନ୍ତିମ ଦିନିକିଆ ଜିତିବା ଜରୁରୀ ହୋଇ ପଡ଼ିଛି। ନଚେତ ଦକ୍ଷିଣ ଆଫ୍ରିକା ନିକଟରୁ ଆଉ ଏକ ସିରିଜ ପରାଜୟ ଭୋଗିବାକୁ ପଡ଼ିବ। ତେଣୁ ଆସନ୍ତା ମ୍ୟାଚରେ ରୋହିତ ଶର୍ମା ଓ ବିରାଟ କୋହଲି (ରୋ-କୋ) ପୁଣି ଭଲ ପ୍ରଦର୍ଶନ କରିବାନେଇ ଭାରତ ଆଶା ରଖିଛି। ଟେଷ୍ଟ ସିରିଜକୁ ଦକ୍ଷିଣ ଆଫ୍ରିକା ୨-୦ରେ ଜିତି ସାରିଛି।

ବର୍ତ୍ତମାନ ପରିସ୍ଥିତିରେ କ୍ରମାଗତ ସିରିଜ ପରାଜୟ ସମ୍ପର୍କରେ ଘରୋଇ ଦଳ ଚିନ୍ତା କରି ପାରୁନାହିଁ। ଡ୍ରେସିଂରୁମ୍ ପରିବେଶ ଯାହା ଥାଉନା କାହିଁକି କୋହଲି ଓ ରୋହିତଙ୍କ ଉପସ୍ଥିତି ଦଳର ମନୋବଳ ବଢ଼ାଇଛି। ବିରାଟ ଏବେ ଚମତ୍କାର ଫର୍ମରେ ଅଛନ୍ତି। ୨ଟି ମ୍ୟାଚରେ କ୍ରମାଗତ ଶତକ ହାସଲ କରି ସାରିଛନ୍ତି। କୋହଲିଙ୍କ ଭଳି ରୋହିତ ମଧ୍ୟ ୫୦ ଓଭର ଫର୍ମାଟରେ ବେଶ୍ ଅଭିଜ୍ଞ ଓ ଦକ୍ଷ। କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଥିବାରୁ ଉଭୟ ଖେଳାଳି ସେମାନଙ୍କ ସଫଳତାର ଧାରାକୁ ଲମ୍ବାଇବାକୁ ଚାହିଁବେ ନିଶ୍ଚିତ। ଶେଷ ୩ ଇନିଂସରେ କୋହଲି ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିପରି ରୋହିତ ନିଜର ଶେଷ ୪ ଇନିଂସରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହି ସଂଖ୍ୟା ସେମାନଙ୍କର ଟଚ୍, କ୍ଲାସ ଏବଂ ସଫଳତା ଲାଗି ଭୋକିଲାପଣକୁ ଦର୍ଶାଉଛି।

ଗତ ମ୍ୟାଚରେ ଋତୁରାଜ ଗାଏକ୍ୱାଡ୍ ଶତକ ହାସଲ କରିଛନ୍ତି। ମାତ୍ର ଯଶସ୍ୱୀ ଜୟସ୍ୱାଲ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିପାରି ନାହାନ୍ତି। ତେଣୁ ଏହି ଯୁବ ଓପନରଙ୍କ ଉପରେ ନିଶ୍ଚିତ ନଜର ରହିବ। ଦ୍ରୁତ ବୋଲରଙ୍କୁ ଖେଳିବାରେ ଜୟସ୍ୱାଲ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ବାମହାତୀ ବୋଲରମାନେ ତାଙ୍କୁ ୩୦ (ଟେଷ୍ଟରେ ୯, ଟି୨୦ରେ ୧୯ ଓ ଦିନିକିଆରେ ୨)ଥର ଆଉଟ କରିସାରିଛନ୍ତି।

### ତୃତୀୟ ଦିନିକିଆ ଆଜି

ସମୟ: ଅପରାହ୍ଣ ୧.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ ଜିଓ ହଟ୍‌ଷ୍ଟାର

# ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୧୨(ତପନ ସ୍ୱାଇଁ)**

ଇଣ୍ଡିଆନ ଆସୋସିଏଶନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେଶନ (ଆଇକେଓ) ଆନୁକୂଲ୍ୟରେ ନିଖିଳ ଓଡ଼ିଶା କିକ୍ ବକ୍ସିଂ ଆସୋସିଏଶନ ସହାୟତାରେ ଭୁବନେଶ୍ୱରଠାରେ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ ଶୁକ୍ରବାର ଆରମ୍ଭ ହୋଇଛି। ମଞ୍ଚେଶ୍ୱରଠାରେ ୪ଦିନ ଧରି ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ପ୍ରତିଯୋଗିତା ହେଉଛି। ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ଭାଜପା ନେତା ଜଗନ୍ନାଥ ପ୍ରଧାନ, ସାମାଜିକକର୍ମୀ ରୋଜାଲିନ ପାଟଶାଣୀ ମିଶ୍ର, ରୋଟାରୀ ଜିଲା ଗଭର୍ନର ଜୟଶ୍ରୀ ମହାନ୍ତି, ଆଇଏକେଓ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ସଭାପତି ସଞ୍ଜୟ ଚୌଧୁରୀ, ଆଇଏକେଓ ସଭାପତି ପ୍ରବୋଧ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଟ୍ରମ୍ପଙ୍କୁ ଫିଫା ଶାନ୍ତି ପୁରସ୍କାର




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ।

**ୱାଶିଂଟନ, ୫।୧୨(ଏପି)**

୨୦୨୬ ବିଶ୍ୱକପ୍ ଡ୍ର' କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଥିବା ବେଳେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ପ୍ରଚାର ଚଳାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫିଫା ଏହାର ପ୍ରଥମ ଶାନ୍ତି ପୁରସ୍କାରରେ ସମ୍ମାନିତ କରିଛି। ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା'ର ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଏକ ବଡ଼ ସୁନାରଙ୍ଗର ଟ୍ରଫି ଏବଂ ନୀଳରଙ୍ଗ ରିବନରେ ଝୁଲୁଥିବା ଏକ ସୁନାରଙ୍ଗର ପଦକ ପ୍ରଦାନ କରିଥିଲେ, ଯାହାକୁ ଟ୍ରମ୍ପ୍ ତାଙ୍କ ନିଜ ବେକରେ ଝୁଲାଇଥିଲେ। ଟ୍ରମ୍ପଙ୍କ ପାଖରେ ଛିଡ଼ା ହୋଇ ଇନ୍‌ଫାଣ୍ଟିନୋ ତାଙ୍କର ପ୍ରଶଂସା କରିଥିଲେ। ଇନ୍‌ଫାଣ୍ଟିନୋ ହେଉଛନ୍ତି ଟ୍ରମ୍ପଙ୍କର ଜଣେ ଘନିଷ୍ଠ ସହଯୋଗୀ। ଗାଜା ଯୁଦ୍ଧ ବିରତିରେ ପ୍ରୟାସ ପାଇଁ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ମିଳିବା ଉଚିତ ବୋଲି କହିଥିଲେ। ଏହା ପ୍ରକୃତରେ ମୋ ଜୀବନର ମହାନ୍ ସମ୍ମାନ ମଧ୍ୟରୁ ଗୋଟିଏ ବୋଲି ଟ୍ରମ୍ପ୍ କହିଛନ୍ତି।

# ଦୂରଦର୍ଶୀ କ୍ରୀଡ଼ା ସମ୍ମାନ-୨୦୨୫




ଅତିଥିଙ୍କ ଗହଣରେ ପୁରସ୍କୃତ କ୍ରୀଡ଼ାବିତ୍ ଓ ଅନ୍ୟମାନେ।

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ଗୀତଗୋବିନ୍ଦ ସଦନଠାରେ ଶୁକ୍ରବାର ୧୫ଶ ଦୂରଦର୍ଶୀ କ୍ରୀଡା ସମ୍ମାନ ସମାରୋହ -୨୦୨୫ ଏବଂ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଦୁରଦର୍ଶୀ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ, ଅଲ୍ ଓଡିଶା ଚେସ ଆସୋସିଏସନ ସଭାପତି ସତ୍ୟରଞ୍ଜନ ପଟନାୟକ, ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ବିଭୁତି ଭୂଷଣ କର, କଳିଙ୍ଗ ଟିଭି ସମ୍ପାଦକ ରକ୍ଷକ ନାୟକ, ଦୂରଦର୍ଶୀ ବ୍ୟୁରୋଚିଫ ପ୍ରସନ୍ନ ବିଷୋୟୀ ଅତିଥିଭାବେ ଯୋଗ ଦେଇ ୨୩ଜଣ ସଫଳ କ୍ରୀଡ଼ାବିତ, କୋଚ୍, କ୍ରୀଡା ସଂଗଠକ ଓ ସଂଗଠନକୁ ଦୂରଦର୍ଶୀ ସମ୍ମାନରେ ସମ୍ମାନିତ କରିଥିଲେ। ଦୀର୍ଘ ୧୫ ବର୍ଷ ଧରି ଓଡିଶାର କୋଣ ଅନୁକୋଣରୁ କ୍ରୀଡା ପ୍ରତିଭା ମାନଙ୍କୁ ଖୋଜି ଏହି କ୍ରୀଡା ସମ୍ମାନ ପ୍ରଦାନ କରି ଓଡିଶା କ୍ରୀଡା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ବିଶିଷ୍ଟ ଅତିଥି ମାନେ ଦୂରଦର୍ଶୀ ପରିବାରକୁ ପ୍ରଶଂସା ସହ ଧନ୍ୟବାଦ ଦେଇଥିଲେ। ଶେଷରେ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ଫ୍ଲାଟ୍ 6,75,000ରେ ବିକ୍ରିହେବ। 9776974912. D-14




The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

AFFIDAVIT

By virtue of an affidavit sworn before the Notary Public, Nuapada, Dtd.17.11.25, I, Nita Patel, W/o. Pustam Patel, R/o. Village- Tamkidadar, P.O.- Bhaleswar, P.S.- Beltukri, Dist.- Nuapada declare that after marriage I have changed my name from Chuni Patel to Nita Patel. That both the names is one and same person. Henceforth, I shall be known as Nita Patel. D-2767

I, Debdulal Mandal, S/o.- Late Rasbihari Mandal, resident of At/ Post- Talchua, P.S.- Marine, P.S.- Talchua, Dist.- Kendrapara, PIN-754248, Odisha declare by this affidavit No.- 7578, dtd.- 26.09.2025 that now onwards I shall be known as DEBADULAL MANDAL for all future purposes. D-76880

By virtue of an affidavit sworn before Notary Public, dated 5th Dec 2025, I, Tukuni Bishoyi, Address Village- Jaripanga, P.O.- Tembaguda, Dist.- Rayagada, Odisha, 765025 declare that I have changed my name from T Tukuni to Tukuni Bishoyi. Henceforth, I shall be known as Tukuni Bishoyi for all purposes.
Tukuni Bishoyi
D-2770

I, Sisir Dakua, S/o. Kabiraj Dakua, Resident Bhimapur P.O.- Chattamunduli, P.S.- Purushottampur, Ganjam, 761018,Odisha declare by this affidavit No.- 830/25, 03.12.2025 that now onwards I Shall be known as Sisir Dakua, S/o. Udayanath Dakua, Resident of Burtulu, P.O.- Jamuni, P.S.- Purushottampur, Ganjam for all future purpose. D-2768

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, dated 05th Dec 2025, I, Shib Bishoyi, Address At- Badanal, Village- Tembaguda, P.O.- Tembaguda, Dist.- Rayagada, Odisha, 765025, declare that I have changed my name from T Shib to Shib Bishoyi. Henceforth, I shall be known as Shib Bishoyi for all purposes.
Shib Bishoyi
D-2771

By virtue of an affidavit dtd. 03.12.2025 sworn before Executive Magistrate, Bhadrak, I, Sasmita Ray, W/o. Abantikanta Ray, Vill.– Madhiali, P.O.– Babalpur, P.S.– Bhandaripokhari, Dist.– Bhadrak, Odisha, PIN– 756121 declare that I have changed my daughter's name from Laxmi pratima Ray to Lagnika Ray. Henceforth, She shall be known as Lagnika Ray for all future purposes. D-2769

ମୁଁ ରଞ୍ଜିତା ଶଙ୍ଖୁଆ, ଗ୍ରାମ- ସହଜପଦା, ଥାନା- ସିମୁଳିଆ, ଜି- ବାଲେଶ୍ୱର ଅଟେ। ମୋ ସ୍ୱାମୀ- କରୁଣାକର ଶଙ୍ଖୁଆଙ୍କର ୫୩ ବର୍ଷ ବୟସରେ ଗତ ତା୦୯.୦୬.୨୦୨୫ରିଖ ଆମ୍ଭ ସହଜପଦାସ୍ଥିତ ବାସଭବନରେ ସ୍ୱାଭାବିକ ଦେହାନ୍ତ ହୋଇଯାଇଛି। ତାଙ୍କ ଏଲ୍.ଆଇ.ସି. ପଲିସି ନଂ.- ୫୯୬୭୪୩୨୮୩ ବଣ୍ଡ ପେପରରେ ନୋମିନି ସ୍ଥାନରେ ମୋ ଡାକ ନାମ ଜୟନ୍ତୀ ଶଙ୍ଖୁଆ ଉଲ୍ଲେଖ ଅଛି। ଲିଗାଲ ହେୟାରରେ ରଞ୍ଜିତା ଶଙ୍ଖୁଆ ଅଛି। ମୁଁ ଜୟନ୍ତୀ @ ରଞ୍ଜିତା ଶଙ୍ଖୁଆ ଅଟେ। ଧ-୨୭୭୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଶ୍ୟାମଳୀ କନ୍ୟା

ଗଳ୍ପ

**ମଣୀନ୍ଦ୍ର କୁମାର ମେହେର**

ପିଉସୀ ଦେଇଥିବା ୧୦ ପଇସା ହାତରେ ଧରି ଦୌଡ଼ି ଦୌଡ଼ି ଯାଉଥିଲି ମୁଁ ଗୁଡ଼ିଆ ଦୋକାନକୁ ବାରଗୁଲିଆ ଖଜା କିଣିବା ପାଇଁ। ଛୋଟ ଛୋଟ ବାରଟି ଗୋଲାକାର ଚୂନା ଚାଉଳରେ ତିଆରି ସେହି ଲଡୁ। ଗୁଡ଼ ମିଶ୍ରିତ ହୋଇଥିବା ଯୋଗୁ ଅତ୍ୟନ୍ତ ସ୍ୱାଦିଷ୍ଟ। ତାହା ଦାନ୍ତରେ ଚୋବାଇ ଖାଇବାବେଳକୁ ଯେଉଁ ଶବ୍ଦହୁଏ କୁରୁମ କୁରୁମ, ତାହା ଥିଲା ଏକାନ୍ତ ଆନନ୍ଦଦାୟକ। ବାରଗୁଲିଆ ଖଜା ମିଳୁଥିବା ଗୁଡ଼ିଆ ଦୋକାନରେ ପହଞ୍ଚିବା ପୂର୍ବରୁ ହିଁ ମାଡ଼ି ଆସିବ ପ୍ରବଳ ତୋଫାନ ବୋଲି କେମିତି ବା ଭାବିଥାଆନ୍ତି! ଦେଖିଲି ସନ୍ଧ୍ୟାର ଝାପ୍‌ସା ଆଲୁଅରେ କିଳିକିଳା ରାବ କରି କେହି ଜଣେ ଦୌଡ଼ି ଆସୁଛି ମୋ' ନିକଟକୁ। ସେହିକ୍ଷଣି ପ୍ରତୀତ ହେଲା ମୋତେ ଏହା ମହାକାଳୀଙ୍କ ଭୟଙ୍କର ମୂର୍ତ୍ତି। ଯେତିକି ବେଗରେ ସେହି ମୂର୍ତ୍ତି ମୋ' ଆଡ଼କୁ ଅଗ୍ରସର ହୋଇ ଆସୁଥାଏ, ତା'ର ଦୁଇଗୁଣା ଅଧିକ ବେଗରେ ଦେହର ସବୁ ଶକ୍ତି ଠୁଳକରି ମୁଁ ଧାଇଁଲି ପଛଆଡ଼କୁ କୌଣସି ପ୍ରକାରେ ଜୀବନ ରକ୍ଷା ପାଇଁ। ଘରେ ପହଞ୍ଚିଲି। ବହୁ ସମୟ ଲାଗିଗଲା ସ୍ୱାଭାବିକ ଅବସ୍ଥା ଫେରିଆସିବା ପାଇଁ। ବଡ଼ମା', ପିଉସୀ ଓ ମା'ଙ୍କୁ ଜଣାଇଲି ମହାକାଳୀଙ୍କ ଭୟଙ୍କର ମୂର୍ତ୍ତି ଦେଖି ମୁଁ କିପରି ପଳାଇଆସିଛି। ପିଉସୀଙ୍କ କଥା ମାନି ନ ଥିବାରୁ ଓ ନିଜ ଜିଦ୍‌ରେ ଅଟଳ ରହି ମୋ' ପାଉଣା ଜବରଦସ୍ତି ଆଦାୟ କରିସାରି ମନୋବାଞ୍ଛା ପୂରଣ କରିବାର ଏହା ଦୁଷ୍ପରିଣାମ ବୋଲି ଭାବିଲି, ଆଉ ଏପରି କରିବି ନାହିଁ ବୋଲି ପ୍ରତିଶ୍ରୁତି ଦେଲି।

ପୁରୁଣା ଘରୁ ନୂଆ ଘରକୁ ଚାଲିଆସିବା ପରେ ମନ୍ଦିର ସବୁ ରହିଗଲେ ଦୂରବର୍ତ୍ତୀ ହୋଇ। କିନ୍ତୁ ଟିଉଶନ ପଢ଼ିବା ପାଇଁ ମୁଁ ସମଲାଇ ମନ୍ଦିର ନିକଟରେ ଥିବା କମଳ ମାଷ୍ଟ୍ରେଙ୍କ ଘରକୁ ଯାଉଥିଲି ଅଷ୍ଟମ ଶ୍ରେଣୀ ପଢ଼ିବାବେଳେ। ସେହି ସମୟରେ ହିଁ ଟିଉଶନ ପିଲାଙ୍କ ମଧ୍ୟରେ ସ୍ଥିରୀକୃତ ହୋଇଥିଲା ମା' ସମଲାଇଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବା ପାଇଁ ମନ୍ଦିର ପ୍ରବେଶର ପ୍ରସ୍ତାବ। ମନର ଭୟ କାହା ଆଗରେ ବ୍ୟକ୍ତ କରିପାରୁ ନ ଥିଲି କିମ୍ବା ମନ୍ଦିର ଯିବା ପାଇଁ ଅନିଚ୍ଛା ମଧ୍ୟ ପ୍ରକାଶ କରିବା ଥିଲା ଅସମ୍ଭବ। ଅତ୍ୟନ୍ତ ଭୟାତୁର ଭାବରେ ସବୁ ପିଲାଙ୍କ ପଛରେ ରହି ସନ୍ତର୍ପଣ ସହକାରେ ପ୍ରବେଶ କରିଥିଲି ମନ୍ଦିର ମଧ୍ୟକୁ। ପୂଜା ଅର୍ଘ୍ୟ ପ୍ରଦାନ କରି ମୁଣ୍ଡିଆମାରି ଯେତେବେଳେ ମନ୍ଦିରରୁ ବାହାରି ଆସିଲି, ସେତେବେଳେ ନୂଆ ଜୀବନ ଲାଭ କରିବାର ଆଶ୍ୱସ୍ତି ଅନୁଭବ କରିଥିଲି।

ବୟସ ବଢ଼ିବା ପରେ କ୍ରମେ କ୍ରମେ ଉପଲବ୍ଧି କରିପାରିଥିଲି ଯେ ଦିବ୍ୟ ଜନନୀଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ଭୟର କାରଣ ହୋଇ ନ ପାରେ। ମୋର ଏହି ଭୟକୁ ଯିଏ ଚୂର୍ଣ୍ଣୀଭୂତ କରିଦେଇଥିଲେ, ସେ ହେଉଛନ୍ତି ରାମକୃଷ୍ଣ ପରମହଂସ। ବରପାଲିରେ ମାଆ କାଳୀଙ୍କ ପୂଜା ଦୀପାବଳି ସମୟରେ ଆୟୋଜନ ହୁଏ। ପ୍ରତ୍ୟେକ ବର୍ଷ ଯାଏ ମୁଁ ମାତୃମୂର୍ତ୍ତି ଦର୍ଶନ କରିବା ପାଇଁ। ମୂର୍ତ୍ତିର ଭୟଙ୍କର ରୂପ ଦେଖିବା ପରେ ମଧ ମନକୁ ଶାନ୍ତ କରି ରଖିବା କି କଠିନ ବ୍ୟାପାର ତାହା କାହାକୁ ବୁଝାଇ କହିବା ମୋ' ପକ୍ଷରେ ଥିଲା ଅସମ୍ଭବ। ନୃମୁଣ୍ଡମାଳିନୀ ଲହଲହ ଜିହ୍ୱାଧାରିଣୀ ମହାକାଳୀଙ୍କ ବିକଟାଳ ରୂପ ମୋର ମାନସପଟକୁ କିପରି କବଳିତ କରି ରଖିଥିଲା, ତାହା କାହାକୁ କହିପାରୁ ନ ଥିଲି ଉପହସିତ ହେବା ଆଶଙ୍କାରେ। ସ୍କୁଲ ସମୟ ବିତିଗଲା। କଲେଜ ଓ ବିଶ୍ୱବିଦ୍ୟାଳୟର ପାଠ ହୋଇଗଲା ସମାପ୍ତ। ବରପାଲି କଲେଜରେ ହେଲି ଅଧ୍ୟାପକ। ଏହାରି ମଧ୍ୟରେ ମୋର ଭୀତତ୍ରସ୍ତ ମାନସିକତାରେ ଘଟିଯାଇଥିଲା ଉଲ୍ଲେଖନୀୟ ପରିବର୍ତ୍ତନ। ରାମକୃଷ୍ଣ ପରମହଂସଙ୍କ ଜୀବନୀ ଅଧ୍ୟୟନ କରୁକରୁ ମୁଁ ନିଜେ ଯେ ପରିଣତ ହୋଇଯାଉଥିଲି ଆଉ ଏକ ରାମକୃଷ୍ଣରେ, ତାହା ବୁଝିପାରିବାର ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ତଥାପି କେଜାଣି କାହିଁକି କ୍ଲାସ୍ ନେବାବେଳେ ରାମକୃଷ୍ଣ ଓ ମାଆ କାଳୀଙ୍କ ବିଷୟ କି ବିମୁଗ୍ଧ କଣ୍ଠରେ ବ୍ୟକ୍ତ କରୁଥିଲି ମୁଁ! ନିଜ ବକ୍ତବ୍ୟରେ ନିଜେ ହିଁ ହେଉଥିଲି ସ୍ତମ୍ଭୀତ। କ୍ଲାସ୍‌ରେ ବସିଥିବା ଛାତ୍ରୀଛାତ୍ର ମଧ୍ୟ ଯେପରି ଧ୍ୟାନମଗ୍ନ ହୋଇଉଠୁଥିଲେ, ତାହା ଦେଖି ମୁଁ ନିଜେ ଅଭିଭୂତ ହୋଇଯାଇଛି ପ୍ରତି ଥର।

ଦିନେ କଥା ପ୍ରସଙ୍ଗରେ ହଠାତ୍ ମୋ' ମୁହଁରୁ ଏକ ପ୍ରସ୍ତାବ ନିର୍ଗତ ହୋଇଗଲା ଆପଣାଛାଏଁ। ତାହା ହେଲା 'ବାସନ୍ତୀ' ଅନୁଷ୍ଠାନ ତରଫରୁ ବରପାଲିର କାଳୀମନ୍ଦିର ଦର୍ଶନ। ଏପରି ପ୍ରସ୍ତାବଟିଏ କିପରି ସ୍ଫୁରିତ ହୋଇଗଲା ନିର୍ବିଚାରରେ ତାହା ଭାବି ମଧ ପାରିଲି ନାହିଁ। ମୁଁ ନିଜେ ତ ମନ୍ଦିର ମଧ୍ୟକୁ କେବେହେଲେ ପ୍ରବେଶ କରିବା ପାଇଁ ସାହସ କରିନି। ମୁଁ ପୁଣି ମୋ' ପ୍ରିୟ ଛାତ୍ରୀଛାତ୍ରଙ୍କୁ ନେଇ ମନ୍ଦିରକୁ ଯିବି କେଉଁ ଦମ୍ଭ ନେଇ? ଯେହେତୁ କହିଦେଇ ସାରିଛି ଆଉ ସେହି କଥାରୁ ଓହରି ଆସିବା ସମ୍ଭବ ନ ଥିଲା। ଛାତ୍ରୀଛାତ୍ରଙ୍କ ଉତ୍ସାହ କ୍ରମଶଃ ବଢ଼ିଆସୁଥାଏ ନଈବଢ଼ି ପରି। ସେମାନଙ୍କ ଉତ୍କଣ୍ଠାପୂର୍ଣ୍ଣ ଉତ୍ସାହ ସହିତ ନିଜକୁ ଏକାତ୍ମ ନ କରି କିପରି ଭିନ୍ନ ହୋଇ ରହିପାରିଥାଆନ୍ତି?

ନିର୍ଦ୍ଧାରିତ ଦିନ ଓ ସମୟ ନିକଟତର ହୋଇଆସିଲା। ମଧ୍ୟାହ୍ନ ଅତିକ୍ରମ କରିବା ପରେ ଶୀତଦିନର ଖରାବେଳେ ବାହାରିଲୁ ଆମେ କଲେଜରୁ ସଦଳବଳ। ମୋ' ପାଇଁ ଶୀତର ପ୍ରକୋପ ଭୟର ପ୍ରତୀକ। ଆଉ ଉଷୁମ ଖରା ହେଲା ନିର୍ଭୟତାର ଆଶ୍ୱାସନା। ମୁଁ ଚାଲିଥିଲି ଭୟାର୍ତ୍ତ ଚିତ୍ତରେ। ଛାତ୍ରୀଛାତ୍ରମାନେ ଥିଲେ ମୋ' ପାଇଁ ଶୀତଦିନର ମଧ୍ୟାହ୍ନ ପରି ଆଶା ଆଶ୍ୱାସନା ଓ ନିର୍ଭୟତାର ଏକ ସୁରକ୍ଷିତ ବଳୟ। ଏକୁଟିଆ ମହାକାଳୀଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ କରିବାର ସାହସ ନ ଥିଲା ବୋଲି ମୋର ଅନ୍ତର୍ମନ ଛାତ୍ରୀଛାତ୍ର ରୂପକ ସୈନ୍ୟବାହିନୀ ସହିତ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲା। ନ ହେଲେ ଏ ଆୟୋଜନ ହୋଇପାରି ନ ଥାନ୍ତା କେବେହେଲେ।

ବରପାଲି ରାଜବାଟୀ ସୀମା ମଧ୍ୟରେ ପ୍ରତିଷ୍ଠିତ ହୋଇଛି ମା' କାଳୀଙ୍କ ମନ୍ଦିର। ଜମିଦାରଙ୍କ ଉତ୍ତରଦାୟାଦ ମୋର ପିତୃପ୍ରତିମ ଓ ମୋ' ପ୍ରତି ଅତ୍ୟନ୍ତ ସ୍ନେହଶୀଳ। ଯେତେବେଳେ ଜାଣିଲେ ସେ ଯେ ଛାତ୍ରୀଛାତ୍ରମାନଙ୍କୁ ନେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ମୁଁ ଆସି ପହଞ୍ଚିଛି, ଦର୍ଶନ ନିମିତ୍ତ ଉନ୍ମୁକ୍ତ କରିଦେଇଥିଲେ ମନ୍ଦିରର ରୁଦ୍ଧଦ୍ୱାର। ଜଣେ ଜଣେ ହୋଇ ସମସ୍ତେ ପ୍ରବେଶ କଲୁ ମନ୍ଦିର ମଧ୍ୟକୁ। ମହାକାଳୀଙ୍କ ସେହି ଲହଲହ ଜିହ୍ୱା କୋପିତ ଅଗ୍ନିବର୍ଷୀ ଚକ୍ଷୁ ଯୁଗଳ ନରମୁଣ୍ଡର ମାଳା ଧାରଣ କରିଥିବା ଦେବୀ ପ୍ରତିମାଙ୍କୁ ମୁଁ ଚାହିଁ ପାରିବି ତ? ଏହି ଚିନ୍ତାରେ ମୋର ଦେହ ହୋଇଯାଇଥିଲା ସ୍ୱେଦ ଜର୍ଜରିତ। ମନ୍ଦିର ଭିତରକୁ ପ୍ରବେଶ କଲି ଅତି ସାବଧାନତାର ସହିତ। ମହାକାଳୀଙ୍କ କଳ୍ପିତ ସେହି ଭୟଙ୍କର ମୂର୍ତ୍ତି ଦେଖିବା ସକାଶେ ଆଖି ବୁଲାଇ ଆଣିଲି ସର୍ବତ୍ର। କି ଆଶ୍ଚର୍ଯ୍ୟ କଥା! କ'ଣ ଘଟିଗଲା ମୁହୂର୍ତ୍ତଟିଏ ମଧ୍ୟରେ! ମହାକାଳୀଙ୍କ ସେହି ଭୟ ସଂଚାରିଣୀ ମୂର୍ତ୍ତି କେଉଁଠି? ମୁଁ ଯେ ଦେଖିପାରୁ ନାହିଁ ତାଙ୍କ ଉପସ୍ଥିତି। ମୋ' ପ୍ରିୟ ଛାତ୍ରୀଛାତ୍ରମାନଙ୍କୁ ଜିଜ୍ଞାସା କଲି ଏ ବିଷୟରେ। ସେମାନେ ହସିଲେ। କହିଲେ– ''ସାର୍ ଆପଣ କ'ଣ ଦେଖିପାରୁ ନାହାନ୍ତି, ଏଇ ପରା ମାଆ ବସିଛନ୍ତି ଆମକୁ ଅନାଇ।'' ମୋ' ଦୃଷ୍ଟି କେନ୍ଦ୍ରୀଭୂତ ହେଲା ଏକ କ୍ଷୁଦ୍ର ସୁବର୍ଣ୍ଣ ନିର୍ମିତ ଖଟୁଲି ଉପରେ। ତା' ମଧ୍ୟରେ ବିରାଜିତା ମାଆ କାଳୀଙ୍କ ପ୍ରତିମା ଆହୁରି କ୍ଷୁଦ୍ରକାୟ। ଯେମିତି ଘରେ ଘରେ ଲକ୍ଷ୍ମୀପୂଜା ହୁଏ ଏବଂ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଯେଉଁ ଆକାରରେ ନିର୍ମିତ, ମାଆ କାଳୀଙ୍କ ମୂର୍ତ୍ତି ଠିକ୍ ସେହିପରି ପ୍ରତିଭାତ। ମୋ' ଆଖିକୁ ଦେଖାଗଲା କଲେଜରୁ ମୋର ଫେରିବା ପଥକୁ ଚାହିଁ ରହିଛି ମୋର ତିନି ବର୍ଷର ସୁନା ଝିଅଟି। ମୋତେ ଦେଖୁଦେଖୁ ଡାକିଦେବ ବାପା ବୋଲି, ଆଉ ମୋ' ବେକରେ ଝୁଲିପଡ଼ିବ ଅବିଳମ୍ବେ। ପଚାରିବ ଆଜି ମୋ' ପାଇଁ ଆଇସ୍‌କ୍ରିମ ନେଇ ଆସିଛ ନା ବାପା? ମୁଁ ଉତ୍ତର ଦେଉଛି– ''ସୁନା ମାଆ ମୋର ଶୀତଦିନେ କ'ଣ ଆଇସ୍‌କ୍ରିମ୍ ଖାଆନ୍ତି?''



– ପରିଦର୍ଶକ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ବୁଦ୍ଧ କଥାମୃତ




**ଲେଖକ:** ନଗେନ୍ଦ୍ରନାଥ ପଟ୍ଟନାୟକ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୦/–

'ବୁଦ୍ଧ କଥାମୃତ' ବୁଦ୍ଧଦେବଙ୍କ ଜୀବନ ଦର୍ଶନକୁ ନେଇ ରଚିତ ଏପରି ଏକ ମହାର୍ଘ ଗ୍ରନ୍ଥ, ଯାହା ପାଠିକାପାଠକମାନଙ୍କୁ ବୁଦ୍ଧଦେବଙ୍କ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିବା ସହିତ ପାଠକୀୟ ଆନନ୍ଦ ମଧ ଦେବ– ଏହି ମର୍ମରେ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମ୍ପର୍କରେ ସୂଚନା ପ୍ରଦତ୍ତ ହୋଇଛି। ମୋଟ ୯୨ଟି ପ୍ରସଙ୍ଗ ରହିଛି ଗ୍ରନ୍ଥରେ। ସବୁ ଗୋଟିଏ ଗୋଟିଏ ଚମତ୍କାର ବୁଦ୍ଧ–କାହାଣୀ। ଏଥିରେ ଥିବା ଚାରି ଆର୍ଯ୍ୟ ସତ, ଗୌତମ ବୁଦ୍ଧ ଓ ପ୍ରେମଶକ୍ତି, ବୁଦ୍ଧଙ୍କ ଏକାଗ୍ରତା, ଭଗବାନ୍ ବୁଦ୍ଧ ଓ ସେଠ୍, ବୁଦ୍ଧ ଓ ଚିରାବସ୍ତ୍ର ପରିହିତ ବ୍ୟକ୍ତି, ଅମରତ୍ୱର ଫଳ, କନ୍ୟାରତ୍ନ ଅଛୁଆଁ ନୁହେଁ, ବୃକ୍ଷକୁ ସମ୍ମାନ, ସାତ୍ତ୍ୱିକ ଜୀବନ, ମହାତ୍ମା ବୁଦ୍ଧ ଓ ନିଃସ୍ୱ ବ୍ୟକ୍ତି, ବୌଦ୍ଧଭିକ୍ଷୁ ଓ ବିଶାଖା, ବୌଦ୍ଧ ଓ ଶିଷ୍ୟ ଅନାଥପିଣ୍ଡକ, ବିଶ୍ୱାସ ଓ ଶ୍ରଦ୍ଧା, ମୃତ୍ୟୁ ଔଷଧ, ଆତ୍ମ–ସାକ୍ଷାତ୍‌କାର, ଜୀବ–ହନ୍ତକରୁ ଜୀବ–ରକ୍ଷକ ଓ ନିର୍ବାଣର ମୂଳମନ୍ତ୍ର ପ୍ରଭୃତି ଆଖ୍ୟାୟିକାଗୁଡ଼ିକ ବ୍ୟକ୍ତିର ନୈତିକ ଜୀବନ ଗଠନ ଓ ସଦାଚାର ଶିକ୍ଷା ପ୍ରତି ସବୁବର୍ଗର ପାଠକଙ୍କୁ ଅନୁପ୍ରେରିତ କରିବାର ସାମର୍ଥ୍ୟ ରଖେ। ବୁଦ୍ଧଙ୍କର ଜଗତ କଲ୍ୟାଣ ପାଇଁ ବାର୍ତ୍ତା ଥିଲା– ''ସର୍ବେସତା ସୁଖୀ ହୋନ୍ତୁ'', ଅର୍ଥାତ୍ ସକଳ ପ୍ରାଣୀ ସୁଖୀ ହୁଅନ୍ତୁ। ବୁଦ୍ଧ ପୁଣି କହିଥିଲେ– ''ନାହି ବୈରନ ବୈରାନି ସମନ୍ତୀତା କୁଦାଚନଂ/ ଅବୈରେନ ତୁ ସମନ୍ତୀତା ଏସ ଧମ୍ମୋ ସନନ୍ତିନୋଂ।'' ଅର୍ଥାତ୍ ବୈରୀ, ବୈରତାରେ କେବେ ଶାନ୍ତି ନ ଥାଏ। ସୁତରାଂ ମୈତ୍ରୀ ଭାବରେ ହିଁ ଶାନ୍ତି ନିହିତ। ରାଗ, ଦ୍ୱେଷ, ଈର୍ଷା, ଅସୂୟା, ମୋହ, ମାତ୍ସର୍ଯ୍ୟ ଓ ହିଂସାରେ ଦଗ୍ଧିଭୂତ ସାମ୍ପ୍ରତିକ ସମୟରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ବୁଦ୍ଧଙ୍କର ବାଣୀ ଯେ ବିଶଲ୍ୟକରଣୀତୁଲ୍ୟ– ଏଥିରେ ସନ୍ଦେହ ନାହିଁ। ବହିଟି ସୁଜନଙ୍କ ଦ୍ୱାରା ମିତ୍ର ପରି ଆଦୃତ ହେବ ବୋଲି ଆଶା।

### ପ୍ରୀତିସିକ୍ତା




**କବି:** ଡ. ଭରତ ଚନ୍ଦ୍ର ଦାଶ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୨୦/–

'ପ୍ରୀତିସିକ୍ତା'ର ପ୍ରାରମ୍ଭରେ କବି କହିଛନ୍ତି ଯେ, ଏହା ହେଉଛି ତାଙ୍କର ସପ୍ତଦଶ କବିତାଗ୍ରନ୍ଥ ଓ ଷୋଡ଼ଶ ଏକପଦୀ କବିତା ସଂକଳନ। ପ୍ରେମ ଓ ପ୍ରତ୍ୟୟର ସମନ୍ୱୟରେ ଗ୍ରନ୍ଥସ୍ଥ କବିତାଗୁଡ଼ିକ ରସସିକ୍ତ ଓ ଜୀବନଧର୍ମୀ। ଏଥିରେ ୧୪୦ଟି ଏକପଦୀ ରହିଛି। ଓଡ଼ିଆ କବିତା ବିଶେଷକରି ସାମ୍ପ୍ରତିକ ସମୟଖଣ୍ଡରେ ଏକପଦୀର ରଚନା ପ୍ରାୟତଃ ବିରଳ ହୋଇଥିବା ବେଳେ କବିଙ୍କର ଏ ଦିଗରେ ପ୍ରଚେଷ୍ଟା ଅଭିନନ୍ଦନୀୟ। ଗ୍ରନ୍ଥରୁ କେତୋଟି ଉଦାହରଣ ନେଇ ଶ୍ରଦ୍ଧାଳୁ ପାଠକଙ୍କୁ ଗ୍ରନ୍ଥଟି ପ୍ରତି ଉନ୍ମୁଖ କରିହେବ। ଯଥା: ୧. ''ଅନାମିକା ଫୁଲ କାନରେ କୁଣ୍ଡଳ/ ରହି ରହି ଝୁଲେ ଧୀରେ/ ଜାଣିଛ କି ତୁମେ ଭ୍ରମର ମରମେ/ ପ୍ରୀତିର ସୁରଭି ଭରେ।'', ୨. ''ମୋର ଏ କବିତା ଜୀବନ ସଳିତା/ ପ୍ରୀତିର ପ୍ରଦୀପେ ଜଳେ/ ଜୀବନର ଗାଥା ପ୍ରଣୟ ବାରତା/ ଛଳନା କରିନି ତିଳେ।'', ୩. ''ସମୟ ପାଇଲେ କଥା ହେବ ବୋଲି/ କହିଥିଲ ତୁମେ କାଲି/ ପ୍ରୀତିମନସ୍କରେ ସ୍ୱପ୍ନ ଦେଖୁଥିଲ/ ପ୍ରଣୟୀକୁ ଗଲ ଭୁଲି।'' ଓ ୪. ''କାଳ କବଳରେ ଲିଭିଯିବ ଦିନେ/ ଜୀବନ ପ୍ରଦୀପ ମୋର/ ଦେଖିବ ଗୋ ପ୍ରିୟେ ଶବ୍ଦ ଚାରୁକଳା/ ଅକ୍ଷୟ ଅକ୍ଷର ଚିର।'' ବହି ସମ୍ପର୍କରେ କହିବାକୁ ଯାଇ ଡ. ବିଶ୍ୱରଂଜନ ଦାସ କହିଛନ୍ତି: ''ପ୍ରେମର ବାଣୀ ସ୍ମୃତିଲଗ୍ନା ହୋଇ ଗୀତିମୟ ଉଚ୍ଛ୍ୱାସ ଭରିବା ଉଭୟ କବିତା ଓ ସଂଗୀତକୁ ଗୁଣାତ୍ମକ କରେ। ଭରତଙ୍କ ଏକପଦୀ କବିତାର ପଙ୍କ୍ତିଗୁଡ଼ିକ 'ନବ–ଗୀତିକାବ୍ୟ' (Neo-Lyricism) ପର୍ଯ୍ୟାୟର।'' ପ୍ରକାଶକୀୟରେ ଉଲ୍ଲେଖ ରହିଛି: ''...ପାଠକ ପଢ଼ିବା ଆରମ୍ଭ କଲେ ଭାବରାଜ୍ୟରେ ଏମିତି ହଜିଯାଏ ଯେ ବହିଟିକୁ ପଢ଼ି ଶେଷ କରିବାକୁ ବିବଶ ହୋଇପଡ଼େ।''

## କାଳକାଳକୁ



**''ମୋ ଲେଖା ଶ୍ରାବ୍ୟ, ଅନୁଭବ୍ୟ ଓ ଦୃଶ୍ୟହେଉ– ଶବ୍ଦ–ଶକ୍ତି ବଳରେ ମୁଁ ଏହା ହିଁ ଚାହେଁ''**
**– ଜୋସେଫ୍ କନ୍‌ରାଡ୍**

**ଜୋସେଫ୍ କନ୍‌ରାଡ୍‌ଙ୍କ** ଜନ୍ମ ୩ ଡିସେମ୍ବର ୧୮୫୭ରେ ୟୁକ୍ରେନ୍‌ର କିଭ୍ (ରୁଷ୍ ସାମ୍ରାଜ୍ୟର ତତ୍କାଳୀନ ଅଂଶବିଶେଷ)ରେ ଓ ପରଲୋକ ୩ ଅଗଷ୍ଟ ୧୯୨୪ରେ ଇଂଲଣ୍ଡର କେଣ୍ଟରେ। ପୋଲିସ୍–ବ୍ରିଟିଶ୍ ଉତ୍ସର ଏଇ ଲେଖକ ଇଂଲିଶ୍ ଉପନ୍ୟାସର ଇତିହାସରେ ଜଣେ ପ୍ରମୁଖ ଔପନ୍ୟାସିକ ଭାବେ ମାନ୍ୟତାପ୍ରାପ୍ତ। ତାଙ୍କର ପ୍ରଖ୍ୟାତ ରଚନା ମଧ୍ୟରେ ଅନ୍ତର୍ଭୁକ୍ତ 'ହାର୍ଟ ଅଫ୍ ଡାର୍କନେସ୍' ଓ 'ନୋଷ୍ଟ୍ରୋମୋ'। ଇଂଲିଶ୍ ସାହିତ୍ୟରେ ଅଣ ଇଂଲିଶ୍ ଭାବଧାରାର ଅନୁପ୍ରବେଶ ଘଟାଇ ସେ ଇଂଲିଶ୍ ଉପନ୍ୟାସରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ସେ କହନ୍ତି: ''ଜୀବନ ହେଉଛି ସ୍ୱପ୍ନ ଓ ଭୟର ଯୁଗ୍ମରୂପ।''

# ମାମଲା

ଲଘୁ ଗଳ୍ପ

**ଗୋପାଳକୃଷ୍ଣ ଆଚାର୍ଯ୍ୟ**

ବାପେ ଥିଲେ ଟ୍ରେଜେରି କିରାଣି। ଭାରି ନିୟତିଆ। କାହାଠୁ ଟଙ୍କାଟେ ଧପେଇବେନି କି କାହାକୁ ଅଯାଚିତ ଦୟା ଦେଖେଇବେନି। ଏଣୁ ରାଇଟିଆ ମଣିଷ ବୋଲି ତାଙ୍କ ନାଁ ଡାକ। ସକାଳୁ ଚନପେଡ଼ି ଘୋରି ଦିଅଁ ତୁଳସୀ ଚଢ଼େଇ ଆସିବେ ଅଫିସ। ଦିନସାରା ମିହନ୍ତ। ରଜାଘର କାମକାଯ ଆଗ। ପଛରେ ନିଜ ପିଲାକବିଲା। ଏମିତି ଏମିତି କଟିଗଲା ଚାକିରି। ତିନିପୁଅ। ବଡ଼ପୁଅର ମୋଟରପାର୍ଟ୍ସ ଦୋକାନ। ମଝିଆ କେପିଟଲରେ ଟୁଙ୍ଗୁଣି ମନୋହାରୀ ଦୋକାନ ଦେଇଚି। ସାନପୁଅ ଘରଭାଗ, ଜଉତିଷାଦି କରେ। ମୋଟାମୋଟି ବଡ଼ପୁଅ ତା' ବିଦ୍ୟାବୁଦ୍ଧି ଖଟେଇ ଭଲ ପରିଚୟଟେ ତିଆରିଚି। ଖଣ୍ଡମଣ୍ଡଳ ତାକୁ ଜାଣେ। ସେ ଅଲଗା ରହେ। ସହରରେ।

ବାପର ସରକାରୀ ଅବସର ପରେ ବାପ ପେନସନରେ ଚଳିଲା, ବାକି ଦୁଇପୁଅଙ୍କ ପରିବାର। ଝିଅଝିଆଣି, ଦୋଦୋଓଣି, ଦେହମୁଣ୍ଡ ବାବଦକୁ ଖର୍ଚ୍ଚ ବଢ଼ିଯାଏ। ଏମିତି ସମୟ ଆସେ ଯେ ହାଟରୁ ବିଲାତି କିଲେ କିଣି ସୁଆଦ ତରକାରି କରି ଖାଇବା ଯୁଟେନା ଭେଇବା ଲୋକର କିସିମତରେ। ଯୋଗକୁ ବୁଢ଼ା ବଡ଼ ବ୍ୟାଧି ଭୋଗିନାହିଁ। ହାସପାତାଳ ଫାଟକ ମାଡ଼ି ନାହିଁ। ଜିଇଲା ତଥାପି ଢେର୍ ବଅସ। ପଡ଼ିଉଠି ଠୋ ଠା। କାହାକୁ ଘାଣ୍ଟିବାର ନାଇଁ କି କାହାଠୁ ସେବା ଖୋଜିବାର ନାଇଁ। ସବୁ ଫଇସଲା ହେଇଗଲା।

ବୁଢ଼ାର ଶୁଦ୍ଧବାଧକୁ ବଡ଼ପୁଅ ଧାଇଁ ଆସିଲା। ତା ନାଁକୁ ଅନେଇ କିଛି ଆଖି ଦୁରୁଶିଆ କରିବାକୁ ପଡ଼ିବ। ଜାକଜମକରେ ହେଲା ଭୋଜିଭାତ। ସାମିଆନା ସାଜସଜ୍ଜା ଚହଟିଲା। ଭାଉଜ ଗାରଡ଼େଇ ଅନେଇଲା ବେଳକୁ ମଝିଆ ସାନ ବଢ଼େଇଦେଲେ ସାଧ ମୁତାବକ। ବଡ଼ଭାଗ ବଡ଼ପୁଅର। ସମସ୍ତେ ଯୋଗାପୁଅ କହି ଧନ୍ୟ ଧନ୍ୟ କଲେ।



ବଡ଼ପୁଅ କ୍ରମେ ପଡ଼ିଲା ବଡ଼ ବ୍ୟାଧିରେ। ବଡ଼ବଡ଼ ହାସପାତାଳରେ କୁଢ଼କୁଢ଼ ଖର୍ଚ୍ଚ। ଦୈନିକ ଲକ୍ଷ ଲକ୍ଷ ପାଣି ପରି ବୋହିଗଲା। ମଝିଆ ପଚାରିଲା : ଭାଇ! କିଛି ରଖିଥାଅ। କର୍ମରେ ଆସିବ। ବଡ଼ଭାଇ ମନାକଲା। ସତକୁ ସତ ଦିନେ ବଡ଼ଭାଇ ମଝିଆକୁ ଟଙ୍କା ପଚାଶ ହଜାର ଦେବାକୁ କହିଲା। ମଝିଆର ଠୁକ ଚଳେ ଟୁଙ୍ଗୁଣି ଦୋକାନରେ। ସେ କାନ୍ଦିକୁନ୍ଥେଇ ଟଙ୍କା ତେୟାଳିଶି ସରିକି ନେଇ ହାଜର ହେଲା। ବଡ଼ପୁଅ ଚାଳିଶି ରଖି ତିନି ହଜାର ଫେରେଇ ଦେଲା। ଚିକିତ୍ସା ପରେ ଘରକୁ ଫେରିଲା ବଡ଼। ଡକେଇଲା ମଝିଆକୁ: ଆ ପାନ ଚାରିଖଣ୍ଡ ଭାଙ୍ଗି କି ଆ। ଭାଉଜ ପାଟି ଆମ୍ବିଳା ହେଇଗଲାଣି। ପହଞ୍ଚିଲା ମଝିଆ। ଭାଉଜ ଫେରେଇ ଦେଲା ଅକ୍ଷତ ଚାଳିଶି। ମଝିଆ ମୁଣ୍ଡ ହଲେଇଲା।

–ମୋତେ କାହିଁକି ଏତେ ନିଉନ ମଣୁଚ? ମୁଁ କ'ଣ ମୋ' ଭାଇ ପାଇଁ ଏତିକି କରିପାରିବିନି? ଛଳଛଳ ହେଇଗଲେ ଭାଇ ଭାଉଜ।

–ରଖିଥାଅ। ଯୋଗାଡ଼ ତ ହେଇଗଲା। ଯାଅ। ମଝିଆ ଜୁହାରିଲା ଭାଇ ଭାଉଜଙ୍କୁ। ଫେରିଲା ବାଟେ ବାଟେ। ମନ ବିଢ଼ିବାରେ ସଫଳ ହେଲା ବଡ଼ଭାଇ। ମାମଲା ଖଲାସ।

– ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୭୭୬୫୪୬୧୩୦

## କବିତା

### ଅଧେ ସତ ଅଧେ ସ୍ୱପ୍ନ

**ତପନ ରଥ**

ରାତି ବଢ଼ିବା ସାଥେ ସାଥେ ଜୀବନଟା
ସରି ସରି ଗଲା ପରି ଲାଗେ
କେତେ ଦିନ ସରିଗଲା
କେତେ ରାତି ବିତିଗଲା
କେତେ ଜୀବନ ଜିଇଲି
କେତେ ସପନରେ ପହଁରିଲି
ସବୁକିଛି ମୋ ପେୟୁଆ ଆଖିରେ
ଝାପସେଇ ଝାପସେଇ ଦିଶେ
ସେ ସବୁକୁ ନିରେଖି ନିରେଖି
ଦେଖିବାକୁ ଇଚ୍ଛାହୁଏ
ଚହଲା ପାଣି ପରି
କିଛିକ୍ଷଣ ଦୃଶ୍ୟ ହୁଏ
ପୁଣି ଚହଲିଯାଏ।

ମୋ' ଜୀବନ ଏକ ରଙ୍ଗିନ ଗୁଡ଼ି
ଶୀତଳ ପବନରେ
ମଥା ଉଚ୍ଚାକରି ଆକାଶକୁ
ଛୁଇଁବାର ପ୍ରୟାସ କରେ
ଭସା ବାଦଲର ସ୍ପର୍ଶ ଅନୁଭବ କରେ
ଗରମ ପବନ ସ୍ପର୍ଶରେ ଦିଗହରା ହୁଏ
ବର୍ଷା ବିଜୁଳିର ପ୍ରହାରେ
ରସାତଳଗାମୀ ହୁଏ
ତଥାପି ନିଜ ଅସ୍ତିତ୍ୱକୁ ସମ୍ଭାଳିନିଏ।

ବେଳେବେଳେ ମୋ ମନରେ ଝଡ଼ ଉଠେ
ଝଡ଼ର ଇଗଲ ପରି ମୁଁ ଘୂରିବୁଲେ
ମୋ' ମନ ଆକାଶରେ
ମୋ' ପ୍ରେମିକାର ସନ୍ଧାନରେ।
ଜଳ ସ୍ଥଳ ଏକାକାର କରିଦିଏ
ତା'ର ଗରମ ପାପୁଲିକୁ ଧରି
ଉଡ଼ିବାକୁ ଇଚ୍ଛାହୁଏ ନୀଳ ଆକାଶରେ।

ଆଉ କେତେବେଳେ
ମନ ମୋ ବିଦ୍ରୋହ କରି ଉଠେ
ସମାଜର ଠିକାଦାରଙ୍କ
କାର୍ଯ୍ୟକଳାପରେ
ଇଚ୍ଛାହୁଏ ହୋଇଥାନ୍ତି କି କୃଷ୍ଣ
ବିନା ଅସ୍ତ୍ରେ ସଂହାର କରନ୍ତି
କୌରବକୁଳକୁ
କୁରୁକ୍ଷେତ୍ରର ମହାସଂଗ୍ରାମରେ।

କେତେବେଳେ ପଥଶ୍ରାନ୍ତ ପଥିକ ପରି
ବସିପଡ଼େ ଗାଁ ଶେଷରେ ଥିବା
ବରଗଛ ତଳେ ତ
କେତେବେଳେ ଘର ଚାଳିପିଣ୍ଡା ତଳେ
ହେତୁ ପାଇବାଠାରୁ ଅଣ୍ଟା ନଇଁ
ବାଡ଼ି ଧରିବା ପର୍ଯ୍ୟନ୍ତ
ସବୁ ଧୂସର ଧୂସର ଦେଖାଯାଏ
ନଈପାଣିରେ ମାଛ ଲାଞ୍ଜ
ଦେଖା ଦେଇ ଉଭେଇଗଲା ପରି
ପୁଣି ସବୁକିଛି ମିଳେଇଯାଏ।

ଏଇ ମୋ' ଜୀବନ
ଅଧେ ରାତି ଅଧେ ଦିନ
ଅଧେ ସତ ଅଧେ ସ୍ୱପ୍ନ
ଏଇ ମୋ ଜୀବନ।

– ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ମୋ: ୭୯୭୮୫୪୫୮୮୦

### ହୁଅନା ହତାଶ

**ମୂଳ ରଚନା: ଲାଉରା ଡିଙ୍ଗ୍ ଏଡ୍‌ୱାର୍ଡ୍ସ**
**ଅନୁସୃଜନ: ଡ. ସୂଚନା ପାଢ଼ୀ**

ଚଢ଼ିପାରୁନ କି ପର୍ବତ
ପାହାଡ଼ କୋଳେଇନିଅ
ସକାଳଟା ମନେ ଦୁଃଖ ଭରିଦେଲେ
ଶେଯରେ ଶୋଇକି ରୁହ
ଅସଫଳ ଯୋଜନା?
ଅନାଗତ କାଳିମା?
ସାୱାର ଜଳସ୍ନାନ?
ଦେଇଥାଏ ଯନ୍ତ୍ରଣା
ବାଥ୍‌ଟବ୍‌ରେ ବୁଡ଼ିଯିବା ଭୟ?
ହତାଶ ହୁଅନା– ନିରାଶ ହୁଅନା।

ମନକୁ ବୁଝାଇ କୁହ
ଏକ ଦିନ, ଜୀବନର ମାପକାଠି ନୁହଁ
କିମ୍ବା ମ୍ରିୟମାଣ?
ସମୟ ଆଣିଦେବ
ଈପ୍‌ସିତ ସୋହାଗ ଚୁମ୍ବନ।

ଅଟକିଯାଇନି ପୃଥିବୀ ଘୂର୍ଣ୍ଣନ
କେବେ ଅଟକିବ ନାହିଁ
ଜାଗ୍ରତ ପ୍ରୟାସେ ଅଟଳ ରୁହ
ବନ୍ଧୁ! ଚାଲ ଆଗେଇ
ଅଜାଣତେ ଛୁଇଁଯିବ
କୁହୁକଭରା ପଥ
ଆଲୋକ ବିକଶିତ
ସମ୍ମୋହିତ ମନ ତୁମ
ହୋଇଯିବ ବିମୋହିତ।

ମୋ: ୭୦୦୮୨୯୧୦୪୦

ଗୀତି–କବିତା

### ଆଜି ଭଳି

**ଅଶୋକ କୁମାର ମଲ୍ଲ**

ଆଜି ଭଳି ଖରା ସେଦିନ ବି ଥିଲା ଚିକ୍ ଚିକ୍ ନଈପାଣି
ଏ କୂଳେ ବଂଶୀର ପୂରବୀ ରାଗିଣୀ ସେ କୂଳେ ମନୋଇ ରାଣୀ
ଚହଲା ପାଣିରେ ଭସେଇଥିଲା ତା' ପାନ ପତରିଆ ମୁହଁ
ଦେହର ଦାହକୁ ନଈକୁ ସଅଁପି ଯୋଡ଼ିଥିଲା ଗପ ଖିଅ।

ଆଜି ଭଳି ତାତି ସେଦିନ ବି ଥିଲା ଗଭାର ଗଜରା ହାର
ଥରିଲା ହାତର ପାପୁଲି ଛୁଆଁରେ ଫିଟିଗଲା ଗଭା ତା'ର
ଗୋଟିଏ ଘାଟରେ ଆକାଶ ପାତାଳ ବେଳ ଭୁଲିଗଲା ବାଟ
ବେସୁରା ଗୀତଟା ସୁରିଲା ଲାଗିଲା ମିଛ ବି ଲାଗିଲା ସତ।

ଆଜି ଭଳି ନିଆଁ ସେଦିନ ବି ଥିଲା ଜାଳୁଥିଲା ଦେହ ମନ
ମିଠା ଦରଜର ମହୁଆ ପୀଡ଼ାରେ ମତୁଆଲା ଶ୍ୟାମବନ
ତଥାପି ନିଅଣ୍ଟ ଅଣ୍ଟାର କଉଡ଼ି ଜୀବନ ସଉଦା ପାଇଁ
ଯେତିକି ବିଶ୍ୱାସ ସେତିକି ନିଃଶ୍ୱାସ ଫେରୁଥିଲା ଛାତି ଛୁଇଁ।

ସେଦିନ ଦେହର ଦେଉଳ ଦୁଆରେ ମହୁଲ ଫୁଲର ବାସ
ଭୋଦୁଅ ସତେ କି ଭାବରତୁ ଦେହେ ରଚୁଥିଲା ନିତ୍ୟ ରାସ।
– ବେଗୁନିଆପାଟଣା, ନୟାଗଡ଼
ମୋ: ୯୪୩୭୦ ୨୨୯୬୮

ଯୋଗାଯୋଗ: E-mail:dharitrisahityayana@gmail.com

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




# ଓଡ଼ିଶାର ତନ୍‌ଭୀ, ସ୍ୱାତି-ନିମିଶା ଫାଇନାଲରେ

**ଭୁବନେଶ୍ୱର, ୫।୧୨ (ବିଜୟ ରଣା)**


ଶଟ୍ ଖେଳିବା ଅବସରରେ ତନଭୀ ପତ୍ରି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଅବସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଚାଲିଥିବା ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପର ପଞ୍ଚମ ଦିବସରେ ସମସ୍ତ ବିଭାଗର ଫାଇନାଲ ଲାଇନ ଚୂଡ଼ାନ୍ତ ହୋଇଯାଇଛି। ୧୫ବର୍ଷରୁ କମ୍ ବାଳିକା ସେମିଫାଇନାଲରେ ଓଡ଼ିଶାର ତନଭୀ ପତ୍ରୀ ତେଲେଙ୍ଗାନାର ହାମସିନୀ ଚଦରମଙ୍କୁ ୨୧-୧୨ ଓ ୨୧-୧୯ ରେ ପରାଜିତ କରି କରିଛନ୍ତି। ଏହି ବୟସ ବର୍ଗର ଅନ୍ୟ ଏକ ସେମିଫାଇନାଲରେ ତେଲେଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ୨୧-୧୪,୨୧-୧୩ ଗେମରେ ହରାଇ ଦେଇଛନ୍ତି। ଫାଇନାଲରେ ସେ ତନ୍‌ଭୀଙ୍କୁ ଭେଟିବେ। ସେହିପରି ୧୭ ବର୍ଷସ୍ରୁ କମ୍ ବାଳିକା ସିଙ୍ଗଲ୍ସରେ ମଧ ତନ୍‌ଭୀ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ଆନ୍ଧ୍ର ପ୍ରଦେଶର ହସାନା ଶ୍ରୀଙ୍କୁ ୨୧-୧୧,୨୧-୪ ରେ ପରାସ୍ତ କରିଛନ୍ତି। ସେ ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍. ଆର୍‌ଙ୍କୁ ଭେଟିବେ। ୧୫ବର୍ଷରୁ କମ୍ ବାଳକ ବିଭାଗ ସେମିଫାଇନାଲରେ କର୍ଣାଟକର ପୁଷ୍କର ସାଇ ତେଲେଙ୍ଗାନାର ଶ୍ରୀଚେତନ ସାମଲାଙ୍କୁ ୨୧-

**ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପ୍**

୮, ୨୧-୧୩ ରେ ହରାଇଛନ୍ତି। ଏହି ବିଭାଗର ଦ୍ୱିତୀୟ ସେମିଫାଇନାଲରେ ଦିଲ୍ଲୀର ହର୍ଷିତ ଖତ୍ରୀ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ୨୧-୧୦,୨୧-୧୪ରେ ପରାସ୍ତ କରିଛନ୍ତି। ୧୫ବର୍ଷରୁ କମ୍ ବାଳିକା ଡବଲ୍ସ ରେ ଓଡ଼ିଆ ଯୋଡି ଶ୍ୱାତି ନାୟକ ଓ ନିମିଶା ଓଝା ତାମିଲନାଡୁ ଯୋଡି ନୟୋନିକା. ଏ. ଏବଂ ଧନ୍ୟା.ଏସ.ଜେଙ୍କୁ ୨୧-୧୬,୯-୨୧,୨୧-୧୨ରେ ପରାସ୍ତ କରିଛନ୍ତି। ଏହି ବିଭାଗର ଅନ୍ୟ ମ୍ୟାଚରେ ମହାରାଷ୍ଟ୍ର ସରାୟୁ ରଞ୍ଜନେ ଏବଂ ସୋୟାରା ସେଲାର ତାମିଲନାଡୁ ଯୋଡି ଭଭନ୍ଥିଗା ରାମକୁମାର ଏବଂ ୟାଲିନି ଏସ. କେଙ୍କୁ ୨୧-୧୪,୨୧-୧୨ରେ ହରାଇଛନ୍ତି। ଏହି ଯୋଡ଼ି ଫାଇନାଲରେ ଓଡ଼ିଆ ଯୋଡ଼ି ଶ୍ୱାତି-ନିମିଶାଙ୍କ ସହ ମୁକାବିଲା କରିବେ। ୧୭ବର୍ଷରୁ କମ୍ ବାଳକ ବିଭାଗରେ ଟପ୍ ସିଡ ଜଗସେର ସିଂ ଖାଙ୍ଗୁରା ଆସାମର ବର୍ନିଲ ଆକାଶଙ୍କୁ ୨୧-୧୯, ୨୧-୧୨ରେ ହରାଇ ଦେଇଛନ୍ତି।

# ଭାରତ ସେମିଫାଇନାଲରେ

**ଚେନ୍ନାଇ, ୫।୧୨**

**ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି**

ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍-୨୦୨୫ର ଶୁକ୍ରବାର ଖେଳାଯାଇଥିବା ଏକ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଆୟୋଜକ ଭାରତ ୪-୩ ଶୁଟ୍‌ଆଉଟ୍‌ରେ ବେଲ୍‌ଜିୟମକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏଥିସହ ଦଳ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ଭାରତ ସେମିଫାଇନାଲରେ ଗତଥରର ଚାମ୍ପିୟନ ଜର୍ମାନୀ ସହ ମୁକାବିଲା କରିବ। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଭାରତ ପକ୍ଷରୁ ରୋହିତ୍(୪୫ତମ ମିନିଟ) ଓ ତିୱାରୀ(୪୮ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିବା ବେଳେ ବେଲଜିୟମ ତରଫରୁ ଗାସ୍ପାର୍ଡ କୋର୍ନେଜ-ମାସାଣ୍ଟ(୧୩ତମ) ଓ ନାଥାନ ରୋଗ୍ ୫୯ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଶୁଟ୍‌ଆଉଟ୍‌ରେ ଶାରଦାନନ୍ଦ ତିୱାରୀ ତିନୋଟି ଷ୍ଟ୍ରୋକ୍ କନ୍‌ଭର୍ଟ କରିଥିବା ବେଳେ ଅଙ୍କିତ ପାଲ୍ ଗୋଟିଏ ଗୋଲ୍ ଦେବାରେ ସଫଳ ହୋଇଥିଲେ। ପ୍ରିନ୍ସ ଦୀପ ଚମତ୍କାର ଗୋଲ୍ ରକ୍ଷଣ ଦ୍ୱାରା ଦୁଇଟି ଉଦ୍ୟମକୁ ବିଫଳ କରି ଭାରତକୁ ସେମିଫାଇନାଲରେ ପହଞ୍ଚାଇଥିଲେ। ଶୁଟ୍‌ଆଉଟରେ ବେଲ୍‌ଜିୟମ ପକ୍ଷରୁ ହୁଗୋ ଲାବୋଚେରେ, ଗୁରଲେନ୍ ହାଓ୍ୱାକ୍ସ ଓ ଚାର୍ଲ୍ସ ଲାଜେଣ୍ଡ୍ରିଜ ପ୍ରମୁଖ ଗୋଲ୍ ସ୍କୋର ଥିଲେ। ସ୍ପେନ୍ ଅନ୍ୟ ସେମିଫାଇନାଲରେ ଆର୍ଜେଣ୍ଟିନାକୁ ଭେଟିବ। ସ୍ପେନ୍ କ୍ୱାର୍ଟରଫାଇନାଲରେ ୪-୩ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଥିବା ବେଳେ ଆର୍ଜେଣ୍ଟିନା ଏକମାତ୍ର ଗୋଲ୍‌ରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି।

# ଅଷ୍ଟ୍ରେଲିଆ ୪୪ ରନ୍‌ରେ ଅଗ୍ରଣୀ

**ବ୍ରିସ୍‌ବେନ୍, ୫।୧୨ (ଏପି)**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟର ଶୁକ୍ରବାର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୪ ରନ ଅଗ୍ରଣୀ ଲାଭ କରିଛି। ଭ୍ରମଣକାରୀ ଦଳ ଖରାପ ବୋଲିଂ ବ୍ୟତୀତ ୫ କ୍ୟାଚ ହାତଛଡ଼ା କରିବାରୁ ଅଷ୍ଟ୍ରେଲିଆ ବ୍ୟାଟରମାନେ ଏଥିରୁ ଫାଇଦା ଉଠାଇଥିଲେ। ଫଳତଃ ଦଳ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୭୮ରନ କରିପାରିଛି। ଓପନର ଜେକ୍ ୱିଥରାଲ୍ଡ ୭୮ ବଲ୍‌ରୁ ୭୨ ରନ, ମାର୍ନସ ଲବୁସେନ (୬୫) ପଛକୁ ପଛ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ କାମଚଳା ଅଧିନାୟକ ଷ୍ଟିଭ ସ୍ମିଥ୍ ୬୧ରନ ସଂଗ୍ରହ କରିନେଇଥିଲେ। ଗାବାରେ ବଲ୍ ବାଉନ୍ସ କରୁଥିଲେ ମଧ ବ୍ୟାଟରମାନେ ଆଧିପତ୍ୟ ବିସ୍ତାର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୩୪/ଅଲଆଉଟ (ଜୋ ରୁଟ୍-୧୩୮*, ଜ୍ୟାକ୍ କ୍ରଲି-୭୬, ମିଚେଲ ଷ୍ଟାର୍କ-୬/୭୫)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ : ୩୭୮/୬ (ଜେକ୍ ୱିଥରାଲ୍ଡ-୭୨, ମାର୍ନସ ଲବୁସେନ-୬୫, ଷ୍ଟିଭେନ ସ୍ମିଥ୍-୬୧, ଆଲେକ୍ସ କାରେ-୪୬*, କାମେରନ ଗ୍ରୀନ୍-୪୫ ; ବ୍ରାଇଡନ୍ କାର୍ସି-୩/୧୧୩, ବେନ୍ ଷ୍ଟୋକ୍ସ-୨/୯୩)।




